ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR | ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୮୦ Vol. 21 No-280 8 JANUARY 2025 WEDNESDAY BHUBANESWAR ବୁଧବାର, ୮ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦




‘ଏମର୍ଜେନ୍ସି’ର ନୂଆ ଟ୍ରେଲର ରିଲିଜ | ୮



ସଲମାନଙ୍କ ବାଲ୍‌କୋନିରେ ବୁଲେଟ୍ ପ୍ରୁଫ ଗ୍ଲାସ୍ | ୮


ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର

DIASPORA'S CONTRIBUTION TO A VIKSIT BHARAT

# ବିଶ୍ୱ ମଞ୍ଚରେ ଉଦ୍ଭାସିତ ଯୁବ ପ୍ରବାସୀ ଭାରତୀୟଙ୍କୁ ସମ୍ମାନ

## ଯୁବ ପ୍ରବାସୀ ଭାରତୀୟ ଦିବସ

ପୂର୍ବାହ୍ନ ୧୦ ଘଟିକା | ୮ ଜାନୁଆରୀ, ୨୦୨୫
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

ଅତିଥି ଦେବୋ ଭବ



**ଶୁଭ ଉଦ୍‌ଘାଟନ**

ଶ୍ରୀ ମନସୁଖ ଏଲ. ମାଣ୍ଡବ୍ୟ
ମାନ୍ୟବର କେନ୍ଦ୍ରୀୟ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ

ଡ. ଏସ୍. ଜୟଶଙ୍କର
ମାନ୍ୟବର କେନ୍ଦ୍ରୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ମାନନୀୟ ଅତିଥି**

ଡ. ଦେବ ପ୍ରଗଡ
ମୁଖ୍ୟ ନିର୍ବାହୀ ଅଧିକାରୀ,
ନିଉଜଓ୍ୱିକ୍, ଯୁକ୍ତରାଷ୍ଟ୍ର ଆମେରିକା

**ଗରିମାମୟ ଉପସ୍ଥିତି**

ଶ୍ରୀ ପବିତ୍ର ମାର୍ଗେରିଟା
ମାନ୍ୟବର କେନ୍ଦ୍ରୀୟ
ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ଶ୍ରୀମତୀ ରକ୍ଷା ନିଖିଲ ଖାଡ୍‌ସେ
ମାନ୍ୟବର କେନ୍ଦ୍ରୀୟ
ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ

DADLS-78



ବିଶ୍ୱର ବିଭିନ୍ନ କୋଣରୁ ବହୁ ସଂଖ୍ୟାରେ ଯୁବ ପ୍ରବାସୀଙ୍କ ଯୋଗଦାନ

**ପୂର୍ଣ୍ଣାଙ୍ଗ ଅଧିବେଶନ**

ଜଗତୀକରଣ-କାଳଖଣ୍ଡର ପ୍ରବାସୀ ଯୁବ ନେତୃତ୍ୱ
ଏବଂ
ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ସଂଯୁକ୍ତ ବାଣିଜ୍ୟିକ ଅଧିବେଶନ

ଓଡ଼ିଶା ସମ୍ବନ୍ଧୀୟ ସ୍ୱତନ୍ତ୍ର ଅଧିବେଶନ “ଭାରତର ସର୍ବୋତ୍ତମ ସୁରକ୍ଷିତ ରହସ୍ୟର ଉନ୍ମୋଚନ ”

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ

OIPR 15001/13/0353/2425

ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର



ନୂଆଦିଲ୍ଲୀ : ଅଭିନେତା ସଲମାନ୍ ଖାନଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି। ଜାତୀୟ ଗଣମାଧ୍ୟମର ସୂଚନା ଅନୁସାରେ ସଲମାନଙ୍କ ଘର ସମ୍ମୁଖରେ ପୁଣିଥରେ ସନ୍ଦିଗ୍ଧ ଗତିବିଧି ଦେଖାଦେଇଛି। ତାସହ ନିକଟରେ ଖୋଲାଖୋଲି ଭାବେ ସଲମାନଙ୍କୁ ହତ୍ୟା ଧମକ ଦେଇଥିଲେ ଜେଲରେ ବନ୍ଦୀ ଥିବା ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଷ୍ଣୋୟୀ। ସଲମାନଙ୍କ ବେଶ୍ ନିକଟତର ବନ୍ଧୁ ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ଗତବର୍ଷ ୧୨ ଅକ୍ଟୋବରରେ ଗୁଳି କରି ହତ୍ୟା କରାଯାଇଥିଲା। ଏହାପରେ ସଲମାନଙ୍କ ସୁରକ୍ଷା ବଢ଼ିଛି। ତାଙ୍କୁ ୱାଇ+ ସୁରକ୍ଷା ଯୋଗାଇ ଦିଆଯାଇଛି। ଏଥର ସଲମାନ୍ ୨୭ ଡିସେମ୍ବରରେ ୫୯ତମ ଜନ୍ମ ଦିନ ବି ସୁରକ୍ଷା ଦୃଷ୍ଟିକୋଣରୁ ବାନ୍ଦ୍ରା ଘରେ ପାଳନ କରିନଥିଲେ। ପ୍ରତିବର୍ଷ ସଲମାନଙ୍କ ଜନ୍ମଦିନରେ ଏହି ଘର ଆଗରେ ପ୍ରଶଂସକଙ୍କ ଭିଡ଼ ଜମେ। ସଲମାନ ମଧ୍ୟ ବାଲକୋନୀକୁ ଆସି ନିଜ ପ୍ରଶଂସକଙ୍କୁ ଭେଟନ୍ତି। ତାସହ ଏହା ସାଧାରଣ ଭାବେ ଖୋଲା ମଧ୍ୟ ରୁହେ। କିନ୍ତୁ ଏବେ ଏହାକୁ ବୁଲେଟ ପ୍ରୁଫ ସୁରକ୍ଷା ବଳୟ ଭିତରେ ରଖାଯାଇଛି।

# ରାଜଘାଟରେ ନିର୍ମାଣ ହେବ ପ୍ରଣବ ମୁଖାର୍ଜୀଙ୍କ ସ୍ମାରକୀ



ନୂଆଦିଲ୍ଲୀ: ଦିଲ୍ଲୀର ରାଜଘାଟ କମ୍ପ୍ଲେକ୍ସ ମଧ୍ୟରେ ଥିବା ରାଷ୍ଟ୍ରୀୟ ସ୍ମୃତି ସ୍ଥଳରେ ହେବ ଦେଶର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ମାରକୀ। ସ୍ମାରକୀ ନିର୍ମାଣ ପାଇଁ ସ୍ମୃତି ସ୍ଥଳରେ ଗୋଟିଏ ଜମିକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ୨୦୨୦ ମସିହା ଅଗଷ୍ଟ ମାସରେ ଶ୍ରୀ ମୁଖାର୍ଜୀଙ୍କ ଦେହାନ୍ତ ହୋଇଥିଲା। କେନ୍ଦ୍ର ସରକାର ୪ ବର୍ଷ ପରେ ପ୍ରଣବ ମୁଖାର୍ଜୀଙ୍କ ପାଇଁ ଜମି ଦେଇଥିବାରୁ ଏହାକୁ ତାଙ୍କ ଝିଅ ଶର୍ମିଷ୍ଠା ସ୍ୱାଗତ କରିଛନ୍ତି। ଏଥିସହ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏପରି ନିଷ୍ପତ୍ତିକୁ ସେ ବିନତୀ ଓ ଅପ୍ରତ୍ୟାଶିତ ବୋଲି ଅବିହିତ କରିଛନ୍ତି। ଦିଲ୍ଲୀର ରାଷ୍ଟ୍ରୀୟ ସ୍ମୃତି ପରିସରରେ ନିର୍ମାଣ ହେବ ଦିବଙ୍ଗତ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସମାଧି। ଏଥିପାଇଁ ଦିଲ୍ଲୀର ରାଷ୍ଟ୍ରୀୟ ସ୍ମୃତି ପରିସର ଅର୍ଥାତ୍ ରାଜଘାଟ ପରିସର ଭିତରେ ଏକ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରିବା ପାଇଁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ପ୍ରଣବ ମୁଖାର୍ଜୀଙ୍କ ଝିଅ ତଥା ଜାଣାଶୁଣା ଲେଖିକା ଶର୍ମିଷ୍ଠା ମୁଖାର୍ଜୀ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଶର୍ମିଷ୍ଠା ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ଭେଟିଲି ଏବଂ ବାବାଙ୍କ ପାଇଁ ଏକ ସ୍ମାରକ ନିର୍ମାଣ ନେଇ ତାଙ୍କ ସରକାରଙ୍କ ନିଷ୍ପତ୍ତି ପାଇଁ ହୃଦୟରୁ କୃତଜ୍ଞତା ଜଣାଇଲି। ପ୍ରଧାନମନ୍ତ୍ରୀଙ୍କ ଏହି ଦୟାଭାବ ଏବଂ କୃତଜ୍ଞତାରେ ମୁଁ ଅଧିକ ପ୍ରଭାବିତ ଅଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତ ଏବଂ କେନ୍ଦ୍ର ଗୃହ ଏବଂ ନଗର ମନ୍ତ୍ରଣାଳୟର ଚିଠି ମଧ୍ୟ ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି। ସେ ଲେଖିଛନ୍ତି, 'ବାବା (ପ୍ରଣବ ମୁଖାର୍ଜୀ) କହୁଥିଲେ ଯେ ରାଷ୍ଟ୍ରୀୟ ସମ୍ମାନ ପାଇଁ ନକୁହାଯିବା ଦରକାର, ବରଂ ତାହା ଅଫର୍ କରଯାଇଥାଏ। ପ୍ରଧାନମନ୍ତ୍ରୀ ମୋଦୀ ବାବାଙ୍କ ସ୍ମୃତି ଏବଂ ସମ୍ମାନ ପାଇଁ ଏପରି କରିଥିବାରୁ ମୁଁ କୃତଜ୍ଞତା ଜଣାଉଛି। ତେବେ ଏଥିରେ ବାବାଙ୍କ ଉପରେ କୌଣସି ଫରକ ପଡ଼ିବ ନାହିଁ କାରଣ ସେ ଏବେ ଏହି ଦୁନିଆରେ ନାହାନ୍ତି ଏବଂ ସେ ପ୍ରଶଂସା ଏବଂ ସମାଲୋଚନାଠାରୁ ବାହାରେ ଥିଲେ। କିନ୍ତୁ ତାଙ୍କ ଝିଅ ହୋଇଥିବାରୁ ମୁଁ ନିଜ ଖୁସିକୁ ଶବ୍ଦରେ ବ୍ୟକ୍ତ କରିପାରିବି ନାହିଁ।'

# ଭାରତପୋଲ ପୋର୍ଟାଲ ଲଞ୍ଚ କଲେ ଶାହା




ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ସିବିଆଇ ଦ୍ୱାରା ପ୍ରସ୍ତୁତ 'ଭାରତପୋଲ' ପୋର୍ଟାଲ ଉନ୍ମୋଚନ କରିଛନ୍ତି। ସିବିଆଇ ଦ୍ୱାରା ବିକଶିତ ହୋଇଥିବା 'ଭାରତପୋଲ' ପୋର୍ଟାଲ ଅପରାଧୀଙ୍କୁ ଖୋଜିବା ଏବଂ ବିଦେଶକୁ ଆଣିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମସ୍ତ ରାଜ୍ୟ ତଥା କେନ୍ଦ୍ରୀୟ ଏଜେନ୍ସି ମଧ୍ୟରେ ତଥ୍ୟର ପ୍ରକୃତ ସମୟ ବାଣ୍ଟିବାକୁ ନିଶ୍ଚିତ କରିବ। ସୂଚନାଯୋଗ୍ୟ, ବିଦେଶରେ ରହୁଥିବା ଅପରାଧୀଙ୍କୁ ଖୋଜିବା ପାଇଁ ଇଣ୍ଟରପୋଲରୁ ଏକ ବିଜ୍ଞପ୍ତି ଜାରି କରିବାକୁ ପଡିବ। ସିବିଆଇ ଭାରତରେ ଇଣ୍ଟରପୋଲର ଏକକ ଭାବରେ କାମ କରେ। ସେଥିପାଇଁ ସମସ୍ତ ରାଜ୍ୟ, ୟୁନିଅନ ଟେରିଟୋରୀ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡିକ ଚାହୁଁଥିବା ଅପରାଧୀଙ୍କୁ ଖୋଜିବା ପାଇଁ ସିବିଆଇ ମାଧ୍ୟମରେ ଇଣ୍ଟରପୋଲରେ ପହଞ୍ଚିବାକୁ ପଡ଼ିବ। କେନ୍ଦ୍ର, ରାଜ୍ୟ ଏବଂ ୟୁନିଅନ ଟେରିଟୋରୀ ସ୍ତରରେ ଏହି ସମନ୍ୱୟ ଇଣ୍ଟରପୋଲ ଯୋଗାଯୋଗ ଅଧିକାରୀଙ୍କ ଦ୍ୱାରା କରାଯାଇଥାଏ, ଯେଉଁମାନେ ପୋଲିସ ଅଧୀକ୍ଷକ, ପୋଲିସ କମିଶନର ଏବଂ ଶାଖା ମୁଖ୍ୟଙ୍କ ସହ ସଂଯୁକ୍ତ ଅଟନ୍ତି। ବର୍ତ୍ତମାନ ସିବିଆଇ, ଆଇଏଲଏ ଏବଂ ୟୁନିଟ ଅଧିକାରୀଙ୍କ ମଧ୍ୟରେ ଯୋଗାଯୋଗ ମୁଖ୍ୟତଃ ଚିଠି, ଇମେଲ ଏବଂ ଫ୍ୟାକ୍ସ ମାଧ୍ୟମରେ ହୋଇଥାଏ। 'ଭାରତପୋଲ' ପୋର୍ଟାଲ ବର୍ତ୍ତମାନ ଏହି ଅସୁବିଧାରୁ ମୁକ୍ତି ଦେବ ଏବଂ ସମସ୍ତ ତଥ୍ୟ ପ୍ରକୃତ ସମୟରେ ଶେୟାର କରାଯାଇପାରିବ।

# ଭୟଙ୍କର ରୂପ ନେଲା ଏଚ୍ଏମ୍ପିଭି : ସ୍କୁଲ ଛୁଟି ଘୋଷଣା



ନୂଆଦିଲ୍ଲୀ: କରୋନା ପରେ ପୁଣି ଥରେ ଚାଇନାର ନୂଆ ଭାଇରସ 'ହ୍ୟୁମାନ ମେଟାନ୍ୟୁମୋଭାଇରସ' (ଏଚ୍ଏମ୍ପିଭି) ବିଶ୍ୱକୁ ଭୟଭୀତ କରିବା ଆରମ୍ଭ କରିଛି। କୋଭିଡ ମହାମାରୀର ପ୍ରାୟ ୫ ବର୍ଷ ପରେ ଚାଇନାରୁ ଏହି ଭାଇରସ ଏବେ ଭାରତରେ ପଶିଛି। ଦେଶରେ ୬ ଏଚଏମ୍ପିଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କର୍ଣ୍ଣାଟକରେ ୨ ଶିଶୁଙ୍କଠାରେ ଏଭଳି ଭୂତାଣୁ ଚିହ୍ନଟ ହେବା ପରେ ରାଜ୍ୟ ସରକାର ସର୍ବସାଧାରଣରେ ମାସ୍କ ବ୍ୟବହାର ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗୁଜରାଟରୁ ଜଣେ ଏବଂ କୋଲକାତାରୁ ୧ ଏବଂ ଚେନ୍ନାଇରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବଂ ସର୍ଭିଲାନ୍ସ ନେଟୱର୍କ ସବୁପ୍ରକାର ସ୍ୱାସ୍ଥ୍ୟଜନିତ ଚ୍ୟାଲେଞ୍ଜକୁ ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି। ଇଣ୍ଡିଆନ କାଉନ୍ସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମଆର) କର୍ନାଟକରେ ନିୟମିତ ସର୍ଭିଲାନ୍ସ ପରେ ୨ ଏଚଏମ୍ପିଭି ସଂକ୍ରମିତଙ୍କୁ ଚିହ୍ନଟ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପୂର୍ବରୁ ବ୍ରୋଙ୍କୋନିମୋନିଆରେ ଆକ୍ରାନ୍ତ ଥିବା ଜଣେ ୩ ମାସର ଶିଶୁକନ୍ୟା ବେଙ୍ଗାଲୁରୁର ବାପ୍ଟିଷ୍ଟ ହସ୍ପିଟାଲରେ ଭର୍ତ୍ତି ହେବାପରେ ତାଙ୍କଠାରେ ଏହି ଭୂତାଣୁ ଚିହ୍ନଟ ହୋଇଛି। ଚିକିତ୍ସା ପରେ ତାଙ୍କୁ ହସ୍ପିଟାଲରୁ ଡିସ୍ଚାର୍ଜ କରାଯାଇଛି। ଗତ ୩ ତାରିଖରେ ବାପ୍ଟିଷ୍ଟ ହସ୍ପିଟାଲରେ ଜଣେ ୮ ମାସର ଶିଶୁପୁତ୍ରଠାରେ ଏଚଏମ୍ପିଭି ଭୂତାଣୁ ଚିହ୍ନଟ ହୋଇଥିବାବେଳେ ସେ ଏବେ ସୁସ୍ଥ ହେଉଛନ୍ତି। ଗତମାସ ୨୪ରେ ଗୁଜରାଟ ଅହମଦାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୨ ମାସର ଶିଶୁଠାରେ ଭୂତାଣୁ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଚେନ୍ନାଇର ୨ଟି ହସ୍ପିଟାଲରୁ ୨ ଜଣ ଶିଶୁ ଏଚଏମ୍ପିଭିରେ ସଂକ୍ରମିତ ହୋଇ ଖବର ପ୍ରକାଶ ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏନେଇ ଜରୁରୀ ବୈଠକ ଡାକିଛି। କୋଲକାତାରେ ସୋମବାର ଜଣେ ସଂକ୍ରମିତଙ୍କ ମିଶାଇ ଗତ ନଭେମ୍ବରରୁ ୩ ଏଚଏମ୍ପିଭି ସଂକ୍ରମିତ ଚିହ୍ନଟ ହେଲେଣି ବୋଲି ପିଅର୍ଲେସ ହସ୍ପିଟାଲର ସିଇଓ ସୁଦୀପ୍ତ ମିତ୍ର କହିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଖଣ୍ଡନ କରିଛନ୍ତି। ତେବେ ଏହି ଭୂତାଣୁ ଯୋଗୁ ଚାଇନାରେ ମଧ୍ୟ ଅବସ୍ଥା ବିଗିଡିବା ଆରମ୍ଭ କରିଛି। ଉହାନରେ ସ୍କୁଲ ବନ୍ଦ ଘୋଷଣା ହୋଇଛି। ଏଠାରେ ୧୦ ଦିନରେ ଏଚ୍ଏମ୍ପିଭି ମାମଲା ୫୨୯% ବୃଦ୍ଧି ପାଇଛି। ପିଲାମାନଙ୍କ ମଧ୍ୟରେ ବଢୁଥିବା ମାମଲାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଆଣ୍ଟିବାୟୋଟିକ୍ ଔଷଧର ବହୁତ ଅଭାବ ରହିଛି ଏପରିକି ଆଣ୍ଟିବାୟୋଟିକ୍ ଔଷଧର କଳା ବଜାରି ଆରମ୍ଭ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ଆଣ୍ଟିବାୟୋଟିକ୍ ଔଷଧଗୁଡିକ ୪୧ ଡଲାରରେ ବିକ୍ରି ହେଉଛି। ଭୂତାଣୁ ସଂକ୍ରମଣ ବୃଦ୍ଧି ହେତୁ ଏଚ୍ଏମ୍ପି ମଧ୍ୟ ଟେନସନରେ ଆସିଛି। ସେ ଚାଇନାରୁ ଏଚ୍ଏମ୍ପି ବିଷୟରେ ସମ୍ପୂର୍ଣ୍ଣ ସୂଚନା ମଗାଇଛନ୍ତି। ଚାଇନା ଏପର୍ଯ୍ୟନ୍ତ ଏଚ୍ଏମ୍ପି ମାମଲାରେ ତଥ୍ୟ ଲୁଚାଉଛି। ବର୍ତ୍ତମାନ ଏହି ଭୂତାଣୁ ଚାଇନାରୁ ବ୍ୟାପୀ ଭାରତ, ମାଲେସିଆ, ଜାପାନ, କାଜାଗସ୍ତାନରେ ପହଞ୍ଚିଛି। ଏହି ସଂକ୍ରମଣ ବ୍ରିଟେନରେ ମଧ୍ୟ ବ୍ୟାପିଛି।

# ଭୂମିକମ୍ପରେ ଥରିଲା ନେପାଳ, ତିବ୍ବତ: ୬୨ ମୃତ

ନୂଆଦିଲ୍ଲୀ: ଭୂକମ୍ପରେ ଥରିଲା ନେପାଳ ଓ ତିବ୍ବତ। ଏହାସହ ଭାରତର ଦିଲ୍ଲୀ, ବିହାର, ଆସାମ ଓ ପଶ୍ଚିମବଙ୍ଗରେ ମଧ୍ୟ ଅନୁଭୂତ ହୋଇଥିଲା ଭୂକମ୍ପ ଝଟ୍କା। ତେବେ ନେପାଳ, ତିବ୍ବତ ସୀମାରେ ଭୟଙ୍କର ଭୂକମ୍ପ ଝଟ୍କାର ତୀବ୍ରତା ରହିଥିଲା ୭.୨। ଲଗାତାର ୬ଟି ଭୂକମ୍ପ ଅନୁଭୂତ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଥିଲା ନେପାଳ ଲୋବୁଚେ। ଏଥିରେ ୬୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି। ସେହିପରି ୩୮ରୁ ଅଧିକ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନେକ ଘରଦ୍ୱାର ଭୁଶୁଡ଼ି ପଡ଼ିବା ସହ ତିବ୍ବତର ସିଗାଛେ ସହରରେ ବ୍ୟାପକ ଧ୍ୱଂସଲୀଳା ଘଟାଇଛି। ଅନେକ ଅଟ୍ଟାଳିକା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳେ ଅନେକ ଚାପିହୋଇ ରହିଥିବା ଆଶଙ୍କା କରାଯାଉଥିବାରୁ ମୃତ୍ୟୁସଂଖ୍ୟା ଆଗକୁ ବୃଦ୍ଧି ପାଇବ ବୋଲି କୁହାଯାଉଛି। ସେହିପରି ନେପାଳରେ ମଧ୍ୟ ଅତି କମ୍‌ରେ ୯ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ନେପାଳ ରାଜଧାନୀ କାଠମାଣ୍ଡୁରେ ଭୂକମ୍ପ ଝଟକା ଅନୁଭୂତ ହେବାପରେ ଲୋକମାନେ ଭୟରେ ବାହାରକୁ ଚାଲି ଆସିଥିଲେ। ଅନ୍ୟପକ୍ଷରେ ଭାରତର ଦିଲ୍ଲୀ, ବିହାର, ଆସାମ ଓ ପଶ୍ଚିମବଙ୍ଗରେ ମଧ୍ୟ ଝଟକା ଅନୁଭୂତ ହୋଇଥିଲା। ତେବେ ଏଥିରେ କ'ଣ କ୍ଷୟକ୍ଷତି ହୋଇଛି, ସେ ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ। ବିହାରର ମୋତିହାରି ଓ ସମସ୍ତିପୁର ସମେତ ଅନ୍ୟ ଅଞ୍ଚଳରେ ଭୋର ୬.୪୦ରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ସେହିପରି ମାଲଦା ଓ ସିକିମ୍ ସମେତ ଉତ୍ତର ବେଙ୍ଗଲର କିଛି ଅଞ୍ଚଳରେ ମଧ୍ୟ ୫ ସେକେଣ୍ଡ ପାଇଁ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ଦିଆଯାଇଛି।

## ଠିକାଦାର ସୁରେଶ ଚନ୍ଦ୍ରାକରଙ୍କ ପଞ୍ଜିକରଣ ସସ୍‌ପେଣ୍ଡ

ରାୟପୁର : ଲୋକ ନିର୍ମାଣ ବିଭାଗର ବିର୍ଜାପୁର ଠିକାଦାର ସୁରେଶ ଚନ୍ଦ୍ରାକରଙ୍କ ପଞ୍ଜିକରଣକୁ ତୁରନ୍ତ ସସ୍‌ପେଣ୍ଡ କରିଦିଆଯାଇଛି। ବସ୍ତର ପରିକ୍ଷେତ୍ରର ଜବଦଲପୁର ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ଲୋକ ନିର୍ମାଣ ବିଭାଗର କୌଣସି କାର୍ଯ୍ୟରେ ଚନ୍ଦ୍ରାକର ଅଂଶ ଗ୍ରହଣ କରିପାରିବେ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୁରେଶ ଚନ୍ଦ୍ରାକରଙ୍କ ପଞ୍ଜିକରଣକୁ ନିଲମ୍ବିତ କରିବା ପାଇଁ ବିଭିନ୍ନ ମହଲରେ ଦାବି ମଧ୍ୟ ଜୋର ଧରିଥିଲା। ତାଙ୍କୁ ଦିଆଯାଇଥିବା ସଡ଼କ ନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରିଦିଆଯାଇଛି। ସେ ଧିମା ଗତିରେ କାର୍ଯ୍ୟ କରୁଥିବାରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

## ମାତା ରାଜୀମଙ୍କ ଆଦର୍ଶ ଆଜିର ସମାଜ ପାଇଁ ଅନୁକରଣୀୟ: ବିଷ୍ଣୁଦେବ



ରାୟପୁର : ରାଜୀମ ହେଉଛି ଶୈବ ଓ ବୈଷ୍ଣବ ପରମ୍ପରାର ଏକ ସଂଗମସ୍ଥଳ। ଏହି ପବିତ୍ର ସ୍ଥଳରେ ଭଗବାନ ଶ୍ରୀରାମ କୁଳେଶ୍ୱର ମହାଦେବଙ୍କୁ ସ୍ଥାପନ କରିବା ସହ ତାଙ୍କର ପୂଜାର୍ଚ୍ଚନା କରୁଥିଲେ। ସୌନ୍ଦୁର, ପୈରି ଏବଂ ମହାନଦୀର ମିଳନସ୍ଥଳରେ ତ୍ରିବେଣୀ ସଂଗମ ହୋଇଥିବାରୁ ଏହି କ୍ଷେତ୍ରଟି ସାରା ଦେଶରେ ପ୍ରସିଦ୍ଧ ଲାଭ କରିଛି। ରାଜୀମ ନଗରୀ ଛତିଶଗଡର ପ୍ରୟାଗ ରୂପରେ ପ୍ରସିଦ୍ଧ ଅଟେ। ଏଠାରେ ପ୍ରବାହିତ ମହାନଦୀକୁ ପାପମୋଚନୀ ଗଙ୍ଗା ବୋଲି କୁହାଯାଇଥାଏ। ରାଜୀବ ଭକ୍ତିନ ମାତାଙ୍କ ନାମ ଅନୁସାରେ ଏହାର ନାମ ରାଜୀମ ରଖାଯାଇଛି। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ସାହୁ ସମାଜ ଦ୍ୱାରା ଆୟୋଜିତ ମାତା ରାଜୀମ ଜୟନ୍ତୀରେ ଯୋଗଦେଇ ଏହା କହିଛନ୍ତି। ସେ କହିଥିଲେ ଆମ ସମସ୍ତଙ୍କ ପାଇଁ ଗୌରବର କଥା ହେଉଛି ଆଜି ଆମେ ଏଠାରେ ଏକତ୍ରିତ ହୋଇ ଭଗବାନ ଶ୍ରୀରାମ ଏବଂ ମାତା ସୀତାଙ୍କ ଚରଣରେ ମୁଣ୍ଡ ନୁଆଁଇ ପାରୁଛି। ମାତା ସୀତା ଏହି ଠାରେ କୁଳେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରୁଥିଲେ। ଏହି ଜୟନ୍ତୀ ସାମାଜିକ ଏକତାକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଶ୍ରୀ ସାଏ କହିଥିଲେ।

# ମେଡ଼ିକାଲରେ ଭର୍ତ୍ତି ହେଲେ ପ୍ରଶାନ୍ତ କିଶୋର



ନୂଆଦିଲ୍ଲୀ: ବିଗିଡ଼ିଲା ଜନ ସୂରାଜ ପାର୍ଟି ସଂସ୍ଥାପକ ପ୍ରଶାନ୍ତ କିଶୋରଙ୍କ ସ୍ୱାସ୍ଥ୍ୟବସ୍ଥା। ଖାଦ୍ୟ ନଖାଇବା ତଥା ପାଣି ନପିଇବା କାରଣରୁ ତାଙ୍କ ପେଟରେ ସଂକ୍ରମଣ ହୋଇଥିବା କହିଛନ୍ତି ଡାକ୍ତର। ପ୍ରଶାନ୍ତଙ୍କୁ ପାଟନାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲେବି, ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ବର୍ତ୍ତମାନ ସେ ଆଇସିୟୁରେ ଅଛନ୍ତି। ତେବେ ପ୍ରଶାନ୍ତ ଅନଶନ ଜାରି ରଖିବା ଯୋଗୁଁ ହସ୍ପିଟାଲରେ ଡାକ୍ତର ପାଇଁ ତାଙ୍କର ଚିକିତ୍ସା କରିବାରେ ଅସୁବିଧା ହେଉଛି। କାରଣ ପ୍ରଶାନ୍ତ କିଶୋର ହସ୍ପିଟାଲରେ କୌଣସି ଔଷଧ ମଧ୍ୟ ଖାଉନାହାଁନ୍ତି। ସୂଚନାଥାଉକି, ବିପିଏସସିର ୭୦ତମ ପ୍ରିଲିମ୍ସର ପରୀକ୍ଷା ରଦ୍ଦ ସହ ପୁନଃ ପରୀକ୍ଷା ଦାବି କରୁଥିବା ପରୀକ୍ଷାର୍ଥୀଙ୍କ ସମର୍ଥନରେ ପ୍ରଶାନ୍ତ କିଶୋର ଗାନ୍ଧୀ ମଇଦାନରେ ଜାନୁଆରୀ ୨ରେ ଅନଶନ ଆରମ୍ଭ କରିଥିଲେ। ହେଲେ ପ୍ରଶାନ୍ତଙ୍କ ଉପରେ ଡିସେମ୍ବର ୨୬ ଏବଂ ଜାନୁଆରୀ ୨ରେ ଅନଶନକୁ ନେଇ ପ୍ରଶାସନ ଦୁଇଟି ମାମଲା ରୁଜୁ କରିଥିଲା। ଆଉ ସୋମବାର ସକାଳେ ତାଙ୍କୁ ଗିରଫ କରାଯାଇଥିଲା। କୋର୍ଟ ପ୍ରଥମେ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଥିଲେ। ହେଲେ ପ୍ରଶାନ୍ତ କିଶୋର ଏହାକୁ ଅଗ୍ରାହ୍ୟ କରିଥିଲେ। ଅବଶ୍ୟ ପରେ କୋର୍ଟ ତାଙ୍କୁ ନିଃସର୍ତ୍ତ ଜାମିନ ଦେଇଥିଲେ। ଏହା ପରେ ସେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଅନଶନ ଜାରି ରଖିବା କଥା କହିଥିଲେ। ଏମିତିରେ ମଙ୍ଗଳବାର ଆନ୍ଦୋଳନ ସ୍ଥାନ ଏବଂ ଆନ୍ଦୋଳନ କିଭଳି ହେବ ତାହା କହିବାର ଥିଲା। ହେଲେ ସୋମବାର ବିଳମ୍ବିତ ରାତିରେ ହିଁ ତାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ସକାଳେ ତାଙ୍କ ବାସଭବନକୁ ଡାକ୍ତର ଆସିଥିଲେ ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ।

# ବାଣିଜ୍ୟ



ମୁମ୍ବାଇ : ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ସାଙ୍ଗକୁ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ଓ ନୂତନ ଚାଇନା ଭୂତାଣୁ ଏଚ୍ଏମ୍ପିଭିର ପ୍ରାଥମିକ ପ୍ରଭାବ ଯୋଗୁ ଭାରତୀୟ ପୁଞ୍ଜି ବଜାର ବେଶ୍ ପ୍ରଭାବିତ ହୋଇଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ନିବେଶ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଶେଷ ସୁଦ୍ଧା ହରାଇଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକ ପ୍ରାୟ ୯ ଲକ୍ଷ କୋଟି (୮,୮୮, ୨୬୩.୯୧ କୋଟି)ର ନିବେଶ ହରାଇ ୪୪,୨୪୫,୫୮୪.୯୬ କୋଟିରେ ପହଞ୍ଚିଛି। ଏପରିକି ପୂର୍ବ କାର୍ଯ୍ୟ ଦିବସ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୫,୧୩୩,୮୪୮.୮୭ କୋଟିରେ ରହିଥିଲା। ସେହିଭଳି ୩୦ ଶେୟାର ବିଶିଷ୍ଟ ସେନସେକ୍ସ କାରବାର ୧,୫୯% ହ୍ରାସ ଘଟି ୭୭,୯୬୪.୯୯ ଅଙ୍କରେ ରହିଥିଲାବେଳେ ନିଫ୍ଟିର କାରବାର ୧.୬୨% କମି ୨୩,୬୧୬.୦୫ ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ବିଏସଇ ମିଡକ୍ୟାପର କାରବାର ୨.୪% ଏବଂ ସ୍ମଲକ୍ୟାପର କାରବାର ପ୍ରାୟ ୩% ହ୍ରାସ ହୋଇଥିଲା।

# ନାଲ୍‌କୋର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଆଧ୍ୟାତ୍ମିକ ଚିନ୍ତକ ତଥା ଲେଖକ ଡକ୍ଟର ଚନ୍ଦ୍ରଭାନୁ ସତପଥୀ ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୨ତମ ସଂସ୍କରଣରେ "ନୈତିକ କର୍ପୋରେ ମ୍ୟାନେଜମେଣ୍ଟ" ବିଷୟ ଆଧାରିତ ଅଭିଭାଷଣ ପ୍ରଦାନ କରିଛନ୍ତି। ନାଲକୋର ୪୫ ତମ ପ୍ରତିଷ୍ଠା ଦିବସ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ଡକ୍ଟର ଶତପଥି ନିଜ ଅଭିଭାଷଣରେ ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନରୁ ଅନୈତିକ ଅଭ୍ୟାସକୁ ସମ୍ପୂର୍ଣ୍ଣ ବିଲୋପ ଉପରେ ଗୁରୁତ୍ୱାରୋପ କରିବା ସହ ଅଖଣ୍ଡତା, ଉତ୍ତର ଦାୟିତ୍ୱ ଏବଂ ସ୍ୱଚ୍ଛତା ଭଳି ନୈତିକ ଅଭ୍ୟାସ ଏକ ଦୀର୍ଘସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ଗଠନର ମୂଳଦୁଆ ବୋଲି ମତ ପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ସମସ୍ତ କାର୍ଯ୍ୟ ସାମାଜିକ, ଆଇନଗତ ଏବଂ ପରିବେଶ ସମ୍ବନ୍ଧୀୟ ଉତ୍ତରଦାୟିତ୍ୱ ସହ ମେଳ ଖାଇବା ଆବଶ୍ୟକ। ସାମାଜିକ ବିକାଶ ତଥା କଲ୍ୟାଣରେ ନାଲକୋର ଭୂମିକାକୁ ପ୍ରଶଂସା କରିବା ସହ କମ୍ପାନୀର ବ୍ୟବସାୟିକ ଉପଲବ୍ଧିକୁ ମଧ୍ୟ ସେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନିର୍ଦ୍ଦେଶକ(ବିତ୍ତ) ରମେଶ ଚନ୍ଦ୍ର ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ନିର୍ଦ୍ଦେଶକ(ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ଶିଷ୍ୟମାନେ ଏକ ଶାସ୍ତ୍ରୀୟ ତଥା ଭକ୍ତି ଆଧାରିତ ବଂଶୀ ବାଦନ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। କର୍ମଚାରୀଙ୍କ ବ୍ୟତୀତ ଏହିକାର୍ଯ୍ୟକ୍ରମରେ ଶିଳ୍ପବିଭାଗର ବରିଷ୍ଠ ଅଧିକାରୀ, ସରକାରୀ କର୍ମଚାରୀ ଏବଂ ଶିକ୍ଷାଅନୁଷ୍ଠାନମାନଙ୍କର ପ୍ରତିନିଧୀମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟପାଳକ ନିର୍ଦ୍ଦେଶକ (ମାନବ ସମ୍ବଳ ଓ ପ୍ରଶାସନ) ଆଶୁତୋଷ ରଥ, ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# 'ଓଟିଜି ମୋବିଲିଟି' ଉନ୍ମୋଚିତ



ନୂଆଦିଲ୍ଲୀ: ଭାରତର ମାର୍କେଟର ବର୍ଦ୍ଧିତ ଚାହିଦାକୁ ରଣନୈତିକ ପଦକ୍ଷେପରେ ବ୍ରାଣ୍ଡ ପରିଚୟ 'ଓଟିଜି କରିଛି। ଏହି ରିବ୍ରାଣ୍ଡିଙ୍ଗ୍ ଉପଭୋକ୍ତାଙ୍କ ବିକଶିତ କରୁଥିବା ଅତ୍ୟାଧୁନିକ ଟେକ୍ନୋଲୋଜି, ମଜବୁତ ଓ କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ଦୁଇଟି ସବ୍-ବ୍ରାଣ୍ଡ : ପ୍ରିମିୟମ ସ୍କୁଟରଗୁଡିକ ପାଇଁ ଉତ୍ସର୍ଗୀକୃତ ଇଲେକ୍ଟ୍ରିକ ମୋବିଲିଟି ପୂରଣ କରିବା ପାଇଁ ଏକ ଓକାୟା ଇଭି ଏହାର ନୂତନ ମୋବିଲିଟି'ର ଉନ୍ମୋଚନ ଭାରତର ଗତିଶୀଳ ଆବଶ୍ୟକତାକୁ ପୂରଣ ଡିଜାଇନ, ଭବିଷ୍ୟତ ପ୍ରସ୍ତୁତ ସୁରକ୍ଷିତ ଉତ୍ପାଦଗୁଡିକ ପ୍ରତି ପ୍ରତିଫଳନ କରୁଛି। ଏହି ବ୍ରାଣ୍ଡ ଇଲେକ୍ଟ୍ରିକ ମୋଟରସାଇକେଲ ଓ 'ଫେରାଟୋ' ଏବଂ ଯାତ୍ରୀବାହୀ ଓ କାର୍ଗୋ ତିନିଚକିଆ ଯାନଗୁଡିକ ଉପରେ ଗୁରୁତ୍ୱ ଦେଉଥିବା 'ଓଟିଟିଓପିଜି'କୁ ଅନ୍ତର୍ଭୁକ୍ତ କରିବ। ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ରେ ଓପିଜି ମୋବିଲିଟି ନୂଆ ବ୍ରାଣ୍ଡିଙ୍ଗ୍ ଅଧିନରେ ଏହାର ପ୍ରଥମ ଉତ୍ପାଦ ଲଂଚ୍ କରିବ ଏବଂ ଏହାର ଉନ୍ନତ ଇଲେକ୍ଟ୍ରିକ ଯାନଗୁଡିକର ସମ୍ପୂର୍ଣ୍ଣ ରେଞ୍ଜୁ ପ୍ରଦର୍ଶିତ କରିବ। ଏ ସମ୍ପର୍କରେ ଓପିଜି ମୋବିଲିଟିର ପରିଚାଳନା ନିର୍ଦ୍ଦେଶକ, ଅଂଶୁଲ ଗୁପ୍ତା କହିଛନ୍ତି ଯେ, 'ବ୍ୟାଟେରୀ ଓ ଇଲେକ୍ଟ୍ରୋନିକ୍ସ ସେକ୍ଟରରେ ଦୀର୍ଘ ବର୍ଷର ନେତୃତ୍ୱ ପରେ ଆମେ ଓକାୟା ଇଭିରୁ ଓପିଜି ମୋବିଲିଟିକୁ ବିକଶିତ ହୋଇ ଉତ୍ସାହିତ ଅଛୁ, ଯାହା ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ ଭେଇକିଲ ସଲ୍ୟୁଶନଗୁଡିକର ଏକ ସାମଗ୍ରିକ ପ୍ରଦାତା ଅଟେ। ଏହି ରିବ୍ରାଣ୍ଡିଙ୍ଗ କେବଳ ଏକ ନୂତନ ନାମ ସମ୍ପର୍କିତ ନୁହେଁ ବରଂ ଏହା ଭାରତର ଦ୍ରୁତ ବିକଶିତ ଇଭି ବଜାରରେ ଆଗରେ ରହିବା ପାଇଁ ଏକ ରଣନୈତିକ ପଦକ୍ଷେପ ଅଟେ। ଭାରତ ମୋବିଲିଟି ୨୦୨୫ ଏକ୍ସପୋ ଏହି ନୂତନ ଦୃଷ୍ଟିକୋଣକୁ ଉନ୍ମୋଚନ କରିବା ପାଇଁ ଉପଯୁକ୍ତ ମଂଚ ଅଟେ।

# ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନରେ ବିପ୍ଳବ ଆଣିଛି ଟାଟା ପାୱାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତର ଅନ୍ୟତମ ବୃହତ ସମନ୍ୱିତ ବିଦ୍ୟୁତ୍ କମ୍ପାନି ଟାଟା ପାୱାର ଓଡ଼ିଶାରେ ବିଦ୍ୟୁତ୍ ବଂଟନରେ ବିପ୍ଳବ ଆଣିଛି। ଓଡ଼ିଶା ସରକାରଙ୍କ ସହ ମିଳିତ ଉଦ୍ୟମରେ ଟାଟା ପାୱାର ୪ଟି ଡିସକମ୍ ଯଥା ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍, ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଏବଂ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନା କରୁଛି। ଟିପି ଓଡ଼ିଶା ଡିସକମଗୁଡ଼ିକ ଉଭୟ ଗ୍ରାମୀଣ ପରିବାର ଓ ଶିଳ୍ପ କେନ୍ଦ୍ରକୁ ଭରସାଯୋଗ୍ୟ ବିଜୁଳି ପହଂଚାଇ ରାଜ୍ୟକୁ ଶକ୍ତି ଯୋଗାଉଛନ୍ତି। ଗତ ୩-୪ ବର୍ଷ ମଧ୍ୟରେ କମ୍ପାନି ଭିତିଭୂମି ସମ୍ପ୍ରସାରଣ ଏବଂ ବାତ୍ୟା ମୁକାବିଲା ନେଟୱାର୍କ ନିର୍ମାଣରେ ୪୨୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କରିଛି ଯାହା ଦ୍ୱାରା ଘରୋଇ, ଶିଳ୍ପ ଏବଂ କୃଷି ସମେତ ବିଭିନ୍ନ ବର୍ଗର ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ। ୧୦ ଲକ୍ଷରୁ ଅଧିକ ନୂତନ ସଂଯୋଗ ଯୋଡ଼ାଯାଇଛି ଯାହା ଦ୍ୱାରା ଅଣସେବାପ୍ରାପ୍ତ ଗ୍ରାମାଂଚଳକୁ ବିଜୁଳି ଯୋଗାଣ ଏବଂ ଶିଳ୍ପ ସମ୍ପ୍ରସାରଣରେ ସହାୟକ ହୋଇଛି। ଏହି ପ୍ରୟାସ ଓଡ଼ିଶାର ବିକାଶ ପାଇଁ ଏକ ଦୃଢ଼ ଭିତିଭୂମି ସ୍ଥାପନ କରିଥିବା ବେଳେ ରାଜ୍ୟରେ ଏବେ ୨୪ ଘଂଟିଆ ବିଜୁଳି ଯୋଗାଣ ହୋଇଛି। ଫଳରେ ସହରାଚଂଳରେ ଦୈନିକ ହାରାହାରି ୨୩.୬୮ ଘଂଟା ବିଦ୍ୟୁତ ଯୋଗାଣ ହେଉଥିବା ବେଳେ ଗ୍ରାମାଚଂଳକୁ ୨୧.୯୮ ଘଂଟା ବିଦ୍ୟୁତ୍ ଯୋଗାଣ ହେଉଛି। ଭିତିଭୂମି ପୁଞ୍ଜିନିବେଶ ବ୍ୟତୀତ ଟାଟା ପାୱାରର ଓଡ଼ିଶା ଡିସକମ୍‌ଗୁଡ଼ିକ ଗ୍ରାହକ ସେବା ଏବଂ ପରିଚାଳନା ଉତ୍କର୍ଷତା କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନ କରୁଛି। ୩ଟି ଓଡ଼ିଶା ଡିସକମ୍ ଦ୍ୱାଦଶ ବାର୍ଷିକ ସମନ୍ୱିତ ରେଟିଂ ଏବଂ ପାୱାର ଡିଷ୍ଟ୍ରିବ୍ୟୁସନ୍ ୟୁଟିଲିଟିର ରାଙ୍କିଙ୍ଗ୍ (ମାର୍ଚ୍ଚ ୨୦୨୪)ରେ ଏ+ ରେଟିଂ ହାସଲ କରିଛନ୍ତି। ଏହାବ୍ୟତୀତ, ସମସ୍ତ ୪ଟି ଡିସକମ୍ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ କ୍ୟୁମର ସର୍ଭିସ୍ ରେଟିଂ ଅଫ୍ ଡିସକମ୍ (ସିଏସ୍ଆରଡି) ରିପୋର୍ଟରେ ସେମାନଙ୍କ ସ୍ଥିତିରେ ଉନ୍ନତି ଆଣିଛନ୍ତି ଯାହା ପରିଚାଳନାଗତ ବିଶ୍ୱସନୀୟତା ପାଇଁ ଏ ରେଟିଂ ପାଇଛି।

# ମୋଟୋରୋଲାର ମୋଟୋ ଜି୦୫ର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତର ଶ୍ରେଷ୍ଠ ୫ଜି ସ୍ମାର୍ଟଫୋନ୍ ବ୍ରାଣ୍ଡ ମୋଟୋରୋଲା ମଙ୍ଗଳବାର ପ୍ରିମିୟମ୍, ସେଗମେଂଟ-ଅଗ୍ରଣୀ ବୈଶିଷ୍ଟ୍ୟରେ ପରିପୂର୍ଣ୍ଣ ଏଂଟ୍ରି ଲେଭେଲ୍ ୪ଜି ସ୍ମାର୍ଟଫୋନ୍ ମୋଟୋ ଜି୦୫ ଶୁଭାରମ୍ଭ କରିଛି। ମୋଟୋ ଜି୦୫ ରେ ପଂଚ-ହୋଲ୍ ଡିଜାଇନ୍ ସହିତ ସେଗମେଂଟର ସବୁଠାରୁ ଉଜ୍ଜ୍ୱଳ ୬.୬୭' ୧୦୦୦ ନିଟ୍ ଡିସପ୍ଲେ ଏବଂ ଏକ ଆକର୍ଷଣୀୟ ଦର୍ଶନ ଅନୁଭୂତି ପାଇଁ ଏକ ସୁଗମ ୯୦ ହର୍ଜ ରିଫ୍ରେସ୍ ରେଟ୍ ରହିଛି, ଯାହା ସମସ୍ତେ ସେଗମେଂଟର ଶ୍ରେଷ୍ଠ ଗୋରିଲାଗ୍ଲାସ୍ ୩ ସୁରକ୍ଷା ଦ୍ୱାରା ସୁରକ୍ଷିତ। ଏହାବ୍ୟତୀତ, ଚମତ୍କାର ମନୋରନ ଅନୁଭୂତି ପାଇଁ ଏଥିରେ ଡଲବି ଆଟମୋସ୍ ଏବଂ ହାଇ-ରେସ୍ ଅଡିଓ ଦ୍ୱାରା ପରିଚାଳିତ ସେଗମେଂଟର ଏକମାତ୍ର ଡୁଆଲ୍ ଷ୍ଟେରିଓ ସ୍ପିକର ରହିଛି। ଏହା ଏହାର ବର୍ଗର ଏକମାତ୍ର ସ୍ମାର୍ଟଫୋନ୍ ଯେଉଁଥିରେ ଆଣ୍ଡ୍ରଏଡଞ୍ଜଗ ୧୫ ଉପଲବ୍ଧ ହେଉଛି, ଯେଉଁଥିରେ ୨ ବର୍ଷର ନିଶ୍ଚିତ ସିକ୍ୟୁରିଟି ଅପଡେଟ୍ ରହିଛି। ମୋଟୋ ଜି୦୫ ରେ ସେଗମେଂଟର ସବୁଠାରୁ ଉଜ୍ଜ୍ୱଳ ୬.୬୭ ଡିସପ୍ଲେ ରହିଛି, ଯେଉଁଥିରେ ସର୍ବାଧିକ ୧୦୦୦-ନିଟସ ପିକ୍ ଉଜ୍ଜ୍ୱଳତା ଏବଂ ୯୦ ହର୍ଜ ରିଫ୍ରେସ୍ ରେଟ୍ ରହିଛି। ପ୍ରିମିୟମ ସାମଗ୍ରୀରେ ପ୍ରସ୍ତୁତ ହୋଇଥିବା ମୋଟୋ ଜି୦୫କୁ ସ୍ଥାୟୀ କରିବା ପାଇଁ ନିର୍ମାଣ କରାଯାଇଛି। କ୍ୱାଡ୍ ପିକ୍ସେଲ୍ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ସେଗମେଂଟର ଶ୍ରେଷ୍ଠ ୫୦ ଏମପି କ୍ୟାମେରା ସିଷ୍ଟମ କୁ ନେଇ ମୋଟୋ ଜି୦୫ ଏହାର ଅସାଧାରଣ କ୍ୟାମେରା କ୍ଷମତା ସହିତ ପରିଚିତ, ଯାହା ଯେକୌଣସି ଆଲୋକ ଅବସ୍ଥାରେ ଚମତ୍କାର, ଜୀବନ୍ତ ଫଟୋ ପ୍ରଦାନ କରିଥାଏ।

# ଓଡ଼ିଶାରେ ଦୃଢ଼ ସ୍ଥିତିରେ ଏଚ୍‌ଡିଏଫ୍‌ସି ଏର୍ଗୋ



ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ଘରୋଇ କ୍ଷେତ୍ର ସାଧାରଣ ବୀମା କମ୍ପାନି, ଏଚଡିଏଫସି ଏର୍ଗୋ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନି ରାଜ୍ୟରେ ସ୍ୱାସ୍ଥ୍ୟ ବୀମାର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। କଂପାନି ପାଇଁ ଅନ୍ୟତମ ପ୍ରମୁଖ ବଜାର, ଓଡ଼ିଶାରେ ଏଚଡିଏଫସି ଏର୍ଗୋର ୩୫ରୁ ଅଧିକ ଶାଖା ଏବଂ ଡିଜିଟାଲ୍ ଅଫିସ୍‌ର ନେଟୱାର୍କ ସହିତ ରାଜ୍ୟରେ ଏକ ଦୃଢ଼ ଉପସ୍ଥିତି ରହିଛି। ଏଗୁଡ଼ିକ କଂପାନିର ବୀମା ବିତରଣ ଏବଂ ସର୍ଭିସ୍ ପଏଣ୍ଟ ଅଟନ୍ତି। ଚଳିତ ଆର୍ଥିକ ବର୍ଷରେ ୨୦୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ସୁଦ୍ଧା ଏହି ବୀମା କଂପାନି ଓଡ଼ିଶାରେ ୯କୋଟି ଟଙ୍କାରୁ ଉର୍ଦ୍ଧ୍ୱର ୧୬୦୦ରୁ ଅଧିକ ସ୍ୱାସ୍ଥ୍ୟ ଦାବି ସମାଧାନ କରିସାରିଛି। ଏ ସମ୍ପର୍କରେ ଏଚଡିଏଫସି ଏର୍ଗୋର ନିର୍ଦ୍ଦେଶକ ତଥା ମୁଖ୍ୟ ବ୍ୟବସାୟ ଅଧିକାରୀ ପାର୍ଥନୀଲ ଘୋଷ କହିଛନ୍ତି ଯେ, 'ନିୟାମକଙ୍କ ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ ଏଚଡିଏଫସି ଏର୍ଗୋରେ ଆମେ ଶେଷ ମାଇଲ୍ ପର୍ଯ୍ୟନ୍ତ ବୀମା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ 'ସଚେତନତା, ଉପଲବ୍ଧତା ଏବଂ ପହଂଚ'ର ତିନୋଟି ସ୍ତମ୍ଭ ଉପରେ ଧ୍ୟାନ ଦେଉଛୁ। ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ, ଯେଉଁଥିରେ ଭୁବନେଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏବଂ ଆମେ ଆମର ଗ୍ରାହକମାନଙ୍କୁ ସର୍ବୋତମ ସମ୍ଭାବ୍ୟ ସେବା ପ୍ରଦାନ କରିବାରେ ଗଭୀର ଭାବେ ବିନିଯୋଗ କରୁଛୁ। ଆମର ଶାଖା ନେଟୱାର୍କ ସହିତ ଆମର ଡିଜିଟାଲ କାର୍ଯ୍ୟାଳୟ ଏବଂ ୟ୧୬୦୦ ବୀମା ପରାମର୍ଶଦାତାଙ୍କ ମାଧ୍ୟମରେ ସମଗ୍ର ରାଜ୍ୟରେ ଆମର ଏକ ଉପଯୁକ୍ତ ଉପସ୍ଥିତି ରହିଛି, ଯାହା ବିଭିନ୍ନ ନଗର ଏବଂ ସହରରେ ବୀମା ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଉଛି। ବର୍ତ୍ତମାନ ଓଡ଼ିଶାର ୧୯ଟି ହସ୍ପିଟାଲ ସମେତ ସମଗ୍ର ଭାରତରେ ୟ୧୯୦୦ ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ରହିଛି।

# ବନ୍ଧନ ପକ୍ଷରୁ ନୂତନ ଫଣ୍ଡ୍ ଉନ୍ମୋଚିତ

ନୂଆଦିଲ୍ଲୀ: ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ୍-ଏଣ୍ଡେଡ୍ ସ୍କିମ ବନ୍ଧନ ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି ଯାହା ଦୁଇଟି ନିବେଶ କାରକ ଯଥା ଆଲ୍‌ଫା ଓ ଲୋ ଭୋଲାଟିଲିଟିକୁ ଏକତ୍ରିତ କରୁଛି। ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସକୁ ଟ୍ରାକ୍ କରି ଏହି ଫଣ୍ଡ୍ ଉକ୍ତ ଷ୍ଟକ୍‌ଗୁଡ଼ିକୁ ଚୟନ କରିଥାଏ, ଯାହା ନିମ୍ନ ଅସ୍ଥିରତା ବଜାୟ ରଖି ପୂର୍ବରୁ ସୃଷ୍ଟି ହୋଇଥିବା ଆଲ୍‌ଫାକୁ ପ୍ରଦର୍ଶିତ କରୁଛି। ଏହି ନୂତନ ଫଣ୍ଡ ଅଫର୍ (ଏନ୍ଏଫ୍ଓ) ବୁଧବାର ଖୋଲିବ ଏବଂ ସୋମବାର, ଜାନୁଆରୀ ୨୦ ତାରିଖ ୨୦୨୫ରେ ବନ୍ଦ ହେବ। ଏହି ଫଣ୍ଡର ପ୍ରସ୍ତାବଗୁଡ଼ିକୁ ହାଇଲାଇଟ କରି ବନ୍ଧନ ଏଏମ୍‌ସିର ସିଇଓ ବିଶାଳ କପୁର କହିଛନ୍ତି, ବନ୍ଧନ ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସ ଫଣ୍ଡର ରଣନୀତି ଅଭିବୃଦ୍ଧି ସମ୍ଭାବନା ପାଇଁ ଆଲ୍‌ଫାକୁ ସ୍ଥିରତା ପାଇଁ ନିମ୍ନ ଅସ୍ଥିରତା ସହ ଏକତ୍ରିତ କରିଥାଏ, ଯାହା ବିଭିନ୍ନ ପ୍ରକାରର ବଜାର ସ୍ଥିତିରେ ମଜବୁତ ରିସ୍କ-ଆଡ଼ଜଷ୍ଟେଡ ରିଟର୍ଣ୍ଣ ଦେବାକୁ ଲକ୍ଷ୍ୟ ରଖିଛି। ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସ ପୂର୍ବରୁ ଉଭୟ ବିସ୍ତୃତ ବଜାର ସୂଚକାଙ୍କ ଓ ସିଙ୍ଗଲ-ଫ୍ୟାକ୍ଟର ସୂଚକାଙ୍କଗୁଡ଼ିକୁ ପ୍ରଦର୍ଶନରେ ପଛରେ ପକାଇଛି।



ଭାରତ ପୋଲ୍ ପୋର୍ଟାଲ ଲଞ୍ଚ କଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ



ପୁଣି ମାଆ ହେଲେ ସନା ଖାନ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୮୦ Vol. 21 No-280 8 JANUARY 2025 WEDNESDAY BHUBANESWAR ବୁଧବାର, ୮ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







## ପ୍ରବାସୀ ଭାରତୀୟ ଦିବସ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

# ଆଜି ପ୍ରବାସୀଙ୍କ ମହାମିଳନ

- ୮ରୁ ୧୦ ତିନିଦିନ ଧରି ଚାଲିବ
- ସଜେଇ ହୋଇଛି ମନ୍ଦିରମାଳିନୀ ଭୁବନେଶ୍ୱର
- ଆଲୋକମାଳାରେ ଝଲସୁଛି ପୁରା ରାଜଧାନୀ
- ଆଜି ଭୁବନେଶ୍ୱରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ
- ୩ ଦିନରେ ରହିବ ୧୭ଟି ସେସନ୍
- ୮ରେ ଯୁବପ୍ରବାସୀ ଭାରତୀୟ ଦିବସ
- ୯ରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୭।୧(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ପୂର୍ବୋଦୟ ବିକାଶ ଯୋଜନା ଅନୁଯାୟୀ ଆସନ୍ତା ୮ ତାରିଖରୁ ୧୦ ତାରିଖ ତିନିଦିନ ଧରି ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ପ୍ରବାସୀ ଭାରତୀୟ ସମ୍ମିଳନୀର ୧୮ତମ ସଂସ୍କରଣ। ଐତିହାସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭୁବନେଶ୍ୱରରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି। ଏହି ତିନିଦିନରେ ୧୭ଟି ସେସନ ରହିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ଅରୁଣ କୁମାର ଚାଟାର୍ଜୀ ଓ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ୧୭ ରାଷ୍ଟ୍ରରୁ ଆସିଥିବା ୪ ହଜାରରୁ ଅଧିକ ପ୍ରବାସୀ ସାମିଲ ହେବେ। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ଚଳଚଞ୍ଚଳ ହୋଇ ଉଠିଛି। ମନ୍ଦିରମାଳିନୀ ଭୁବନେଶ୍ୱର ସହର ନବବଧୂ ଭଳି ସଜେଇ ହୋଇଛି। କାନ୍ଥବାଡ଼ରେ ଓଡ଼ିଶା ଚିତ୍ରକଳାର ଛାପ ରହିଛି। ଆଲୋକମାଳାରେ ଝଲସୁଛି ପୁରା ସହର। କେନ୍ଦ୍ର ଯୁବ ଓ କ୍ରୀଡ଼ାବ୍ୟାପାର ମନ୍ତ୍ରଣାଳୟ ସହଭାଗିତାରେ ୮ ତାରିଖରେ ଜନତା ମଇଦାନରେ ପାଳନ ହେବ ଯୁବ ପ୍ରବାସୀ ଭାରତୀୟ ଦିବସ। ୯ ତାରିଖରେ ପ୍ରବାସୀ ଭାରତୀୟ ଦିବସର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଶ୍ରୀ ମୋଦୀ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିବେ। ଏଥିସହ ଥିମ୍ ପ୍ୟାଲିଅନ ବି ଉଦ୍‌ଘାଟନ କରିବେ ମୋଦୀ। ଏଥିସହ ଭର୍ଚୁଆଲ ମୋଡରେ ଦିଲ୍ଲୀର ନିଜାମୁଦ୍ଦିନ ରେଳଷ୍ଟେସନରୁ ସ୍ୱତନ୍ତ୍ର ଟ୍ୟୁରିଷ୍ଟ ଟ୍ରେନ୍ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍‌ର ମଧ୍ୟ ଲୋକାର୍ପଣ କରିବେ। • ପୃଷ୍ଠା ୫ ଦେଖନ୍ତୁ

### ସଫଳ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର,୭।୧(ଭାସ୍କର ନ୍ୟୁଜ): ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତାଦେଇ କହିଛନ୍ତି ଯେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଭାରତୀୟ ଓଡ଼ିଶା ଆସୁଛନ୍ତି। ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର। ଏକ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ଟ୍ୱିନସିଟିକୁ ସଂପୂର୍ଣ୍ଣରୂପେ ସ୍ୱଚ୍ଛ ଓ ନିର୍ମଳ କରାଯିବା ସହ ଉତ୍ସବମୁଖର କରାଯାଇଛି। ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ ଯେ ଏହି ଅବସରରେ ଆପଣମାନେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରନ୍ତୁ ଏବଂ ଯଥୋଚିତ ସମ୍ମାନ ପ୍ରଦାନ କରନ୍ତୁ। ଆମେ ସମସ୍ତେ ମିଶି ପ୍ରବାସୀ ଭାରତୀୟ ଦିବସକୁ ସଫଳ କରିବା ଏବଂ ପ୍ରବାସୀମାନେ ଯେଭଳି ଓଡ଼ିଶାରେ ହିଁ ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ଅନୁଭୂତି ପାଇବେ ସେ ଦିଗରେ ପ୍ରଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

## ନିର୍ବାଚନ କମିଶନଙ୍କ ଘୋଷଣା

# ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭା ଭୋଟ୍

ନୂଆଦିଲ୍ଲୀ,୭।୧: ଆସନ୍ତା ଫେବୃଆରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ପାଇଁ ମତଦାନ ଅନୁଷ୍ଠିତ ହେବ। ମୋଟ ୭୦ଟି ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ଦିଲ୍ଲୀବାସୀ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏଥିନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଘୋଷଣା କରାଯିବା ସହ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି ଯେ ଆସନ୍ତା ୧୦ ତାରିଖରେ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲର ଶେଷ ତାରିଖ ଚଳିତମାସ ୧୭ ତାରିଖ ରଖାଯାଇଛି। ସେହିପରି ୧୮ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୨୦ ତାରିଖରେ ନାମାଙ୍କନ ପ୍ରତ୍ୟାହାର ପାଇଁ ଶେଷ ଦିବସ ରହିଛି। ମୋଟ ୧ କୋଟି ୫୫ଲକ୍ଷରୁ ଅଧିକ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଫେବୃଆରୀ ୮ ତାରିଖରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ପୁରା ନିର୍ବାଚନ ପ୍ରକ୍ରିୟା ଫେବୃଆରୀ ୧୦ ସୁଦ୍ଧା ଶେଷ ହେବ। ୭୦ଟି ଆସନରେ ମତଦାନ ପାଇଁ ୧୩ହଜାର ୩ଟି ମତଦାନ କେନ୍ଦ୍ର ସ୍ଥାପନ କରାଯିବ। ସେଥିମଧ୍ୟରେ ୨୧୦ଟି ଆଦର୍ଶ ମତଦାନ କେନ୍ଦ୍ର ରହିଥିବାବେଳେ ୭୦ଟି ମହିଳାଙ୍କ ଦ୍ୱାରା ପରିଚାଳିତ ହେବ। ସେହିପରି ଦିବ୍ୟାଙ୍ଗମାନଙ୍କ ପାଇଁ ୭୦ଟି ମତଦାନ କେନ୍ଦ୍ରର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଫେବୃଆରୀ ୨୩ରେ ଦିଲ୍ଲୀ ବିଧାନସଭାର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଏଥିପୂର୍ବରୁ ନୂଆ ସରକାର ଗଠନ ପ୍ରକ୍ରିୟା ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୧୫ରେ ଆପ୍ ୬୭ଟି ଆସନରେ ବିଜୟଲାଭ କରିଥିଲା। ସେହିପରି ୨୦୧୯ରେ ସାରା ଦେଶରେ ମୋଦୀ ଲହରୀ ଦେଖିବାକୁ ମିଳିଥିଲେ ମଧ୍ୟ ଦିଲ୍ଲୀ ବିଧାନସଭା ଉପରେ ଏହାର କୌଣସି ପ୍ରଭାବ ପଡ଼ିନଥିଲା।




ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



# ଛତିଶଗଡ଼ରେ ପୁଣି ମାଓ ତାଣ୍ଡବ ନବବର୍ଷରେ ରକ୍ତର ହୋଲି

ଆସନ୍ତା ୨୦୨୬ ମସିହା ସୁଦ୍ଧା ଭାରତରୁ ନକ୍ସଲ ବା ମାଓବାଦୀ କାର୍ଯ୍ୟକଳାପର ସଂପୂର୍ଣ୍ଣ ଅନ୍ତ ଘଟିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୃଢ଼ୋକ୍ତି ପ୍ରକାଶ କରିଥିବାବେଳେ ଓଡ଼ିଶାର ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ମାଓବାଦୀଙ୍କ ହିଂସାର ତାଣ୍ଡବ ଦେଖିବାକୁ ମିଳିଛି। ନବବର୍ଷ ଆରମ୍ଭରୁ ପୁଣି ରକ୍ତମୁଖା ହୋଇଛନ୍ତି ମାଓବାଦୀ। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୋମବାର ଦିନ ଯବାନଙ୍କୁ ନେଇଯାଉଥିବା ଏକ ଗାଡ଼ିକୁ ବାମ ଉଗ୍ରବାଦୀମାନେ ବିସ୍ଫୋରଣରେ ଉଡ଼ାଇ ଦେଇଛନ୍ତି। ଏଥିରେ ଦାନ୍ତେୱାଡ଼ାରେ କାର୍ଯ୍ୟରତ ୮ଜଣ ଡିଆଇଜି ଯବାନ ସହିଦ ହୋଇଥିବା ବେଳେ ଗାଡ଼ି ଚଳାଉଥିବା ଡ୍ରାଇଭରର ମଧ୍ୟ ମୃତ୍ୟୁ ଘଟିଛି। ଗତ ଦୁଇବର୍ଷ ଭିତରେ ଯବାନଙ୍କ ଉପରେ ମାଓବାଦୀଙ୍କ ଏହା ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ୨୦ଜଣ ଯବାନ ବିଜାପୁରରେ କମ୍ବିଂ ଅପରେସନ ଶେଷ କରି ଏକ ଏସୟୁଭି ଗାଡ଼ିରେ ମୂଳ ଶିବିରକୁ ଫେରୁଥିବା ସମୟରେ ଆମ୍ବେଲି ଗ୍ରାମ ନିକଟରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ ଘଟାଇଥିଲେ। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଯବାନଙ୍କ ଗାଡ଼ି ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ପାଇଯାଇଥିଲା। ବିଧ୍ୱସ୍ତ ଗାଡ଼ିର କିଛି ଅଂଶ ୨୫ ଫୁଟ୍ ଉପରକୁ ଉଠିଯାଇ ଗଛରେ ଲାଖିଥିଲା। ବିସ୍ଫୋରଣ ସ୍ଥଳରେ ପ୍ରାୟ ଦଶଫୁଟ ଗଭୀରର ଗାତ ସୃଷ୍ଟି ହୋଇଥିଲା। ମୃତ ଯବାନଙ୍କ ଖଣ୍ଡବିଖଣ୍ଡିତ ଶରୀର ବିକ୍ଷିପ୍ତ ଭାବରେ ପଡ଼ିଥିଲା। ଏଥିପୂର୍ବରୁ ୨୦୨୩ ମସିହା ଏପ୍ରିଲ ୨୬ତାରିଖରେ ଦାନ୍ତେୱାଡ଼ାରେ ମାଓବାଦୀମାନେ ଯବାନଙ୍କ ଗାଡ଼ିକୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇଥିଲେ ଏବଂ ଏଥିରେ ୧୦ଜଣ ଯବାନ ସହିଦ ହୋଇଥିବା ସ୍ଥଳେ ଡ୍ରାଇଭରଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ସୋମବାର ମାଓବାଦୀଙ୍କ ଏଭଳି ବର୍ବରକାଣ୍ଡ ପରେ ଘଟଣାସ୍ଥଳକୁ ଅଧିକ ସଂଖ୍ୟକ ଯବାନଙ୍କୁ ପଠାଯାଇଥିଲା ଏବଂ ସେମାନେ ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ। ହିଂସାକାଣ୍ଡ ଘଟାଇ ଖସି ପଳାଇଥିବା ମାଓବାଦୀଙ୍କୁ ଧରିବା ଲାଗି କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି। ଏଥିପୂର୍ବରୁ ଶନିବାର ରାତିରେ ଅବୁଝମାଡ୍ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ ଏବଂ ଏଥିରେ ଜଣେ ଯବାନ ସହିଦ ହୋଇଥିବା ବେଳେ ୫ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ମୃତ ମାଓବାଦୀଙ୍କ ମଧ୍ୟରେ ଜଣେ ମହିଳା ଥିବାର ଜଣାପଡ଼ିଛି। ସେହି ଘଟଣାର ପ୍ରତିଶୋଧ ନେବା ଲାଗି ସୋମବାର ବିଜାପୁରରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇଥିବାର ଅନୁମାନ କରାଯାଉଛି। ଅଭିଜ୍ଞତାରୁ ଦେଖାଯାଉଛି ଯେ, ମାଓବାଦୀମାନେ ପ୍ରାୟତଃ ଯବାନଙ୍କୁ କମ୍ବିଂ ଅପରେସନ ସାରି ଫେରିବା ବେଳକୁ ଟାର୍ଗେଟ କରୁଛନ୍ତି। କମ୍ବିଂ ସମୟରେ ଅଧିକ ପରିଶ୍ରମ କରି ହାଲିଆ ହୋଇଥିବାରୁ ତାହାର ସୁଯୋଗ ନେବାକୁ ମାଓବାଦୀ ଉଦ୍ୟମ କରିଥାନ୍ତି। ଭାରତର ବିଭିନ୍ନ ରାଜ୍ୟରେ ବାମ ଉଗ୍ରବାଦ ବା ମାଓ ହିଂସାକାଣ୍ଡ ଏବେ ନିୟନ୍ତ୍ରଣକୁ ଆସିଥିବା ବେଳେ ଛତିଶଗଡ଼, ଝାଡ଼ଖଣ୍ଡ ଓ ବିହାର ଆଦି ଅଳ୍ପ କେତେକ ରାଜ୍ୟରେ ସେମାନେ ଏବେବି ସକ୍ରିୟ ରହିଛନ୍ତି। ନିକଟ ଅତୀତରେ ମାଓ ଉପଦ୍ରୁତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇ ଏହି ବାମ ଉଗ୍ରବାଦକୁ ରୋକିବା ନିମନ୍ତେ ବିସ୍ତୃତ ରଣନୀତି ପ୍ରସ୍ତୁତ ହୋଇଥିଲା। ସଶସ୍ତ୍ର ବିପ୍ଳବ ମାଧ୍ୟମରେ କ୍ଷମତା ଦଖଲ କରିବାର ଭ୍ରାନ୍ତ ବିଚାରଧାରାରେ ବିଶ୍ୱାସ ପୋଷଣ କରୁଥିବା ନକ୍ସଲ ବା ମାଓବାଦୀଙ୍କୁ କେବଳ ଅସ୍ତ୍ରଶସ୍ତ୍ର ବଳରେ ନିୟନ୍ତ୍ରଣ କରିବା ସମ୍ଭବପର ହୋଇନପାରେ। ଦାରିଦ୍ର୍ୟ, ଅଶିକ୍ଷା ଓ ଅନଗ୍ରସରତାର ସୁଯୋଗ ନେଇ ସେମାନେ ନରୀହ ଆଦିବାସୀଙ୍କୁ ନିଜର ହିଂସାର ମାର୍ଗକୁ ଟାଣି ନେଇଥାନ୍ତି। ତେଣୁ ରାଜନୈତିକ ସ୍ତରରେ ମାଓବାଦର ମୁକାବିଲା କରାଯିବା ସହିତ ଅନୁନ୍ନତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଗଲେ ଏହି ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ। ନବବର୍ଷର ଷଷ୍ଠ ଦିନରେ ଯବାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହଙ୍କ ମନ୍ତବ୍ୟ ପ୍ରାସଙ୍ଗିକ ଓ ଯଥାର୍ଥ ମନେହେଉଛି।

# ଦୁର୍ନୀତିର କିଛି ମୌଳିକ କାରଣ: ଅଙ୍ଗେ ନିଭା କଥା



ନିରଞ୍ଜନ ସାହୁ
ପୂର୍ବତନ ବରିଷ୍ଠ ଅଧିକାରୀ
(ଭାରତୀୟ ପ୍ରଶାସନିକ ସେବା)
ମୋ: ୯୪୩୮୪୮୨୯୧୧

"ଦୁର୍ନୀତି ଏକ ଅବାରିତ ମହାସ୍ରୋତରେ ପରିଣତ ହୋଇଛି ଏବଂ ଭାରତର ଗଣତନ୍ତ୍ର ଭ୍ରଷ୍ଟାଚାର ପୁଷ୍ଟ ହୋଇଥିବା ବେଳେ ଏଠାରେ ଦୁର୍ନୀତି ମୁକ୍ତ ଏକ ବର୍ଗଫୁଟ ଅଞ୍ଚଳ ଠାବ କରିବା ବି କଷ୍ଟସାଧ୍ୟ" – ଏହା କହିଥିଲେ ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ସ୍ୱର୍ଗତ ଟି.ଏନ୍. ଶେଷାନ।

ଭ୍ରଷ୍ଟାଚାରର ଶ୍ରେଣୀକରଣ କରିଛନ୍ତି ବିଶିଷ୍ଟ ବ୍ୟଙ୍ଗକବି ପ୍ରଫେସର ଅଶୋକ ଚକ୍ରଧର ଏବଂ ତାଙ୍କର 'ଭ୍ରଷ୍ଟାଚାର ମହୋତ୍ସବ' ବ୍ୟଙ୍ଗ କବିତା ଶୁଣିବାକୁ ଆପଣ ଖୁସି ପାଇବେ ନିଶ୍ଚୟ। ଏହା ସାମାଜିକ ଗଣମାଧ୍ୟମର ୟୁଟ୍ୟୁବ୍‌ରେ ଉପଲବ୍ଧ ଏବଂ ସରକାରୀ ଦପ୍ତରରେ ହେଉଥିବା ଭ୍ରଷ୍ଟାଚାରକୁ ଚାରି ଭାଗରେ ବିଭକ୍ତ କରିଛନ୍ତି କବି - ଯଥା - ନଜରାନା, ସୁକ୍‌ରାନା, ହକ୍‌ରାନା ଏବଂ ଜବ୍‌ରାନା। ଏହି ହିନ୍ଦୀ ଶବ୍ଦଗୁଡ଼ିକର ସମତୁଲ ଓଡ଼ିଆ ପ୍ରତିଶବ୍ଦ ଖୋଜି ପାଇବା ଆପଣଙ୍କୁ କଷ୍ଟ ହେବନାହିଁ ଭାବୁଛି।

ଜଣେ ପ୍ରଶାସକ ଭାବରେ ଭ୍ରଷ୍ଟାଚାରକୁ ଦେଖିଛି ଖୁବ୍ ନିକଟରୁ। ୧୯୮୬ ମସିହା ପ୍ରାରମ୍ଭରେ ବ୍ୟାଙ୍କ୍ ପ୍ରୋବେସନାରୀ ଅଫିସର ଚାକିରି ଛାଡ଼ି ମୁଁ ଯୋଗଦେଇଥିଲି ଓଡ଼ିଶା ପ୍ରଶାସନିକ ସେବାରେ। ତାଲିମ ଅଧ୍ୟାୟ ପରେ ମୋତେ ନିଯୁକ୍ତି ମିଳିଥିଲା ଗୋଟିଏ ତହସିଲ୍‌ରେ। ମୋତେ ଛଅଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟ ତଦାରଖ କରିବା ସହିତ ସଂପୃକ୍ତ ଅଞ୍ଚଳର ରାଜସ୍ୱ ମାମଲାଗୁଡ଼ିକର ଫଏସଲା କରିବା ଦାୟିତ୍ୱ ମିଳିଲା। ଅଫିସରେ ଥିବା ସମୟରେ ମୁଖ୍ୟ କାମ ଥିଲା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ପଢ଼ାପଢ଼ି ପାଇଁ ଆବଶ୍ୟକ ଥିବା ବାର୍ଷିକ ଆୟ, ଜାତି, ବାସସ୍ଥାନ ଇତ୍ୟାଦି ସମ୍ପର୍କୀୟ ହରେକ୍ ରକମର ସାର୍ଟିଫିକେଟ ପ୍ରଦାନ କରିବା। ସେତେବେଳେ ତହସିଲଗୁଡ଼ିକ ବ୍ଲକ ତୁଳନାରେ ଥିଲେ ଆକାରରେ ବଡ଼ ଅର୍ଥାତ୍ ବହୁ ସଂଖ୍ୟକ ଲୋକଙ୍କର ଭିଡ଼ ଲାଗିରହୁଥିଲା ସାର୍ଟିଫିକେଟ ପ୍ରଦାନ କରିବା ପାଇଁ। ମୋ ପାଖକୁ ବିବିଧ ସାର୍ଟିଫିକେଟ ସମ୍ପର୍କିତ ଫାଇଲଟି ଜଣେ ବରିଷ୍ଠ କିରାଣୀ ଦ୍ୱିପହର ପରେ ପଠାନ୍ତି। ମୁଁ ଅବିଳମ୍ବେ ସେ ଫାଇଲରେ ମନ ଦିଏଁ। ଯେତେ ଶୀଘ୍ର ସମ୍ଭବ ତାକୁ ଅନୁମୋଦନ କରେ। କିଛି ଦିନ ଭିତରେ ଏହା ଗୋଟିଏ ଧାରାରେ ପରିଣତ ହୋଇଗଲା। ଦିନେ ମୋତେ ତହସିଲଦାର କହିଲେ, "ମୁଁ ଆପଣଙ୍କୁ କିଛି କଥା

## କଥା ନିରବଧି

କହିବି ବୋଲି ଭାବୁଛି।" ତାଙ୍କ କଥାର ଶୈଳୀରୁ ଅନୁଭବ କରୁଥିଲି ଯେମିତି ମୁଁ କିଛି ଭୁଲ୍ କାମ କରୁଛି, ଆଉ ମୋର ସିନିୟର ଭାବରେ ସେ ବଡ଼ଭାଇ ଭୂମିକା ତୁଲେଇବା ନ୍ୟାୟରେ ମୋତେ ପରାମର୍ଶ ଦେବାକୁ ଚାହୁଁଛନ୍ତି। ମୁଁ ସାଙ୍ଗେ ସାଙ୍ଗେ କହିଲି – ସାର୍ କୁହନ୍ତୁ, ଯଦି ଅଜଣାତରେ ସେମିତି କିଛି ଅସଙ୍ଗତି ଥାଏ ମୋ କାମରେ, ତାହେଲେ ସୁଧାରି ନେବି। ସେ ଆଉ ଗୋଟେ କାମର ବ୍ୟସ୍ତତା କଥା କହି ମୋତେ ବୁଝେଇଦେଲେ।

ଦୁଇତିନିଦିନ ପରେ ମୁଁ ପୁଣି ତାଙ୍କୁ ପଚାରିଲି – ସାର୍ ମୋତେ ଦୟାକରି କୁହନ୍ତୁ – କ'ଣ ମୋର ଭୁଲ୍ ହେଉଛି - ନବାଗତ ଭାବରେ ମୋର ଦାୟିତ୍ୱ ଆପଣଙ୍କ ଅଭିଜ୍ଞତାରୁ ଶିକ୍ଷା ଲାଭ କରିବା, 'ଠିକଣା ସମୟରେ କହିବି, କିଛି ବ୍ୟସ୍ତ ହୁଅନ୍ତୁ ନାହିଁ' କହି ସେ ପୁଣି ମହଲତ ନେଇଗଲେ। ମନ ଭିତରେ ମୋର ଦ୍ୱନ୍ଦ୍ୱ ସୃଷ୍ଟି ହେଲା, କାଳେ କିଛି ଗର୍ହିତ କାମ କରିଦେଲି କି? ମୋ ପରିବାରରୁ କେହି ପ୍ରଶାସନିକ ଚାକିରିରେ ନାହାନ୍ତି ଯାହାଠାରୁ କିଛି ପରାମର୍ଶ ପାଇପାରିବି – ଏମିତି ଭାବି ଭାବି ଭାରି ନିରାଶ ଅନୁଭବ କରୁଥିଲି।

ପ୍ରାୟ ସପ୍ତାହବ୍ୟାପୀ ସେଇ ଅଶାନ୍ତି ମୋର ଶିରା ପ୍ରଶିରାରେ ବ୍ୟାପିଗଲା। ମୁଁ ଅନୁଭବ କରୁଥିଲି ଏକ ରକମର ଉଦ୍‌ବିଗ୍ନତା ଯାହା ଯୁଗପତ୍ ମୋ ଭିତରେ ଅସ୍ଥିରତା ଓ ଆଶଙ୍କା ଏବଂ ଅଶାନ୍ତିର ଲଘୁଚାପ ସୃଷ୍ଟି କରୁଥିଲା। ଏକ ଘୂର୍ଣ୍ଣିବଳୟ ଯେମିତି ଦାନା ବାନ୍ଧୁଥିଲା ହତାଶାର! ଗୋଟେ ଦିନ ମୁଁ ନିର୍ଣ୍ଣୟ ନେଲି, ଆଜି ଯେମିତି ହେଲେ ତହସିଲଦାରଙ୍କ ଠାରୁ କଥାର ଖିଅ ଆଦାୟ କରିବି। ସେ ନ କହିଲେ ଅନୁନୟ କରିବି। ତାଙ୍କ ଅଫିସ୍ ଛାଡ଼ିବି ନାହିଁ। ସେ ଦ୍ୱିପହର ଭୋଜନ ପରେ କିଛି ସମୟ ବିଶ୍ରାମ ନେଇ ଅଫିସରେ ପହଞ୍ଚୁ ପହଞ୍ଚୁ ମୁଁ ଯାଇ ତାଙ୍କ ପାଖରେ ପହଞ୍ଚି ଗଲି ଏବଂ ତାଙ୍କୁ ନେହୁରା ହୋଇ କହିଲି – ଆପଣ ମୋର ଭୁଲ୍‌ଟି ମୋତେ ନ କହିବା ଫଳରେ ମୁଁ ଭାରି ଅବସାଦଗ୍ରସ୍ତ ଅନୁଭବ କରୁଛି।

ସେ ମୋତେ କହିଲେ, "ଆପଣ ପିଲାଲୋକ, ଏତିକି କଥାରେ ବ୍ୟସ୍ତ ହୋଇ ପଡୁଛନ୍ତି? ମୁଁ କ'ଣ କହୁଥିଲି କି – ଆପଣତ ଏକ୍ସଏକ୍ସଏକ୍ସଙ୍କୁ ଚିହ୍ନିଛନ୍ତି!" ମୁଁ ମୁଣ୍ଡ ଟୁଙ୍ଗାରି ମୋର ସମ୍ମତି ଜଣାଇଲି, ଆଉ କହିଲି, ସେ ପରା ପିଲାମାନଙ୍କର ମିସ୍‌ସେଲେନିୟସ୍ ସାର୍ଟିଫିକେଟ କରୁଛନ୍ତି। ତାପରେ ସେ କହିଲେ – "ସେ କ'ଣ କରୁଛନ୍ତି ଜାଣନ୍ତି?" ମୁଁ ସେଇ ପ୍ରଶ୍ନ ତାଙ୍କୁ ପଚାରିଲି – ସେ କହିଲେ, ପ୍ରତି ଦରଖାସ୍ତରେ ସେ ଲୋକଙ୍କ କାନମୋଡ଼ି ଦିଟଙ୍କା ନିଏ। ଟଙ୍କା ନ ପାଇବା ଯାଏ ଫାଇଲ୍ ପୁଟ୍‌ଅପ୍ କରେନି। ଆଉ ପାଇଗଲା ପରେ ସବୁ ସାର୍ଟିଫିକେଟ ଏକା ସାଙ୍ଗରେ ପେଶ୍ କରେ, ଆଉ ପିଲାମାନଙ୍କୁ କହିକି ପଠେଇଦିଏ। "ନୂଆ ହାକିମ ଭାରି ଭଲଲୋକ, ସେ ଡେରି କରିବେ ନାହିଁ।" ସେ ତାପରେ ସେ ଦିନର ଖବରକାଗଜ ଆଡ଼େ ଆଖି ପକେଇଲେ। ମୁଁ ବୁଝିପାରିଲି ନାହିଁ ମୋର ଭୁଲ୍‌ଟି କେଉଁଠି। ମୁଁ କିଛି ସମୟ ପରେ କହିଲି, ସାର୍ ତାକୁ ବଦଳେଇ ଦିଅନ୍ତୁ ସେଇ ସିଟ୍‌ରୁ। ସେଇଠୁ ସେ କହିଲେ, "ସିଏ ଯେତିକି ପିଲା/ଲୋକଙ୍କୁ ଡିସ୍‌ପୋଜ୍ କରିପାରୁଛି, ସେତିକି କ'ଣ ଆଉ କେହି କରିପାରିବେ? ହେଲେ, ମୋର କହିବାର କଥା ହେଲା, ଧଳବୁଢ଼ା ଦିଟଙ୍କା ନ ପାଇବା ଯାଏ ତାଙ୍କୁ ହାମୁଡ଼େଇ ଦଉଛି – ଘଣ୍ଟା ଘଣ୍ଟା ଧରି ତାରି ଚାରିପଟରେ ଚକ୍କର କାଟୁଛନ୍ତି ଲୋକ, ହେଲେ ଆପଣଙ୍କ ନିକଟକୁ ଫାଇଲ ଯାଉଁ ଯାଉଁ ଆପଣ ତାଙ୍କୁ ତୁରନ୍ତ ଦସ୍ତଖତ କରିଦେଉଛନ୍ତି। ଏତେ ଶୀଘ୍ର ଫାଇଲ କରିଦେଲେ କ'ଣ ଅଫିସରଙ୍କର ଗୁରୁତ୍ୱ ରହିବ?" ମୁଁ ଏତେବେଳେ ବୁଝିଗଲି କ'ଣ ସେ କହିବାକୁ ଚାହୁଁଥିଲେ। ମୁଁ ତାଙ୍କୁ ନମସ୍କାର କରି ଫେରି ଆସିଲି ମୋ ରୁମକୁ, ଦୁନିଆଁଟା ମୋତେ ଯେମିତି ଲାଗୁଥିଲା ଏକୁଟିଆ ଓ ନିଛାଟିଆ। ମୁଁ ମୋ ଭିତରେ ବସିଥିବା ଶିଶୁଟିକୁ ନିରେଖି ଦେଖିବାକୁ ଚେଷ୍ଟା କରୁଥିଲି। ତାକୁ କହୁଥିଲି – "ତୁ କ'ଣ ଏଇ ଚାକିରିକୁ ଆସିଥିଲୁ ଏଇଆ କରିବାକୁ। ଫାଇଲ ଉପରେ ବସି ପଡ଼ିବୁ। କିଛି ଗୋଟାଏ ଆପତ୍ତି ଲଗେଇଦେବୁ। ବିଳମ୍ବର ଗୋଟେ ନୂଆ ବାଟ ଖୋଜିବୁ ଲୋକମାନେ ହଇରାଣ ହେବେ। ତୋତେ କୁତକୁତ ଲାଗିବ – ନୁହେଁ?" ଭିତରୁ ଯେମିତି କିଏ କହୁଥିଲା – ନା, କେବେ ନୁହେଁ। ମୋର ଦୃଢ଼ ଧାରଣା ହେଲା 'ବିଳମ୍ବ' ହିଁ ଦୁର୍ନୀତିର ଉତ୍ସ। ଲୋକଙ୍କୁ ଟିକିଏ ବୁଲେଇଦେବା, ଭ୍ରମିତ କରିବା ପାଇଁ ସମ୍ବଲପୁରୀ ଭାଷାରେ ଗୋଟିଏ ଚମତ୍କାର ମଧୁର ଶବ୍ଦ ରହିଛି 'କିନ୍ଦେଇବା' – ତାକୁ ମୋର ଦୂରୁ ଜୁହାର।

ଶ୍ରୀମଦ୍ ଭଗବତ୍ ଗୀତା ପ୍ରତି ମୋର ଅତୁଟ ବିଶ୍ୱାସ ପିଲାଟି ଦିନୁ। ତୃତୀୟ ଅଧ୍ୟାୟର ଗୋଟେ ଶ୍ଳୋକ ମୋତେ ସବୁବେଳେ ଯେମିତି ଜଗିକି ରହିଥାଏ। ସେଇ ଶ୍ଳୋକଟି ହେଲା –

'ଯେ ହିଁ ସଂସ୍ପର୍ଶଜାଃ ଭୋଗା ଦୁଃଖା ଯୋନୟ ଏବତେ,
ଅଦ୍ୟନ୍ତ ବନ୍ତ କୌନ୍ତେୟ ନ ତେଷୁ ରମତେ ବୁଧଃ।'

ଯାହା ବିଷୟ ସୁଖ ଦିଏ ତାହା ସୁଖ ନୁହେଁ ବରଂ ବାସ୍ତବ ଦୁଃଖର କାରଣ ଆଉ ବୁଦ୍ଧିମାନ ବ୍ୟକ୍ତିମାନେ ତା' କବଳରେ ପଡ଼ନ୍ତି ନାହିଁ। ସବୁ ପ୍ରଲୋଭନ ବେଳେ ଏଇଟି ମୋତେ ମନେ ପଡ଼ିଯାଏ, ମୁଁ ବଞ୍ଚିଯାଏ।

ଦିନକୁ ଦିନ ଦୁର୍ନୀତି ଓ ଭ୍ରଷ୍ଟାଚାରର କାୟା କଳେବର ବୃଦ୍ଧି ପାଉଛି ବୋଲି ସମସ୍ତେ ସହମତ। ଆଧୁନିକ ଯୁଗରେ ପ୍ରଯୁକ୍ତି ବିଦ୍ୟାର ବହୁଳ ଦୁରୂପଯୋଗ ଏବଂ ବିଷୟବୁଦ୍ଧି ଓ ଅପରାଜ୍ଞାନର ବହୁଳ ବିକାଶ ଦୁର୍ନୀତିକୁ ଆକାଶଛୁଆଁ କରୁଛି। ବାଲ୍ୟକାଳରୁ ନୈତିକ ଶିକ୍ଷା, ନାଗରିକମାନଙ୍କର ସକାରାତ୍ମକ ସଂଗୋଷ୍ଠୀ କେବଳ ଏଇ ଲେଲିହାନ ଶିଖାକୁ ନିର୍ବାପିତ କରିପାରିବେ। ଏଥିପାଇଁ ଦୃଢ଼ତାର ପ୍ରଚଣ୍ଡ ଆବଶ୍ୟକତା ରହିଛି। ଯେପରି ପୁରୁଷୋତ୍ତମ ଯୋଗ (ପଞ୍ଚଦଶ ଅଧ୍ୟାୟ)ରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି–

"ଅଶ୍ୱତ୍ଥମେନମ୍ ସୁବିରୁଢ଼ ମୂଳଂ
ଉସଙ୍ଗ ଶସ୍ତ୍ରେଣ ଦୃଢ଼େନ ଛିତ୍ୱା....।"

ଅଶ୍ୱତ୍ଥ ଗଛର ମୂଳ ଏତେ ଦୃଢ଼ ଯେ ତାକୁ ଛିଣ୍ଡାଇବା ପାଇଁ ଦୃଢ଼ତାର ସହିତ ଆଘାତ କରିବାକୁ ହେବ। କେବଳ ଆଲଙ୍କାରିକ ଆଲୋଚନା ବା ଆନୁଷ୍ଠାନିକ ଉତ୍ସବ ଭିତରେ ସୀମିତ ରଖି ଦୁର୍ନୀତି ବିରୋଧ ଯୁଦ୍ଧ ଜିତାଯାଇପାରିବ ନାହିଁ।

# ଆମ ଗାଁ ଚାଷ



ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋ: ୯୪୩୮୫୩୭୦୧୩

ସାର ଚାଷୀମାନେ ନୂତନ ଅତ୍ୟାଧୁନିକ ପଦ୍ଧତିରେ ଚାଷକୁ ଆପଣେଇବାକୁ ସମୟ ଲାଗିଛି। ହେଲେ କିନ୍ତୁ ଆମ ଗାଁରେ ଚାଷର ପ୍ରାକୃତିକ ନିତିନିୟମରେ ବହୁମାତ୍ରାରେ କମିଯାଇଛି। ହେଲେ ଏବେ ବି ପାରମ୍ପାରିକ ଚାଷରେ ବର୍ତ୍ତମାନ ବି ଆମ ଗାଁର ଚାଷୀମାନେ ସଂଶ୍ଳିଷ୍ଟ।ଅନୁଭବ ହୁଏ ଅତ୍ୟାଧୁନିକ ପଦ୍ଧତିରେ ଆମ ଚାଷୀମାନେ ଚାଷ ନ କରୁଥିଲେ ବି କିଛିମାତ୍ରାରେ ସହଜୀକରଣ ହୋଇଛନ୍ତି। ପ୍ରାକୃତିକ ଉପାୟରେ ଚାଷକୁ ଆଉ କେହି ବି କରୁନାହାଁନ୍ତି। ଆଗରୁ ଗାଁରେ ଚାଷୀମାନେ ରାସାୟନିକ ସାର ବଦଳରେ ପ୍ରାକୃତିକ ଜୈବିକ ଖତ ବ୍ୟବହାର କରୁଥିଲେ ଚାଷରେ।ଟ୍ରାକ୍ଟର,ପାୱାର ଟିଲର ଓ ୱିଡର ବ୍ୟବହାର ହେଉଥିବା ସ୍ଥାନରେ ବଳଦ ଯୋଡା ହେଉଥିଲା ହଳ କରିବାକୁ। ଏବେ ବିଲରେ ହଳ କରିବାକୁ ବଳଦ ତ ଗାଁରେ ନାହାଁନ୍ତି, ଆଉ ଜୈବିକ ଖତ ଆସିବ କୁଆଡୁ? ସହଜ ଉପାୟକୁ ଆପଣାଉଥିବା ଗାଁର ଚାଷୀମାନେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରି ବିଲ ବା ଚାଷ ଜମିର ଉର୍ବରତା କମାଇଦେଲେଣି। ଏବେ ବି ଚାଷୀମାନେ ଅଣ ଜଳସେଚିତ ଅଞ୍ଚଳକୁ ଜଳସେଚିତ ଅଞ୍ଚଳ ରୂପେ ପରିବର୍ତ୍ତନ କରିବାକୁ ତତ୍‌ପର ନାହାଁନ୍ତି। କାରଣ ଥରେ ଚାଷ କରିଲେ ବର୍ଷ ତମାମର ଖାଇବା ହୋଇଯାଉଛି ତା ଲାଗି ଚିନ୍ତା କରିବ ବା କାହିଁକି? ଚାଷୀ ତ ନିଶ୍ଚିତ ଭାବରେ ନିଜର ମୂଲ୍ୟବୋଧ ହରାବାକୁ ବସିଲାଣି।ସରକାରୀ ବ୍ୟବସ୍ଥା ମଧ୍ୟ ପ୍ରକୃତ ଚାଷୀକୁ ଉତ୍କୃଷ୍ଟ ସରକାରୀ ସୁବିଧା ଯୋଗାଇପାରୁନାହିଁ।

ଆଜି ରାଜ୍ୟର ଆମେ କିଛି ଜିଲ୍ଲାରେ ଜଳସେଚନର ବ୍ୟବସ୍ଥା ଥିଲା ବେଳେ ଅନ୍ୟଜିଲ୍ଲାମାନଙ୍କରେ ସବୁ ଜଳସେଚନର ବ୍ୟବସ୍ଥାରେ ସୁଧାର ଆସିପାରୁ ନାହିଁ।

କିଛିବର୍ଷ ଆଗରୁ ଉଠା ଜଳସେଚନ ପ୍ରକଳ୍ପ ଲାଗି ବହୁ ଲୋକ ଟଙ୍କା ଜମାକରି ଆବେଦନ କରିଥିଲେ ଏବେ ହୋଇପାରୁନି ପ୍ରକଳ୍ପ।ଖାଲି ଏଥିରେ ସରକାରକୁ ଦୟୀ କଲେ ହେବ ନାହିଁ।ଆମ ଚାଷୀମାନଙ୍କର ମନୋଭାବକୁ ବୃଦ୍ଧି କରିବାକୁ ହେବ।

କେବଳ ଧାନ ଚାଷ କଥା କହିବାନି ଅନ୍ୟ ପରିବା ବା ଫଳମୂଳ କଥା ବି ଯଦି ଆଲୋଚନା କରାଯାଏ। ତେବେ ନିଶ୍ଚୟ କମିଛି ଚାଷୀ ସଂଖ୍ୟା, ହୁଏ ତ କାଗଜ କଲମରେ ତ ନିଶ୍ଚିତ ଭାବରେ ବଢିଛି ଚାଷୀସଂଖ୍ୟା।ଆମେ ଛୋଟ ଥିଲା ବେଳେ ଗାଁରେ ଘରେ ଘରେ ବିରି,ମୁଗ,କୋଳଥ,ହରଡ ଓ ବୁଟ ଭଳି ବହୁ ଡାଲି ଜାତୀୟ ଶସ୍ୟ ଅମଳ ହେଉଥିଲା,ଆଜି ତାହା ବି ଚାଷ ହେଉନାହିଁ। ଆଗରୁ ଗାଁର ଲୋକେ ବର୍ଷସାରା ଡାଲି କିଣୁ ନ ଥିଲେ। ଆଗରୁ ଘରେ କୁନ୍ଦୁରୀ ଓ ପୋଇଶାଗ ଲତା ବର୍ଷସାରା ବାଡିରେ ରହୁଥିଲା ଯାହା ଫଳରେ ପରିବାର ତ ଅଭାବ ହେଉ ଥିଲା। ବାଡି ସଜନା ଗଛ ଥିଲା ଶାଗ ଅବା ସଜନା ଛୁଇଁର କୌଣସି ଅଭାବ ନଥିଲା। ଶୀତଦିନରେ ବିଲରେ ପିଆଜ, ରସୁଣ ଲାଗୁଥିଲା ତାହା ମଧ୍ୟ ବର୍ଷସାରା ବ୍ୟବହାର ହେଉଥିଲା।

କିନ୍ତୁ ଆଜି ସମୟର ଅଭାବ ତ କହିବାନି ମାନସିକତାର ପରିବର୍ତ୍ତନ ହେତୁ ଆଜି ବଜାର ମାର୍କେଟ୍ ଉପରେ ଭରସା ପ୍ରାୟ। ଯଦିଓ ଆମେ ଅତ୍ୟାଧୁନିକ ଚାଷ ପଦ୍ଧତି ଏବଂ କୃଷି ଯନ୍ତ୍ରପାତିର ବ୍ୟବହାର କରୁଛୁ। ତଦପରେ କାହିଁକି କମୁଛି ଏଇ ସବୁର ଅମଳ ଏବଂ ଚାଷୀର ମନୋବଳ। କାରଣ ବର୍ତ୍ତମାନ ପରିପେକ୍ଷୀରେ ଦରଦାମ ବୃଦ୍ଧି କାଳରେ ପ୍ରକୃତ ଚାଷୀ ପାଉନି ତାର ପ୍ରକୃତ ମୂଲ୍ୟ। ବାଟ ହୁଡୁଛନ୍ତି ବେପାରୀ,ଆପଣ ଯୁଆଡେ ଦେଖିବେ ସେଇଠି ବେପାରୀର ଜୁଲୁମ୍। ଧାନ ହେଉ କି ପରିବା ହେଉ ଅନ୍ୟାନ୍ୟ ଯେତେ ବି କୃଷିଜାତ ଦ୍ରବ୍ୟର କିଣାବିକାରେ ବେପାରୀମାନଙ୍କର ପ୍ରଭାବ।

ଚାଷର ଆରମ୍ଭରେ ବିହନ ସମସ୍ୟା, ତାପରେ ପରେ ସାର ସମସ୍ୟା, ଚାଷୀ ଶ୍ରମିକର ସମସ୍ୟା, ଅମଳ ବେଳେ କିଣାବିକା ସମସ୍ୟା ଘେରି ରହିଛି। କିନ୍ତୁ ଏବେ ବି ଗାଁର ଚାଷୀମାନେ ରାଷ୍ଟ୍ରର ପ୍ରକୃତ ମେରୁଦଣ୍ଡ। ସରକାରଙ୍କର ପରେ ଆମମାନଙ୍କ ଦ୍ୱାରା ଗାଁର ଚାଷୀମାନଙ୍କୁ ଉତ୍ସାହ,ସହଯୋଗର ଆବଶ୍ୟକତା ରହିଛି। ନ ହେଲେ ଗାଁରୁ ହଜିଯିବ ପ୍ରକୃତ ଚାଷୀର ନା।

# ଗ୍ରାମୀଣ ବିକାଶ



ଡ. ସୁନୀତି ମୁଣ୍ଡ
ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩

କୁହାଯାଏ, ଭାରତର ଆତ୍ମା ଗ୍ରାମାଞ୍ଚଳରେ ରହିଛି। କାରଣ ଏବେ ମଧ୍ୟ ଆମ ଅର୍ଥନୀତି ବହୁଳ ଭାବରେ କୃଷି ଉପରେ ନିର୍ଭରଶୀଳ। ସେଥିପାଇଁ ଗ୍ରାମାଞ୍ଚଳ ବିକାଶ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୨୩ ଜାନୁଆରୀରେ ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ଭାରତର ଗ୍ରାମାଞ୍ଚଳରେ ପ୍ରାୟ ୬୫ ପ୍ରତିଶତ ଲୋକ ବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ପାଖାପାଖି ୪୭ ପ୍ରତିଶତ କୃଷି ଉପରେ ନିର୍ଭରଶୀଳ। ଏହି କାରଣରୁ କେନ୍ଦ୍ର ସରକାରଙ୍କ ଯୋଜନାରେ ଗ୍ରାମାଞ୍ଚଳ ବିକାଶ ଗୁରୁତ୍ୱଲାଭ କରିବା ଅନିବାର୍ଯ୍ୟ। ଗ୍ରାମାଞ୍ଚଳରେ ଯେଭଳି ସମତା ଭିତିକ ଓ ସମାବେଶୀ ବିକାଶ ହେବ ଏବଂ ଗ୍ରାମାଞ୍ଚଳ ଅର୍ଥନୀତି ଯେଭଳି ଜନସାଧାରଣଙ୍କ ଜୀବନରେ ରୂପାନ୍ତରଣ ଆଣିବ ତାହା ସରକାରଙ୍କର ମୂଳ ଲକ୍ଷ୍ୟ ହୋଇଛି। ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାଇଁ ଛାତ ଘର ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟକାରୀ କରାଯାଉଛି, ଯେଉଁଥିରେ ଗତ ୮ବର୍ଷ ମଧ୍ୟରେ ଦେଶରେ ପ୍ରାୟ ୩ କୋଟି ବାସଗୃହ ନିର୍ମାଣ କରାଯାଇଛି। ଏ ବାବଦରେ ୧୪,୮୦୦୯.୨୯ କୋଟି ଟଙ୍କା ମଂଜୁର କରାଯାଇଛି। ସେଥିରୁ ଓଡ଼ିଶାର ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାଇଁ ଗତ ଦଶବର୍ଷ ମଧ୍ୟରେ ୨୦,୫୦,୫୪୧ ଘର ନିର୍ମାଣ କରାଯାଇଛି। ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଦୀନଦୟାଲ ଗ୍ରାମଜ୍ୟୋତି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଓଡ଼ିଶାରେ ୪୧,୬୨୬ ପରିବାରଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ବିଭିନ୍ନ ସରକାରୀ ଯୋଜନାର ଫାଇଦା ସିଧସଳଖ ହିତାଧିକାରୀଙ୍କ ଖାତାକୁ ସ୍ଥାନାନ୍ତରଣ କରାଯାଉଛି। ତାହାସହିତ ଅନେକ ସରକାରୀ ଯୋଜନା ଲୋକଙ୍କ ପାଖରେ ଡିଜିଟାଲ ପଦ୍ଧତିରେ ପହଞ୍ଚାଯାଉଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ଲୋକେ ଯେଭଳି ଡିଜିଟାଲ ସ୍ତରରେ ସାକ୍ଷର ହେବେ, ସେଥିପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ସରକାରୀ ଯୋଜନାଗୁଡିକର କାର୍ଯ୍ୟାନ୍ୱୟନ ସହଜ ଓ ସଫଳ ହୋଇପାରିବ ବୋଲି ସରକାରୀ ସ୍ତରରେ କୁହାଯାଉଛି। ଗ୍ରାମାଞ୍ଚଳ ଜନସାଧାରଣ ଯେଭଳି ଆଇନ ସହାୟତା ସହଜରେ ପାଇପାରିବେ, ସେଥିପାଇଁ ଟେଲି ଲ'ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ଆଇନ ସଚେତନତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ସଂଗଠନଗୁଡ଼ିକୁ ଡିଜିଟାଲ ଉପାୟରେ ସଂଯୁକ୍ତ କରାଯିବ। ଯ'ଦ୍ୱାରା ସେମାନେ ପରସ୍ପର ମଧ୍ୟରେ ଆଇନ ସହାୟତା ତଥା ପରାମର୍ଶ ସମ୍ପର୍କରେ ଭାବ ଆଦାନ ପ୍ରଦାନ କରିପାରିବେ। ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ପ୍ରତି ସାଂସଦ ସେମାନଙ୍କ ନିଜ ନିର୍ବାଚନ ମଣ୍ଡଳୀର ଗୋଟିଏ ଗ୍ରାମକୁ ଗୋଟିଏ ବର୍ଷରେ ଆଦର୍ଶ ଗ୍ରାମ ଭାବରେ ଗ୍ରହଣ କରିବେ। ସେହି ଗ୍ରାମର ସର୍ବାଙ୍ଗୀଣ ବିକାଶ ନିମନ୍ତେ ସାଂସଦଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ। ଏହାଦ୍ୱାରା ଉକ୍ତ ଗ୍ରାମରେ ସହରାଞ୍ଚଳ ଭଳି ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ। ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବା ସହିତ କୃଷକ କଲ୍ୟାଣ ଉଦ୍ଦେଶ୍ୟରେ ଭାରତ ଉଦୟ ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟର ମୁଖ୍ୟ ସହରଗୁଡିକ ସହିତ ଗ୍ରାମାଞ୍ଚଳ ସଂଯୋଗୀକରଣ ନିମନ୍ତେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରାଯାଉଛି। କାରଣ ସଡ଼କ ଭିତିଭୂମି ବିକାଶ ପ୍ରକ୍ରିୟାର ଏକ ଅଭିନ୍ନ ଅଙ୍ଗ ଭାବରେ ବିବେଚିତ ହେଉଛି। ସେଥିପାଇଁ ଏହି ଯୋଜନାରେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ୧୯୫୨୯ କୋଟି ଟଙ୍କା ବ୍ୟୟ ଅଟକଳରେ ମୋଟ ୪୧,୧୮୧ କିଲୋମିଟର ରାସ୍ତା ନିର୍ମାଣ କରାଯାଇସାରିଛି। ଏହା ସହିତ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥାକୁ କେନ୍ଦ୍ର ସରକାର ଅଗ୍ରାଧିକାର ଦେଉଛନ୍ତି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ରାଜ୍ୟର ଗ୍ରାମାଞ୍ଚଳରେ ପରିବାରଗୁଡ଼ିକୁ ପାଇଖାନା ଯୋଗାଇ ଦିଆଯାଉଛି। ଯ'ଦ୍ୱାରା ବାହ୍ୟ ମଳତ୍ୟାଗ ସମସ୍ୟା ଦୂର ହେଉଛି। ଇତି ମଧ୍ୟରେ ଓଡ଼ିଶାର ୪୬,୭୭୮ଟି ଗ୍ରାମ ବାହ୍ୟ ମଳତ୍ୟାଗ ନିଷେଧ (ଓଡିଏଫ୍) ମାନ୍ୟତା ହାସଲ କରିଛି। ଅନୁରୂପ ଭାବରେ ଓଡ଼ିଶରେ ଜଳ ଜୀବନ ମିଶନ ଅଧୀନରେ ୭୧ ପ୍ରତିଶତରୁ ଅଧିକ ପରିବାରକୁ ଟ୍ୟାପ୍ ଜରିଆରେ ବିଶୁଦ୍ଧ ପାନୀୟ ଜଳ ସଂଯୋଗ ଯୋଗାଇ ଦିଆଯାଇଛି।

**ବିକଶିତ ଓଡ଼ିଶାର ଚିତ୍ର**

# ପରିଶ୍ରମ ଦ୍ୱାରା ପ୍ରବାହିତ ହୁଏ ବିଦ୍ୟାର ଅମୃତ ଧାରା



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ରାମାୟଣ ରଚୟିତା ଆଦିକବି ବାଲ୍ମିକୀଙ୍କର ଅତି ପରମ ପ୍ରିୟ ଶିଷ୍ୟଙ୍କ ନାମ ଥିଲା ଭରଦ୍ୱାଜ। ଆଲୋଚ୍ୟ ବିଷୟଟି ପୁରାତନ ଯୁଗର କଥା, ସେତେବେଳେ ବେଦ ବିଦ୍ୟାରେ ଗଭୀର ଅଧ୍ୟୟନ ନଥିଲେ ମୁନିରଷି ଭାବରେ ସମ୍ମାନ ମିଳୁ ନଥିଲା। କିନ୍ତୁ ଭରଦ୍ୱାଜ ବେଦ ବିଶାରଦ ନ ହୋଇ ମଧ୍ୟ ସମସ୍ତେ ତାଙ୍କୁ ମୁନିରୁଷିର ମର୍ଯ୍ୟାଦା ଦେଉଥିଲେ। କାରଣ ସେ ନିଜର କଠିନ ସାଧନା ବଳରେ ଅନେକ ଅଦ୍ଭୁତ ସିଦ୍ଧିର ଅଧିକାରୀ ହୋଇପାରିଥିଲେ। ସେ ଗଙ୍ଗା ନଦୀରେ ସ୍ନାନ କରିବାକୁ ପ୍ରତିଦିନ ପ୍ରଭାତରୁ ଗଲାବେଳେ ଗଙ୍ଗାକୂଳରୁ ତାଙ୍କ ପାଦ ପର୍ଯ୍ୟନ୍ତ ପଥର ପାହାଚ ଲମ୍ବି ଆସୁଥିଲା। ତ୍ରବେଣୀ ତୀର୍ଥ ସନ୍ନିକଟ ଗଙ୍ଗା କୂଳରେ ଭରଦ୍ୱାଜଙ୍କ ସିଦ୍ଧାଶ୍ରମ ଥିଲା। ପିତୃ ସତ୍ୟ ପାଳନ କାରୀ ପ୍ରଭୁ ରାମଚନ୍ଦ୍ରଙ୍କୁ ବନରୁ ଫେରାଇ ଆଣିବା ପାଇଁ ପ୍ରଜାମାନଙ୍କ ସହିତ ଭରତ ଚିତ୍ରକୂଟ ପର୍ବତକୁ ଯିବା ସମୟରେ ରାତିକ ପାଇଁ ଭରଦ୍ୱାଜଙ୍କ ଆଶ୍ରମରେ ଅତିଥି ହୋଇଥିଲେ। ହଠାତ୍ ଭରତ ନିଜ ପ୍ରଜାବର୍ଗଙ୍କ ସହିତ ଭରଦ୍ୱାଜଙ୍କ ଆଶ୍ରମରେ ପହଂଚିବା ମାତ୍ରେ ମୁନି ଭରଦ୍ୱାଜ ନିଜେ ଅଦ୍ଭୁତ ମନ୍ତ୍ର ଶକ୍ତି ବଳରେ ସମସ୍ତଙ୍କ ପାଇଁ ଦିବ୍ୟ ଭୋଜନ ସହିତ ରାତ୍ରଯାପନ ପାଇଁ ବାସଗୃହର ବ୍ୟବସ୍ଥା ମଧ୍ୟ କରିଦେଇଥିଲେ, ଏପରି ଅଦ୍ଭୁତ ବିଦ୍ୟାର ସିଦ୍ଧ ପୁରୁଷ ଥିଲେ ଭରଦ୍ୱାଜ।

କାଳ କାଳକୁ ସମାଜରେ କିଛି ଛିଦ୍ରନ୍ୱେଷୀ ଲୋକ ରହିଥାନ୍ତି। ସେମାନେ କାହାର ପ୍ରଶଂସା ସହିନପାରି ସେମାନଙ୍କର ନିନ୍ଦା କରିବାରେ ଆନନ୍ଦ ଲାଭ କରିଥାନ୍ତି। ସେହିଭଳି କେତେକ ନିନ୍ଦୁକ ଲୋକ କହୁଥିଲେ ଭରଦ୍ୱାଜଙ୍କର ବେଦଜ୍ଞାନ ନାହିଁ, ସେ ଋଷି ପଦବାଚ୍ୟ ନୁହଁନ୍ତି। ଯଦିଓ ଭରଦ୍ୱାଜ ଏକଥା ଶୁଣୁଥିଲେ ମାତ୍ର ସେ 'ଦୁଃଖେସୁ ଉଦ୍‌ବିଗ୍ନ ମନା ସୁଖେଶୁ ବିଗତସ୍ପୃହା'ଅର୍ଥାତ ଜଣେ ନିର୍ବିକାର ପୁରୁଷ ଥିବା ଯୋଗୁ ସେ ବିଚଳିତ ହେଉନଥିଲେ। କିନ୍ତୁ ତାଙ୍କ ଯୁବ ପୁତ୍ର ପିତାଙ୍କ ନିନ୍ଦା ସହିପାରୁ ନଥିଲେ। ସେହି ନିନ୍ଦୁକ ମାନଙ୍କ ମୁହଁ ବନ୍ଦ କରିବାପାଇଁ ସେ କଠିନ ତପସ୍ୟା କଲେ। ଦୀର୍ଘ ବାର ବର୍ଷ ପରେ ତାଙ୍କ ତପସ୍ୟା ସ୍ଥାନରେ ଦେବରାଜ ଇନ୍ଦ୍ର ଆବିର୍ଭାବ ହୋଇ ତାଙ୍କୁ ବର ମାଗିବାକୁ କହିଲେ। ଭରଦ୍ୱାଜଙ୍କ ପୁତ୍ର ନିଜ ବରରେ ତାଙ୍କ ପିତା ଓ ସେ ନିଜେ ବିନା ଅଧ୍ୟୟନରେ ଚାରିବେଦ ଉପରେ ସର୍ବୋଚ୍ଚ ଜ୍ଞାନର ଅଧିକାରୀ ହେବାକୁ କହିଥିଲେ। ବେଦଉଚ୍ଚାରଣ ସହିତ ଅନର୍ଗଳ ବେଦ ଜ୍ଞାନର ପ୍ରବକ୍ତା ହୋଇପାରିବେ ବୋଲି କହିଥିଲେ। ଇନ୍ଦ୍ର ତଥାସ୍ତୁ କହି ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ। ନିଜ ତପସ୍ୟାରେ ସିଦ୍ଧିପ୍ରାପ୍ତ ହୋଇ ଆନନ୍ଦରେ ଭରଦ୍ୱାଜଙ୍କ ପୁତ୍ର ଦ୍ରୋଣାଚାର୍ଯ୍ୟ ଆଶ୍ରମକୁ ଫେରି ଆସିବା ସହ ନିଜ ପିତାଙ୍କୁ କହିଥିଲେ ପିତା ଆସନ୍ତା କାଲି ସନ୍ଧ୍ୟାରେ ଆମ ଆଶ୍ରମରେ ଏକ ପ୍ରବଚନ କାର୍ଯ୍ୟକ୍ରମ କଲେ କେମିତି ହୁଅନ୍ତା? ଭରଦ୍ୱାଜ କହିଲେ ଅତି ଉତ୍ତମ କଥା। କାହା ଉପରେ ପ୍ରବଚନ କରିବା? ପୁତ୍ର ଦ୍ରୋଣାଚାର୍ଯ୍ୟ କହିଲେ ଋଗ୍‌ବେଦ ଉପରେ ପ୍ରବଚନ କରିବା। ଭଲ ମାତ୍ର ପ୍ରବକ୍ତା ଭାବରେ କାହାକୁ ନିମନ୍ତ୍ରଣ କରିବା? ଦ୍ରୋଣ କହିଲେ କେହି ନିମନ୍ତ୍ରିତ ବକ୍ତା ନ ଆସି ଆପଣ ପ୍ରବଚନ ଦେବେ! ଭରଦ୍ୱାଜ ହସି ହସି କହିଲେ ପୁତ୍ର ତୁ କ'ଣ ମୋତେ ଥଟ୍ଟା କରୁଚୁ? ପୁତ୍ର ଦ୍ରୋଣ କହିଲେ ପରମ ପୂଜ୍ୟ ପିତାଙ୍କୁ ଉପହାସ କରିବା ଭଳି ଅଯୋଗ୍ୟ ପୁତ୍ର ମୁଁ ନୁହେଁ। ଭରଦ୍ୱାଜ କହିଲେ ପ୍ରବଚନ କଥା ଛାଡ, ବେଦ ଶବ୍ଦର ବ୍ୟୁତ୍ପତ୍ତି ମଧ୍ୟ ମୋତେ ଜଣାନାହିଁ। ତୁ ମୋତେ ବେଦ ପ୍ରବଚନ ଦେବା ପାଇଁ କହୁଛୁ? ଏହା ଲୋକହସା ଛଡା ଅନ୍ୟ କଣ ହୋଇପାରେ? ପୁତ୍ର କହିଲେ ପିତା ବର୍ତ୍ତମାନ ଆପଣ ବେଦ ପ୍ରବଚନ ଆରମ୍ଭ କରନ୍ତୁ ଦେଖିବେ ଆପଣ ନିର୍ଭୁଲ ପ୍ରବଚନ ଦେଇପାରିବେ? ପିତା କହିଲେ ଏହା କିପରି ସମ୍ଭବ? ଅତି ନମ୍ରତାର ସହିତ ପୁତ୍ର ଦ୍ରୋଣ କହିଥିଲେ ହେ ପିତା ମୁଁ ବାର ବର୍ଷ ତପ ଆଚରଣ କରି ଦେବରାଜ ଇନ୍ଦ୍ରଙ୍କ ଠାରୁ ବର ପାଇଛି, ବିନା ଅଧ୍ୟୟନରେ ଆପଣ ଏବଂ ମୋର ବେଦତତ୍ତ୍ୱ ଆୟତ ହୋଇପାରିବ! ଏ କଥା ଶୁଣି ପିତା ଭରଦ୍ୱାଜ ପ୍ରସନ୍ନ ପରିବର୍ତ୍ତେ ଅତି ବିଷର୍ଣ୍ଣ ଚିତ୍ତରେ କହିଲେ ପୁତ୍ର ତୁ ମୋର ବିନା ଅନୁମତିରେ ବାର ବର୍ଷକାଳ ଏ ପଣ୍ଡ ଶ୍ରମ କଲୁ କାହିଁକି? ପୁତ୍ର ଦ୍ରୋଣ କହିଲେ ପିତା ମୁଁ କଣ କିଛି ଭୂଲ କଲି? ନିନ୍ଦୁକମାନେ ପ୍ରତ୍ୟେହ ଆପଣଙ୍କୁ ବେଦ ଜ୍ଞାନହୀନ ବୋଲି କହୁଥିଲେ। ଯେତେବେଳେ କାଲି ସେମାନେ ଆପଣଙ୍କ ମୁଖରୁ ଅନର୍ଗଳ ବେଦ ପ୍ରବଚନ ଶୁଣିବେ ସେମାନଙ୍କ ମୁହଁ ବନ୍ଦ ହୋଇଯିବ। ଏଥିରେ ମୋର ଅପରାଧ ହେଲା କିପରି?

ପିତା ଭରଦ୍ୱାଜ କହିଲେ ସେମାନେ ସତ୍ୟ କହୁଥିଲେ। ବେଦ ମୁଁ ଅଧ୍ୟୟନ କରିନି, ସତ୍ୟକୁ ସ୍ୱୀକାର କରିନେବା ମନୁଷ୍ୟର ପରମ ଧର୍ମ। ଏହାକୁ ଅପମାନ ମନେକରିବା ଉଚିତ ନୁହେଁ। ଶାସ୍ତ୍ର କହେ 'ପରିଶ୍ରମ ପ୍ରବାହିତ କରିଥାଏ ବିଦ୍ୟାର ଅମୃତଧାରା'। ବିନା ପରିଶ୍ରମରେ ଯେଉଁ ବିଦ୍ୟା ଅର୍ଜନ କରାଯିବ ସେ ବିଦ୍ୟା ଭବିଷ୍ୟତରେ ଭୟଙ୍କର ହୋଇଥାଏ। ପୁଣ୍ୟ ପରିବର୍ତ୍ତେ ପାପ ପଙ୍କରେ ବୁଡାଇ ଦେଇଥାଏ। ବିନୟ ବଦଳରେ ଅହଙ୍କାର ରେ ପୂର୍ଣ୍ଣ କରି ଦେଇଥାଏ। ଅମୃତରୁ-ମୃତ୍ୟୁ, ଆଲୋକରୁ ଅନ୍ଧକାର, ସତ୍ୟରୁ ଅସତ୍ୟ ପଥକୁ ଟାଣି ନେଇଥାଏ। ତେଣୁ ବିନା ପରିଶ୍ରମର ବିଦ୍ୟା ମୋର ଆଦୌ ଆବଶ୍ୟକ ନାହିଁ। ଏଭଳି ନିରର୍ଥକ ବରଦାନକୁ ତୁ ତୁରନ୍ତ ଇନ୍ଦ୍ରଙ୍କୁ ଫେରାଇ ଦେଇଆସ। ଭରଦ୍ୱାଜଙ୍କର ଏ କଥା ଥିଲା ସତ୍ୟ ସତ୍ୟ ନିରାଟ ସତ୍ୟ। ବିନା ପରିଶ୍ରମରେ ଆଜିର ନକଲି ବିଦ୍ୱାନଙ୍କ ସଂଖ୍ୟା ହଜାର ହଜାର, ହଜାର ହଜାର ଅନବିଜ୍ଞ ଆଜି ଡକ୍ଟର ଉପାଧିରେ ଭୂଷିତ ହୋଇ ଛାତି ଫୁଲାଇ ଚାଲୁଛନ୍ତି। ବିଦ୍ୟାର ବିନୟ ଗୁଣ ସେମାନଙ୍କ ଜୀବନରେ ନିର୍ଗୁଣରେ ପରିଣତ ହୋଇ କେବଳ ଅହଙ୍କାରୀ କରିଦେଇଛି। ଆଜିର ଛାତ୍ରଛାତ୍ରୀମାନେ ଏକଥାକୁ ଗଭୀର ଚିନ୍ତା କରି ବିଦ୍ୟାର୍ଜନ ପାଇଁ କଠିନ ପରିଶ୍ରମ କରିବା ଉଚିତ୍। ପରିଶ୍ରମ ପ୍ରବାହିତ କରିଥାଏ ବିଦ୍ୟାର ଅମୃତ ଧାରା। ଯେଉଁ ବିଦ୍ୟା ଅନ୍ୟର ଉପକାର କରିଥାଏ ତାହା ଉତ୍ତମ ବିଦ୍ୟା ପଦବାଚ୍ୟ, ଯେଉଁ ବିଦ୍ୟା ଅନ୍ୟର ଉପକାର କରେନି କି କ୍ଷତି ମଧ୍ୟ କରେନି ସେ ବିଦ୍ୟାକୁ ମଧ୍ୟମ ବିଦ୍ୟା କୁହାଯାଏ। ଯେଉଁ ବିଦ୍ୟା କେବଳ ନିଜର ସ୍ୱାର୍ଥପାଇଁ ଅନ୍ୟମାନଙ୍କର କ୍ଷତି କରିଥାଏ ସେ ବିଦ୍ୟାକୁ ଅନିଷ୍ଟ ବିଦ୍ୟା କୁହାଯାଏ, ଯାହା ଆଜି ପ୍ରବଳ ବେଗରେ ସମାଜକୁ କବଳିତ କରିଛି। ଆଜି କାଲି ଆମ ଶିକ୍ଷା ସମାଜରେ ପାଠ ନପଢି କପି ବିଦ୍ୟା ବଳରେ ବିଦ୍ୟାର୍ଥୀ ଡିଗ୍ରୀ ହାସଲ କରୁଛି ଯାହା ସମାଜ ପାଇଁ ଶୁଭଙ୍କରୀ ନୁହେଁ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କୋଣାର୍କ(ଭାସ୍କର ନ୍ୟୁଜ): ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ପତ୍ନୀଙ୍କ ସହିତ କଡ଼ା ସୁରକ୍ଷା ବଳୟରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ କରିଛନ୍ତି। ଏଠାରେ ପହଞ୍ଚିବା ପରେ ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ରରେ ସ୍ୱାଗତ କରାଯାଇଥିଲା। ପରେ ସୂର୍ଯ୍ୟମନ୍ଦିର ଭିତରକୁ ଯାଇଥିଲେ। ସୂର୍ଯ୍ୟମନ୍ଦିରର ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ଗୁଡିକୁ ଟିକିନିକ ଭାବେ ବୁଲି ଦେଖୁଥିଲେ। ଏଏସ୍ଆଇ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଦିବିସ୍ମିତା ବ୍ରଜସୁନ୍ଦର ଗଡ଼ନାୟକ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ଏହି ଗସ୍ତ ସମୟରେ ପର୍ଯ୍ୟଟନ ଯୁଗ୍ମ ସଚିବ ସରୋଜ ସ୍ୱାଇଁ, ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି, ନିମାପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନିମାପଡ଼ାରେ ଧାନମଣ୍ଡି ଉଦ୍‌ଘାଟନ କଲେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟି ପରିସରରେ ଶ୍ରୀମତୀ ପରିଡ଼ା ଧାନମଣ୍ଡିର ଶୁଭ ଉଦ୍‌ଘାଟନ କରିଛନ୍ତି। ମାତ୍ର ମଣ୍ଡି ଉଦ୍‌ଘାଟନର ପ୍ରଥମ ଦିନରେ ମିଲରମାନେ ଚାଷୀମାନଙ୍କ ଠାରୁ ଧାନ କିଣିପାରି ନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନମଣ୍ଡି ଉଦ୍‌ଘାଟନ କରିଛନ୍ତି ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ମନୋଜ ବେହେରା, ପୁରୀ ଜିଲ୍ଲା ଉପ-ନିବନ୍ଧକ ସୁନିତା ପତି, ପୁରୀ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଂଜୀବ ସାହୁ, ପୁରୀ ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ନିୟନ୍ତ୍ରିତ ବଜାର କମିଟି ସଂପାଦକ ସୁଶାନ୍ତ ରାଉତ, କର୍ମଚାରୀ ଅମିୟ ନାୟକ, ବିଜୟ କୁମାର ସ୍ୱାଇଁ, ବିଷ୍ଣୁପୁର ସମବାୟ ସମିତିର ସଂପାଦକ ପ୍ରଶାନ୍ତ ରାଉତ, ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ଚୌଧୁରୀ, ବିଷ୍ଣୁପୁର ସେବା ସମବାୟ ସମିତି ସଭାପତି ଚିନ୍ମୟ ପରିଜା, ଅଂଶାଲୋ ସେବା ସମବାୟ ସମିତି ସଭାପତି ସ୍ୱପ୍ନେଶ୍ୱର ରାଉତ, ଅଣ୍ଡିଆ ସେବା ସମବାୟ ସମିତିର ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ନିୟନ୍ତ୍ରିତ ବଜାର କମିଟି ଅଧିନରେ ୮୫ଟି ଧାନମଣ୍ଡି ଖୋଲୁଥିବା ବେଳେ ପୁରୀ ଜିଲ୍ଲାରେ ୧୮୭ଟି ଧାନ ମଣ୍ଡି ଖୋଲା ଯାଇଥିବା ପୁରୀ ଜିଲ୍ଲା ଉପ-ନିବନ୍ଧକ ସୁନିତା ପତି କହିଛନ୍ତି। ନିୟନ୍ତ୍ରିତ ବଜାର କମିଟି ନିକଟରେ ଥିବା ମଣ୍ଡିରେ ଅଣ୍ଡିଆ, ଅଂଶାଲୋ, ବିଷ୍ଣୁପୁର ସେବା ସମବାୟ ସମିତିର ଚାଷୀମାନେ ସରକାରଙ୍କୁ ସିଧାସଳଖ ଧାନ ବିକ୍ରି କରିପାରିବେ। ଏହି ପରିପ୍ରେକ୍ଷୀରେ ଉପ-ମୁଖ୍ୟମନ୍ତ୍ରୀ ଚାରିଛକ ନିକଟରେ ପ୍ରାଚୀ ଜଳସେଚନ ଡ଼ିଭିଜନ ଅନ୍ତର୍ଗତ କୁଣ୍ଡେଇ ଡ଼ିଷ୍ଟ୍ରିବ୍ୟୁଟାରୀ ବାମପଟ ନିଆଳି-ଚାରିଛକ ରାସ୍ତା ପୁରୁଣା ଫାଣ୍ଡି ଛକଠାରୁ ଶିରିକୋଇଲି ରାସ୍ତା ସଂପ୍ରାସାରଣ ଓ ମରାମତିର କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ପରେ ନିମାପଡ଼ା ବ୍ଲକ୍ ଅଫିସ ବିଜୁ ପଟ୍ଟନାୟକ ସଭାଗୃହରେ ଭତା ବଂଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନିମାପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳ ଭର୍ଣ୍ଣି ନିକଟରେ ଥିବା ଡ଼ମ୍ପିଂ ୟାର୍ଡ଼ ପରିସରରେ ନୂତନ ଆଡ଼ମିନିଷ୍ଟ୍ରେଟିଭ ବିଲ୍‌ଡ଼ିଂର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ନିମାପଡ଼ାରେ ବ୍ୟାଟେରୀ ଚାଳିତ ସର୍ବସାଧାରଣ ପ୍ରଚାର ଗାଡ଼ିର ଶୁଭ ଉଦ୍‌ଘାଟନ କରିଛନ୍ତି।

## ଡକାୟତି ଯୋଜନା ପଣ୍ଡ: ୫ ଆନ୍ତଃରାଜ୍ୟ ଡକାୟତ ଗିରଫ




ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଳସାହି ଗୋରୁହାଟ ପଡ଼ିଆରେ ୫ଜଣ ଆନ୍ତଃରାଜ୍ୟ ଡକାୟତ ଅସ୍ତ୍ରଶସ୍ତ୍ର ଧରି ଡକାୟତି କରିବାକୁ ସୋମବାର ବିଳମ୍ବିତ ରାତିରେ ଯୋଜନା କରୁଥିଲେ। ଏହି ସମୟରେ ପୋଲିସ ଦୋଳସାହି, ଗାଜିପୁର ଓ ଅଲୀନଗର ଅଞ୍ଚଳରେ ରାତ୍ର ପାଟ୍ରୋଲିଂ କରୁଥିଲେ। ଡକାୟତି ଯୋଜନାର ଖବର ପାଇବା ପରେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ଚିତ୍ତରଂଜନ ବାରିକ ସଦଳବଳେ ସେହି ସ୍ଥାନରେ ପହଞ୍ଚି ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଡକାୟତି ଦଳ ପୋଲିସକୁ ଦେଖି ଦୌଡ଼ି ପଳାଇ ଯାଉଥିବା ସମୟରେ ପୋଲିସ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଡକାୟତମାନେ ହେଲେ ଦୋଳସାହି ଗ୍ରାମର ଅଜୟ ଦାସ (୨୨) ଓ ସଦାନନ୍ଦ ଦାସ (୨୭), ଗଂଜାମ ଜିଲା ଭଂଜନଗର ଗ୍ରାମର ଶିବରାମ ଜେନା (୨୬) ଓ ରାଜା ନାୟକ (୨୮), ଖୋର୍ଦ୍ଧା ଜିଲା ଟାଉନ ଥାନା ଅଧୀନ ଦେବାନିସାହିର ଚନ୍ଦନ ସାହୁ (୨୫) ବୋଲି ପୋଲିସ ପଚରା ଉଚୁରା ବେଳେ ଜାଣିବାକୁ ପାଇଥିଲା। ସେମାନଙ୍କ ଠାରୁ ପୋଲିସ ୨ଟି ଖଣ୍ଡା, ଲୁହାରଡ଼, ଛୁରୀ, ହାତୁଡ଼ି ସହିତ ଖାଲି ମଦବୋତଲ, ସିଗାରେଟ ପ୍ୟାକେଟ ଇତ୍ୟାଦି ଜବତ କରିଥିବା ଜଣାଯାଇଛି। ତେବେ ସେମାନେ ଗୁଆମାଳ ଗ୍ରାମର ଜଣକ ଘରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଡକାୟତମାନେ ପୂର୍ବରୁ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଜଣାଯାଇଛି। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଯାତାୟତ କରୁଥିବା ଯାତ୍ରୀ, ଗାଡ଼ି, ରାସ୍ତାପାର୍ଶ୍ୱ ଗ୍ରାମ ଓ ଘରେ ଡକୟତି କରିବାକୁ ସେମାନଙ୍କ ଯୋଜନା ଥିବା କହିଛନ୍ତି। ଏ ସମ୍ପର୍କରେ ପୋଲିସ ୮/୨୫ରେ ଏକ ମକଦ୍ଦମା ରୁଜୁ କରି ଅଧିକ ତଦନ୍ତ ଚଳାଇଛନ୍ତି।

## ନାବାଳକର ଝୁଲନ୍ତା ମୃତଦେହ ଉଦ୍ଧାର

କରଞ୍ଜିଆ,(ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ବଳା ପଞ୍ଚାୟତ ବଳା ଗ୍ରାମର ବିଦ୍ୟାଳୟ ସମ୍ମୁଖ କାଜୁ ଜଙ୍ଗଲ ମଧ୍ୟରେ ମଙ୍ଗଳବାର ଏକ ନାବାଳକ ଗଛରେ ଝୁଲି ଆତ୍ମହତ୍ୟା କରିଛି। ଆତ୍ମହତ୍ୟାର କାରଣ ତଦନ୍ତସାପେକ୍ଷ ହୋଇପଡିଛି। ଗ୍ରାମର ସ୍ୱର୍ଗତ ହୃଷିକେଶ ନାଏକଙ୍କ ସାନପୁଅ ଶିବୁ ନାଏକ(୧୫) ୯ମ ଶ୍ରେଣୀ ପାଠପଢା ଛାଡି ଏଣେତେଣେ ବୁଲୁଥିଲା। ବାପାର ମୃତ୍ୟୁ ହୋଇଯାଇଥିବା, ମାଆର ମସ୍ତିଷ୍କ ବିକୃତ ହୋଇଯିବା ଏବଂ ବଡଭାଇ ବିବାହ ପରେ ଅଲଗା ରହୁଥିବା ବେଳେ ମଝିଆଁ ଭାଇ ସହ ଶିବୁ ଅତି କଷ୍ଟରେ ଚଳୁଥିଲା। ମଙ୍ଗଳବାର ସକାଳେ ତାକୁ ବୁଲୁଥିବା ଅବସ୍ଥାରେ ଲୋକେ ଦେଖିଥିଲେ। ଅପରାହ୍ନରେ କାଜୁ ଜଙ୍ଗଲ ମଧ୍ୟରେ ଏକ କାଜୁଗଛ ଡାଳରେ ପିନ୍ଧିଥିବା ସାର୍ଟ ଦ୍ୱାରା ବେକରେ ବାନ୍ଧି ଝୁଲୁଥିବା ଅବସ୍ଥାରେ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିବୁର ଶବକୁ ଜବତ ପରେ ବ୍ୟବଚ୍ଛେଦ ପାଇଁ ଚିକିତ୍ସାଳୟକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୧ ରୁଜୁ କରି ତଦନ୍ତକାରୀ ଅଧିକାରିଣୀ ଉପ ଆରକ୍ଷୀ ନିରୀକ୍ଷକ ଭାରତୀ ବାରିକ ତଦନ୍ତ ଚଳାଇଛନ୍ତି।

## ଯାଜପୁରରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ଓ ସଦର ବ୍ଲକ୍ ଅନ୍ତର୍ଗତ ମାଳଆନନ୍ଦପୁର, ଖାଇରାବାଦ ଓ ପଣସା ପ୍ରାଥମିକ କୃଷି ସମବାୟ ସମିତିରେ ଜିଲ୍ଲାସ୍ତରୀୟ ଧାନମଣ୍ଡିକୁ ସମବାୟ, ହସ୍ତଶିଳ୍ପ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଦେବେନ୍ଦ୍ର ନାୟକ, ଅତସୀ କୁସୁମମାଳାଶ୍ରୀ, ପ୍ରଶାନ୍ତ କର, ସମବାୟ ନିରୀକ୍ଷକ ପ୍ରଭାତ କୁସୁମ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ। ସେହିପରି ଆଡଭାନ୍ସ ପ୍ୟାଡ଼ି କ୍ଲିନର ଓ ସ୍ୱୟଂଚାଳିତ ଶସ୍ୟ ନିରୀକ୍ଷଣ ଯନ୍ତ୍ର ତଥା ଏଆଇ ବେସଡ ଆର୍ଦ୍ରତା ମାପକ ଯନ୍ତ୍ର ବିଭିନ୍ନ ମଣ୍ଡିରେ ନିୟୋଜନ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ଓ ଅନ୍ୟାନ୍ୟ କର୍ମଚାରୀମାନେ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ତଥା ଚାଷୀଙ୍କୁ ଧାନର ମାନ ପରୀକ୍ଷଣ ଯନ୍ତ୍ର ଗୁଡ଼ିକର କାର୍ଯ୍ୟକାରିତା ପ୍ରଦର୍ଶନ କରିଥିଲେ। ପ୍ରକାଶ ଥାଉ କି ଏବର୍ଷ ୫୩,୧୭୯ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ୧୬୨ ଗୋଟି ଧାନକ୍ରୟ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ। ଉଚିତ୍ ହାରାହାରି ଗୁଣବତ୍ତା ଏଫ୍ଏକ୍ୟୁର ମାନ ସମ୍ବନ୍ଧରେ ଜିଲ୍ଲା, ବ୍ଲକ୍, ପଞ୍ଚାୟତ ଓ ପ୍ରାଥମିକ କୃଷି ସମବାୟ ସମିତି ସ୍ତରରେ ଚାଷୀଙ୍କୁ ସଚେତନ କରାଯାଇଛି। ପ୍ରତି ମଣ୍ଡିରେ ଜଣେ ଲେଖାଏଁ ମଣ୍ଡି ନୋଡାଲ ଅଫିସର ଓ ୪ ଓ ୫ ଗୋଟି ପ୍ୟାକ୍ସ ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଜଣେ ମଣ୍ଡି ସୁପରଭାଇଜିଂ ଅଫିସର ନିଯୁକ୍ତି ହୋଇଛନ୍ତି। ମଣ୍ଡି ନୋଡାଲ ଅଫିସରେ ପ୍ରତି ଧାନ ବିକ୍ରୟ କେନ୍ଦ୍ରରେ ଉପସ୍ଥିତ ରହି ଚାଷୀଙ୍କଠାରୁ ଧାନକ୍ରୟ କିପରି ସୁରୁଖୁରୁରେ ଏଫ୍ଏକ୍ୟୁ ଧାନ ବିନା କଟନି ଛଟ୍‌ନିରେ କିଣାଯିବ ଓ ଚାଷୀମାନେ କିପରି ସେମାନଙ୍କ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୪ରୁ ୭୨ ଘଣ୍ଟା ମଧ୍ୟରେ ପାଇପାରିବେ ସେ ବିଷୟରେ ତଦାରଖ କରିବେ। ଧାନର ଅଭାବୀ ବିକ୍ରି ଯେପରି ନହେବ, ସେଥିପ୍ରତି ଧାନ ଦେବାକୁ ମନ୍ତ୍ରୀ ଓ ଜିଲ୍ଲାପାଳ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ପରେ ପାରାଦୀପରେ ଚେକିଂ ଜୋରଦାର୍



ପାରାଦୀପ(ଭାସ୍କର ନ୍ୟୁଜ): ନିକଟରେ ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକଙ୍କ ଯୋଗଦାନ ପରେ ଏବେ ପାଟ୍ରୋଲିଙ୍ଗ ଓ ରାତ୍ର ସମୟରେ ବିଭିନ୍ନ ଛକମାନଙ୍କରେ ତନଖି କାର୍ଯ୍ୟକୁ ଜୋରଦାର କରାଯାଇଛି। ନୂତନବର୍ଷରେ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ସହରବାସିଙ୍କ ସୁରକ୍ଷା ଦୃଷ୍ଟିରୁ ପାଟ୍ରୋଲିଙ୍ଗକୁ କଡାକଡି କରାଯାଇଥିବା ବେଳେ ନାଇଟ ଚେକିଙ୍ଗକୁ କଡାକଡି କରାଯାଇଥିବା ଜଣାପଡିଛି। ବିଭିନ୍ନ ଚାରିଚକିଆ ଓ ଦୁଇଚକିଆ ଯାନର କାଗଜପତ୍ର ସାଙ୍ଗକୁ ଚାଳକଙ୍କର ଲାଇସେନ୍ସ ଓ ହେଲମେଟଗୁଡିକୁ ଯାଞ୍ଚ କରାଯାଇଛି। ତେବେ ଦୀର୍ଘଦିନ ପରେ ପୋଲିସର ଅଚାନକ ଯାଞ୍ଚ ଯୋଗୁଁ ଅସାମାଜିକ, ଅପରାଧି ଓ ରୋଡ଼ ରୋମିଓଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ତେବେ ଏହି ଯାଞ୍ଚ ପ୍ରକ୍ରିୟା ଏପରି ଜାରି ରହିବ ବୋଲି ସୂଚନା ଦେଇଛନ୍ତି ପାରାଦୀପ ଆଦର୍ଶ ଥାନା ଅଧିକାରୀ ଶ୍ରୀ ବାରିକ।

### କଣାସ ବ୍ଲକ୍‌ରେ ଫଳକଭଙ୍ଗା ରାଜନୀତି

## ପୋଲିସ୍‌ର କାର୍ଯ୍ୟପନ୍ଥା ନେଇ ଥାନା ଆଗରେ ଧାରଣା



କଣାସ,(ଭାସ୍କର ନ୍ୟୁଜ): କଣାସ ବ୍ଲକ୍‌ର ନୂଆଜଗନ୍ନାଥ ସଡକରୁ ବାଦୁରାବରରୁ ବଡାଳ, ଗୋପିନାଥପୁର ଦେଇ କରମଳାକୁ ସଂଯୋଗ କରୁଥିବା ରାସ୍ତାର ଶିଳାନ୍ୟାସ ଗତ ୪ତାରିଖରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଏବଂ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ବାଦୁରାବରରେ ଶିଳାନ୍ୟାଶ କରିଥିଲେ। ଶିଳାନ୍ୟାଶ ଫଳକକୁ କୌଣସି ବ୍ୟକ୍ତି ସେଦିନ ରାତ୍ରରେ ଭାଙ୍ଗି ଦେଇଥିବା ଅଭିଯୋଗ ହେବାରୁ ଗଡିଶାଗୋଡା ଥାନା ପୋଲିସ୍ ସେହି ଗ୍ରାମର ସୁଶାନ୍ତ ପ୍ରଧାନଙ୍କୁ ଗତକାଲି ରାତିରେ ଉଠାଇ ଆଣିଥିବାରୁ ବିଜେଡିର ୫୦ରୁ ଉର୍ଦ୍ଧ ବ୍ୟକ୍ତି ମଙ୍ଗଳବାର ଦିନତମାମ ଗଡିଶାଗୋଡା ଥାନା ଆଗରେ ଧାରଣାରେ ବସିଥିଲେ। ବିଜେଡି ସମର୍ଥକ ସୁମତୀ ପ୍ରଧାନ ଗଡିଶାଗୋଡା ଥାନାରେ ପୂର୍ବରୁ ଏକ ଏତଲା ଦେଇଥିଲେ ଯେ ଗ୍ରାମର ୫ରୁ ୭ଜଣ ବ୍ୟକ୍ତି ବିଜେପି ସମର୍ଥକ ବିଭିନ୍ନ ମାରଣାସ୍ତ୍ର ଧରି ଧମକଚମକ୍ ଦେଉଛନ୍ତି। ପୋଲିସ୍ ସେମାନଙ୍କ ପ୍ରତି ନିରବଦ୍ରଷ୍ଟା ରହିଥିବା ବେଳେ କିଛି ଅଭିଯୋଗ ନ ଥାଇ କାହିଁକି ମୋ ସ୍ୱାମୀଙ୍କୁ ପୋଲିସ୍ ଧରିଆଣିଛି ତାହା ପ୍ରତିବାଦରେ ଦିନତମାମ ୫୦ରୁ ଉର୍ଦ୍ଧ ବିଜେଡି ସମର୍ଥକ ପୁରୁଷ ଓ ମହିଳା ଗଡିଶାଗୋଡା ଥାନା ଆଗରେ ଧାରଣାରେ ବସିରହିଥିଲେ। ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଥାନାରେ ପହଞ୍ଚି ଆଇଆଇସି ଦୁର୍ଗାଚରଣ ମହାପାତ୍ରଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଆତଙ୍କ ସୃଷ୍ଟି କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣାସଂଧ୍ୟାରେ ଉଠିଯାଇଥିଲେ।

## ୨୫ କେଜି ଗଞ୍ଜେଇ ସହ ଅଟୋ ଜବତ: ୩ କୋର୍ଟଚାଲାଣ



ଆସିକା,(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଅବକାରୀ ବିଭାଗ ଗଞ୍ଜେଇ ଚୋରା ଚାଲାଣ ବେଳେ ଦୁଇଟି ସ୍ଥାନରେ ଚଢ଼ାଉ କରି ୨୫ କେଜି ଗଞ୍ଜେଇ, ଗୋଟିଏ ଅଟୋ ସହ ତିନିଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ମଙ୍ଗଳବାର ଅବକାରୀ ମୋବାଇଲ୍ ଟିମ୍ ଓ ଅସିକା ଅବକାରୀ ଟିମ୍ ପାଟ୍ରୋଲିଂ ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୃଥକ ପୃଥକ ଭାବେ ଦାମଦରପଲ୍ଲୀ ଓ କାଳଷଣ୍ଡପୁର ନିକଟ ଆରିଆନ ପବ୍ଲିକ୍ ସ୍କୁଲ ନିକଟରେ ଗାଡି ଯାଞ୍ଚ ବେଳେ ଦାମଦରପଲ୍ଲୀ ନିକଟରୁ ଗୋଟିଏ ଅଟୋ ସହ ୧୫ କେଜି ଗଞ୍ଜେଇ ଜବତ କରିବା ସହ ଶାଳବଣର ମୀନକେତନ ସେଠୀ ଓ ଦାରିଙ୍ଗିବାଡିର ଗୋଲକ ପରିଚ୍ଛା ନାମକ ଦୁଇ ବ୍ୟକ୍ତିଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇ ଦାରିଙ୍ଗିବାଡିରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଅନୁରୂପ କାଳଷଣ୍ଡପୁର ନିକଟରୁ ୧୦ କେଜି ଗଞ୍ଜେଇ ସହ କୋଲକତା ମୁରସିଦାବାଦ ଅଞ୍ଚଳର ସମନ ସେକ ନାମକ ବ୍ୟକ୍ତି ଗିରଫ କରିଛି। ଜବତ ଗଞ୍ଜେଇ କୋଲକାତା ଚାଲାଣ ହେଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କାଳଷଣ୍ଡପୁର ଘଟଣାରେ ୨୨୦/୨୫ ଓ ଦାମଦରପଲ୍ଲୀ ଘଟଣାରେ ୧୦୪/୨୫ରେ ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ଏହି ଚଢ଼ାଉରେ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଅଂଶୁମାନ ଜେନା ଇନ୍ସପେକ୍ଟର, ରାକେଶ ଖୁଣ୍ଟିଆ ଏସଆଇ, କନଷ୍ଟେବଳ ମଧୁସୂଦନ ଜାନି, ସନ୍ତୋଷ ପ୍ରଧାନ, ଅମିତ କୁମାର ଗାମଙ୍ଗା, ଭାଗିରଥି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ମଣ୍ଡଳ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟିରେ ବିଭିନ୍ନ ମଣ୍ଡଳ ସଭାପତିଙ୍କ ନାମ ଘୋଷିତ ହୋଇଛି। ଗତ ୬ ତାରିଖ ସୋମବାର ଦଳର ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୁତୋଷ ପରିଡା ଏହି ଘୋଷଣା କରିଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ୩ଟି ମଣ୍ଡଳ ମଧ୍ୟରୁ ମା' ସୁବର୍ଣ୍ଣମୁଖୀ ମଣ୍ଡଳ ସଭାପତି ଭାବେ ପୂର୍ବତନ ସମିତି ସଭ୍ୟ ପ୍ରଣବ କୁମାର ରାଉତ ନିର୍ବାଚିତ ହୋଇଛନ୍ତି। ସେହିପରି ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ଭାବେ ତରଣୀସେନ ଯେନା ଓ ବଳଦେବଜୀଉ ମଣ୍ଡଳ ସଭାପତି ଭାବେ ସରପଞ୍ଚ ରଞ୍ଜନ କୁମାର ପରିଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ତ ବ୍ଲକର ୩ଟି ମଣ୍ଡଳ ସଭାପତି ମଧ ନିଯୁକ୍ତ ହୋଇଛନ୍ତି। ବନ୍ତ ମଣ୍ଡଳ ସଭାପତି ଭାବେ ସନ୍ତୋଷ କୁମାର ନାୟକ, ଡଃ ମହତାବ ମଣ୍ଡଳ ସଭାପତି ଭାବେ ଅମୂଲ୍ୟ ରତ୍ନ ନନ୍ଦ ନିର୍ବାଚିତ ହୋଇଛନ୍ତି। ଦଳର ଚଳିତ ସାଙ୍ଗଠନିକ ନିର୍ବାଚନ ପାଇଁ ମଣ୍ଡଳ ସଭାପତିଙ୍କ ସର୍ବୋଚ୍ଚ ବୟସ ସୀମା ୪୫ ବର୍ଷ ମଧ୍ୟରେ ସୀମିତ ରଖାଯାଇଥିଲା। ପ୍ରତ୍ୟେକ ମଣ୍ଡଳ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଔପଚାରିକତା ଦୃଷ୍ଟିରୁ ସଭାପତିଙ୍କ ନାମରେ ମୋହର ବାଜିଛି।

## ନନ୍ଦନକାନନ ଗଲା ଗୁରୁତର ହାତୀଛୁଆ

କରଞ୍ଜିଆ,(ଭାସ୍କର ନ୍ୟୁଜ): କରଞ୍ଜିଆ ବନଖଣ୍ଡ କରଞ୍ଜିଆ ବନାଞ୍ଚଳ ଅନ୍ତର୍ଗତ ପକାମୁଣ୍ଡା ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱ ଏକ ମୁରୁମ ଗାଡ଼ରେ ପଡି ଗୁରୁତର ଆହତ ଝାରଖଣ୍ଡୀ ହାତୀଛୁଆକୁ ଉଦ୍ଧାର ପରେ ରାତିରେ ଚିକିତ୍ସା ପାଇଁ ନନ୍ଦନକାନନ ପଠାଯାଇଛି। ଗାଡ଼ରେ ପଡିବା ପରେ ଛୁଆର ସ୍ପାଇନାଲ କର୍ଡ ଅକାମି ହୋଇଯାଇଥିବା ଯୋଗୁଁ ଦୀର୍ଘ ୧୬ଘଣ୍ଟା କାଳ ସେଠାରେ ପଡିରହିଥିଲା। ବାରିପଦା ଓ କେନ୍ଦୁଝରର ବନ୍ୟଜନ୍ତୁ ବିଶେଷଜ୍ଞ ଆସିବାପରେ ଛୁଆକୁ ଟ୍ରାଙ୍କୁଲାଇଜ କରିଥିଲେ। ଉପରକୁ ଆଣି ତାକୁ ନିଶ୍ଚେତକ ମୁକ୍ତ କରିବା ପରେ ହାଇଡ୍ରା ଗାଡି ସାହାଯ୍ୟରେ ତାକୁ ଆଣି କରଞ୍ଜିଆ ମହାବିଦ୍ୟାଳୟ ସମ୍ମୁଖ ବନବିଭାଗର କେନ୍ଦ୍ରୀୟ ନର୍ସରୀରେ ଝୁଲା ଅବସ୍ଥାରେ ରଖି ଚିକିତ୍ସା ଚାଲିଥିଲା। ଗତ ରବିବାର ରାତି ୧୨ଟାରେ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ସହକାରୀ ବନ ସଂରକ୍ଷକ ମଦନ ମୋହନ ମହାନ୍ତ, କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, କେନ୍ଦୁଝର ଓ ବାରିପଦାରୁ ବନ୍ୟଜନ୍ତୁ ବିଶେଷଜ୍ଞଙ୍କ ଉପସ୍ଥିତିରେ ପୁନଃ ଟ୍ରାଙ୍କୁଲାଇଜ କରି ହାଇୱାରେ ନନ୍ଦନକାନନ ପଠାଯାଇଥିଲା। ମଙ୍ଗଳବାର ଭୋରରେ ନନ୍ଦନକାନନ କର୍ତ୍ତୃପକ୍ଷ ଓ ଓଡିଶା କୃଷି ବିଶ୍ୱବିଦ୍ୟାଳୟ ବରିଷ୍ଠ ବିଶେଷଜ୍ଞ ଚିକିତ୍ସା ଆରମ୍ଭ କରିଥିବା ଜଣାଯାଇଛି।

## ସଂଘବଦ୍ଧ ଆକ୍ରମଣରେ ଯୁବକର ମୃତ୍ୟୁ ଅଭିଯୋଗ

କୋଷାଗୁମୁଡା,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଥାନା ବରୱାଡା ଗ୍ରାମରେ ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ସଂଘବଧ ଆକ୍ରମଣ ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ମଇଦଲପୁର ଥାନା କେନ୍ଦୁଗୁଡା ଗ୍ରାମର ଉମାକାନ୍ତ ହରିଜନ ବୋଲି ସୂଚନା ମିଳିଛି। ସେ ଧାନ ମଳାଇବା ପାଇଁ ଗତ ଶନିବାର ବରୱାଡା ଗ୍ରାମକୁ ଯାଇଥିଲେ। ସୋମବାର ରାତିରେ ଯୁବକ ଜଣକ ମୋବାଇଲ ଚାର୍ଜ କରିବା ପାଇଁ ନିକଟସ୍ଥ ଜଣକ ଘରେ ପଶିଥିଲେ। ତେବେ ପାହାନ୍ତିଆ ସମୟରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ସଂଘବଦ୍ଧ ଆକ୍ରମଣ ଯୋଗୁଁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତେବେ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହେଲା ତାହା ଜଣାପଡିନାହିଁ। ଏନେଇ କୋଡ଼ିଙ୍ଗା ଥାନାରେ ଏତଲା ଦେଇଛନ୍ତି ପରିବାର ଲୋକେ। ଏତଲା ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ଉମାକାନ୍ତଙ୍କ ମୃତଦେହ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛି। ପରିବାର ଏବଂ ଗାଁ ଲୋକଙ୍କ ପକ୍ଷରୁ କ୍ଷତିପୂରଣ ଏବଂ ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି।

## ୯୭ ଗ୍ରାମ୍ ଧଳାଜହର ଜବତ: ଅଭିଯୁକ୍ତ କୋର୍ଟଚାଲାଣ



ନିମାପଡ଼ା/ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ନିମାପଡା ଅବକାରୀ ଥାନା ପୋଲିସକୁ ସଫଳତା ମିଳିଛି। ୯ଲକ୍ଷରୁ ଉର୍ଦ୍ଧ ଟଙ୍କାର ଧଳା ଜହର ଜବତ ହୋଇଛି। ଅବକାରୀ ପୁଲିସ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଯୁବକ ଜଣକ ଅସ୍ତରଙ୍ଗ ଥାନା ତାଳଦା ପଞ୍ଚାୟତ କୂଳସାହି ଅଞ୍ଚଳର ବିଶ୍ୱଜିତି ସାହୁ (୩୧)। ତେବେ ବିଶ୍ୱଜିତଙ୍କ ନିକଟରୁ ୯୭ଗ୍ରାମର ଧଳାଜହର ଜବତ କରିଛି ଅବକାରୀ ବିଭାଗ। ବିଶେଷସୂତ୍ରରୁ ଖବର ପାଇଁ ପୁରୀ ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଦିନ ମଧ୍ୟାହ୍ନ ୧୧ଘଟିକା ସମୟରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଖଣ୍ଡାସାହି -ତାଳଦା ପୋଲ ନିକଟରେ ଚଢ଼ାଉ କରି ବିଶ୍ୱଜିତ ସାହୁ (୩୧)ଙ୍କୁ ଗିରଫ କରି ଧଳା ଜହର ଜବତ କରିବାରେ ସକ୍ଷମ ହୋଇଛନ୍ତି। ବିଶ୍ୱଜିତ ନିକଟରୁ ୯୭ଗ୍ରାମ ଧଳା ଜହର ଜବତ କରିଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୯ଲକ୍ଷ ୭୦ ହଜାର ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ଅବକାରୀ ଥାନା କେଶ ନମ୍ବର ୧୫୫/୨୪-୨୫ରେ ମାମଲା ରୁଜୁ କରି କୋର୍ଟଚାଲାଣ କରି ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପକାରାଗାରକୁ ପଠାଯାଇଛି। ଯାହାକି ସୂଚନା ଦେଇଛନ୍ତି ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା। ଏହି ସ୍ୱତନ୍ତ୍ର ଚଢ଼ାଉ ସମୟରେ ଅବକାରୀ ଥାନା ଏଏସଆଇ ସନ୍ତୋଷ କୁମାର ମହାରଣାଙ୍କ ସହ ତପନ କୁମାର ପ୍ରଧାନ, ସ୍ୱାଗତିକା ଘଡେଇ, ଜୟରାମ ବେହେରା ପ୍ରମୁଖ ସାମିଲ ଥିଲେ। ଏହି କାରବାର ସହ ଅନ୍ତଃରାଜ୍ୟ ରାକେଟ କାମ କରୁଥିବା ଚର୍ଚ୍ଚା ହେଉଛି। ଧରାପଡ଼ିଥିବା ଅଭିଯୁକ୍ତ ମାନେ ବାରମ୍ବାର ଏପରି ଅପରାଧ ଭିଆଇ ସହଜରେ ମୁକୁଳି ଯାଉଥିବାରୁ ଦିନକୁ ଦିନ ଅପରାଧ ବଢିବାରେ ଲାଗିଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## କଣାସରେ ଦନ୍ତାହାତୀର ଆତଙ୍କରାଜ୍

କଣାସ,(ଭାସ୍କର ନ୍ୟୁଜ): କଣାସ ବ୍ଲକର ଗଡସାନପୁଟ ଗ୍ରାମପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ ଏକ ଦନ୍ତାହାତୀ ଗତକାଲି ରାତ୍ରରେ ପ୍ରବେଶ କରି ବଳରାମ ସୁନ୍ଦରାୟଙ୍କ ବାଡି ଭାଙ୍ଗି ଦୁଆରେ ଥୁଆହୋଇଥିବା ଧାନବସ୍ତା ଖାଇବାପରେ ମଙ୍ଗଳବାର ଚୌଦମୌଜା ବିଦ୍ୟୁତ୍ ମହାବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ୩ଟି ସ୍ଥାନରେ ମହାବିଦ୍ୟାଳୟର ପାଚେରୀ ଭାଙ୍ଗିବା ସହ ଅନେକ ଗଛଲତା ଭାଙ୍ଗିବା ପରେ ଗଡସାନପୁଟ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ପାଚେରୀ ଭାଙ୍ଗି ଅନେକ ଗଛଲତା ଭାଙ୍ଗି ଆତଙ୍କରାଜ୍ ସୃଷ୍ଟି କରିଛି। ଦନ୍ତାହାତୀର ଉପଦ୍ରବ ଦେଖି ଜନସାଧାରଣ ଆତଙ୍କ ଭିତରେ ଥିବା ବେଳେ ଦନ୍ତାହାତୀକୁ ଫେରାଇ ନେବା ପାଇଁ ବନ ବିଭାଗର ଅନେକ କର୍ମଚାରୀ ଏବଂ କଣାସ ଥାନାର ପୋଲିସ୍ କର୍ମଚାରୀମାନେ ଘଟଣା ସ୍ଥଳରେ ଜଗିରହିଛନ୍ତି। ପ୍ରକାଶଥାଉ କି ପ୍ରତ୍ୟେକ ବର୍ଷ ଶାରଦ ଧାନ ଅମଳ ସମୟରେ ଚନ୍ଦକା ଜଙ୍ଗଲରୁ ଅନେକ ହାତୀ ଧାନ ଖାଇବା ପାଇଁ କଣାସ ଅଞ୍ଚଳକୁ ପ୍ରବେଶ କରିବା ଏବଂ ବହୁ କ୍ଷତିଗ୍ରସ୍ତ କରି ଧନଜୀବନ ନଷ୍ଟ ହେଉଥିବା ବେଳେ ବନବିଭାଗର କର୍ମଚାରୀ ତାହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉନଥିବାରୁ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି।

## ବୋଲଗଡରେ ଧାନମଣ୍ଡି ଉଦ୍‌ଘାଟିତ



ବୋଲଗଡ,(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ସେବା ସମବାୟ ସମିତି ପରିସରରେ ପଞ୍ଜିକୃତ ଚାଷୀମାନଙ୍କ ଠାରୁ ଧାନକ୍ରୟ ନିମନ୍ତେ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଡ଼ିଓ ଶରତ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦିପ୍ତିମୟୀ ଶର୍ମା, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡ଼ା, ଏମ୍ଆଇ ସିଦ୍ଧାର୍ଥ କୁମାର ସାହୁ, ଚାଷୀନେତା ରବୀନ୍ଦ୍ର ପରିଡ଼ା, ମିଲର ରବୀନ୍ଦ୍ର କୁମାର ସାହୁ, ସମବାୟ ସଭାପତି ସୌରାଶୁଂ ପରିଡା, ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂ, ପୂର୍ବତନ ସଭାପତି ବୀର ଦାସ, ପ୍ରଶାସନିକ ଅଧିକାରୀ ବିରଞ୍ଚି ମହାପାତ୍ର, ସଂପାଦକ ଉଲ୍ଲାସ ଚନ୍ଦ୍ର ଚୌଧୁରୀ, ପୂର୍ବତନ ସଂପାଦକ ଜନାର୍ଦ୍ଦନ ମାର୍ଥା ପ୍ରମୁଖଙ୍କ ଉପସ୍ଥିତରେ ବ୍ରାହ୍ମଣ ପୁରୋହିତଙ୍କ ମନ୍ତ୍ରଉଚ୍ଚାରଣ ପୂର୍ବକ ନଡିଆ ଭାଙ୍ଗି ମଣ୍ଡିରେ ଧାନକ୍ରୟ ଆରମ୍ଭ ହୋଇଥିଲା। ବାଲୁଗାଁ ଆଞ୍ଚଳିକ ବଜାର ନିୟନ୍ତ୍ରଣ କମିଟି କର୍ମଚାରୀ ମାନେ ଧାନର ମାନ ପରୀକ୍ଷଣ କରିଥିବା ବେଳେ ରାଜସୁନାଖଳାର ମିଲର ଶିବାନୀ ଫୁଡସ ଚାଷୀଙ୍କଠାରୁ ଧାନକ୍ରୟ କରିଥିଲା। ଏହି ଅବସରରେ ନୋଡାଲ ଅଧିକାରିଣୀ ସ୍ଥାନୀୟ ରାଜସ୍ୱ ନିରୀକ୍ଷିକା ମମତା ନାୟକ ଓ ଖୋର୍ଦ୍ଧା ଏଆରସିଏସ କର୍ମଚାରୀ ପ୍ରଦୀପ ମହାପାତ୍ର କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବୋଲଗଡ଼ ସମେତ ମାଣିକାଗୋଡା, ସଂପୁର, ଫାଶୀଓଦା, ଡ଼ାବରଧୂଆ, ଅରଖପଲ୍ଲୀ, ଘୋରଡିଆ, କମଳଲୋଚନପୁର ଆଦି ସେବା ସମବାୟ ସମିତିର ସଭାପତି, ସମ୍ପାଦକ ଓ ଲଲାଟେନ୍ଦୁ ପଟ୍ଟନାୟକ, ଉମେଶ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତସିଂହାର ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ। ସୂଚନା ମୁତାବକ ଏହି ସମିତି ଅଧିନରେ ଧାନଦେବା ପାଇଁ ସମୁଦାୟ ୪୪୫ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୧୨୦୦୦ କ୍ୟୁଣ୍ଟାଲ ଧାନକ୍ରୟ ପାଇଁ ଅନୁମତି ମିଳିଛି। ତେବେ ପ୍ରଥମ ପାଳିରେ ୧୫ ଚାଷୀ ୩୨୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିଛନ୍ତି।

## ଅନୁଗୋଳ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ




ଅନୁଗୁଳ,(ଭାସ୍କର ନ୍ୟୁଜ): ମଙ୍ଗଳବାର ସକାଳେ ସ୍ଥାନୀୟ ପୁରୁଣା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଅନୁଗୋଳ ପରିସରରେ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରିବନ୍ଧୁ ସାହୁ, କାର୍ଯ୍ୟକ୍ରମର ସଭାପତି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଣୀ ପ୍ରତିଭା ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କାରାଯାଇଥିଲା। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପତାରା ଓ ବ୍ୟାଚ ପ୍ରଦାନ ପୂର୍ବକ ସମ୍ମାନିତ କାରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଶ୍ରୀ ପ୍ରୀତିମୟ ତାଙ୍କର ସମ୍ଭାଷଣ ଛଳରେ ଛାତ୍ରଛାତ୍ରୀଙ୍କୁ ଭାରତର ବିକାଶ କ୍ଷେତ୍ରରେ ପ୍ରବାସୀ ଭାରତୀୟଙ୍କ ଅବଦାନ ଅତୁଳନୀୟ, କିଛି ବର୍ଷ ପୂର୍ବେ ପ୍ରବାସୀ ଭାରତୀୟଙ୍କୁ ବ୍ରେନ୍-ଡ୍ରେନ୍ ବୋଲି କୁହାଯାଉଥିବା ବେଳେ ବର୍ତ୍ତମାନ କିନ୍ତୁ ବ୍ରେନ-ଗେନ ବୋଲି ଅବିହିତ କରାଯାଉଛି। କାରଣ ପ୍ରବାସୀ ଭାରତୀୟମାନେ କେବଳ ଅର୍ଥନୈତିକ କ୍ଷେତ୍ରରେ ନୁହେଁ ବରଂ କୂଟନୈତିକ, ରାଜନୈତିକ, ବୈଦେଶିକ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଭାରତର ସ୍ୱାର୍ଥକୁ ସଦାସର୍ବଦା ରକ୍ଷା କରିଆସୁଛନ୍ତି। କିଏ ଜାଣେ ତୁମ ଭିତରୁ କେହି କେହି ଦିନେ ନା ଦିନେ ପ୍ରବାସୀ ଭାରତୀୟ ନ ହେବ। ଭଲ ପାଠ ପଢି ପ୍ରବାସୀ ଭାରତୀୟ ହୁଅ ଓ ଦେଶର ସ୍ୱାର୍ଥ ପାଇଁ କମ କର। ସଭାପତି ଶ୍ରୀମତୀ ବାରିକ ପ୍ରବାସୀ ଭାରତୀୟ ଦିବସର ମହନୀୟତାକୁ ଛାତ୍ରଛାତ୍ରୀଙ୍କୁ ଅତି ସରଳ ଭାଷାରେ ବୁଝାଇବା ସହିତ ଚଳିତ ବର୍ଷ ଆମ ରାଜ୍ୟ ଓଡିଶାରେ ଆସନ୍ତା କାଲି ତା ୦୮ ଓ ୦୯ ରିଖ ଦୁଇଦିନ ଧରି ଆୟୋଜନ କରିବା ପାଇଁ ସୁଯୋଗ ପାଇଥିବାରୁ ଆମେ ଗର୍ବିତ ଏବଂ ଚଳିତ ପ୍ରବାସୀ ଭାରତୀୟ ଦିବସର ବିଷୟବସ୍ତୁ ବିକଶିତ ଭାରତ ନିମନ୍ତେ ପ୍ରବାସୀ ଭାରତୀୟଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅନ୍ତର୍ଗତ ବରିଷ୍ଠ ବର୍ଗ (ଏକାଦଶ ଓ ଦ୍ୱାଦଶ ଶ୍ରେଣୀ) ନିମନ୍ତେ ସାଧାରଣ ଜ୍ଞାନ, ସାଇକେଲ ଚାଳନା, ପୋଷ୍ଟର ମେକିଂ, ମଧ୍ୟମ ବର୍ଗ (ନବମ ଓ ଦଶମ) ଓ କନିଷ୍ଠବର୍ଗ (ଅଷ୍ଟମ ଶ୍ରେଣୀ) ନିମନ୍ତେ ପ୍ରବନ୍ଧ ଲିଖନ ଓ ପୋଷ୍ଟର ମେକିଂ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିନିମନ୍ତେ ଜିଲ୍ଲାରୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଗାଇଡ ଶିକ୍ଷକ ସମେତ ସମୁଦାୟ ୧୫୪ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀଙ୍କୁ ଗଣ୍ୟମାନ୍ୟ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। କଶେଷରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି ତଥା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନାଗିରି ଜିଲ୍ଲା ଏମ୍.ଭି ୭୯ ଗ୍ରାମସ୍ଥିତ ଶାବରୀ ବିଦ୍ୟା ଭବନ ପ୍ରାଙ୍ଗଣରେ ୧୯୯୧ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତର ପୁରାତନ ବନ୍ଧୁମିଳନ ସକାଶେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ନିଷ୍ପତି ନିଆଯାଇଛି କି, ଆସନ୍ତା ୨୩ ତାରିଖରେ ବନ୍ଧୁମିଳନ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକର୍ମରେ ପୁରାତନ ଛାତ୍ରଛାତ୍ରୀ ସହ ପୁରାତନ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଯୋଗ ଦେବାପାଇଁ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ତାପସ ନାଥ, ସପନ ନାୟକ, ରତନ ରାୟ, ନାରାୟଣ ସରକାର, ସମ୍ଭୁ ବାଗଚି, ମାନସ ରଞ୍ଜନ ଜେନା, ନାରାୟଣ ବେହେରା, ଗୌରୀ ମଜୁମଦାର, ଅନିମା ସରକାର ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆଗାମୀ ବର୍ଷମାନଙ୍କରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ବଳବତ୍ତର ରଖିବାକୁ ବନ୍ଧୁମାନେ ଶପଥ ନେଇଛନ୍ତି।

# ଚାଷୀର ମେରୁଦଣ୍ଡକୁ ଭାଙ୍ଗି ଦେଉଛି ମାଙ୍କଡ ପଲ



ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକର ବିଭିନ୍ନ ଗାଁ ଓ ସହର ଅନେକ ସମୟରେ ଜଙ୍ଗଲୀ ଜନ୍ତୁ ଚାଷୀମାନଙ୍କ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ବର୍ତମାନ ମାଙ୍କଡ ପଲ ଡାଲି ଜାତୀୟ ଫସଲ ନଷ୍ଟ କରୁଥିବା ନଜରକୁ ଆସିଛି। ବର୍ତ୍ତମାନ ଜଙ୍ଗଲୀ ମାଙ୍କଡ ମାନେ ଜଙ୍ଗଲ ଛାଡି ଗ୍ରାମାଞ୍ଚଳରୁ ସହରକୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସୁଥିବା ବେଳେ ସେହି ମାଙ୍କଡ ଦଳରେ କୋଡିଏରୁ ଅଧିକ ମାଙ୍କଡ ଦଳ ରହି ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ଚାଲି ଆସୁଛନ୍ତି। ଗ୍ରାମାଞ୍ଚଳରେ ଚାଷୀମାନେ ଚାଷ କରିଥିବା ଡାଲି ଜାତୀୟ ଫସଲ ମୁଗ, ବିରି, କୋଲଥ, ମଟର ଚଣା, ହରଡ, ଚଣା, ଶିମ୍ବ ଏପରିକି ଘର ବାରି ଗୁଡିକରେ ଚାଷ କରିଥିବା ବିଭିନ୍ନ ପ୍ରକାର ଚାଷକୁ ଖାଇ ନଷ୍ଟ କରୁଥିବାରୁ ଚାଷୀ ମହଲରେ ଚିନ୍ତାର କାରଣ ହୋଇଛି । ଏହି ମାଙ୍କଡ଼ ମାନଙ୍କୁ ଘଉଡ଼ାଇଲେ ସେମାନେ ଗଛ ଗୁଡିକୁ ଚଢି ଯାଉଛନ୍ତି ଓ ଟିକେ ଫାଙ୍କା ଦେଖିଲେ ପୁଣି ଚାଷ ଗୁଡିକୁ ଖାଇ ନଷ୍ଟ କରି ଚାଷୀଙ୍କୁ ହଇରାଣ କରୁଛନ୍ତି। ମାଙ୍କଡ଼ ମାନଙ୍କୁ ଘଉଡାଇବା ସମୟରେ କିଛି ଚାଷୀଙ୍କୁ ମାଙ୍କଡ଼ ଆକ୍ରମଣ କରି କାମୁଡି ଦେଉଥିବା ଚାଷୀ ମାନେ ପ୍ରକାଶ କରିଛନ୍ତି । କିପରି ମାଙ୍କଡ ଚାଷୀର ଫସଲ ନଷ୍ଟ ନକରିବେ ସେନେଇ ବନବିଭାଗ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି ।

# ପଥର ଖଣି ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲା ଘଟଗାଁ ତହସିଲ ଅଧିନସ୍ଥ ପଣ୍ଡାପଡା, ଧରାପଡା ଓ ହରିଚନ୍ଦନପୁର ତହସିଲ ଅନ୍ତର୍ଗତ ଶାଳବେଡା ବାସିନ୍ଦା ଶାଳପଡା ପଥର ଖଣି ବନ୍ଦ କରିବାକୁ ଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜାତୀୟ ରାଜପଥ-୨୦ର ଠିକାଦାର ଏସ୍‌ଆର୍‌ଏସ୍ କଂଟ୍ରକ୍ଟୁ ଖଣି ଅଧିକାରୀ କେନ୍ଦୁଝର ଏକ କ୍ୱାରୀ ପରମିଟ୍, ସିଡୁଲ ନିମ୍ନ ତଫସିଲ ମୁତାବକ ପ୍ରଦାନ କରିଥିଲେ। ତେବେ ମୌଜା-ଶାଳବେଡା, ତହସିଲ-ହରିଚନ୍ଦନପୁର, ଜିଲା-କେନ୍ଦୁଝର ଖାତା ନଂ-୧୪୫, ପ୍ଲଟ ନଂ-୨୬୩/୧, ରକବା-ଏ ୧୨.୩୨ରୁ ଏ ୧୦.୩୨, କିସମ-ପର୍ବତ ତିନି ରହିଛି। ଏହି ପରମିଟ ଅବଧି ତିନି ମାସ ଥିବାବେଳେ ମାତ୍ର ୨୦୦୦ କି.ମି. ପଥର ଉଠେଇବାର ଅନୁମତି ଦିଆଯାଇଛି। ଏହା ବ୍ୟତୀତ କ୍ୱାରୀରେ କିଛି ସର୍ତ୍ତେ ସାଧାରଣ ନାଗରିକ ଓ ଗ୍ରାମବାସୀ ମାନଙ୍କର ଦୈନନ୍ଦିନ ଜୀବନ ଯାତ୍ରାରେ ବ୍ୟାଘାତ ନ ଘଟେଇବାକୁ ନିର୍ଦ୍ଦେଶ ଅଛି। ମାତ୍ର ଉପରୋକ୍ତ ଠିକାଦାର ଅନୁମତି ପାଇଥିବା ପରିମାଣ ଠାରୁ ବହୁତ ଅଧିକ ପରିମାଣରେ ପଥର ଉଠାଇ ସାରିଥିବା ଅଭିଯୋଗ ହୋଇଛି। ଖଣି ଅଧିକାରୀଙ୍କ ସର୍ତ୍ତକୁ ଉଲଙ୍ଘନ କରି ଦିନ ରାତି ଡ୍ରିଲିଂ ମେସିନ ସାହାଯ୍ୟରେ ଗାତ କରି ବିସ୍ଫୋରଣ ଲଗାଇ ପଥର ଫଟାଉଥିବା ଜଣାପଡିଛି। ତେବେ ଏତେ ପରିମାଣରେ ବିସ୍ଫୋରଣ କରାଯାଉଛି ଯାହା ଫଳରେ ଘର ଦୋହଲି ଯିବା ସହିତ ଘର କାନ୍ଥରେ ଫାଟ ସୃଷ୍ଟି ହେଉଛି। ଛୋଟ ଛୋଟ ପିଲାମାନେ ଏତେ ବଡ ଶବ୍ଦକୁ ସହ୍ୟ କରି ନପାରି ଭୟରେ ଥରି ଉଠୁଛନ୍ତି। ଗୋରୁଗାଈ ଗୁଡିକ ପଘା ଛିଣ୍ଡାଇ ବାହାରକୁ ଦୌଡି ପଳାଇ ଯାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ବିସ୍ଫୋରଣକୁ ନେଇ ଭୟର ବାତାବରଣ ଖେଳି ଯାଉଛି। ପ୍ରକାଶ ଯେ' ଉକ୍ତ ଖଣି ଠାରୁ ମାତ୍ର ୨୦୦ ମିଟରରୁ ୫୦୦ ମିଟର ଦୂରତା ମଧ୍ୟରେ ପାଖାପାଖି ୫୦୦ରୁ ୬୦୦ ପରିବାର ବସବାସ କରୁଛନ୍ତି। ଏହାସହିତ ୧୦୦ ରୁ ୨୦୦ ମିଟର ଭିତରେ ଆଦିବାସୀ ଶ୍ରେଣୀର ଜୁଆଙ୍ଗ ବସ୍ତି ଅବସ୍ଥିତ। ଏହାଛଡା ୨୦୦ ରୁ ୪୦୦ ମିଟର ଭିତରେ ଧରାପଡା ପ୍ରାଥମିକ ବିଦ୍ୟାଳୟ, ଶାଳବେଡା ସେବାଶ୍ରମ ବିଦ୍ୟାଳୟ, ଅମ୍ବିକା ପ୍ରାଥମିକ ବିଦ୍ୟାଳୟ, ଅମ୍ବିକା ମଧ ଇଂରାଜୀ ବିଦ୍ୟାଳୟ, ଅମ୍ବିକା ଉଚ୍ଚ ବିଦ୍ୟାଳୟ, ରଙ୍ଗାପାଟ ମହାବିଦ୍ୟାଳୟ, ପଣ୍ଡାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସିଦ୍ଧେଶ୍ୱର ଶିବ ମନ୍ଦିର ଓ ମା ଦକ୍ଷିଣ କାଳୀ ମନ୍ଦିର ଅଛି। ଦିନ ରାତି ଅହରହ ବ୍ରେକରର ଘଡଘଡ ଶବ୍ଦ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଚଳିତ କରିବା ସହିତ ନବଜାତ ଶିଶୁମାନେ ଶାନ୍ତିରେ ଶୋଇ ପାରୁନାହାନ୍ତି। ଅଙ୍ଗନବାଡି କେନ୍ଦ୍ର, ଶିଶୁମନ୍ଦିର କଡରେ ଥିବା ସିସି ରୋଡ ଦେଇ କମ୍ପାନୀର ବଡ ବଡ ହାଇୱା ଗାଡିରେ ପଥର ଚାଲାଣ ହେଉଛି। ଫଳରେ ଗାଡିରୁ ନିର୍ଗତ ଧୂଆଁ ଓ ରାସ୍ତାର ଧୂଳି ଉଡୁଛି ଯେ କୁନି କୁନି ପିଲାମାନଙ୍କର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଉପୁଜିବାର ଆଶଙ୍କା ରହୁଛି। ଗ୍ରାମରେ ଥିବା ବୟସ୍କ ବ୍ୟକ୍ତି ରୋଗାଗ୍ରସ୍ତ ଲୋକ ତଥା ହୃଦରୋଗରେ ପୀଡିତ ଥିବା ରୋଗୀମାନଙ୍କ ଜୀବନ ସଙ୍କଟାପର୍ଣ୍ଣ ହେବାକୁ ଲଗୁଛି। କମ୍ପାନୀର କର୍ମକର୍ତ୍ତାଙ୍କୁ ଏହି ସବୁ ସମସ୍ୟା ବାବଦରେ କହିବାରୁ ସେ ପାଲଟା ଧମକ ଦେଇ ଥାନାରେ ଭର୍ତ୍ତି କରିବାକୁ କହୁଥିବା ଅଭିଯୋଗରେ ଦର୍ଶାଯାଇଛି। ନିର୍ଦ୍ଧାରିତ ପଥର ଖଣିରେ ଖୁଣ୍ଟ ପୋତା ଯାଇଥିଲେ ମଧ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ସାଧାରଣ ଲୋକଙ୍କୁ ସରକାରୀ ନିର୍ଦ୍ଦେଶ ଓ ସର୍ତ୍ତେ ଗୁଡିକୁ ଲୁକ୍କାୟିତ ରଖି ଖୁଲମଖୁଲା ପଥର ଚୋରି କରାଯାଉଛି। ପିଲର ପୋଷ୍ଟିଙ୍ଗ ହୋଇଥିବା ଜାଗାରୁ ବାହାରେ ପଥର ଖନନ କରାଯାଇଛି। କୌଣସି ସରକାରୀ କର୍ମଚାରୀ କିମ୍ବା ଲୋକ ଉପସ୍ଥିତିରେ ପିଲର ପୋଷ୍ଟିଙ୍ଗ କରାଯାଇ ନାହିଁ ବରଂ କମ୍ପାନୀ ତାର ସୁବିଧା ମୁତାବକ ନିଜ ଇଚ୍ଛାରେ ପିଲର ପୋଷ୍ଟିଙ୍ଗ କରି ବେଧଡକ ପଥର ଖନନ କରି ଚାଲିଛି। ପଥର ଖନନ ସମ୍ମୁଖରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଏହାଦ୍ୱାରା ସାଧାରଣ ଲୋକ ଜାଣିପାରୁ ନାହାନ୍ତି ଯେ ଏହି ଖଣିର ଖାତା ନଂ, ପ୍ଲଟ ନଂ, ପରିମାଣ ଅବଧି କେବେ ଯାଏ ଅଛି ଓ କେତେ ଅଛି। ସରକାରୀ ନିୟମ ଓ ସର୍ବସାଧାରଣଙ୍କୁ ଲୁକ୍କାୟିତ ରଖି ସମ୍ପୃକ୍ତ କମ୍ପାନୀ ବେଫିକର ଚୋରି କରି ଚାଲିଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାରେ ବଡ ବଡ ହାଇୱା ଗାଡି ଚାଲିବା ଦ୍ୱାରା ରାସ୍ତା ନଷ୍ଟ ହେବାକୁ ବସିଛି। ଗାଡିର କ୍ଷମତା ଠାରୁ ଢେର ଅଧିକ ପରିମାଣରେ ପଥର ବୋଝେଇ କରି ପଥର ଚାଲାଣ କରାଯାଉଛି। ଗାଡିରେ କୌଣସି ପାଲ ଟଣା ଯାଉନାହିଁ ଫଳରେ ରାସ୍ତା ସାରା ଗାଡିରୁ ପଥର ଖସି ରାସ୍ତାରେ ପଡୁଛି। ତେଣୁ ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି। ତୁରନ୍ତ ପଥରଖଣି ବନ୍ଦ କରାଯିବାକୁ ଅଜିତ ପ୍ରସାଦ, ଦିପ୍ତିପ୍ରକାଶ ସାହୁ, ବିକାଶ କୁମାର ବେହେରା,ଅରୁଣ କୁମାର ରୁନୁ, ଦୀପକ ସାହୁ ସମେତ ଗ୍ରାମବାସୀ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

# ରକ୍ତ ଦେଇ ୨ ଜୀବନ ବଞ୍ଚାଇଲେ ରୋୟାଲ ରାଇଡର୍ସ ଗ୍ରୁପ ସଦସ୍ୟ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଝାଟିମାଟି କଲୋନୀର ମୀନ ମୁଦୁଲି ଓ ଚିତ୍ରୋକୋଣ୍ଡାର ରାଜ କୁମାର ସାହୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏ, ବି, ଓ ପଜେଟୀଭ ଗ୍ରୁପ ରକ୍ତର ଆବଶ୍ୟକତା ଥିଲା । ଫଳରେ ଉଭୟ ୨ ରୋଗୀଙ୍କ ପରିବାର ଲୋକେ ରକ୍ତ ଯୋଗାଡ଼ ପାଇ ବୋହୁ ଲୋକଙ୍କୁ ଫୋନ୍ କରି ନିରାଶ ହୋଇଥିଲେ । ଏହି ଖବର ରୋୟାଲ ରାଇଡର୍ସ ଗ୍ରୁପ ସଦସ୍ୟ ଜାଣିବା ପରେ ତୁରନ୍ତ ପି.ନବୀନ ରାଓ ରୋୟାଲ ରାଇଡର୍ସ ଗ୍ରୁପ ସଦସ୍ୟ ଓ ଅନୀଲ କୁମାର ରକ୍ତ ଭଣ୍ଡାରକୁ ଯାଇ ମୀନ ଏବଂ ରାଜ କୁମାରଙ୍କୁ ରକ୍ତ ଦାନ କରିଥିଲେ । ତେବେ ତାଙ୍କର ଏଭଳି କାର୍ଯ୍ୟ ଯୋଗୁଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି ଅବସରରେ ଅନ୍ୟତମ ସଦସ୍ୟ ରୋୟାଲ ରାଇଡର୍ସ ଗ୍ରୁପ ସତ୍ୟଜିତ ଗୌଡ଼, ଶ୍ୟାମ ମୁଦୁଲି ଉପସ୍ଥିତ ଥିଲେ ।

# ୮୦ତମ ପ୍ରାଥମିକ ଶିକ୍ଷକ ସଂଘ ଦିବସ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟରେ ୮୦ତମ ଶିକ୍ଷକ ସଂଘ ଦିବସ ଜିଲ୍ଲା ସଭାପତି ତାରକ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପଦେଷ୍ଟା ନାରାୟଣ ଭୋଳ ଯୋଗଦେଇ ସଂଘ ପତକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଅନ୍ୟତମ ବରିଷ୍ଠ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସଂଘର ଇତିହାସ ଏବଂ ଲକ୍ଷ୍ୟ ସଂପର୍କରେ ଉପସ୍ଥିତ ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ। ସଭାପତି ଶ୍ରୀ ମଣ୍ଡଳ ତାଙ୍କ ଅଭିଭାଷଣରେ ଶିକ୍ଷକ ଏକତା ଉପରେ ଜୋର ଦେଇଥିଲେ। ରାଜ୍ୟ ସଂଘର ଉପସଭାପତି ରଞ୍ଜିତ ନାୟକ ଜିଲ୍ଲାର ଶିକ୍ଷକମାନଙ୍କ ସମସ୍ୟା ସମାଧାନ ପ୍ରତି ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ଧ୍ୟାନ ଦେଉଥିବାରୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣ ଚନ୍ଦ୍ର ସାହୁ, ଦେବରାଜ ସାହୁ, ପ୍ରଦୀପ ଦଳେଇ, ଗୌରୀଶ୍ୟାମ ମହାନ୍ତି, ସାଧନା ମଣ୍ଡଳ, ବ୍ଲକ ସଭାପତି ରାମ ପ୍ରସାଦ ପାଢ଼ି, ସଂପାଦକ ଗୁରୁପଦ ସରକାର, ସମୀର କାନ୍ତ ରଥ, ରଞ୍ଜନ ମଣ୍ଡଳ, ଅମୃତ ଲାଲ ସରକାର, ଜ୍ଞାନେନ୍ଦ୍ର ସ୍ୱାଇଁ, ଉମାକାନ୍ତ ମୁଦୁଲି, ଗଣେଶ ଜେନା, ଶ୍ରୀଧର ସାହୁ ପ୍ରମୁଖ ଶତାଧିକ ଶିକ୍ଷକ ଯୋଗ ଦେଇଥିଲେ।

# ୨ ଯୁବକଙ୍କୁ ଆକ୍ରମଣ, ୪ ଗିରଫ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଗତ ନୂଆବର୍ଷ ଦିନ ୨ ଯୁବକଙ୍କୁ ଆକ୍ରମଣ ଘଟଣାରେ ଟାଉନ୍ ଥାନା ପୁଲିସ୍ ୪ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫମାନେ ହେଲେ ମୋଚି ସାହିର ଇରମାନ୍ ରାଜ(୨୭), ସୋମନାଥନଗରର ସାରୁ ଖାନ୍(୩୦), ଫାଇଜାନ୍ ଖାନ୍ (୨୪) ଓ ଖାଜା ସାହିର ରିଜୁଓ୍ୱାନ( ୨୧) । ସେମାନଙ୍କ ଠାରୁ ଗୋଟିଏ ବାଇକ୍, ଛୁରୀ ଓ ଲୁହାରଡ୍ ଜବତ ହୋଇଥିବା ଏସ୍‌ପି ଡା.ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ପ୍ରକାରେ, ଜିରୋନାଇଟ୍ ସାରି ନୂଆବର୍ଷରେ ରାମଚନ୍ଦ୍ର ମହାନ୍ତି ଓ ତାଙ୍କର ୨ ସାଙ୍ଗ ପର୍ବନ କୁମାର ଓ ଶୁଭମ୍ ଭାପୁର ବଜାରସ୍ଥିତ ହିନ୍ଦୁସ୍ଥାନ ବେକେରୀରେ କେକ୍ କିଣୁଥିବା ବେଳେ ଗିରଫ ୪ ଜଣ ଯୁବକ କୌଣସି କାରଣରୁ ନେଇ ତାଙ୍କ ସହ ପାଟିତୁଣ୍ଡ କରିବା ସହ ଆକ୍ରମଣ କରିଥିଲେ। ଏପରିକି ଛୁରୀ ଓ ଲୁହାରଡ୍‌ରେ ଆକ୍ରମଣ କରିଥିଲେ । ସେହିପରି ପି. ସୁନୀଲ ପାତ୍ର ଗାନ୍ଧୀନଗରରେ ଜିରୋନାଇଟ୍ ସେଲିବ୍ରେସନ୍ କରି ଘରକୁ ଫେରୁଥିବାବେଳେ ଭାପୁର ବଜାର ନିକଟରେ ଗିରଫ ୪ଜଣ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ସୁନୀଲ ଓ ରାମଚନ୍ଦ୍ର ଥାନାରେ ଅଭିଯୋଗ କରିବାପରେ ପୁଲିସ୍ ଅଭିଯୋଗକୁ ଭିତ୍ତିକରି ୨ଟି ମାମଲା ରୁଜୁକରି ଘଟଣାସ୍ଥଳର ସିସି ଟିଭି ଫୁଟେଜ୍ ଯାଞ୍ଚ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫକରି କୋର୍ଟଚାଲାଣ କରିଛି । ସୂଚନା ଥାଉକି, ଗିରଫ ଇରଫାନ୍ ରାଜଙ୍କ ନାମରେ ବ୍ରହ୍ମପୁର ପୁଲିସ୍ ଜିଲ୍ଲାର ବିଭିନ୍ନ ଥାନାରେ ୯ଟି ଅପରାଧିକ ମାମଲା ଥିବାବେଳେ ଫାଇଜାନ୍ ଖାନ୍‌ଙ୍କ ନାମରେ ଟାଉନ୍ ଥାନାରେ ୩ଟି ଅପରାଧିକ ମାମଲା ରହିଛି। ଗିରଫମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

# ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲାପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ, ଖଣ୍ଡିୟ ବନ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲ,ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୩୮ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୩୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୭ ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ଓ ଆରୋକ୍ଷୀ ଅଧିକ୍ଷକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାହେତୁ ଅତିରିକ୍ତ ଜିଲ୍ଲାପାଳ ଏହି ଅଭିଯୋଗ ଶିବିରକୁ ପରିଚାଳନା କରିଥିଲେ । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ ନାୟକ, ରାୟଗଡ, ପିଏ ଆଇଟି ଡିଏ, ଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ,ଶ୍ରୀମତୀ ଅସିମ ରାଓ, ରାୟଗଡ ପିଡି ଓ୍ୱାଟରସେଡ, ଡ଼ଃ ଦୟାନିଧି ବାଗ,ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ, ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଜିଲ୍ଲକ୍ରୀଡା ଅଧିକାରୀ, ଶେଖ ଅଲେନୁର,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଓରମାସର ଡେପୁଟି ସିଇଓ ମନୋଜ କୁମାର ପାତ୍ର ଓ ଅନ୍ୟାନ୍ୟ ଜିଲ୍ଲା ସ୍ଥରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ ।

# ବାଳିକାଙ୍କ ଆତ୍ମସୁରକ୍ଷା କୌଶଳ ଶିବିର



ରଘୁନାଥପୁର, (ଭାସ୍କର ନ୍ୟୁଜ) : ରଘୁନାଥପୁର ବ୍ଲକ ରେଡୁଆ ବୃନ୍ଦାବନ ଚନ୍ଦ୍ର ଜୁନିୟର ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷ କୌଶଳ ଶିବିରକୁ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଯୁକ୍ତ୨ ପ୍ରଥମ ବର୍ଷର ବାଳିକା ମାନଙ୍କୁ ସଂଯମି ତଥା ଦୃଢ ମାନସିକତାର ସହ କୌଣସି ସମସ୍ୟାକୁ ସାମନାକରି ନିଜକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀଣି ଅଧ୍ୟାପିକା ସୌମ୍ୟା ମହାନ୍ତି କାର୍ଯ୍ୟକ୍ରମକୁ ଆୟୋଜନ କରି ୧୫୧ ଜଣ ବାଳିକାଙ୍କର ରେଜିଷ୍ଟ୍ରେସନ କରିଥିଲେ। ଅଧ୍ୟାପକ କେଦାର ମୁଦୁଲି ସଭାପରିଚାଳନା କରିଥିବାବେଳେ ଅଧ୍ୟାପିକା ଯାଜ୍ଞସେନୀ ରାଉତ, ସ୍ମିତା ପ୍ରଧାନ, ସୁଜାତା ଦାସ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ଅଧ୍ୟାପକ ପ୍ରତାପ ଲେଙ୍କା, ଗଦାଧର ପାଣି, ସରୋଜ ମିଶ୍ର, କର୍ମଚାରୀ ବାବୁଲି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ମାଷ୍ଟର ଟ୍ରେନର ଭାବେ ପ୍ରିୟଙ୍କା ନାୟକ ଓ ପ୍ରତୁଷା ଭୋଳ ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ମହିଳା ଶିଳ୍ପୋଦ୍ୟୋଗୀ ଉଦ୍‌ଘାଟିତ



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଦାଠାରେ 'ଲକ୍ଷ୍ମୀ ଫର୍ଣ୍ଣିଚର' ନାମରେ ଏକ ନୂତନ ସୋରୁମ ଉଦ୍‌ଘାଟିତ ହୋଇଛି। ସେଣ୍ଟ୍ରାଲ ବ୍ୟାଙ୍କ ଫୁଲନଖରା ଶାଖା ପରିଚାଳକ ସରସ୍ୱତୀ ମୁର୍ମୁ ମୁଖ୍ୟ ଅତିଥିଭାବେ ଏହାକୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ଖଦି ବୋର୍ଡ଼ ନୋଡ଼ାଲ ଅଧିକାରୀ ନାରାୟଣ ପଟ୍ଟନାୟକ, ସନାତନ ଓଝା, ରତ୍ନାକର ଓଝା, ମନୋଜ ନାୟକ, ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳ ମହିଳାଙ୍କୁ ଶସକ୍ତ କରିବା ଉଦେଶ୍ୟରେ ଏ ଧରଣର ଉପକ୍ରମ ହାତକୁ ନିଆଯାଇଛି। ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ସହଯୋଗରେ ୫୦ଲକ୍ଷ ଟଙ୍କା ବିନିଯୋଗରେ ଆରମ୍ଭ ହୋଇଥିବା ଏହି ଶିଳ୍ପୋଦ୍ୟୋଗରେ କାଠ ନିର୍ମିତ ଆସବାବପତ୍ର ସମେତ ଅନ୍ୟାନ୍ୟ ବୈଦ୍ୟୁତିକ ଘରକରଣା ସରଞ୍ଜାମ ଉପଲବ୍ଧ ହେବବୋଲି ଏହାର ସତ୍ତ୍ୱାଧିକାରୀ ମଞ୍ଜୁଲତା ଓଝା ପ୍ରକାଶ କରିଥିଲେ। ଏହି ଅବସରରେ ଗୁରୁଚରଣ ସ୍ୱାଇଁ, କିଶୋରଚନ୍ଦ୍ର ସାହୁ, ନୃସିଂହଚରଣ ବେହେରା ଓ ସମରେନ୍ଦ୍ର ମହାପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମୁରବି ଓ ଗ୍ରାହକ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରର ସରପଞ୍ଚ ବୈଦ୍ୟନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଉପସ୍ଥିତ ରହି ଅଭିଯୋଗର ଶୁଣାଣୀ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୋଗାଣ ଅଧିକାରୀ ବିକାଶ ବାର୍ଲା, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ଏ ପି ଓ ପ୍ରଶାନ୍ତ ସାହୁ, ଧଣ୍ଡାମୁଣ୍ଡା ପଞ୍ଚାୟତ ପିଇଓ ପୃଥ୍ୱୀରାଜ ରାଉତ, ସିଏଚଓ ସୋନାଲି ସାହୁ, ଏଏନଏମ ନିରୁପମା ସାଏ ପଟେଲ, ଏମ୍‌ବିକେ ମାଧୁରୀ ଦୀପ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ଫାଇନାନ୍ସ କର୍ମଚାରୀଙ୍କୁ ହତ୍ୟା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ଶୁକ୍ରା ସାହିରେ ଘଟିଛି ଅଭାବନୀୟ ଘଟଣା । ଗ୍ରାହକଙ୍କ ଘରକୁ ବାଇକ ଲୋନର ବକେୟା କିସ୍ତି ଅର୍ଥ ଆଦାୟ ପାଇଁ ଯାଇଥିବା ବେଳେ ଉତ୍ୟକ୍ତ ହୋଇ ଗାଡି ଚଢାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି । ମୃତକ ସଦର ଥାନା ବନେଇକଳା ଗାଁର ବୁବୁ ମହାନ୍ତ । ନୟାକୋଟ ଥାନା ଶୁକ୍ରା ସାହିର ଜଣେ ବ୍ୟକ୍ତି ଏକ ପଲସର୍ ବାଇକ ବଜାଜ ଫାଇନାନ୍ସରୁ ଲୋନରେ ଆଣିଥିଲେ । ବାଇକ କିସ୍ତି ଫେଲ ଥିବାରୁ ବଜାଜ ଫାଇନାନ୍ସର କର୍ମଚାରୀ ମନୋଜ ମହାନ୍ତ ଓ ସାଙ୍ଗରେ ତାଙ୍କ ସମ୍ପର୍କୀୟ ବୁବୁ ମହାନ୍ତ, ତାଙ୍କ ଘରକୁ ଯାଇ କିସ୍ତି ଟଙ୍କା ମାଗିଥିଲେ । କିଛି ସମୟ ପରେ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ପରେ ଫାଇନାନ୍ସ କର୍ମଚାରୀ ରାମ ସିଂଙ୍କୁ ତାଗିଦ କରି ଫେରି ଆସିଥିଲେ । ଏଥିରେ ଉତ୍ୟକ୍ତ ହୋଇ ରାମ ସିଂ ଗାଁ ଠାରୁ କିଛି ଦୂରରେ ତାଙ୍କ ପଛରେ ଆସି ବୋଲେରୋରେ ବାଇକକୁ ଧକ୍କା ଦେଇଥିଲେ । ଫଳରେ ବାଇକ ପଛରେ ବସିଥିବା ବୁବୁ ଛିଟିକି ପଡିଥିଲେ । ତାପରେ ଦେହ ଉପରେ ବୋଲେରୋ ଚଢାଇ ଦେଇଥିବା ଅଭିଯୋଗ ହୋଇଛି। ବାଇକ ଚଳାଉ ଥିବା ମନୋଜ ମହାନ୍ତ ରାସ୍ତା କଡରେ ଛିଟିକି ପଡି ଆହତ ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ନୟାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଆହତ ମନୋଜକୁ ଆମ୍ବୁଲାନ୍ସରେ ବାଂଶପାଳ ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡିଛି । ନୟାକୋଟ ପୋଲିସ ଘଟଣାର ତଦନ୍ତ ଚଳାଇଛି। ପୂରା ଘଟଣା ସଂପର୍କରେ କହିଛନ୍ତି ଆହତ ମନୋଜ ମହାନ୍ତ।

# ଜମି ପଟ୍ଟା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରକୋଣ୍ଡା ବ୍ଲକ ଦୁର୍ଗମ ନାକାମାମୁଡି ପଞ୍ଚାୟତର ପଦିଆଗୁଡ଼ାର ଅଧିବାସୀ ମାନେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଦୀର୍ଘ ଦିନରୁ ଦାବି କରି ଆସୁଥିବା ଜଂଗଲ ଜମି ପଟ୍ଟା ତୁରନ୍ତ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏହି ଅଞ୍ଚଳର ଲୋକେ ଜଂଗଲ ଜମିରେ ଚାଷ କରିବା ସହ ଏହାର ଖଜଣା ବାନ୍ଧି ଆସୁଛନ୍ତି। କିନ୍ତୁ ବାରମ୍ବାର ପଟ୍ଟା ପାଇଁ ଦାବି କରିଆସୁଥିଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ କରିଥିଲେ । ଏହି ଗ୍ରାମରେ ବାସ କରୁଥିବା ସମସ୍ତେ ଆଦିବାସୀ ସମ୍ପ୍ରଦାୟର ପଦିଆଗୁଡ଼ା ଗ୍ରାମର ନାଁ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ରେକର୍ଡରେ ନଥିବା ଗ୍ରାମବାସୀ ଜାଣିବା ପରେ ତୁରନ୍ତ ପଦିଆଗୁଡା ଗ୍ରାମର ନାଁକୁ ଅନ୍ତର୍ଭୁକ୍ତ କରି ଜଂଗଲ ଜମି ପଟ୍ଟା ପ୍ରଦାନ କରାଯିବା ପାଇଁ ଦାବି କରିଥିଲେ। ଅନ୍ୟ ଦିଗରେ ଏହି ଅଞ୍ଚଳ କୁଡୁମୁଲୁଗୁମ୍ମା ତହସିଲ ଅଧୀନରେ ଆସୁଥିବାରୁ ତହସିଲଦାରଙ୍କୁ ଅନୁରୋଧ କଲେ ସେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ହିଁ କିଛି କରିପାରିବେ ବୋଲି କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଖପାଖ ଅଞ୍ଚଳର ବହୁ ଗ୍ରାମର ଲୋକେ ଜଂଗଲ ଜମି ପଟ୍ଟା ପାଇଥିବା ବେଳେ ପଦିଆଗୁଡ଼ା ଏଥିରୁ ବଞ୍ଚିତ ରହିଥିବା ଗ୍ରାମବାସୀ କହିଥିଲେ। ତେବେ ଏନେଇ ତଦନ୍ତ ପରେ ହିଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇ ଥିବା ଜଣାପଡ଼ିଛି।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

କେନ୍ଦୁଝର,(ଭାସ୍କର ନ୍ୟୁଜ୍ ): ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଜାତୀୟ ସେବା ଯୋଜନା ସଂସ୍ଥା ଓ ଯୁବ ରେଡ଼କ୍ରସ ସଂସ୍ଥା ମିଳିତ ଅନୁକୁଲ୍ୟରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ମିଳିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼କ୍ଟର ଲଳିତ ରଞ୍ଜନ ସାହୁଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ କେନ୍ଦୁଝରର ଗୋପାଳକୃଷ୍ଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ସଡ଼କ ସୁରକ୍ଷା ଟ୍ରାଫିକ ନିୟମ ତଥା ଗାଡି ଚାଳକଙ୍କ ଦାୟିତ୍ୱ ସମ୍ପର୍କରେ ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼କ୍ଟର ଲଳିତ ରଞ୍ଜନ ସାହୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ଡ଼କ୍ଟର ଲଳିତ ରଞ୍ଜନ ସାହୁ କାର୍ଯ୍ୟକ୍ରମ ସମ୍ପର୍କିତ ଆଭିମୁଖ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ଶିକ୍ଷା ବିଭାଗ ମୁଖ୍ୟ ଡ଼କ୍ଟର ରାମଚନ୍ଦ୍ର ମଲ୍ଲ ମହାବିଦ୍ୟାଳୟର ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଡ଼କ୍ଟର ଧର୍ମବୀର ମୋହନ ସିଂ ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ପରିପ୍ରେକ୍ଷୀରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ଗାଡ଼ି ଚାଳନା ପ୍ରଶିକ୍ଷଣ କେନ୍ଦ୍ର କେନ୍ଦୁଝରର ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ଛାତ୍ରୀମାନଙ୍କୁ ଦୁର୍ଘଟଣା ପରବର୍ତ୍ତୀ ଆଶୁ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କେନ୍ଦୁଝର ତରଫରୁ ପ୍ରୋଜେକ୍ଟର ମାଧ୍ୟମରେ ସଡ଼କ ସୁରକ୍ଷା ସଂପର୍କିତ ନିୟମାବଳୀ ଓ ବିଭିନ୍ନ ଟ୍ରାଫିକ ସଂକେତ ସଂପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକାରୀ ଅଧିକାରୀ ଡ଼କ୍ଟର ନିବେଦିତା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଯୁବ ରେଡ଼କ୍ରସ୍ ଅଧିକାରୀ ଡ଼କ୍ଟର ମୋନାଲିଶା ଦାଶ ଓ +୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ସୁସ୍ମିତା ମଞ୍ଜରୀ ନାଏକ କାର୍ଯ୍ୟକ୍ରମ ଆୟୋଜନର ପ୍ରମୁଖ ଭରା ଗ୍ରହଣ କରିଥିଲେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କେନ୍ଦୁଝରର କର୍ମଚାରୀ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରୀସମୂହ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ଭଂଜନଗର(ଭାସ୍କର ନ୍ୟୁଜ) : ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚବିଦ୍ୟାଳୟ ଏକ ଶତାୟୁ ଓ ଗୌରବାବହ ଶିକ୍ଷାନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନ ଏହି ଅଞ୍ଚଳରେ ଶତାଧିକ ବର୍ଷ ହେଲା ଏକ ଜ୍ଞାନାଲୋକ ବର୍ତ୍ତିକା ସାଜି ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ରୂପେ ଉଭା ହୋଇଛି । ଏଠାରେ ପ୍ରତ୍ୟହ ବିଦ୍ୟାଳୟରେ ୧୦ ଟା ରୁ ୪ ଟା ପର୍ଯ୍ୟନ୍ତ ସବୁ ସ୍କୁଲ ଭଳି ପାଠ ପଢାଯାଏ । ସ୍କୁଲ ସମୟ ବାହାରେ ଏହି ଅନୁଷ୍ଠାନରେ ହଷ୍ଟେଲ ଛାତ୍ରୀଙ୍କୁ ଅର୍ଥାତ୍ ଅପରାହ୍ନ ୪ ଟା ପରେ ସ୍ୱେଚ୍ଛାକୃତ ଭାବେ ମାଗଣା ଶିକ୍ଷା ପ୍ରଦାନ କରିଥାନ୍ତି ଏଠାକାର ଶିକ୍ଷକ ଶିକ୍ଷୟିତ୍ରୀ କାରଣ ଅନ୍ତେବାସୀଙ୍କୁ ବାହାର କୁ ଟିଉସନ୍ ଯିବା କୁ ଦିଆଯାଏ ନାହିଁ। ପୁଣି ସଂଦେହ ମୋଚନ କ୍ଲାସ , ଅଧିକ ଆଲୋଚନା ନିମିତ୍ତ ଶ୍ରେଣୀ ବା ପାଠପଢ଼ା ଇତ୍ୟାଦି ମଧ୍ୟ କରିଥାଆନ୍ତି ଏହାର ଶିକ୍ଷକ ଶିକ୍ଷୟିତ୍ରୀ। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକଙ୍କ ପ୍ରେରଣାରେ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ରବିବାର ଓ ଛୁଟି ଦିନମାନଙ୍କରେ ଘରକୁ ଯାଇ ଶିକ୍ଷାର୍ଥୀଙ୍କ ପାଠପଢ଼ାର ଅଗ୍ରଗତି ସମ୍ପର୍କରେ ଜାଣିବାକୁ ପିତା ମାତା ଅଭିଭାବକଙ୍କୁ ସାକ୍ଷାତ କରିଥାନ୍ତି ଏବଂ ସେମାନଙ୍କ ମନରେ ଥିବା ସଂଦେହ ମଧ୍ୟ ଦୂର କରିବାପାଇଁ ସୁଯୋଗ ଦେଇଥାନ୍ତି। ଏହାଯୋଗୁଁ ଛାତ୍ର ଛାତ୍ରୀ ଓ ସେମାନଙ୍କର ଅଭିଭାବକମାନଙ୍କ ଉପରେ ଏକ ସକାରାତ୍ମକ ପ୍ରଭାବ ପଡିଛି। ଶିକ୍ଷକ ଶିକ୍ଷୟିତ୍ରୀ ଅଧାରୁ ପାଠପଢ଼ା ଛାଡ଼ି ଦେବାକୁ ପ୍ରୟାସ କରୁଥିବା ପିଲା ଙ୍କୁ ଓ ସେମାନଙ୍କର ପିତା ମାତା ଅଭିଭାବକଙ୍କୁ ଯଦିଓ ବିଦ୍ୟାଳୟର ପିତା ମାତା ଅଭିଭାବକ ସମ୍ମିଳନୀରେ ବୁଝାଇଥାନ୍ତି , ତଥାପି କିଛି ପିଲା ଓ ଅଭିଭାବକ ଶିକ୍ଷାର ମହତ୍ତ୍ୱ ବିଷୟରେ ଗୁରୁତ୍ୱ ଦିଅନ୍ତି ନାହିଁ। ତେଣୁ ସେହି ଭଳି କିଛି ପିତା ମାତା, ନିଜ ନିଜର ପିଲାଙ୍କ ପାଠପଢା ପ୍ରତି ଉଦାସୀନ ମନୋଭାବ ଦେଖାଉଛନ୍ତି।

## ସଡ଼କ ସୁରକ୍ଷା ମାସ ଅଭିଯାନ

# ମାଗଣାରେ ଭାରିଯାନ ଚାଳକଙ୍କ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ



ପାରାଦୀପ (ଭାସ୍କର ନ୍ୟୁଜ୍) : ସଡ଼କ ସୁରକ୍ଷା ମାସ ପାଳନ ପରିପ୍ରେକ୍ଷୀରେ ପାରାଦୀପ ବଡ଼ପଡ଼ିଆ ସ୍ଥିତ ବସ ଷ୍ଟାଣ୍ଡ ଠାରେ ବିନା ଶୁଳ୍କରେ ଲାଇସେନ୍ସ ପ୍ରାପ୍ତ ଭାରୀଯାନ ଚାଳକମାନଙ୍କର ଏକ ଚକ୍ଷୁ ପରୀକ୍ଷା ଶିବିର ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି । ଜେଏସଡବ୍ଲୁ ଫାଉଣ୍ଡେସନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏବଂ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବସ ମାଲିକ ସଂଘ ସହଯୋଗରେ ବହୁ ବସଚାଳକ ତାଙ୍କର ଚକ୍ଷୁ ପରୀକ୍ଷା କରି ମାଗଣାରେ ଚଷମା ନେଇଥିଲେ। ଏଥିରେ ଅନେକ ବସ ମାଲିକଙ୍କ ସମେତ ଜେଏସଡବ୍ଲୁ ଫାଉଣ୍ଡେସନ ର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଜେପିରେ ମିଶିଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ

## ମଣ୍ଡଳ ମଙ୍ଗୁଆଳ ଦାୟିତ୍ୱନେଲେ ଯୁବନେତା ଇନ୍ଦ୍ରମଣି

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) :ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକରେ ବିଜେପିର ମିଶ୍ରଣ ପର୍ବ। ଏହି ମିଶ୍ରଣ ପର୍ବରେ ପଦ୍ମ ଧରିଲେ ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ରେ ସାମିଲ ହୋଇଛନ୍ତି। ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ପଂଚାୟତର ବିଜେଡି ଓ କଂଗ୍ରେସ କର୍ମୀ ମାନେ। ମଙ୍ଗଳବାର ଦିନ ଅସ୍ତରଙ୍ଗରେ ଆୟୋଜିତ ସମ୍ବର୍ଦ୍ଧନା ସଭା ସହ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୁବନେତା ତଥା ରାଜନୀତି ଚାଣକ୍ୟ ଦିବାକର ଛାଟୋଇଙ୍କ ନେତୃତ୍ୱରେ ଅସ୍ତରଙ୍ଗ ବଜାରରୁ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ଅସ୍ତରଙ୍ଗ ନୂତନ ମଣ୍ଡଳ ସଭାପତି ଭାବେ ମନୋନୀତ ଇନ୍ଦ୍ରମଣି ଜେନାଙ୍କୁ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା କରି ବିଶାଳ ରାଲି ମାଧ୍ୟମରେ ବଜାର ପରିକ୍ରମା କରି ହରିଣହୁଳା ଅଣଚମ୍ପା ସ୍ଥିତ



ସଭାସ୍ଥଳୀ ନିକଟକୁ ଆସିଥିଲେ। ଉପସ୍ଥିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କ ସହ ପୂର୍ବରୁ ଥିବା ଦୁଇ ମଣ୍ଡଳ ସଭାପତିଙ୍କ ଉପସ୍ଥିତ ରେ ନୂତନ ଭାବେ ମନୋନୀତ ହୋଇଥିବା ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନାଙ୍କୁ ପୁଷ୍ପମାଲ୍ୟ ସହ ଉପଢ଼ୋକନ ପ୍ରଦାନ କରାଯାଇଥିଲା। ଦଳ ଯୁବ ନେତୃତ୍ୱ କାନ୍ଧରେ ସଂଗଠନର ଭାର ଦେବା ଉପରେ ଗୁରୁତ୍ୱ ଦେଇଥିବା ବେଳେ ଅସ୍ତରଙ୍ଗ ମଣ୍ଡଳ ନୂତନ ସଭାପତି ଇନ୍ଦ୍ରମଣି ଜେନାଙ୍କ ପରିଚାଳିତରେ ଅସ୍ତରଙ୍ଗ ରେ ବିଜେପି ଆଗାମୀ ଦିନରେ ରଣନୀତି ପ୍ରସ୍ତୁତ କରିବା ପାଇଁ ସଂକେତ ଦେଇଛନ୍ତି। ସଂଗଠନର ବିଭିନ୍ନ ପଦ ପଦବୀରେ ପୂର୍ବରୁ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଥିବା ଇନ୍ଦ୍ରମଣି ଜେନାଙ୍କ ତତ୍ତ୍ୱାବଧାନ ରେ ଆଗାମୀ ଦିନରେ ସଶକ୍ତ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଭିନ୍ନ ଦଳ ପରିତ୍ୟାଗ କରି ଶତାଧିକ ଲୋକ ବିଜେପି ରେ ମିଶିଥିଲେ। ଉପସ୍ଥିତ ଅତିଥି ଦଳୀୟ ଉତ୍ତରୀୟ ପକାଇ ଦଳରେ ସାମିଲ କରିଥିଲେ। ଏହା ସହ ଅଣଚମ୍ପା ଗ୍ରାମ ନିକଟରେ ଶ୍ରୀରାମ ମନ୍ଦିର ଭୋଗ ମଣ୍ଡପ ଓ କମ୍ୟୁନିଟି ସେଣ୍ଟର ପାଇଁ ଭିତ୍ତିପ୍ରସ୍ତର ଶୁଭ ଦିଆଯାଇଛି। ଯାହାକି ଏହି ମିଶ୍ରଣ ଦ୍ୱାରା ବିଜେପି ସଶକ୍ତ ଓ ସୁଦୃଢ ହୋଇଛି।

# ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲ୍‌ର ପ୍ଲାଟିନମ୍ ଜୁବୁଲି ମହୋତ୍ସବ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : କୋରାଇ ବ୍ଲକ୍ ଅନ୍ତର୍ଗତ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲ ର ପ୍ଲାଟିନମ୍ ଜୁବୁଲି ସେଲିବ୍ରେସନ ଉଦ୍‌ଘାଟିତ ହୋଇ ଯାଇଛି । ପୂର୍ବାହ୍ନ ୧୧ ଘଟିକା ସମୟରେ ଶଙ୍ଖଚିଲା ମା' ହିଙ୍ଗୁଳାଙ୍କ ପୀଠରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ସମବାୟ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳ ସାମନ୍ତ, ସାଂସଦ, ଯାଜପୁର,ରବୀନ୍ଦ୍ର ନାରାୟଣ ବେହେରା, କୋରାଇ ବିଧାୟକ ଆକାଶ ଦାସ୍ ନାୟକଙ୍କୁ ଅଞ୍ଚଳବାସୀ ଓ ପୁରାତନ ଛାତ୍ର ସଂଘ ତରଫରୁ ଶୋଭାଯାତ୍ରାରେ ପାଛୋଟି ଅଣାଯାଇ ଥିଲାବେଳେ ବିଦ୍ୟାଳୟ ପକ୍ଷରୁ ଶଙ୍ଖଚିଲା ବଜାରରୁ ଛାଅଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ସହିତ ସମସ୍ତ ଅତିଥି ମାନେ ପ୍ରଥମେ ବିଦ୍ୟାଳୟର ପ୍ରଥମ ଉଦ୍ୟୋକ୍ତା ଶଙ୍କର୍ଷଣ ସାହୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ହୀରକ ଜୟନ୍ତୀ ର ସ୍ମୃତି ସ୍ତମ୍ଭ 'ସ୍ମୃତି ୭୫ ବର୍ଷର 'ଶିଳା ସ୍ତମ୍ଭ କୁ ଉନ୍ମୋଚନ କରି ପଞ୍ଚସ୍ତରୀ ବର୍ଷର ଗୌରବ ଉତ୍ସବ ମଞ୍ଚକୁ ଆସି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂଘର ମିଳିତ ଆନୁକୂଲ୍ୟରେ ହେଉଥିବା ଉଦ୍‌ଘାଟନୀ ଉତ୍ସବରେ ପୁରାତନ ଛାତ୍ର ସଂଘ ସଭାପତି ଦୀନବନ୍ଧୁ ନାୟକ ସଭାପତିତ୍ୱ କରିଥିଲାବେଳେ , ସମ୍ପାଦକ ବିନୋଦ ବିହାରୀ ସାହୁ ସମ୍ପାଦକୀୟ ପାଠ କରିଥିଲେ। ଏହାପରେ ଆତିଥି ମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାଲିଙ୍ଗ



ମାତୃଭାଷା ଉପରେ ଗୁରୁତ୍ୱ ଆରୋପ କରି ପିଲାମାନେ କିପରି ଭବିଷ୍ୟତରେ ଏ ଭାଷାକୁ ପାଥେୟ କରି ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବେ ଆଲୋକପାତ କରିଥିଲେ। ନୂତନ ଜାତୀୟ ଶିକ୍ଷା ନୀତି କିପରି ସାମାଜିକ ସ୍ତରରେ ସହାୟକ ହେବ ସେଥିପାଇଁ ଆଜିର ଛାତ୍ର ଛାତ୍ରୀ ସେ ଦିଗରେ ଅଧିକ ତତ୍ପର ହୋଇ ଭବିଷ୍ୟତ କାର୍ଯ୍ୟପନ୍ଥା ଲକ୍ଷ୍ୟ ରଖିବା ଦରକାର। ବିଧାୟକ ଆକାଶ ଦାସ୍ ନାୟକ ସମସ୍ତ ଅତିଥି ମାନଙ୍କ ସମ୍ମୁଖରେ ବିଦ୍ୟାଳୟ ତରଫରୁ ଯେଉଁ ଦାବୀ ଗୁଡିକ ଉପସ୍ଥାପନ କରାଯାଇଛି ସେ ଦାବିରେ ଯଥାର୍ଥତା ଅଛି ଏବଂ ତାହା ନିଶ୍ଚିନ୍ତ ଭାବେ ପୂରଣ କରାଯିବ। ଏହି ଅବସରରେ କାର୍ଯ୍ୟକ୍ରମ ମଧ୍ୟ ରେ ପୂଜ୍ୟ ପୂଜା ସ୍ୱରୂପ ୯ ଜଣ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଜୁବିଲି ଉତ୍ସବ ତରଫରୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ କଟକର କ୍ରିଷ୍ଣା ମେଲୋଡି ଗ୍ରୁପ୍ ଓ ବିଦ୍ୟାଳୟ ତରଫରୁ ନାଟକ ଓ ନୃତ୍ୟର କାର୍ଯ୍ୟକ୍ରମ ରଖାଯାଇଥିଲା। କାର୍ଯ୍ୟକ୍ରମକୁ ଉପସଭାପତି ବିଷ୍ଣୁ ଚରଣ ସାହୁ, କାର୍ଯ୍ୟ କାରୀ ସଭାପତି ଶ୍ରୀଧର ଦାସ, ସଙ୍ଗଠନ ସମ୍ପାଦକ ସୌମ୍ୟବ୍ରତ ସାହୁ, ଆର୍ଯ୍ୟ କୁମାର ବିଭାଷ, କୋଷାଧକ୍ଷ ରଘୁନାଥ ସାହୁ, ,ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଜେନା, ଅନନ୍ତ ଚରଣ ମଲ୍ଲିକ,ସହ ସମ୍ପାଦକ ଦେବପ୍ରକାଶ ସାହୁ, ଆଲୋକ ଦାସ୍, ଦିଲିପ୍ କୁମାର ସାହୁ, ସସ୍ମିତେଶ ସାହୁ , ଆଦିତ୍ୟ କୁମାର ସାହୁ, କୈଳାସ ପଣ୍ଡା, ବୈକୁଣ୍ଠ ଚରଣ ଜେନା ଓ ବିମଳେନ୍ଦୁ ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ କୁମାର ସାହୁ, ସୌମ୍ୟବ୍ରତ ସାହୁ,,ସରୋଜ କୁମାର ସାହୁ, ରାଧେଶ୍ୟାମ ସାହୁ,ସୁରଜ୍ କୁମାର ନାୟକ, ଦୀପକ୍ ଗୁରୁ, ରାଧେଶ୍ୟାମ ସାହୁ , ଦିବ୍ୟଜ୍ୟୋତି ସାହୁ ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ହିଙ୍ଗୁଳା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅଭିଜିତ ବାରିକ ସମସ୍ତ ଅତିଥି ଓ ପୁରାତନ ଛାତ୍ର ସଙ୍ଘ ସମେତ ସମସ୍ତ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

କେନ୍ଦୁଝର(ଭାସ୍କର ନ୍ୟୁଜ) : ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଜାତୀୟ ସେବା ଯୋଜନା ସଂସ୍ଥା ଓ ଯୁବରେଡ଼କ୍ରସ ସଂସ୍ଥା ମିଳିତ ଆନୁକୂଲ୍ୟରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ମିଳିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼କ୍ଟର ଲଳିତ ରଞ୍ଜନ ସାହୁଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ କେନ୍ଦୁଝରର ଶ୍ରୀଯୁକ୍ତ ଗୋପାଳକୃଷ୍ଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ସଡ଼କ ସୁରକ୍ଷା ଟ୍ରାଫିକ ନିୟମ ତଥା ଗାଡି ଚାଳକଙ୍କ ଦାୟିତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ ଓ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼କ୍ଟର ଲଳିତ ରଞ୍ଜନ ସାହୁ ମହାବିଦ୍ୟାଳୟ ର ଅଧକ୍ଷ ପ୍ରଫେସର୍ ଡ଼କ୍ଟର ଲଳିତ ରଞ୍ଜନ ସାହୁ କାର୍ଯ୍ୟକ୍ରମ ସମ୍ପର୍କିତ ଆଭିମୁଖ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ଼କ୍ଟର ରାମଚନ୍ଦ୍ର ମଲ୍ଲ ମହାବିଦ୍ୟାଳୟର ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଡ଼କ୍ଟର ଧର୍ମବୀର ମୋହନ ସିଂ ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ପରିପ୍ରେକ୍ଷୀରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇଥିଲେ । ଗାଡ଼ି ଚାଳନା ପ୍ରଶିକ୍ଷଣ କେନ୍ଦ୍ର କେନ୍ଦୁଝରର ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ଛାତ୍ରୀମାନଙ୍କୁ ଦୁର୍ଘଟଣା ପରବର୍ତ୍ତ ଆଶୁ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କେନ୍ଦୁଝର(ଭାସ୍କର ନ୍ୟୁଜ୍) :ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପକ୍ଷରୁ ଆତ୍ମସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼କ୍ଟର ଲଳିତ ରଞ୍ଜନ ସାହୁ ବିଧିବଦ୍ଧ ଭାବେ ଉଦ୍‌ଘାଟିତ କରି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ୍‌ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସଂପର୍କରେ କହିବା ସହ ବିପୁଳ ପରିମାଣରେ ଯୋଗ ଦେବା ପାଇଁ ପରାମର୍ଶ ଦେଇଥିଲେ । ବାଣିଜ୍ୟ ବିଭାଗର ମୁଖ୍ୟ ଡ଼କ୍ଟର ଅଜିତ କୁମାର ବରାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ପିଲାମାନଙ୍କୁ ସୂଚନା ଦେଇଥିଲେ । ଅର୍ଥନୀତି ବିଭାଗ ମୁଖ୍ୟ ଗୀତାଞ୍ଜଳି ନାୟକ ଏହି ଶିବିରରେ ବହୁ ମାତ୍ରାରେ ଯୋଗ ଦେବା ସହ ଏହା ପରବର୍ତ୍ତୀ ପର୍ଯ୍ୟାୟରେ ସୁରକ୍ଷା ଦେବା ସହ ଜୀବନ ଜୀବିକାର ସହାୟକ ହେବ ବୋଲି କହିଥିଲେ । ଓଡ଼ିଆ ବିଭାଗର



ଅଧାପକ ଡ଼କ୍ଟର ସୂର୍ଯ୍ୟକାନ୍ତ ନାଏକ ସାଂପ୍ରତିକ ସମୟରେ ଆତ୍ମସୁରକ୍ଷା ତାଲିମ୍ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବା ସହ ବିଶେଷ ଭାବରେ ଝିଅ ପିଲାମାନଙ୍କର ଆବଶ୍ୟକତା ଓ ଗୁରୁତ୍ୱ ସଂପର୍କରେ ପିଲାମାନଙ୍କୁ ଅବଗତ କରିଥିଲେ । ଆତ୍ମସୁରକ୍ଷା ତାଲିମ୍ ପ୍ରଶିକ୍ଷିକା ମଧରେ ଝିଲି ପରିଡ଼ା, ସୁଶୀଳା ମହାନ୍ତ, ପ୍ରିୟମ୍ବଦା ମହାନ୍ତ, ପୁଷ୍ପିତା ମହାନ୍ତି ଓ କଳ୍ପନା ଦେଓ ତାଲିମ୍‌ରେ ଯୋଗଦେଇ ଶିଖିବାର ଆଗ୍ରହ ପ୍ରକାଶ ରଖି ଯାହାକି ଆମ୍ଭେ ନୂଆ ନୂଆ କୌଶଳ ଶିଖାଇବାରେ ସମର୍ଥ ହେବୁ ବୋଲି ପ୍ରକାଶ କରିଛନ୍ତି । ଏହି ଅବସରରେ ଆତ୍ମସୁରକ୍ଷା ତାଲିମ୍‌ର ସଂଯୋଜିକା ସସ୍ମିତା ମଞ୍ଜରୀ ନାଏକ କାର୍ଯ୍ୟକ୍ରମର ସଂକ୍ଷିପ୍ତ ସୂଚନା ଦେବାକୁ ଯାଇ ଏହା ଜାନୁଆରୀ ୬ ରୁ ଆରମ୍ଭ ହୋଇ ୧୭ ଜାନୁଆରୀ ପର୍ଯ୍ୟନ୍ତ ଚାଲିବ ଓ ପ୍ରତ୍ୟେକ ଦିନ ସକାଳ ଘ.୮.୦୦ ଟିକା ଠାରୁ ଆରମ୍ଭ ହେବ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ସହଯୋଗ କରିବା ପାଇଁ ଓଡ଼ିଆ ଅଧାପିକା ଦିପ୍ତିମୟୀ ସାହୁ, ଶିକ୍ଷା ଅଧାପିକା କବ୍ୟାଶ୍ରୀ ନନ୍ଦ, ବେଉଟି ଏଣ୍ଡ ୱେଲନେସ ଅଧାପିକା ପ୍ରିୟଙ୍କା ଦାସ, ବାଣିଜ୍ୟ ଅଧାପିକା ବିଜୟଲକ୍ଷ୍ମୀ ମହାପାତ୍ର ଓ ଗଣିତ ଅଧାପିକା ବନଜା ବେହେରା ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ, ଶତାଧିକ ଛାତ୍ରୀମାନେ ଯୋଗଦେଇଥିଲେ ଓ ତାଲିମ୍‌ରେ ଅଂଶ ଗ୍ରହଣ କରିଥିବା ପିଲାମାନଙ୍କୁ ଜଳପାନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସଭା ଶେଷରେ ମହାବିଦ୍ୟାଳୟର ଅର୍ଥନୀତି ଅଧାପିକା ତଥା ଅନ୍ୟତମ ଆତ୍ମସୁରକ୍ଷା ସଂଯୋଜିକା ସନ୍ଧ୍ୟାରଣୀ ସଂଖୁଆଳ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡାରୁ ଆର୍‌ଏମ୍‌ଏସ୍ ସେବା ଉଚ୍ଛେଦ ନକରିବାକୁ ସାଂସଦଙ୍କୁ ଦାବିପତ୍ର

କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍) :କେନ୍ଦ୍ରାପଡା ଜିଲ୍ଲାରୁ ରେଳବାଇ ଡାକସେବା ଉଚ୍ଛେଦ ନକରିବା ପାଇଁ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଡାକସେବା କାର୍ଯ୍ୟାଳୟର କର୍ମଚାରୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡା ଜିଲ୍ଲାର ମହିପାଳ ଠାରେ ୧୯୭୭ମସିହାରୁ ଅଦ୍ୟାବଧି ଏକ ରେଳବାଇ ଡାକସେବା କାର୍ଯ୍ୟାଳୟ ଚାଲୁଅଛି । ଏହି କାର୍ଯ୍ୟାଳୟ ଅଧିନରେ ଜିଲ୍ଲାର ୯ଗୋଟି ବ୍ଲକ ଓ ଦୁଇ ଗୋଟି ପୌରାଞ୍ଚଳରେ ଥିବା ୩୧ଟି ଡାକଘରର ଡାକସେବା କାର୍ଯ୍ୟ ଚାଲୁଅଛି। ସମଗ୍ର ଜିଲ୍ଲାର ଡାକଘର ଗୁଡିକରୁ ଯେଉଁ ସବୁ ଚିଠିପତ୍ର ଆସେ ସେଗୁଡିକ ଏହି କାର୍ଯ୍ୟାଳୟ ମାଧମରେ ଦୂର ଦୂରାନ୍ତର ଲୋକଙ୍କ ନିକଟରେ ପହଞ୍ଚି ଥାଏ। କିନ୍ତୁ ଏବେ ଓଡିଶା ସର୍କଲର ମୁଖ୍ୟ ଡାକପାଳ ନିଷ୍ପତ୍ତି ନେଇଛନ୍ତି ଯେ ଏହି କାର୍ଯ୍ୟାଳୟକୁ ଏଠାରୁ ଉଚ୍ଛେଦ କରି କଟକ ସର୍କଲ ସହିତ ଯୋଡି ଦେବା ପାଇଁ । ଏହାଦ୍ୱାରା ଏଠାରେ କାର୍ଯ୍ୟରତ କର୍ମଚାରୀମାନେ ହଇରାଣ ହରକତ ହେବେ। ଏହାସହ ଜିଲ୍ଲାବାସୀ ମଧ୍ୟ ସମସ୍ୟାରେ ପଡିବେ। କାରଣ ଭୌଗଳିକ



ଦୃଷ୍ଟିକୋଣରୁ କେନ୍ଦ୍ରାପଡା ଜିଲ୍ଲା ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ଜିଲ୍ଲା ସହ ପାରାଦୀପ ପୋର୍ଟ, ଧାମରା ପୋର୍ଟ ଯୋଡି ହୋଇଛି। ଏହାସହ ଏହି ଜିଲ୍ଲାର ମହାକାଳପଡା ଠାରେ ଏକ ନଦୀ ଭିତ୍ତିକ ବନ୍ଦର ନିର୍ମାଣ ପାଇଁ ଯୋଜନା ରହିଛି। ସେହିପରି ନିପନ ଷ୍ଟିଲ କାରଖାନା ପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୋଇଗଲାଣି। ଏହି କାରଖାନା ନିର୍ମାଣ ହୋଇଯିବା ପରେ ଦେଶ ବିଦେଶର ହଜାର ହଜାର କର୍ମଚାରୀ ଏଠାରେ ବାସ କରିବେ। ସେମାନଙ୍କର ଡାକସେବାର ଆବଶ୍ୟକତା ରହିବ। ସେହିଭଳି ଭିତରକନିକା ଜାତୀୟ ଉଦ୍ୟାନ ଏହି ଜିଲ୍ଲାରେ ଅବସ୍ଥିତ। ପ୍ରତିଦିନ ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ମାନେ ଆସିଥାନ୍ତି। ଚଳିତମାସ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯିବ। ଫଳରେ ବହୁ ସଂଖ୍ୟାରେ ପ୍ରବାସୀ ଭାରତୀୟ ଭିତରକନିକା ବୁଲିବାକୁ ଆସିବେ। ତେଣୁ ସେମାନେ ମଧ୍ୟ ଡାକସେବା ଉପରେ ନିର୍ଭର କରିବେ। ଏହିସବୁ ଦୃଷ୍ଟିକୋଣରୁ କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ରେଳ ଡାକସେବା କାର୍ଯ୍ୟାଳୟର ଗୁରୁତ୍ୱ ରହିଛି। ତେଣୁ ଏହି କାର୍ଯ୍ୟାଳୟକୁ ଏଠାରୁ ଉଠାଇ କଟକ ସର୍କଲ କାର୍ଯ୍ୟାଳୟ ସହିତ ନଯୋଡିବା ପାଇଁ କାର୍ଯ୍ୟାଳୟର କର୍ମଚାରୀ ଓ ଜିଲ୍ଲାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର(ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୨ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୦୨ ଟି, ପେନସନ ପାଇବା ପାଇଁ ୩ ଟି, ପୋଲିସ ସହାୟତା ପାଇବା ପାଇଁ ୦୨ ଟି, ଏବଂ ଅନ୍ୟାନ୍ୟ ୨୪ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ଶ୍ରୀ ବିକାଶ କୁମାର ମହାନ୍ତି,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ, ଅଧ୍ୟାପକ ଗିରଫ

କେନ୍ଦୁଝର(ଭାସ୍କର ନ୍ୟୁଜ) :କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଜଣେ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମକୁ ନେଇ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୋଗ ପାଇବା ପରେ ଅଧ୍ୟାପକ ଅମୀୟ ଭୂଷଣ ଚାଗ୍‌ଯାଦବ (୨୭)କୁ ଗିରଫ କରି ଡାକ୍ତରୀ ମାଇନା କରିଛି। ଅଧ୍ୟାପକ କୋର୍ଟ ଚାଲାଣ ହୋଇଛନ୍ତି ବୋଲି ଟାଉନଥାନା ଅଧିକାରୀ ଶ୍ରୀକାନ୍ତ ସାହୁ 'ଓଡିଶା ଭାସ୍କର'କୁ କହିଛନ୍ତି । କଳାହାଣ୍ଡି ଜିଲାର କମ୍ପ୍ୟୁଟର ବିଭାଗର ଅଧ୍ୟାପକ ଅମୀୟ ରବିବାର କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ଜଣେ



ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । କଲେଜ ନିକଟବର୍ତ୍ତୀ ଏକ କୋଠାରେ ଛାତ୍ରୀମାନେ ରହୁଥିବା ବେଳେ କେତେକ ଅଧ୍ୟାପକ ମଧ୍ୟ ରହି ଆସୁଥିଲେ। ବାଲେଶ୍ୱର ଜିଲ୍ଲାର ଜଣେ ୨ୟ ବର୍ଷର ଛାତ୍ରୀ ରବିବାର ଏକ ପାଠ ବୁଝିବାକୁ ଅଧ୍ୟାପକ ଅମୀୟଙ୍କ କୋଠରୀକୁ ଯାଇଥିଲା। ଏହି ସମୟରେ ଅଧ୍ୟାପକ ଜଣଙ୍କ ନିଜର ପୋଷାକ ବଦଳାଇବା ପରେ କଫି ଆଣି ଛାତ୍ରୀଙ୍କୁ ପିଇବାକୁ ଦେଇଥିଲେ । ଛାତ୍ରୀ ଜଣଙ୍କ କଫି ପିଇବାକୁ ମନା କରିବା ପରେ ଅଧ୍ୟାପକ ତାଙ୍କୁ ବଳ ପୂର୍ବକ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ । ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ଛାତ୍ରୀ ଜଣଙ୍କ ଉଦ୍ଧାର କର ଚିତ୍କାର କରିବାରୁ ପାଖ କୋଠାରୀରେ ଥିବା ଅନ୍ୟ ଛାତ୍ରୀ ଓ ଅଧ୍ୟାପକ ସହିତ ଘର ମାଲିକ ସେଠାରେ ପହଞ୍ଚିଥିଲେ । ଭୟରେ ଛାତ୍ରୀ ଜଣଙ୍କ ଥରୁଥିବା ବେଳେ ସହପାଠୀମାନେ ଉଦ୍ଧାର କରି ସେଠାରୁ ନେଇଥିଲେ। ଏହି କଥା ଛାତ୍ରୀ ଜଣଙ୍କ ନିଜର ବାପାଙ୍କୁ ଜଣାଇଥିଲା । ସୋମବାର ଅପରାହ୍ନରେ ଛାତ୍ରୀ ପରିବାର ସହିତ ଆସି ଟାଉନ ଥାନାରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ କରିଥିଲା। ପୁଲିସ ଅଧ୍ୟାପକକୁ ଗିରଫ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## ରାଶିଫଳ

ବୁଧବାର, ୦୮ ଜାନୁଆରୀ ୨୦୨୫



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ଆପଣ ବନ୍ଧୁ ଏବଂ ପରିବାରର ଆବଶ୍ୟକତାରେ ଅଟକି ଯାଇପାରନ୍ତି। ପେଟ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ଅଛି।



**ବୃଷ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଆର୍ଥିକ ଦିଗ ଦୃଢ ହେବ। ଘରର ଉପଯୋଗୀ ଜିନିଷଗୁଡ଼ିକ ବୃଦ୍ଧି ପାଇବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ। ଭ୍ରମଣ ଯୋଗ ମଧ୍ୟ ଅଛି।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିପାରେ। ନିଦ୍ରା ଅଭାବ ହେବ। ମୁଣ୍ଡବିନ୍ଧା ଏବଂ ଆଖିରେ ଉତ୍ତେଜନା ଦେଖାଦେଇପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣଙ୍କ ଜୀବନସାଥୀ ଆପଣଙ୍କର ଅନୁଭବ ବୁଝିବେ। ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ । ଆପଣ ଧୈର୍ଯ୍ୟବାନ ହେବା ଉଚିତ୍।



**ତୁଳା:** ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ସନ୍ଧ୍ୟାରେ ଅତିଥିମାନଙ୍କ ଆଗମନ ସହିତ ଘରର ପରିବେଶ ମଧ୍ୟ ସୁଖଦ ରହିବ। ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ। ମନ୍ଦିରରେ ଘିଅ ଦୀପ ଜାଳନ୍ତୁ, ପତି-ପତ୍ନୀଙ୍କ ସମ୍ପର୍କ ମଜବୁତ ହେବ।



**ଧନୁ:** ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ । ଆପଣ ବ୍ୟବସାୟରେ ନୂତନ ଯୋଜନା କରିପାରିବେ। ଯାହା ଭବିଷ୍ୟତରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ।



**ମକର:** ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ। ବିବାହିତ ଲୋକମାନେ ସୁଖ ପାଇପାରିବେ। ପ୍ରେମ ବଢ଼ିବ।



**କୁମ୍ଭ:** କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ।



ଜ୍ୟୋତିଷ ସେବା

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ନିକଟସ୍ଥ ଭାସ୍କେଲ ଡ୍ୟାମ ଠାରେ ୧୯୮୬ ମାଟ୍ରିକ୍ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି।ଏହି ବନ୍ଧୁମିଳନ ଏକ ଅକଳ୍ପନୀୟ ବନ୍ଧୁ ମିଳନ। ଦୀର୍ଘ ୩୯ ବର୍ଷ ପରେ ସମସ୍ତେ ଏକାଠି ହୋଇଥିଲେ। ଉମରକୋଟ ଏସ୍ଏସ୍ ଗଭର୍ଣ୍ଣମେଣ୍ଟ୍ ହାଇସ୍କୁଲର ୧୯୮୬ ବ୍ୟାଚର ପାଞ୍ଚଟି ସେକ୍ସନରେ ପାଠ ପଢୁଥିବା ୧୦୦ରୁ ଊର୍ଦ୍ଧ୍ୱ ପୂର୍ବତନ ଛାତ୍ର ଏକତ୍ରିତ ହୋଇଥିଲେ। ପ୍ରଥମେ ସ୍ୱର୍ଗବାସ ହୋଇ ଯାଇଥିବା ସାଙ୍ଗମାନଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଦୀର୍ଘ ତିନି ବର୍ଷ ହେଲା ବହୁ ଚେଷ୍ଟା ପରେ ମଧ ହୋଇ ପାରିନଥିଲା । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଚଳିତ ବର୍ଷ ୨୦୨୫ ମସିହା ରେ ତାହା ସମ୍ଭବପର ହୋଇପାରିଛି। ଭବିଷ୍ୟତରେ ସମସ୍ତେ ସମସ୍ତଙ୍କ ସୁଖ ଦୁଃଖରେ ଛିଡା ହେବା ସହ ଯଥା ସାଧ ପରସ୍ପରଙ୍କୁ ସହଯୋଗ କରିବାକୁ ନିଷ୍ପତି ନେଇଥିଲେ।ସହପାଠୀ ଶ୍ୟାମ ସୁନ୍ଦର ମଣ୍ଡଳ ସମସ୍ତଙ୍କୁ ଗୋଟିଏ ଲେଖାଏଁ ଉପଢୌକନ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଆୟୋଜନର କାର୍ଯ୍ୟଭାର ବହନ କରିଥିଲେ ସଚିତ ଦାସ, ବିବୁ ପାଢ଼ି, ବିଷ୍ଣୁ ପଟ୍ଟନାୟକ, ନାଗେଶ ପଟ୍ଟନାୟକ, ପ୍ରଭାତ ନାୟକ, ଗୋପୀନାଥ ସାହୁ, ପ୍ରଶାନ୍ତ କୁମାର ମୁଦୁଲି, ଛନ୍ଦା ଚରଣ ଜେନା ବୁଟନ ଅଗ୍ରବାଲ, ବିନୋଦ ଜୈନ, ଟିଭି ରାବଣାଙ୍କ ପ୍ରଚେଷ୍ଟାରେ ସଫଳ ହୋଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବାବୁଲା ପଟ୍ଟନାୟକ, ଶ୍ରୀନିବାସ ପାଢ଼ୀ, ବାବୁଲା ମୁଦୁଲି, ନାଗେଶ ପଟ୍ଟନାୟକ, ଚମ୍ପକ ମଣ୍ଡଳ, ସ୍ୱରୂପସିଂ ମାଝୀ, ଲମ୍ବୋଦର ତୁରୁକ, କିଶୋର ସିଲ ସମେତ ସହ ବହୁ ବଙ୍ଗୀୟ ବନ୍ଧୁ ସାମିଲ ହୋଇଥିଲେ।



## ଜିଏସ୍‌ଟି ଅଧିକାରୀଙ୍କୁ କଂସଙ୍କ ୧୦ହଜାର ଫାଇନ୍



ବରଗଡ(ମଥୁରା/ଗୋପ) (ଭାସ୍କର ନ୍ୟୁଜ୍): ବରଗଡ଼ରେ ପଞ୍ଚମ ଦିବସରେ ଶ୍ରୀକୃଷ୍ଣଙ୍କ ଗୋପରେ ଲୀଳା ଖେଳା, ଭକ୍ତମାନଙ୍କର ଗୋପପୁରେ ପୁଷ୍ପ, ଚନ୍ଦନ ଦେଇ ପଦପୂଜା, ପ୍ରତି ଘରେ ଘରେ ସାଜସଜା "ଆହା ମୋ ନନ୍ଦ କୋଳେ ଗୋବିନ୍ଦ" ଗୀତରେ ଗୋପପୁର ଚମକିଲା । ଜି.ଏସ୍.ଟି. ଅଧିକାରୀଙ୍କୁ କଂସଙ୍କ ୧୦ ହଜାର ସ୍ୱର୍ଣ୍ଣ ମୁଦ୍ରା ଫାଇନ୍। ଅଶ୍ରୁମୋଚନ ସିନେ କଳାକାରଙ୍କ ସହ ସମ୍ମାନିତ ହୋଇଛନ୍ତି।

## ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ବ୍ଲକ କାର୍ଯ୍ୟାଳୟରେ ତାଲା



### ୧୦ ସୁଦ୍ଧା ବିଡିଓ ନିଯୁକ୍ତି ନହେଲେ ୧୧ରୁ ଅନିର୍ଦ୍ଧିଷ୍ଟ କାଳ ବନ୍ଦ

ଉମରକୋଟ(ଭାସ୍କର ନ୍ୟୁଜ୍): ଦୀର୍ଘ ୨ ମାସ ହେଲା ଉମରକୋଟରେ ରାଜ୍ୟ ସରକାର ସ୍ଥାୟୀ ବିଡ଼ିଓ ନିଯୁକ୍ତି କରୁ ନାହାଁନ୍ତି। ସ୍ଥାୟୀ ବିଡ଼ିଓ ନଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ଠପ୍ ହୋଇ ପଡ଼ିଛି। ୨୪/୧୦/୨୪ ତାରିଖ ଦିନ ଉମରକୋଟ ବିଡ଼ିଓ ପ୍ରିତି ରଞ୍ଜନ ରଥ ଏଠାରୁ ବଦଳି ହୋଇ ରିଲିଭ ହୋଇ ଯିବା ପରେ ନବରଙ୍ଗପୁର ଜିଲ୍ଲାପାଳ ରାଇଘର ବିଡ଼ିଓ ଲକ୍ଷ୍ମୀ ସାଗର ମାଝିଙ୍କୁ ଉମରକୋଟ ବିଡ଼ିଓ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଇଘର ଓ ଉମରକୋଟ ବ୍ଲକ ଦୁଇଟି ବଡ଼ ବ୍ଲକ। ରାଇଘର ବିଡ଼ିଓ ନିଜ ବ୍ଲକକୁ ଅଧିକ ସମୟ ଦେଉ ଥିବାରୁ ସେ ଉମରକୋଟ ବ୍ଲକ ପାଇଁ ସମୟ ଦେଇ ପାରୁ ନାହାଁନ୍ତି। ଆଉ ରାଇଘର ବିଡ଼ିଓ ଯେଉଁ ସମୟରେ ଉମରକୋଟ ଆସନ୍ତି ତାଂକୁ ସରପଞ୍ଚ , ସମିତି ସଭ୍ୟମାନେ ଭେଟି ପାରୁନାହାନ୍ତି ଏପରିକି ଉମରକୋଟ ବ୍ଲକ୍ ଅଧକ୍ଷା ସୁଶୀଳା ମାଝି ମଧ ଆଜିକୁ ୨ ମାସ ହେଲା ବିଡ଼ିଓଙ୍କୁ ଭେଟି ପାରୁନାହାନ୍ତି। ଦୂରଦୂରାନ୍ତରୁ ସାଧାରଣ ଲୋକେ କୌଣସି କାର୍ଯ୍ୟକୁ ଅଭିଯୋଗ ନେଇ ଆସିଲେ ବିଡିଓଙ୍କୁ ନ ଭେଟି ପାରି ନିରାଶ ହୋଇ ଖର୍ଚ୍ଚାନ୍ତ ହୋଇ ଫେରୁଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଧୀରେ ଧୀରେ ଅସନ୍ତୋଷ ବଢିବାରେ ଲାଗିଛି। ଏପରି ଅନେକ ଅଭିଯୋଗ ନେଇ ଆଜି ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝିଙ୍କ ନେତୃତ୍ୱରେ ସରପଞ୍ଚ ଓ ସମିତି ସଭ୍ୟ ମାନେ ଉମରକୋଟ ବ୍ଲକ କାର୍ଯ୍ୟାଳୟ ରେ ତାଲା ପକାଇବା ସହ କାର୍ଯ୍ୟାଳୟ ସମ୍ମୁଖ ରେ ଅନଶନରେ ବସି ଥିଲେ। କାର୍ଯ୍ୟାଳୟରେ ତାଲା ପକାଇବା ଆଗରୁ ବ୍ଲକରେ ଉପସ୍ଥିତ ବିଡ଼ିଓ ଓ ଅନ୍ୟ କର୍ମଚାରୀଙ୍କୁ ବାହାର କରି ତାଲା ପକାଇ ଦେଇଥିଲେ। ଏହି ଅନଶନ ତାଲା ପକାଇବା ପ୍ରାୟ ୧୨ ଟା ରୁ ୨ ଟା ଯାଏ ଚାଲିଥିଲା। ଏହା ପରେ ନବରଙ୍ଗପୁର ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲ। ନବରଙ୍ଗପୁର ଜିଲ୍ଲାପାଳ ୭ ତାରିଖ ସୁଦ୍ଧା ନୂତନ ବିଡିଓ ଉମରକୋଟ ଯୋଗଦାନ କରୁଛନ୍ତି ବୋଲି ବିଡିଓଙ୍କୁ ଫୋନ୍ ମାଧ୍ୟମ ରେ ସୂଚନା ପ୍ରଦାନ କରିଥିଲେ। ଯାହାକି ବିଡିଓ ଅନଶନରେ ବସିଥିବା ଲୋକ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ବିଡିଓଙ୍କ ଅନୁରୋଧକୁ ରକ୍ଷା କରି ଅଧକ୍ଷାଙ୍କ ସମେତ ସମସ୍ତ ସମିତି ଓ ସରପଞ୍ଚ ମାନେ ଅନଶନରୁ କୁ ସାମୟିକ ଭାବେ ପ୍ରତ୍ୟାହୃତ କରିଥିଲେ। ତେବେ ଆଗାମୀ ୧୦ ତାରିଖ ଭିତରେ ନୂତନ ବିଡିଓ ଯୋଗଦାନ ନକରନ୍ତି, ତେବେ ୧୧ ତାରିଖରୁ ଅନିର୍ଦ୍ଧିଷ୍ଟ ସମୟ ପାଇଁ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ବ୍ଲକ ଅଧକ୍ଷା ସୁଶୀଳା ମାଝୀ ବିଡିଓଙ୍କୁ ରୋକଠୋକ୍ ଭାବେ ଜଣାଇ ଦେଇଥିଲେ। ଏହି ଅବସର ରେ ଲୋକ ପ୍ରତିନିଧିମାନେ ବ୍ଲକରେ କାର୍ଯ୍ୟରତ ଉନ୍ନୟନ ବିଭାଗର କିରାଣୀ ଲୋକ ପ୍ରତିନିଧିମାନଙ୍କୁ ଠିକ୍ ଭାବେ ସମ୍ମାନ ନଦେଉଥିବା ସହ କୌଣସି ସରକାରୀ ଚିଠି ଅଧକ୍ଷାଙ୍କ ନଜରକୁ ଆଣୁ ନଥିବା ଅଭିଯୋଗ କରିଥିଲେ। କାହାକୁ କି ବିଡିଓ ଉପଯୁକ୍ତ ପଦକ୍ଷେପ ନେବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯେହେତୁ ଉମରକୋଟରେ ସୋମବାର ଆଉ ଗୁରୁବାର ଦିନ ସାପ୍ତାହିକ ହାଟ ହୋଇ ଥିବାରୁ ବ୍ଲକର ଦୂର ଦୂରାନ୍ତରୁ ଲୋକେ ଓ ଲୋକ ପ୍ରତିନିଧିମାନେ ବିଭିନ୍ନ ସମସ୍ୟା ନେଇ ଉମରକୋଟ ଆସିଥାନ୍ତି। ତେଣୁ ନୂତନ ବିଡିଓ ଯୋଗ ଦାନ କରିବା ପର୍ଯ୍ୟନ୍ତ ଏହି ୨ ଦିନ ସକାଳ ୧୦ ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ବିଡିଓଙ୍କୁ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଥିଲା। ଆଜିର ଏହି ଆନ୍ଦୋଳନ ସମୟରେ ବ୍ଲକ ଅଧକ୍ଷା। ସୁଶୀଳା ମାଝି, ଉପାଧ୍ୟକ୍ଷ ସାମଲ ସରକାର, ସମିତି ସଭ୍ୟ ସଂଘର ସଭାପତି ବିକ୍ରମ ସିଂ, ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝିଙ୍କ ସମେତ ବହୁ ସଂଖ୍ୟାରେ ସରପଞ୍ଚ ଓ ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଏହିକି ଯେ ଉମରକୋଟରେ ସ୍ଥାୟୀ ବିଡିଓ ନ ଥିବା ନେଇ ଏକ ବିସ୍ତୃତ ରିପୋର୍ଟ ଗତ ୫ ତାରିଖ ଦିନ ସମ୍ବାଦରେ ପ୍ରକାଶ ପାଇଥିଲା ଯାହାରକି ପ୍ରଭାବ ଆଜି ଉମରକୋଟ ବ୍ଲକ କାର୍ଯ୍ୟାଳୟ ଠାରେ ଦେଖିବାକୁ ମିଳିଲା।

## ଆଦିବାସୀଙ୍କ କୃଷିଭିତ୍ତିକ ପର୍ବ 'ଦିଆଲି' ଆରମ୍ଭ

### ଗୋ ସମ୍ପଦ ସୁରକ୍ଷା ପାଇଁ ଗଉଡ଼ମାନଙ୍କ 'କକିର ନାଟ' ମୁଖ୍ୟ ଆକର୍ଷଣ

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅଞ୍ଚଳରେ ଅମଳର ପରବର୍ତ୍ତୀ ଉତ୍ସବ 'ଦିଆଲି' ଆରମ୍ଭ ହୋଇଛି। ଚାଷୀକୁ ପ୍ରତିଟି କ୍ଷେତ୍ରରେ ସହଯୋଗ କରି ଆସିଥିବା ଗାଈଗୋରୁଙ୍କୁ ପୂଜାର୍ଚ୍ଚନା ସହ ସ୍ୱାଦିଷ୍ଟ ଖେଚୁଡି ଖାଇବାକୁ ଦିଆଯାଇଛି। ଗାଈ ଜଗୁଆଳ ବା ଗଉଡ଼ମାନେ ଘାସିନୀ ଦେବୀଙ୍କୁ ପୂଜା କରନ୍ତି। ଝୁଡ଼ଙ୍ଗ ଆଦି ପନିପରିବା ମିଶାଇ ନୂତନ ମାଟି ହାଣ୍ଡିରେ ଖେଚୁଡି ରାନ୍ଧିଥାନ୍ତି। ଖେଚୁଡିକୁ ନୂଆ କୁଲା ଓ ଚାଙ୍ଗୁଡିରେ ରଖି ଗୋରୁଙ୍କୁ ଖାଇବାକୁ ଦେଇ ପୂଜାର୍ଚ୍ଚନା କରିଥାନ୍ତି। ଗଉଡମାନେ ଘାସିନୀ ଦେବୀଙ୍କୁ ପୂଜା କରିଥାନ୍ତି। ପରେ ଦେହରେ କଳା ରଙ୍ଗର ମାଟି ବୋଳି ବିଭିନ୍ନ ବାଜାମହୁରୀ ବଜାଇ "କକିର୍ ନାଟ" କରିଥାନ୍ତି। ଗୋରୁଙ୍କ ସୁନ୍ଦର ସ୍ୱାସ୍ଥ୍ୟପାଇଁ ଦେବୀଙ୍କ ପାଖରେ ପୂଜାକରି ଅଣାଯାଇଥିବା ଔଷଧ(ଚିପଟି)କୁ ସେମାନଙ୍କ ଗାଈକୁ ଖାଇବାକୁ ଦିଅନ୍ତି ।



ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆଦିବାସୀ ଲୋକେ ଗୋ ସମ୍ପଦ ସୁରକ୍ଷା ପାଇଁ ଏହି ପର୍ବ ପାଳନ କରିଥାନ୍ତି। ଚାଷ କାମରେ ଦୀର୍ଘଦିନ ଧରି ପରିଶ୍ରମ କରି ଚାଷୀଙ୍କୁ କରିଥିବା ଗାଈଗାରୁଙ୍କ ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଦିନରେ ଲୋକେ ଘର ଲିପାପୋଛା ସାଙ୍ଗକୁ ନାନା ପ୍ରକାର ଝୋଟି ଆଙ୍କିଥାନ୍ତି । ପ୍ରତି ଘରେ ଲୋକେ ଗୋରୁଙ୍କୁ ହଳଦୀ, ସିନ୍ଦୁର, ଫୁଲମାଳ ଦେଇ ପୂଜାର୍ଚ୍ଚନା ସହ ମୁଣ୍ଡରେ ଅରୁଆ ଚାଉଳ ପକାଇ ଶୁଭ ମନାସି ଦୀର୍ଘାୟୁ କାମନା କରିଛନ୍ତି। ସୂଚନାଯୋଗ୍ୟ, ଗୋ-ସମ୍ପଦ ସୁରକ୍ଷା ପାଇଁ ଆଦିବାସୀମାନେ ଏହି ପର୍ବ ପାଳନ କରିଥାନ୍ତି । ଗାଁର ମାଝି, ପୂଜାରୀ, ଦିଶାରୀଙ୍କ ପରାମର୍ଶରେ ଏଥିପାଇଁ ଶୁଭଦିନ ଠିକ୍ କରାଯାଏ । ଧାର୍ଯ୍ୟ ଦିନର ପୂର୍ବରୁ ଥିବା ସାପ୍ତାହିକ ହାଟରୁ ସଜବାଜ ଆରମ୍ଭ ହୋଇଥାଏ। ପର୍ବ ଆରମ୍ଭର ଗୋଟିଏ ଦିନ ପୂର୍ବ ସନ୍ଧ୍ୟାରେ ଗୋରୁଙ୍କ ବେକରେ ଗେଟା ବନ୍ଧା ଯାଇଥାଏ। ପର୍ବଦିନ ଲୋକେ ଲାଉ, ବୋଇତାଳୁ, କଖାରୁ, କାକୁଡି,ବେକରେ ବନ୍ଧା ଯାଇଥାଏ। ପର୍ବ ଆରମ୍ଭର ଏକରୁ ତିନିଦିନ ମଧ୍ୟରେ ଖୋଲା ପଡ଼ିଆରେ ଗରଦ(ଗୋବର୍ଦ୍ଧନ) ପୂଜା କରାଯାଏ। ଗୋରୁ ମାଲିକମାନେ ଗଉଡ଼ଙ୍କୁ ଧାନ, ଚାଉଳ, ଟଙ୍କା ଓ ଲୁଗାପଟା ଦେଇଥାନ୍ତି। ଧାନକେଣ୍ଡା ଗୁନ୍ଥିଘର ଦୁଆର ମୁହଁରେ ବାନ୍ଧିବା ସହ ଶଗଡରେ ଝୋଟି ପକାଇ ପୂଜାର୍ଚ୍ଚନା କରାଯାଇଥାଏ ଏହାକୁ ସ୍ଥାନୀୟ ଭାଷାରେ "ଧାନଛେଲା' କୁହାଯାଏ। ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗରଦନ୍ ପୂଜା ସମୟରେ ଗଉଡ଼ଙ୍କଠାରୁ ଲୋକେ ଆଶୀର୍ବାଦ ନେଇଥାନ୍ତି। ଦୁଇରୁ ୩ଦିନ ଧରି ଉତ୍ସବ ଚାଲେ । ଗାଁ ଗଣ୍ଡାରେ ନାଚଗୀତ ଆସର ଜମେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୬ଷ୍ଠ ଓ ୭ମ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା




ଗୁଣପୁର (ଭାସ୍କର ନ୍ୟୁଜ୍): ଗୁଣପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ୬ଷ୍ଠ ଓ ୭ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବ୍ଲକର ଛାତ୍ରଛାତ୍ରୀମାନେ ଏହି ପ୍ରବେଶିକା ପରିକ୍ଷାରେ ଅଂଶଗ୍ରହଣ କରିଥିବା ବେଳେ ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଆବେଦନ କରିଥିବା ୨୩୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୩ ଜଣ ପରିକ୍ଷାରେ ଅଂଶଗ୍ରହଣ କରିଥିବା ବେଳେ ଗୁଣପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଆବେଦନ କରିଥିବା ୧୩୦ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨୪ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପରୀକ୍ଷା ପରିଚାଳନା ପାଇଁ ପରିଦର୍ଶକ ଭାବେ ଗୁଣପୁର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରତିଶତି ସିଂ ଦୁଇଟି କେନ୍ଦ୍ରର ପରୀକ୍ଷା ତଦାରଖ କରିଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଭାବେ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗିତାଞ୍ଜଳି ସାହୁ ପରୀକ୍ଷା ପରିଚାଳନା କରିଥିଲେ।

## ତେନ୍ତୁଳି ଗଛରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ନାରାୟଣ ପାଟଣା ଥାନା ଅନ୍ତର୍ଗତ ଉପର ଗୁମାଣ୍ଡି ଗ୍ରାମର ଜଣେ ବେକରେ ରଶି ଲଗାଇ ଆତ୍ମ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାଟି ସୋମବାର ଦିନ ଜଣା ପଡିଥିବାବେଳେ ଯୁବକ ଜଣକ ହେଲେ ଉପର ଗୁମାଣ୍ଡି ଗ୍ରାମର ସୁଶାନ୍ତ ମେଲେକା ଓ ତାଙ୍କ ବୟସ ୧୯ ବର୍ଷ ବୋଲ ଜଣାପଡିଛି । ଏନେଇ ନାରାୟଣ ପାଟଣା ଥାନାରେ ମୃତକଙ୍କ ଅଜା ମିଣ୍ଟୁ ତାଡିଙ୍ଗି ଲିଖିତ ଅଭିଯୋଗ କରିଛନ୍ତି। ସିଏ ଗତ ଡିସେମ୍ବର ମାସ ୨୯ ତାରିଖ ଦିନ ଆନ୍ଧ୍ର ପ୍ରଦେଶକୁ ଦାଦନ ଖଟିବାକୁ ବାହାରିଥିଲେ। ହେଲେ ସେହିଦିନ ଠାରୁ ଆଉ ତାଙ୍କର କୌଣସି ଖୋଜ ଖବର ନଥିବାବେଳେ ସୋମବାର ସକାଳେ ଗ୍ରାମଠାରୁ ତିନି କିଲୋମିଟର ଦୂର ଏକ ତେନ୍ତୁଳି ଗଛରେ ତାଙ୍କର ମୃତ ଦେହ ଝୁଲୁ ଥିବା ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ତା'ର ମୃତ୍ୟୁକୁ ନେଇ ଆମର କୌଣସି ସନ୍ଦେହ ନାହିଁ ବୋଲି ଅଭିଯୋଗ ପତ୍ରରେ ଉଲେଖ ରହିଛି ।ଏନେଇ ଥାନାରେ ୦୨/୨୫ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ପ୍ରମୋଦ ନାୟକ ସୂଚନା ପ୍ରଦାନ କରିଛନ୍ତି।

## ଖପ୍ରାଖୋଲରେ କଂସଙ୍କ ରାଜୁତି ଆରମ୍ଭ

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଧନୁଯାତ୍ରା ପଡିଆଠାରେ ଚତୁର୍ଥ ଧନୁଯାତ୍ରା ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ବୁଲୁ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ



### ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ସମ୍ମାନୀତ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଥାନା ଅଧିକାରୀ ନରେନ୍ଦ୍ର ଛତର, ଉପମୁଖ୍ୟମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସରପଞ୍ଚ ବେଟିଖାଇ ସେନ୍ଦ୍ରୀଆ ଯୋଗଦେଇ ନାଲିଫିତା କାଟି, ନଡ଼ିଆ ଭାଙ୍ଗି ଉଦଘାଟନ କରିଥିଲେ। ଅତିଥିମାନେ ମହୋତ୍ସବ ଉପରେ ଆଲୋକପାତ କରିବା ସହ ଏହି ଧନୁଯାତ୍ରା ମହୋତ୍ସବ କେବଳ ପୁରାଣର କଥାବସ୍ତୁ ନୁହେ ଦୈନନ୍ଦିନ ଜୀବନରେ ଆମ ସଂସ୍କୃତି ଓ କଳାର ପରିପ୍ରକାଶର ମାଧ୍ୟମ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ହରିଶଙ୍କର ମହାବିଦ୍ୟାଳୟ ଅଧକ୍ଷ ବଳଭଦ୍ର ଦାଶ ପରିଚାଳନା କରିଥିବା ବେଳେ ବିନୋଦ ସାହୁ, ଦିଲିପ ଗଡତ୍ୟା, ସୁଶୀଲ ପ୍ରଧାନ, ରଞ୍ଜନ ସାହୁ, ଈଶ୍ୱର ମେହେର, ପରୀକ୍ଷିତ ସାହୁ ସମେତ ଆୟୋଜକ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ମିଲେଟ ପ୍ରସ୍ତୁତ ଖାଦ୍ୟ ମେଳା ଆରମ୍ଭ ହୋଇଥିବା ବେଳେ ଆଗାମୀ ୧୨ତାରିଖ ଯାଏଁ ଏହି ମହୋତ୍ସବ ହେବ।

## ରାୟଗଡା ଜିଲ୍ଲାର ଚୁଡାନ୍ତ ଭୋଟର ତାଲିକା ପ୍ରକାଶ

### ଜାନୁଆରୀ ୫ ସୁଦ୍ଧା ଭୋଟରଙ୍କ ସଂଖ୍ୟା ୭୨ ହଜାର

ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲାରେ ଥିବା ଭୋଟରଙ୍କ ଚୁଡାନ୍ତ ତାଲିକାକୁ ଅତିରକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରକ୍ତ ଜିଲ୍ଲାପାଳ ଭାସ୍କର ରଇତ ପ୍ରକାଶ କରିଛନ୍ତି । ଏଥିରେ ଜିଲ୍ଲାର ୧୩୮- ଗୁଣପୁର,୧୩୯-ବିଷମକଟକ ଓ ୧୪୦-ରାୟଗଡା ନିର୍ବାଚନ ମଣ୍ଡଳୀରେ ଥିବା ଭୋଟରଙ୍କ ସଂଖ୍ୟା ପ୍ରକାଶିତ ହୋଇଛି । ଚଳିତ ବର୍ଷ ଜାନୁଆରୀ ୫ତାରିଖ ସୁଦ୍ଧା ଜିଲ୍ଲାରେ ୭୨୦୦୪୧ଜଣ ଭୋଟରଙ୍କ ନାମ ଭୋଟର ତାଲିକାରେ ରହିଛି । ଏହି କ୍ରମରେ ରାୟଗଡା ଜିଲ୍ଲାରେ ୩ ଲକ୍ଷ ୩୮ ହଜାର ୭୧୬ ଜଣ ପୁରୁଷ ଭୋଟର ରହିଥିବା ବେଳେ ୩ ଲକ୍ଷ ୮୧ ହଜାର ୧୩୮ ଜଣ ମହିଳା ଭୋଟରଙ୍କ ସମେତ ୧୮୭ ଜଣ କିନ୍ନର ଭୋଟରଙ୍କୁ ମିଶାଇ ମୋଟ ୭ ଲକ୍ଷ ୨୦ହଜାର ୪୧ ଜଣ ଭୋଟର ରହିଛନ୍ତି । ଚଳିତ ୨୦୨୫ ବର୍ଷରେ ୧୫ହଜାର ୪୩୮ଜଣ ଭୋଟରଙ୍କୁ ସାମିଲ କରାଯାଇଛି । । ଗୁଣପୁର ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୨୬ହଜାର ୯୪୦ଜଣ ଭୋଟର ରହିଥିବା ବେଳେ ଏଥିରେ ୧ଲକ୍ଷ ୯ହଜାର ୧୧୮ଜଣ ପୁରୁଷ ଭୋଟର ଓ ୧ଲକ୍ଷ ୧୭ହଜାର ୭୭୪ଜଣ ମହିଳା ଓ ୪୮ଜଣ କିନ୍ନର ଭୋଟର ରହିଛନ୍ତି । ସେହିପରି ବିଷମକଟକ ନିର୍ବାଚନ ମଣ୍ଡଳିରେ ମୋଟ ଭୋଟର ୨ଲକ୍ଷ ୩୬ହଜାର ୮୩୪ଜଣଙ୍କ ନାମ ଭୋଟର ତାଲିକାରେ ପ୍ରକାଶିତ ହୋଇଛି। ଏଥିରେ ୧ଲକ୍ଷ ୮ହଜାର ୭୪୫ଜଣ ପୁରୁଷ ଓ ୧ଲକ୍ଷ ୨୮ହଜାର ୫୦ଜଣ ମହିଳା ଭୋଟରଙ୍କ ସମେତ ୩୯ଜଣ କିନ୍ନର ଭୋଟର ରହିଥିବା ବେଳେ ରାୟଗଡା ନିର୍ବାଚନ ମଣ୍ଡଳୀରେ ମୋଟ ୨ଲକ୍ଷ ୫୬ ହଜାର ୨୬୭ଜଣ ଭୋଟର ରହିଛନ୍ତି। ପୁରୁଷ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୨୦ହଜାର ୮୫୩ ରହିଥିବା ବେଳେ ୧ଲକ୍ଷ ୩୫ହଜାର ୩୧୪ଜଣ ମହିଳା ଭୋଟର ଏବଂ ୧୦୦ଜଣ କିନ୍ନର ଭୋଟର ରହିଛନ୍ତି । ଗତ ୨୦୨୪ ବର୍ଷ ଅକ୍ଟୋବର



୨୯ତାରିଖ ସୁଦ୍ଧା ଜିଲ୍ଲାରେ ୭ଲକ୍ଷ ୧୫ହଜାର ୭୬୦ ଜଣ ଭୋଟର ରହିଥିଲେ । ରାୟଗଡା ଜିଲ୍ଲାରେ ସର୍ବମୋଟ ୮୯୫ଗୋଟି ବୁଥ୍ ରହିଥିବା ବେଳେ ଗୁଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁଣପୁର, ଗୁଡାରୀ, ଚନ୍ଦ୍ରପୁର, ପଦ୍ମପୁର, ରାମନାଗୁଡା ବ୍ଲକ ସମେତ ଗୁଣପୁର ପୌରାଞ୍ଚଳ ଓ ଗୁଡାରୀ ବିଜ୍ଞାପିତ ଅଂଚଳ ପରିଷଦରେ ୨୯୭ଟି ବୁଥ ରହିଥିବା ବେଳେ ବିଷମକଟକ ନିର୍ବାଚନୀ ମଣ୍ଡଳିର ମୁନିଗୁଡା, ବିଷମକଟକ, କଲ୍ୟାଣସିଂହପୁର ଓ କୋଲନରା ବ୍ଲକରେ ୨୯୬ଟି ବୁଥ ରହିଛି । ସେହିପରି ରାୟଗଡା ନିର୍ବାଚନ ମଣ୍ଡଳୀର କାଶିପୁର ବ୍ଲକରେ, ରାୟଗଡା ବ୍ଲକରେ ଏବଂ ରାୟଗଡା ପୌରାଞ୍ଚଳରେ ବୁଥକୁ ମିଶାଇ ମୋଟ ୩୦୨ଟି ସର୍ବାଧିକ ବୁଥ୍ ରହିଥିବା ଭୋଟର ତାଲିକାରେ ପ୍ରକାଶିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା କକ୍ଷରେ ଅନୁଷ୍ଠିତ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ବିଜେଡିର ବି ତିରୁପତି, କଂଗ୍ରେସର ଶଙ୍କର୍ଷଣ ମଙ୍ଗରାଜ ଓ ବହୁଜନ ସମାଜ ପାର୍ଟିର ରବୀନ୍ଦ୍ର ଗରଡିଆ ଆଦି ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳଙ୍କ ଠାରୁ ଭୋଟର ତାଲିକା ଗ୍ରହଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଭାଲୁ କାମୁଡ଼ାରେ ଯୁବକ ଆହତ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ଗ୍ରାମ ପଞ୍ଚାୟତ ରଙ୍ଗାମଗୁଡା ଗ୍ରାମର ଗୁରୁ ଆଲାଙ୍ଗଙ୍କୁ ଆଜି ସକାଳ ସମୟରେ ଏକ ଭାଲୁ କାମୁଡିବାରୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଚିକିତ୍ସିତ ହୋଇଛନ୍ତି । ପରିବାର ଲୋକଙ୍କ କହିବା ଅନୁଯାୟୀ ଆଜି ଭୋର ସମୟରେ ଗୁରୁ କୌଣସି କାର୍ଯ୍ୟରେ ନିଜ ଗ୍ରାମ ପାଖରେ ଥିବା ଜଙ୍ଗଲ ନିକଟକୁ ଯାଇଥିଲେ । ସେହିସମୟରେ ନିକଟ ବୁଦା ମୂଳରୁ ଭାଲୁ ବାହାରି ଗୁରୁଙ୍କୁ ଆକ୍ରମଣ କରିବା ଫଳରେ ଚିତ୍କାର କରିଥିଲେ । ଗୁରୁଙ୍କ ଚିତ୍କାର ଶୁଣି ନିକଟରେ ଥିବା ଗ୍ରାମବାସୀ ଘଟଣା ସ୍ଥଳକୁ ଯାଇ ଗୁରୁତର ଆହତ ହୋଇଥିବା ଗୁରୁଙ୍କୁ ଭାଲୁ କବଳରୁ ଉଧାର କରି ତୁରନ୍ତ କୁଡୁମୁଲୁଗୁମ୍ମା ସ୍ୟାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସାପରେ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଅଧିକ ଚିକିତ୍ସା ନିମନ୍ତେ ପଠାଇ ଥିବା ପରିବାର ଲୋକେ କହିଛନ୍ତି ।

## ହିନ୍ଦ୍ ମଜଦୂର ସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସଦସ୍ୟ ଶିବକୁମାର ଯାଦବଙ୍କୁ ସ୍ୱାଗତ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ହିନ୍ଦ ମଜଦୁର ସଂଘ ପକ୍ଷରୁ ହିନ୍ଦ ମଜଦୁର ସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସଦସ୍ୟ କେନ୍ଦ୍ରୀୟ ପରାମର୍ଶଦାତା ଚୁକ୍ତି ଶ୍ରମବୋର୍ଡ଼ (ଭାରତ ସରକାର) ର ଶିବ କୁମାର ଯାଦବଙ୍କୁ ଝାରସୁଗୁଡ଼ା ବିମାନ ବନ୍ଦର ଠାରେ ଉପଢୌକନ, ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ମହାନଦୀ କୋଲ ମଜଦୁର ସଂଘ (ଏଚ.ଏମ.ଏସ) ଇବ୍ କୋଲ ଫିଲ୍ଡର ସଭ୍ୟ ସଭ୍ୟା ମାନେ ଶିବ କୁମାର ଯାଦବ ଙ୍କୁ ନେଇ ମଙ୍ଗଳବାର ଠାରୁ ତିନିଦିନ ଧରି (ଏନଏଲସୀ) ତାଳାବିରା ଖଣ୍ଡାର କୋଇଲା ଖଣି, ତାଳଚେରର ବିଭିନ୍ନ କୋଇଲା ଖଣି ଗସ୍ତ କରିବେ । କୋଇଲା ଖଣି ରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକମାନେ ଠିକ ଭାବରେ ଭାରତ ସରକାରଙ୍କ ନିୟମାବଳୀକୁ ପାଳନ କରି ତାଙ୍କର ପ୍ରାପ୍ୟ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ପାଉଛନ୍ତି କି ନାହିଁ ସେ ବିଷୟରେ ତଦାରଖ କରିବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି ।ଏହି ଗସ୍ତ ସମୟରେ ସାଙ୍ଗରେ କେନ୍ଦ୍ରୀୟ ପରାମର୍ଶଦାତା ଚୁକ୍ତି ଶ୍ରମବୋର୍ଡ଼ (ଭାରତ ସରକାର) ର ସମସ୍ତ ଟିମ୍ ରହିବେ। ଏ ନେଇ ସମସ୍ତ ଖଣି ସଂସ୍ଥା ର ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି । ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ଅବନୀ ଦାସ, ଗୋପବନ୍ଧୁ ପଟେଲ, ସନ୍ତୋଷ କାଲୋ, ସଦାଶିବ ବିଶି, ସଂଜିତ ବନଛୋର, ରାଧାକାନ୍ତ ପ୍ରଧାନ, ସୌରବ ଦାଶ, ସୋନୁ ସହିଷ, ଋଷଭ ଖରେ,



ବିପ୍ଳବ ଗଡ଼ନାୟକ, କିଶୋର ଗଣ୍ଡ, ସୋନାଲ ତ୍ରିବେଦୀ, ଅବିନ୍ଦମ ମଲ୍ଲିକ ସମେତ ଅନ୍ୟାନ୍ୟ ଅନେକ ସଭ୍ୟ ମାନେ ଉପସ୍ଥିତ ଥିଲେ।

## ଧନୁଯାତ୍ରାରେ କୃଷ୍ଣଲୀଳା, ରୁଦ୍ରାଭିଷେକ ମୁଖ୍ୟ ଆକର୍ଷଣ

ବରଗଡ଼ (ଭାସ୍କର ନ୍ୟୁଜ୍): କଂସାସୁର ଭୁବନ ପ୍ରଧାନଙ୍କ ମଥୁରା ନଗରୀ ପରିକ୍ରମା ସହ କଂସ ଅଷ୍ଟମ ଗର୍ଭ ସନ୍ତାନ ଭଣଜା କୃଷ୍ଣ ହାତରେ ମୃତ୍ୟୁର ଶୂନ୍ୟବାଣୀ ଶୁଣିବା ପରଠୁ ଚିନ୍ତିତ, ଭୀତତ୍ରସ୍ତ। ଏଥିପାଇଁ ଚତୁର୍ଥ ଦିନ ଧନୁଯାତ୍ରାର ପଥପ୍ରାନ୍ତ ଅଭିନୟ ପାଇଁ ସେଲଟ୍ୟାକ୍ସ ଅଫିସ୍ ପରିସରର ମୁକ୍ତେଶ୍ୱର ବାବାଙ୍କ ମନ୍ଦିରରେ ରୁଦ୍ରାଭିଷେକ ମୁକ୍ତେଶ୍ୱର ଭଜନ ସଂକ୍ରାନ୍ତି ଗୋଷ୍ଠୀର ନେପାଳେଶ୍ୱର ନନ୍ଦ (ସଭାପତି) ଭକ୍ତଙ୍କ ଦ୍ୱାରା ବ୍ୟାପକ ଆୟୋଜନ, ଅଭିନୟ ଦେଖିବାକୁ ପ୍ରବଳ ଭିଡ଼। କଂସଙ୍କ ମନ୍ତ୍ରଣାରେ ପୁତନା, ବକା, ଶକଟା,



ତୃଣା ଭଳି ଅଷ୍ଟମଲ୍ଲଙ୍କୁ ଗୋପପୁର ପ୍ରେରଣ।ସେହିଭଳି ଷଡ଼ମଲ୍ଲଙ୍କ ମୃତ୍ୟୁ ଖବର ପାଇ କଂସଙ୍କ ଶୋକ ଅଭିନୟ ହାଟପଦା କଂସ ଦରବାରରେ ଦେଖିବାକୁ ଭିଡ଼ ହେଉଥିବା ବେଳେ, ଗୋପପୁର (ଅମ୍ବାପାଲି)ରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, ପୁତନା ଓ ଅଷ୍ଟମଲ୍ଲ ସହ ନନ୍ଦୋତ୍ସବ କାର୍ଯ୍ୟକ୍ରମ ସର୍ବପୁରାତନ ଧନୁଯାତ୍ରା କଳାକାର ନନ୍ଦରାଜା ସତ୍ୟନାରାୟଣ ପୋଢ଼ ଓ ନନ୍ଦରାଣୀଙ୍କ ଅଭିନୟ ବେଶ୍ ଚମକପ୍ରଦ ହୋଇଛି। "ରଙ୍ଗମହଲ" ବିଭିନ୍ନ ନୃତ୍ୟ ଦଳର ନୃତ୍ୟ ଦର୍ଶକଙ୍କ ପାଇଁ ମନୋରଞ୍ଜନର ମାଧ୍ୟମ ପାଲଟିଛି।

## ସମ୍ବଲପୁରରେ ପ୍ରତିଭା ଅନ୍ୱେଷଣ ପରୀକ୍ଷା

ସମ୍ବଲପୁର/(ଭାସ୍କର ନ୍ୟୁଜ୍): ଗାୟତ୍ରୀ ଟ୍ରଷ୍ଟ ଦ୍ୱାରା ସମ୍ବଲପୁରରେ ଗାୟତ୍ରୀ ରେସିଡେନସିଆଲ ଇଂଲିଶ ମିଡିୟମ୍ ସ୍କୁଲରେ ପ୍ରତିଭା ଅନ୍ୱେଷଣ ପରୀକ୍ଷାର ଆୟୋଜନ କରାଯାଇଥିଲା। ଏହି ପରୀକ୍ଷା ଶ୍ରେଣୀ ୫, ୮ ଓ ୧୦ର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜିଜ୍ଞାସା ଓ ପ୍ରତିଷ୍ଠାର ଆନ୍ଦୋଳନ ଗଢ଼ିଉଠିବାର ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। ଏଠାରେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ସାତଟି ବ୍ଲକରୁ ଏକ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ଦିନ ୧୨:୦୦ ଟାରୁ୧:୦୦ ପର୍ଯ୍ୟନ୍ତ ଚାଲିଥିଲା। ପରୀକ୍ଷା ପରେ ମଧ୍ୟାହ୍ନ ଭୋଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ, ଗାୟତ୍ରୀ




ରେସିଡେନସିଆଲ ଇଂଲିଶ ମିଡିୟମ୍ ସ୍କୁଲର ପ୍ରଧାନାଚାର୍ଯ୍ୟ ମିଷ୍ଟର୍ ଗ୍ରେଗୋରି ମିକେଲ ହସ୍ତ ଅତିଥିମାନଙ୍କର ପରିଚୟ ଦେଇଥିଲେ। ଏହା ପରେ, ୨:୧୫ ଟାରେ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରତିଷ୍ଠାତା ଚେୟାରମ୍ୟାନ (ମିଷ୍ଟର୍ ଘାସିରାମ ସାହୁ), ଚେୟାରପର୍ସନ୍, ଗାୟତ୍ରୀ ଟ୍ରଷ୍ଟ କମିଟିର ସଦସ୍ୟ ମନୋରଞ୍ଜନ ପଟେଲ୍, ମନୋଜ ପଟେଲ୍, ଅଞ୍ଜଳି ପଟେଲ୍, ରୀତାଞ୍ଜଳି ସାହୁ, ଦୟାସାଗର ପ୍ରଧାନ, ପୂର୍ବତନ ଏକାଡେମିକ୍ ଡିରେକ୍ଟର୍ ମିଷ୍ଟର୍ ଶ୍ୟାମ ସୁନ୍ଦର ସାହୁ ଓ ବର୍ତ୍ତମାନ ଏକାଡେମିକ୍ ଡିରେକ୍ଟର୍ ମିଷ୍ଟର୍ ଅଭିଷେକ କୁମାର ଦ୍ୱାରା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ, ଗ୍ରେମ୍ବର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇଥିଲା। ଏହା ସାହାଯ୍ୟରେ ଛାତ୍ରଛାତ୍ରୀମାନଙ୍କ ଭିତରୁ ନିପୁଣତା ଓ ସୃଜନଶୀଳତାର ପ୍ରଦର୍ଶନ ହୋଇଥିଲା। ଏକାଡେମିକ୍ ଡିରେକ୍ଟର ତାଙ୍କ ବକ୍ତବ୍ୟରେ ପରୀକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହ ଏହାର ଗୁରୁତ୍ୱକୁ ଉପସ୍ଥାପନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ବଣ୍ଟନ କରି ସମ୍ମାନିତ କରିଥଲେ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେଲା ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ। ପ୍ରତ୍ୟେକ ଶ୍ରେଣୀରେ ଶ୍ରେଷ୍ଠ ତିନି ଭାଗ ବିଜେତାଙ୍କୁ ପ୍ରସ୍ତାବ ପ୍ରଦାନ କରାଯାଇଥିଲା।

## ଗ୍ରାମୀଣ ପାର୍କ ନାଁରେ ଦୁର୍ନୀତି ଅଭିଯୋଗ



### ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକରେ ଥିବା ୨୬ଟି ଗ୍ରାମପଞ୍ଚାୟତ ନିର୍ମିତ ହୋଇଥିବା ଗ୍ରାମୀଣ ପାର୍କରେ ମହାଦୁର୍ନୀତି ହୋଇଥିବା ପାର୍କକୁ ଦେଖିଲେ ସହଜରେ ଅନୁମେୟ ହେଉଛି। ଖଡ଼ିଆଳ ବ୍ଲକର ୨୬ ଟି ଗ୍ରାମପଞ୍ଚାୟତର ୨୦ ରୁ ଅଧିକ ଗ୍ରାମପଞ୍ଚାୟତରେ ଗ୍ରାମୀଣ ପାର୍କରେ ଦୁର୍ନୀତି ହୋଇଛି। ଗୋଟିଏ ଗୋଟିଏ ପାର୍କର ଅଟକଳ ପରିମାଣ ପଚାଶ ଲକ୍ଷରୁ ଅଧିକ ଥାଇପାରେ। ଯେଉଁ ଉଦ୍ଦେଶ୍ୟ ନେଇ ଏହି ଗ୍ରାମୀଣ ପାର୍କ ନିର୍ମାଣ ହେବାକଥା ତାହା ପରିଷଦର ବାହାରେ। ଖାଲି ଜେଇ, ସରପଞ୍ଚ ଓ ପଂଚାୟତ କାର୍ଯ୍ୟ ନିବାହୀ ଅଧିକାରୀ ଙ୍କ ଆପୋଷ ବୁଝାମଣା ହୋଇ ଲକ୍ଷ ଲକ୍ଷ ଟଙ୍କାର ପାର୍କ ନିର୍ମାଣ ଅର୍ଥକୁ ହେରଫେର କରି ପାର୍କକୁ ଅର୍ଦ୍ଧନିର୍ମିତ, ଅବହେଳିତ, ଅଳିଆ ଆବର୍ଜନା, ମଦୁଆଙ୍କ ଆଡାସ୍ଥଳୀ, ସଟ୍ଟା, ଜୁଆ ଖେଳର ପେଣ୍ଠସ୍ଥଳୀ ଭାବେ ସଜେଇ ଦେଇଥିବା ଦେଖିବାକୁ ମିଳୁଛି। ଉଦାହରଣ ସ୍ୱରୂପ ଭୋଜପୁର, ଖୁଦପେଜ, ନେହେନା, ସାନ ମହେଶ୍ୱର, ଭୁଲିସିକୁଆ,ଏମିତି ଖଡ଼ିଆଳ ବ୍ଲକର ଅନେକ ଗ୍ରାମପଞ୍ଚାୟତରେ ପାର୍କ ଦୁର୍ନୀତି ହୋଇଛି। ପ୍ରାୟ ପଂଚାୟତର ଦୁଇରୁ ତିନି କିଲୋମିଟର ଦୂରରେ ଏହି ପାର୍କ ସବୁ ନିର୍ମାଣ ହୋଇଛି। ଗ୍ରାମରୁ ମଧ୍ୟ ଦୁଇ କିଲୋମିଟର ରୁ ଅଧିକ ଦୂରରେ ପାର୍କ ନିର୍ମାଣ ହୋଇଛି। ନିଶ୍ଚିନ୍ତ ଭାବେ ଜିଲ୍ଲାପାଳ ଏହି ଗ୍ରାମୀଣ ପାର୍କର ପୁନଃ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଯେଉଁ ସରକାର ହେଉନା କାହିଁକି ଏହି ଅର୍ଥ ଲୋକଙ୍କ ଅର୍ଥ। ଲୋକଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉ। ତେଣୁ ଏହାଉପରେ ବାଛ ବିଚାର ନ କରି ଉଚିତ ତଦନ୍ତ କରି ପାର୍କର ପୁନଃ ଉଦ୍ଧାର କରାଗଲେ ଲୋକେ ପାର୍କକୁ ଉପଭୋଗ କରି ପାରନ୍ତେ ବୋଲି କୁହାଯାଇଛି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସହରାଞ୍ଚଳ ଜନପରିବହନକୁ ସୁଦୃଢ଼ କରିବା ଦିଗରେ ମୁଖ୍ୟମନ୍ତ୍ରୀ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି । ଏନେଇ ମୋହନ ଚରଣ ମାଝୀ ଗାଡ଼କଣ ମୋ ବସ୍ ଡ଼ିପୋରେ ୪୦ଟି ଇ-ବସ୍‌ର ଶୁଭାରମ୍ଭ କରିଛନ୍ତି । ବିକଶିତ ଭାରତ ଅଭିଯାନରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରୟାସରତ ଥିବାବେଳେ, ଓଡ଼ିଶା ଦର୍ଶନର ରାଜ୍ୟ ଜନ ପରିବହନରେ ସାମିଲ ହୋଇଛି ନୂତନ ଓ ଉନ୍ନତ ଧରଣର ଇ-ବସ ସେବା । ଏହା ବହୁମାତ୍ରାରେ କାର୍ବନ ନିର୍ଗମନ ହ୍ରାସ, ଟ୍ରାଫିକ୍ ସମସ୍ୟାକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଏହି ବସ୍ ସେବାଗୁଡ଼ିକ ଦ୍ୱାରା ପର୍ଯ୍ୟଟକମାନଙ୍କ ଯାତାୟାତକୁ ବିଶେଷ ଭାବରେ ଲାଭ ହେବା ସହିତ ପ୍ରଥମଥର ପାଇଁ ରାଜ୍ୟର ଜଣେ ସାଧାରଣ ଯାତ୍ରୀଟିଏ ମଧ୍ୟ ଏହି ସେବାର ଅନୁଭୂତି ନେଇପାରିବେ । ୫ଟି ଡବଲ୍ ଡେକର୍ ଏବଂ ୧୦ଟି ହପ୍ ଅନ୍ ହପ୍ ଅଫ୍ ଇ-ବସ୍ ସେବା ସାଧାରଣତଃ କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ପ୍ରମୁଖ ଦର୍ଶନୀୟ ସ୍ଥାନ ଏବଂ ସାଂସ୍କୃତିକ ଐତିହ୍ୟସ୍ଥଳୀକୁ ସଂଯୋଗ କରିବ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ବାବୁ ସିଂ, ପ୍ରଶାନ୍ତ ଜଗଦେବ, ଉନ୍ନୟନ କମିଶନର ଅନୁ ଗର୍ଗ, ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ପରିବହନ କମିଶନର ଅମିତାଭ ଠାକୁର, କ୍ଲଟର ପରିଚାଳନା ନିର୍ଦ୍ଦେଶକ ଡ.ଏନ. ଥିରୁମାଲା ନାୟକଙ୍କ ସମେତ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।




ପ୍ରବାସୀ ଭାରତୀୟ ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଝଲସୁଛି ରାଜଧାନୀ...

### ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

# ପୁଷ୍ପ ଚେତନା ଏକ ନୈସର୍ଗିକ ଉପଲବ୍ଧି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ଏକାମ୍ର କାନନ, ଭୁବନେଶ୍ୱର, ପ୍ଲାଣ୍ଟ ଲଭର୍ସ ଆସୋସିଏସନ ସହ ମିଶି ପ୍ରତିବର୍ଷ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆୟୋଜନ କରିଥାନ୍ତି । ଜାନୁଆରୀ ୭ ରୁ ୧୧ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ଏହା ଚାଲିବ । ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ବିଶ୍ୱର ବିଭିନ୍ନ ଦେଶର ପ୍ରତିନିଧି ପ୍ରଦର୍ଶନୀକୁ ପରିଦର୍ଶନ କରିବେ ଓ ଆମ ପୁଷ୍ପବିତାନ ଏବଂ ତାର ଚିତ୍ତାକର୍ଷକ ରୂପରଙ୍ଗ ଦର୍ଶନ କରି ସମ୍ମୋହିତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି । ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ଏକାମ୍ରକାନନରେ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପୁଷ୍ପ ଚେତନା ଏକ ନୈସର୍ଗିକ ଉପଲବ୍ଧି ଏବଂ ଆମ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । କଳଙ୍କ ବିହୀନ ସ୍ୱଚ୍ଛ ହୃଦୟ ଏବଂ ଶାନ୍ତି ଓ ବିଶ୍ୱାସର ପ୍ରତୀକ ହେଉଛି ଫୁଲ । ଈଶ୍ୱରଙ୍କ ସବୁଠୁ କୋମଳ ଏବଂ ପବିତ୍ର ସର୍ଜନା ରୂପେ ଏହା ସୃଷ୍ଟିର ଆଦ୍ୟମାରମ୍ଭରୁ ଏଯାବତ ପୃଥିବୀର ପ୍ରତ୍ୟେକ କୋଣ ଅନୁକୋଣରେ ନିଜର ଆକର୍ଷଣ ଏବଂ ଗୁରୁତ୍ୱ ବଜାୟ ରଖିଛି । ଆଜିର ପ୍ରଦର୍ଶନୀର ସାଜସଜା ଓ ସୁନ୍ଦର ପରିବେଶ ଅତ୍ୟନ୍ତ ମନମୁଗ୍ଧକର । ଏଠାରେ ନୂତନ ଗେଟ ପରିସର, ବହୁ ରଙ୍ଗୀ ଉଦ୍ୟାନ ଓ କ୍ୟାକଟସ ହାଉସର ଶୁଭ ଉଦ୍‌ଘାଟନ ହୋଇଛି । ପ୍ରଦର୍ଶନୀରେ ରାଜ୍ୟର ବିଭିନ ପାନ୍ତରୁ ସତୁରୀରୁ ଉର୍ଦ୍ଧ୍ୱ ପ୍ରତିଷ୍ଠାନ ଯୋଗଦାନ କରିଛନ୍ତି । ଏହା ବ୍ୟତୀତ କଟ ଫ୍ଲାୱାର, ବନସାଇ ଓ ବିଭିନ୍ନ ପ୍ରକାରର ଅର୍ଚ୍ଚିଡ ମଧ୍ୟ ପ୍ରଦର୍ଶିତ ହୋଇଛି । ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ୨୦୨୪-୨୫ ବର୍ଷର ବାର୍ଷିକ ଗବେଷଣା ରିପୋର୍ଟ ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ସୌଜନ୍ୟରୁ ପ୍ରକାଶିତ ‘ସବୁଜିମା’ ପତ୍ରିକା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇଥିଲେ । ଅତିଥିଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁରେଶ କୁମାର ପନ୍ତ, ପ୍ରଶାସନିକ ଅଧିକାରୀ ସୁଶ୍ରୀ ଋତୁପର୍ଣ୍ଣା ମହାପାତ୍ର ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏସନର ସଭାପତି କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜଧାନୀରେ ଆରମ୍ଭହେଲା ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ

# ଯୋଗଦେଲେ କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର, ଉପ-ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି ସାଂସ୍କୃତିକ ମହୋତ୍ସବର ମହାକୁମ୍ଭ । ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ । ମଙ୍ଗଳବାର ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର ବିଦେଶ ମନ୍ତ୍ରାଳୟ ମନ୍ତ୍ରୀ ଏସ. ଜୟଶଙ୍କର, ଓଡ଼ିଶା ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଗୁରୁଜୀ ଡ଼.ଚନ୍ଦ୍ରଭାନୁ ଶତପଥୀ ଆଦି ଅତିଥି ଭାବେ ଯୋଗଦେଇ ନୃତ୍ୟ ଓ ସଂଗୀତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରଥମ ଦିନରେ ବିଶିଷ୍ଟ କଣ୍ଠଶିଳ୍ପୀ ଅଭିଲିପ୍ସା ପଣ୍ଡାଙ୍କ ଦ୍ୱାରା ହର ହର ଶମ୍ଭୁ ସଂଗୀତ ପରିବେଷଣ କରାଯାଇଥିଲା । ଏହାପରେ ନୃତ୍ୟଶିଳ୍ପୀ ଦେବାଶିଷ ପଟ୍ଟନାୟକ ଓମ୍ ଧେୟମ୍ ନିତ୍ୟମ୍ ମହେଶମ୍ ମଙ୍ଗଳାଚରଣ, ରାଗଶ୍ରୀ ପଲ୍ଲବୀ, ଶିବାଷ୍ଟକମ୍ ଓଡ଼ିଶୀ ନୃତ୍ୟରେ ପ୍ରଭୁଙ୍କ ବନ୍ଦନା କରିବା ସହ ଦର୍ଶକଙ୍କୁ ବିମୋହିତ କରିଥିଲେ । ନିତ୍ୟାନନ୍ଦ ଦାସ ଓ ବିଜୟ କୁମାର ଦାଶଙ୍କ ଦ୍ୱାରା ଦ୍ୱୈତ ଓଡ଼ିଶୀ, ପୁଷ୍ପିତା ମିଶ୍ର ଓ ଗ୍ରୁପ ଦ୍ୱାରା ପ୍ରଦର୍ଶିତ ଦଳଗତ ଓଡ଼ିଶୀ ନୃତ୍ୟ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ସୂଚନାଯୋଗ୍ୟ ମଙ୍ଗଳବାରରୁ ଆସନ୍ତା ୧୧ ପର୍ଯ୍ୟନ୍ତ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବ ।




## ଏଥର ବିଡାନାସୀ ମିନି ଷ୍ଟାଡିୟମ୍‌ରେ ପାଳିତ ହେବ ସାଧାରଣତନ୍ତ୍ର ଦିବସ

କଟକ(ଭାସ୍କର ନ୍ୟୁଜ୍): ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସକୁ ଉତ୍ସାହର ସହ ସରସ ସୁନ୍ଦର ଭାବେ ପାଳନ କରାଯିବା ତଥା ଏହି ଜାତୀୟ ଉତ୍ସବର ସଫଳ ଆୟୋଜନ ନିମନ୍ତେ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ସହ ପୂର୍ଣ୍ଣ ସହଯୋଗ କରିବା ପାଇଁ ଜିଲ୍ଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଆସନ୍ତା ଫେବୃୟାରୀ ୯ରେ ବାରବାଟୀ ଷ୍ଟାଡିୟମ୍‌ରେ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାରୁ ବିଡାନାସୀ ମିନି ଷ୍ଟାଡିୟମରେ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ପାଇଁ ଆପାତତଃ ସ୍ଥିର କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜାତୀୟ ଦିବସ ଆୟୋଜନର ସମସ୍ତ କାର୍ଯ୍ୟ ସଂଚାଳନା କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ରିଜର୍ଭ ଇନିସପେକ୍ଟର ଦିଲୀପ କୁମାର ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ବି.ଏନ ଅଧିକାରୀ, ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ସମେତ ପୂର୍ତ୍ତ ପ୍ରଭାଗ-୧ର ସହକାରୀ ନିର୍ବାହୀଯନ୍ତ୍ରୀ, ଟିପିସିଓଡିଏଲଏବଂ ଯନ୍ତ୍ରୀମାନେ ଯୋଗଦେଇ ଦେଇଥିଲେ ।

## ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ଅଶୀ ମହୋତ୍ସବ ଓ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପ୍ରତିଷ୍ଠାର ୮୦ବର୍ଷ ପୂର୍ତ୍ତି ଅବସରରେ ଓଡେଶା ଅଶୀ ମହୋତ୍ସବ ତଥା ସଂଘର ୭୯ତମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱର ଖାରବେଳ ନଗରସ୍ଥ ସଂଘ ଭବନରେ ଅନୁଷ୍ଠିତ ହେବ । ସମ୍ମିଳନୀ ପାଇଁ ଦୁଇଦିନ ସ୍ୱତନ୍ତ୍ର ଛୁଟି ମଞ୍ଜୁରି ନିମିତ୍ତ ରାଜ୍ୟ ସରକାରଙ୍କ ଗୃହ ବିଭାଗକୁ ସଂଘ ଅନୁରୋଧ କରିଛି । ସଂଘର ଅଶୀ ମହୋତ୍ସବ ଓ ବାର୍ଷିକ ସମ୍ମିଳନୀରେ ଉଭୟ ଅବସରପ୍ରାପ୍ତ ଓ ସେବାରତ ଡିପ୍ଲୋମା ଇଞ୍ଜିନିୟରମାନେ ଯୋଗଦେବେ । ତିନିଦିନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମପନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବି ନାରାୟଣ ନାଏକ, କୃଷ୍ଣଚନ୍ଦ୍ର ମହାପାତ୍ର, ସୂରଜ ସୂର୍ଯ୍ୟବଂଶୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମସ୍ତ ସେବାରତ ଓ ଅବସରପ୍ରାପ୍ତ ସଦସ୍ୟମାନେ ସଂଘର ଅଶୀ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେବାକୁ ସଂଘ ଅନୁରୋଧ କରିଛି ।



ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସୋମବାର ଥିଲା ଓଡ଼ିଶା ମହିଳା କ୍ରିକେଟ୍‌ରଙ୍କ ଖୁସିର ଦିନ। ୨୩ ବର୍ଷରୁ କମ୍ ଟ୍ୱେଣ୍ଟି-୨୦ ଦଳ ୮ ଓ୍ୱିକେଟ୍‌ରେ ବିହାରକୁ ଏବଂ ୧୯ ବର୍ଷରୁ କମ୍ ଦିନିକିଆ ଦଳ ୨୨୯ ରନ୍‌ରେ ମେଘାଳୟକୁ ପରାସ୍ତ କରିଛି। ଗୋଆରେ ଚାଲିଥିବା ୨୩ ବର୍ଷରୁ କମ୍‌ରେ ଓଡ଼ିଶା ଟସ୍ ଜିତି ବିହାରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ବୋଲରଙ୍କୁ ସାମ୍ନା କରି ନପାରି ବିହାର ୭ ଓ୍ୱିକେଟ୍ ହରାଇ ମାତ୍ର ୮୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରୀତି ୨୭ ଓ ଅଧିନାୟିକା ଯାଶିତା ସିଂହ ୧୭ ଓ ବିଶାଲାକ୍ଷି ୧୩ ରନ୍ କରିଥିଲେ। ଓଡ଼ିଶାର ସୋନାଲି ହେମ୍ବ୍ରମ୍ ୩, ଜ୍ୟୋତି କେ ପ୍ରସାଦ ୨ ଓ ତନ୍ମୟୀ ବେହେରା ୧ ଓ୍ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ୧୩.୧ ଓଭରରେ ୨ ଓ୍ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅଧିନାୟିକା ଅଲିଷା ବିଶ୍ୱାଳ ୩୩ ଓ ତନ୍ମୟୀ ବେହେରା ୨୬* ରନ୍ କରିଥିଲେ। ବେଙ୍ଗାଲୁରୁରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆରେ ଟସ୍ ହାରି ବ୍ୟାଟିଂ କରିଥିବା ଓଡ଼ିଶା ୨ରନ୍‌ରେ ୨ ଓ୍ୱିକେଟ୍ ଏବଂ ୧୨.୪ ଓଭରରେ ୪୪/୪ରେ ସଂଘର୍ଷ କରିଥିଲା। ହେଲେ ବିଜୟା ଏନ୍ ବେହେରା ଓ ଅନନ୍ୟା ମିଶ୍ର ଦଳକୁ ଆଉ କୌଣସି କ୍ଷତି ନ ପହଞ୍ଚାଇ ପଞ୍ଚମ ଓ୍ୱିକେଟ୍‌ରେ ୨୦୬ ରନ୍‌ର ଭାଗୀଦାରି ଗଢ଼ି ଦଳକୁ ୨୫୦ ରନ୍‌ରେ ପହଞ୍ଚାଇଥିଲେ। ବିଜୟା ଶତକ ଓ ଅନନ୍ୟା ଅର୍ଦ୍ଧଶତକ କରିଥିଲେ। ଜବାବରେ ମେଘାଳୟ ୨୨.୩ ଓଭରରେ ୨୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

## ଖୋଖୋ ଦଳ ପାଇଁ ଖର୍ଚ୍ଚ ହେବ ୧୫କୋଟି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ସ୍ୱଦେଶୀ କ୍ରୀଡ଼ାକୁ ପ୍ରୋତ୍ସାହିତ ଦେବା ଲାଗି ଭାରତୀୟ ଜାତୀୟ ଖୋ ଖୋ ଟିମ୍ ପାଇଁ ଓଡ଼ିଶା ୩ ବର୍ଷ ସକାଶେ ପ୍ରାୟୋଜକ ହୋଇଛି। ଏ ନେଇ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏଥି ପାଇଁ ରାଜ୍ୟ ସରକାର ବାର୍ଷିକ ୫ କୋଟି ଟଙ୍କା ନିବେଶ କରିବେ। ଜାନୁଆରୀ ୨୦୨୫ରୁ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି) ଏଥିପାଇଁ ପାଣ୍ଠି ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତୀୟ ହକିର ସଫଳ ପ୍ରାୟୋଜନ କରିଥିବା ଓଡ଼ିଶା ଖୋ ଖୋ ଦଳ ପାଇଁ ୧୫ କୋଟି ଟଙ୍କା ଦେଇ ଏହାର ପ୍ରଚାର ଓ ପ୍ରସାର ଦିଗରେ ପଦକ୍ଷେପ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଭାରତୀୟ ଖୋ ଖୋ ଖେଳାଳି ପ୍ରୋତ୍ସାହନ ପାଇବା ସହ ଓଡ଼ିଶା ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ବ୍ରାଣ୍ଡିଂ ଜରିଆରେ ବିଶ୍ୱସ୍ତରରେ ରାଜ୍ୟର ଛବିକୁ ଉଜ୍ଜ୍ୱଳ କରିପାରିବ।

## ଟେଷ୍ଟରେ ରୋହିତ ଭଲ ଖେଳିବା ଉଚିତ୍: ପୂର୍ବତନ କୋଚ୍

ନୂଆଦିଲ୍ଲୀ: ସିଡନୀ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳର ନିୟମିତ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚ୍ ଖେଳି ନଥିଲେ। ତାଙ୍କ ସ୍ଥାନରେ ଜସପ୍ରୀତ୍ ବୁମରାଙ୍କୁ ଦଳର ଅଧିନାୟକ କରାଯାଇଥିଲା। ଏହି ଘୋଷଣା ପରେ ରୋହିତ ଟେଷ୍ଟ ମ୍ୟାଚରୁ ଅବସର ନେଉଥିବା ନେଇ ଚର୍ଚ୍ଚା ହୋଇଥିଲା। ହେଲେ ରୋହିତ ଷ୍ଟାର ସ୍ପୋର୍ଟସକୁ ସାକ୍ଷାତକାର ଦେଇ କହିଥିଲେ ଯେ, 'ମୁଁ ଅବସର ନେଉ ନାହିଁ। ଏବେ ମୁଁ କ୍ରିକେଟ୍ ଖେଳରୁ ଦୂରେଇ ଯାଇନାହିଁ। ମୁଁ ଖେଳିବି।' ତାଙ୍କର ଏଭଳି ପ୍ରତିକ୍ରିୟା ପରେ ଏହା ସ୍ପଷ୍ଟ ହୋଇଥିଲା ଯେ, ରୋହିତ ଅବସର ନେଉନାହାନ୍ତି। ତାଙ୍କର ଏହି ଘୋଷଣା ଉପରେ ଏବେ ପୂର୍ବତନ ଭାରତୀୟ ବ୍ୟାଟିଂ କୋଚ୍ ତଥା କ୍ରିକେଟର ସଞ୍ଜୟ ବଙ୍ଗର ପ୍ରତିକ୍ରିୟା ରଖିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, 'ରୋହିତ ଏବେ ଅବସର ନେଉ ନଥିବା ସ୍ପଷ୍ଟ କରିଛନ୍ତି। ତେଣୁ ତାଙ୍କୁ ଘରୋଇ କ୍ରିକେଟରେ ରନ୍ ସ୍କୋର କରି ଟେଷ୍ଟ ଦଳରେ ନିଜର ସ୍ଥାନ ଅର୍ଜନ କରିବା ଉଚିତ୍।

### ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍

## ଭାରତକୁ ହଟାଇ ଦ୍ୱିତୀୟରେ ଦକ୍ଷିଣ ଆଫ୍ରିକା




ନୂଆଦିଲ୍ଲୀ : ନିକଟରେ ବର୍ଡର ଗାଭାସ୍କର ଟ୍ରଫି ଶେଷ ହୋଇଛି। ଏହି ସିରିଜରେ ଟିମ୍ ଇଣ୍ଡିଆ ୧-୩ରେ ଅଷ୍ଟ୍ରେଲିଆ ଠାରୁ ଲଜ୍ଜାଜନକ ପରାଜୟ ହୋଇଥିଲା। ତେବେ ଏହି ପରାଜୟ ବଳରେ ଆଇସିସି ଟେଷ୍ଟ ମାନ୍ୟତାରେ ଭାରତୀୟ ଦଳ ତୃତୀୟ ସ୍ଥାନକୁ ଖସି ଆସିଛି। ୨୦୧୯-୨୧ ଏବଂ ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳର ୧୦୯ ରେଟିଂ ପଏଣ୍ଟ ରହିଛି । ୨୦୨୩ ଡବ୍ଲ୍ୟୁଟିସି ବିଜେତା ଅଷ୍ଟ୍ରେଲିଆ ୧୨୬ ରେଟିଂ ପଏଣ୍ଟ ସହ ଟେଷ୍ଟ ର୍ୟାଙ୍କିଙ୍ଗରେ ଶୀର୍ଷରେ ରହିଛି। ତେବେ ଦକ୍ଷିଣ ଆଫ୍ରିକା ଭାରତକୁ ପଛରେ ପକାଇ ରେସ୍‌ରେ ଦ୍ୱିତୀୟ ସ୍ଥାନକୁ ଉଠିଛି। ଯିଏକି ଘରୋଇ ମାଟିରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ପାକିସ୍ତାନକୁ ହରାଇ ଦେଇଛି। ୧୧୨ ରେଟିଂ ପଏଣ୍ଟ ସହିତ ଆଫ୍ରିକା ଡବ୍ଲ୍ୟୁଟିସି ୨୦୨୩-୨୫ ପଏଣ୍ଟ ଟେବୁଲରେ ଦ୍ୱିତୀୟରେ ଅଛି। ବିଶ୍ୱର ତୃତୀୟ ମାନ୍ୟତାପ୍ରାପ୍ତ ଟେଷ୍ଟ ଦଳ ଭାବେ ଦକ୍ଷିଣ ଆଫ୍ରିକା ପାକିସ୍ତାନ ବିପକ୍ଷରେ ସିରିଜ୍ ଆରମ୍ଭ କରିଥିଲା । କିନ୍ତୁ ଦୁଇଟି ମ୍ୟାଚ୍‌ରେ ଦୁଇଟି ବିଜୟ ସହ ଟେମ୍ବା ବାଭୁମାଙ୍କ ଦଳ ଭାରତକୁ ପଛରେ ପକାଇ ଦେଇଛି। ତିନିଟି ସିଜନରେ ପ୍ରଥମ ଥର ପାଇଁ WTC ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଭାରତୀୟ ଦଳ ବିଫଳ ହୋଇଥିଲା।

## ଭାରତୀୟ ଆଥ୍‌ଲେଟିକ୍ ମହାସଂଘର ନୂଆ ଅଧ୍ୟକ୍ଷ ନିଯୁକ୍ତ



ନୂଆଦିଲ୍ଲୀ : ଭାରତୀୟ ଆଥ୍‌ଲେଟିକ୍ ମହାସଂଘର ନୂଆ ଅଧ୍ୟକ୍ଷ ହେଲେ ବାହାଦୂର ସିଂହ ସାଗୋ। ମଙ୍ଗଳବାର ଏସିଆନ୍ ଗେମ୍ସର ଗୋଲ୍ଡ ବିଜେତା ବାହାଦୂର ସିଂ ସାଗୋ ଆଦିଲ ସୁମାରିୱାଲାଙ୍କ ସ୍ଥାନ ନେଇଛନ୍ତି। ବରିଷ୍ଠ ଉପ-ସଭାପତି ଅଞ୍ଜୁ ବବି ଜର୍ଜ ସଭାପତି ଦୌଡ଼ରୁ ଓହରି ଯିବା ପରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ଏଏଫ୍‌ଆଇ ବାର୍ଷିକ ସାଧାରଣ ସଭାରେ ଏହି ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ୨୦୦୨ ବୁସାନ୍ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ସାଗୋ ଚାରି ବର୍ଷ ପାଇଁ ଏହି ପଦବୀରେ ରହିବେ। ସେ ବର୍ତ୍ତମାନ ଏଏଫ୍‌ଆଇ ଆଥଲେଟ୍ସ କମିଶନରେ କାର୍ଯ୍ୟ କରୁଛନ୍ତି। ବିଦାୟୀ ସଭାପତି ସୁମାରିୱାଲା ବର୍ତ୍ତମାନ ୱାର୍ଲ୍ଡ ଆଥଲେଟିକ୍ସର କାର୍ଯ୍ୟନିର୍ବାହୀ ବୋର୍ଡରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ୬୭ ବର୍ଷୀୟ ସୁମାରିୱାଲାଙ୍କର ତିନୋଟି ପଦବୀ ପୂରଣ ହୋଇଛି। ସେ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ୫୧ ବର୍ଷୀୟ ସାଗୋ, ୨୦୦୨ ବୁସାନ୍ ଏସୀୟ ଗେମ୍ସରେ ସଟ୍ ପୁଟ୍‌ରେ ଜିତିଥିଲେ ସ୍ୱର୍ଣ୍ଣ ପଦକ । ୨୦୦୦ ଏବଂ ୨୦୦୪ ଅଲିମ୍ପିକ୍ ଗେମ୍ସରେ ବି ଭାଗ ନେଇଥିଲେ ସାଗୋ। ସେ ଆଥଲେଟ୍ସ ଆୟୋଗର ପ୍ରତିନିଧୀ ଭାବରେ ବିଦାୟୀ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ମଧ୍ୟ ଅଟନ୍ତି।

GOVERNMENT OF ODISHA, DEPARTMENTOF WATER RESOURCES
Office of the Addl. Chief Engineer, Mechanical Circle, Bhubaneswar
A-830
Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDL-27/2024-25

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDL-27/2024-25 |
| 5. | Estimated Cost | : Rs. 12,08,393/- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.07.01.2025 (10.00 AM) to dt.20.01.2025(5.30 PM) |
| 8. | Last date/ time for receipt of bid In the Portal | : dt.20.01.2025 (up to 5.30 PM) |
| 9. | Date and Place of opening of Bid | : dt.21.01.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl. Chief Engineer(M)
Mechanical Circle Bhubaneswar
OIPR 32405/11/0026/2425

## ନିମାପଡ଼ା କପ୍ କ୍ରିକେଟ୍: ଫାଇନାଲ୍‌ରେ ରାମେଶ୍ୱର ସ୍ପୋର୍ଟିଂ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ବାରବାଟୀ ପଡ଼ିଆରେ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ୨୯ତମ ନିମାପଡ଼ା କପ୍ କ୍ରିକେଟ୍‌ର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କଟକର ମାଷ୍ଟର୍ସ କ୍ଲବ୍‌କୁ ୯ ଓ୍ୱିକେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛି । ଏହି ୩୦ ଓଭର ମ୍ୟାଚ୍‌ରେ ମାଷ୍ଟର୍ସ କ୍ଲବ୍ କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ଦଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁଁ ୨୫.୪ ଓଭରରେ ମାତ୍ର ୯୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ସୌରଭ ସିଂ ୨୪ ରନ୍ ସଂଗ୍ରହ କରିଥିଲେ । ରାମେଶ୍ୱର ସ୍ପୋର୍ଟିଂର ଏମ୍.ଜି. ଗୋପାଲ ୬ ଓଭର ବୋଲିଂ କରି ୨ଟି ମେଡେନ୍ ୧୨ ରନ୍‌ରେ ୩ଟି ଓ୍ୱିକେଟ୍ ନେଇ ବିପର୍ଯ୍ୟୟ ଘଟାଇଥିଲେ । ଦଳ ପକ୍ଷରୁ ଅଭିଶେକ ନାଥ ମଧ୍ୟ ୩ଟି ଓ୍ୱିକେଟ୍ ନେଇଥିଲେ । ପରବର୍ତ୍ତୀ ସମୟରେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ ୧୨.୧ ବଲ୍ ଖେଳି ଆବଶ୍ୟକୀୟ ରନ୍ ସଂଗ୍ରହ କରି ମ୍ୟାଚ୍‌କୁ ୯ ଓ୍ୱିକେଟ୍‌ରେ ବିଜୟଲାଭ କରିଥିଲା । ଏହି ଏକତରଫା ମ୍ୟାଚ୍‌ରେ ଦଳ ପକ୍ଷରୁ ଶୁଭାଶିଷ ମଲ୍ଲିକ ଅର୍ଦ୍ଧଶତକ (୫୦) ରନ୍ କରିବା ସହିତ ସାରାଂଶ କୁମାର ୩୦ ରନ୍ କରି ଏହି ମ୍ୟାଚ୍‌କୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହକ ଟିଭିର ନଳିନୀକାନ୍ତ ପରିଡ଼ା, ଅର୍ଗସ ଟିଭିର ନିମାପଡ଼ା ପ୍ରତିନିଧି ପ୍ରଦ୍ୟୁମ୍ନ ବେହେରା ଏବଂ ଧରିତ୍ରୀ ସମ୍ବାଦ ପତ୍ରର ବରିଷ୍ଠ ସାମ୍ବାଦିକ ବିଚିତ୍ରାନନ୍ଦ ସାହୁ ଓ ରଂଜନ ପଟ୍ଟନାୟକ ଯୋଗ ଦେଇ ରାମେଶ୍ୱର କ୍ଲବ୍‌ର ଏମ୍.ଜି. ଗୋପାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌ଟିକୁ ପରିଚାଳନା କରିଥିଲେ ପ୍ୟାନେଲ ଅମ୍ପାୟାର ସମ୍ବିତ ପଟ୍ଟନାୟକ ଓ ଅଭିନନ୍ଦନ ପାତ୍ର । ସ୍କୋରର ଥିଲେ ରୋଶନଜିତ୍ ରୟ ଓ ଓମ୍ ରଂଜନ ପ୍ରଧାନ । ମ୍ୟାଚ୍ ଆରମ୍ଭରୁ ମୁଖ୍ୟ ଅତିଥି ରୂପେ ପୂର୍ବତନ କ୍ରୀଡ଼ାବିତ୍ ଓ ପ୍ରାଧ୍ୟାପକ ଅମରେଶ ନନ୍ଦନ ସାହୁ ଓ ଆଥଲେଟିକ୍ ଆସୋସିଏସନ୍‌ର ସଂପାଦକ ଜୀବନାନନ୍ଦ ମହାପାତ୍ର ଯୋଗ ଦେଇଥିବା ବେଳେ ଆସ'ାକାଲିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆୟୋଜକ ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ରେଲୱେ ଖୋର୍ଦ୍ଧାକୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ଆସୋସିଏସନ୍‌ର କ୍ରିକେଟ୍ ସେକ୍ରେଟାରୀ ଅକ୍ଷୟ ବେହେରା ପ୍ରକାଶ କରିଛନ୍ତି ।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଭାଗ ନେଲେ ବାଲିମେଳାରୁ ୬ଛାତ୍ର



ବାଲିମେଳା। (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମର ୬ ଛାତ୍ର ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗ ନେବାକୁ ଯାତ୍ରା କରିଛନ୍ତି। ବାଲିମେଳା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ହେବାପରେ ଛାତ୍ରଛାତ୍ରୀମାନେ ଆଗ୍ରହ ସହ ପ୍ରଶିକ୍ଷଣ ନେଉଥିବା ଦେଖିବାକୁ ମିଳୁଛି।ଏଠି ପ୍ରଶିକ୍ଷଣ ନେଉଥିବା ଛାତ୍ର ଛାତ୍ରୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ସମୟରେ କୃତିତ୍ୱ ହାସଲ କରିଛନ୍ତି। ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ନେଉଥିବା ୬ଜଣ ଛାତ୍ର ୧୫ବର୍ଷ ବର୍ଗରେ ଭାଗନେବାକୁ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଇଣ୍ଡୋର ଷ୍ଟାଡିୟମରେ ୭ତାରିଖରେ ଆରମ୍ଭ ହେଉଥିବା ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗ ନେବାକୁ ଆଜି ଯାତ୍ରା କରିଛନ୍ତି। ବାଲିମେଳା ଶିଶୁ ବିଦ୍ୟାମନ୍ଦିରର ନମନ କୁମାର ବରାଡ଼,ସାଇ ଶୁଭାଶିଷ ବିଶୋଇ, ପିୟୁସ କୁମାର ଦଳେଇ ଆଇଏମଏସଟି ସ୍କୁଲର ଆୟୁଷମାନ ପଟ୍ଟନାୟକ, ସତ୍ୟମ ସନଥି ବେହେରା, ଅନୁପାନନ୍ଦ ପୋଇନ୍ତରୁ,କୋଚ ଲକ୍ଷ୍ମୀ ନାରାୟଣ ପୂଜାରୀ ଯାତ୍ରା କରିଛନ୍ତି। ଅଞ୍ଚଳବାସୀ ଭାଗ ନେଉଥିବା ଛାତ୍ର ନିଶ୍ଚିତ ଭାବରେ ସଫଳ ହେବେ ବୋଲି ଆଶା ରଖିଛନ୍ତି।

OFFICE OF THE DEPUTY DIRECTOR,
SIMILIPAL SOUTH WILDLIFE DIVISION, BARIPADA
Phone No-(06792) 252593, Fax-256705; Email Id: dfo.similipalsouthwl@odisha.gov.in
CORRIGENDUM
MM-408

The bid closing date in connection to the **Bid Identification No: DD South-07/2024-25, Date: 03.01.2025** hereby extended due to unavoidable circumstances as per the table given below;

| Sl. No. | List of Key Event | Critical date |
|---|---|---|
| 1 | Date of issue of Tender | 03.01.2025 |
| 2 | Date of availability of bid documents | 09.01.2025 |
| 3 | Last Date of Submission of Bid | 18.01.2025, 05.00 P.M |
| 4 | Date of opening of online Bid | 20.01.2025, 11.00 A.M |

All other terms and conditions of the Tender will remain unaltered.

Sd/- Deputy Director,
Similipal (South) WL Division,
Baripada
OIPR 08127/11/0023/2425

## ସଫଳତାର ସହ ବିପିୟୁଟି ହାକାଥନ୍ ଶେଷ




ଭୁବନେଶ୍ୱର/ରାଉରକେଲା (ଭାସ୍କର ନ୍ୟୁଜ): ସଫ୍ଟୱେର ଟେକ୍‌ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସଟିପିଆଇ) ଏବଂ ତାହାସହିତ ଏମ୍‌ଟେକ ସିଓଇ, ଏସଟିପିଆଇନେକ୍ସଟ ଆଦି ସଂଗଠନ ବିପିୟୁଟି ହାକାଥନ୍ ୨୦୨୪କୁ ସମର୍ଥନ ଯୋଗାଇ ଦେଇଥିଲେ ଯାହା ସଫଳତାର ସହିତ ବିପିୟୁଟି, ରାଉରକେଲା କ୍ୟାମ୍ପସରେ ଶେଷ ହୋଇଛି। ବିପିୟୁଟି ଆୟୋଜନରେ ଏହି ହାକାଥନ୍ ଏହାର ଅନୁବନ୍ଧିତ କଲେଜଗୁଡିକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ, ସୃଜନଶୀଳତା ଏବଂ ପ୍ରଯୁକ୍ତିଗତ ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏକ ଅଗ୍ରଣୀ କାର୍ଯ୍ୟକ୍ରମ ଭାବରେ ଡିଜାଇନ କରାଯାଇଥିଲା। ୨୦୨୪ ଡିସେମ୍ବର ୨୦ ତାରିଖରେ ଆରମ୍ଭ ହୋଇଥିବା ଏହି ହାକାଥନ୍‌ରେ ୪୩ଟି ବିପିୟୁଟି-ଅନୁବନ୍ଧିତ କଲେଜରୁ ୧୩୭ଟି ଦଳ ପ୍ରତିନିଧିତ୍ୱ କରିଥିଲେ, ଯେଉଁମାନଙ୍କ ମଧ୍ୟରୁ ୧୮ଟି କଲେଜର ୩୬ଟି ଦଳକୁ ବ୍ୟାପକ ମୂଲ୍ୟାୟନ ପଦ୍ଧତିରେ ଗ୍ରାଣ୍ଡ ଫିନାଲେରେ ଅଂଶଗ୍ରହଣ ନିମନ୍ତେ ମନୋନୀତ କରାଯାଇଥିଲା। ୨୦୨୫ ଜାନୁଆରୀ ୪ ଓ ୫ ତାରିଖରେ ବିପିୟୁଟି କ୍ୟାମ୍ପସ, ରାଉରକେଲାରେ ଅନୁଷ୍ଠିତ ଫିନାଲେରେ ୧୬୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ, ଯେଉଁମାନଙ୍କ ମଧ୍ୟରେ ୧୨୨ ଜଣ ଛାତ୍ର ଓ ୩୯ ଛାତ୍ରୀ ଥିଲେ ଏବଂ ସେମାନେ ଅତ୍ୟନ୍ତ ପ୍ରଭାବୀ ୩୬-ଘଣ୍ଟାର କୋଡିଂ ହାକାଥନ୍‌ରେ ଅଂଶଗ୍ରହଣ କରିଥିଲେ। ମୋଟ ୧୬ଟି ଦଳକୁ ୮ଟି ପ୍ରୋବ୍ଲେମ୍ ଷ୍ଟେଟମେଣ୍ଟରେ ବିଜେତା ଘୋଷଣା କରାଯାଇଥିଲା ଏବଂ ପ୍ରତ୍ୟେକ ବିଜେତା ଦଳକୁ ୩୦ ହଜାର ଟଙ୍କା ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ରନର୍ସ-ଅପ୍‌ଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଚାରକମଣ୍ଡଳୀରେ ନାଲ୍‌କୋ, ଏସଟିପିଆଇ, ଏସଟିପିଆଇନେକ୍ସଟ, ଡିଓଟି, ଜେନେଏକ୍ସ ଲାବ୍, ମିଥିକା ଟେକ୍‌ନୋଲୋଜି ଆଦିରୁ ଶିଳ୍ପ ନେତୃତ୍ୱ ସ୍ଥାନ ପାଇଥିଲେ ଏବଂ ସେମାନେ ନବସୃଜନ, ଫିଜିବିଲିଟି ଓ ସାମାଜିକ ପ୍ରଭାବ ଆଦି ଆଧାରରେ ବିଜେତାଙ୍କୁ ମନୋନୀତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୂର୍ଯ୍ୟ କୁମାର ପଟ୍ଟନାୟକ, ଡାଇରେକ୍ଟର, ଏସଟିପିଆଇ-ଭୁବନେଶ୍ୱର ଯୋଗଦେଇଥିଲେ ଏବଂ ତାଙ୍କ ସହିତ ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, କୁଳପତି, ଓୟୁଟିଆର, ପ୍ରଫେସର ଅମିୟ କୁମାର ରଥ, କୁଳପତି, ବିପିୟୁଟି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଉଦ୍‌ବୋଧନ ଦେଇ ମୁଖ୍ୟ ଅତିଥି ସୂର୍ଯ୍ୟ କୁମାର ପଟ୍ଟନାୟକ, ଡାଇରେକ୍ଟର, ଏସ୍‌ଟିପିଆଇ ଉଲ୍ଲେଖ କରିଥିଲେ ଯେ, 'ଏହି ହାକାଥନ୍ ଅବସରରେ ସୃଷ୍ଟି କରାଯାଇଥିବା ପ୍ରତ୍ୟେକ କ୍ଷୁଦ୍ରାକୃତି କେବଳ ମାତ୍ର ଏକ ପ୍ରକଳ୍ପ ନୁହେଁ ବରଂ ଏକ ଗୁରୁତ୍ୱପୂର୍ଣ୍ଣ ନବସୃଜନ, ଏକ ଉତ୍ତମ ବିଶ୍ୱ ନିମନ୍ତେ ଆଉ ଏକ ପଦକ୍ଷେପ ଏବଂ ସାମାଜିକ ରୂପାନ୍ତରଣ ଦିଗରେ ଏକ ମୂଳଦୁଆ ହୋଇଛି। ଓଡ଼ିଶାରେ ଏସଟିପିଆଇ ତିନିଟି ସିଇଓ ସ୍ଥାପନ କରିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ଇଲେକଟ୍ରୋପ୍ରିନ୍ୟୋର ପାର୍କ ଫର ଇଏସଡିଏମ୍, ଏବଂ ଅନ୍ୟଗୁଡିକ ହେଉଛି ଭର୍ଚୁଆଲ ଆଣ୍ଡ ଅଗମେଣ୍ଟେଡ ରିଅଲିଟି (ଭିଏଆରସିଓଇ) ଯାହା ଆଇଆଇଟି, ଭୁବନେଶ୍ୱରରେ ରହିଛି ଏବଂ ତୃତୀୟଟି ଇଣ୍ଡଷ୍ଟ୍ରି ୪.୦, ଏଆଇ, ଏମଏଲ, ଆନାଲିଟିକ୍ସ ଆଣ୍ଡ ସାଇବର ସିକ୍ୟୁରିଟି ଭଳି ଏମର୍ଜିଂ ଟେକ୍‌ନୋଲୋଜିରେ ସିଓଇ ଯାହା ଭୁବନେଶ୍ୱର, ବିପିୟୁଟି ଏବଂ ରାଉରକେଲାରେ ସ୍ଥାପନ ହୋଇଛି। ପ୍ରଫେସର ଅମିୟ କୁମାର ରଥ, କୁଳପତି, ବିପିୟୁଟି ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ବିଜେତା ଓ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ବୈଷୟିକ ଉତ୍କର୍ଷ ଓ ସୃଜନଶୀଳତା ନିମନ୍ତେ ଅଭିନନ୍ଦନ ଜଣାଇବା ସହିତ ଉଲ୍ଲେଖ କରିଥିଲେ ଯେ ହାକାଥନ୍ ଭବିଷ୍ୟତର ଷ୍ଟାର୍ଟଅପ୍ ଏବଂ ପ୍ରଯୁକ୍ତିଗତ ସଫଳତା ନିମନ୍ତେ ଏକ ଉତ୍ପତ୍ତି ସ୍ଥଳ ହୋଇଛି, ଯାହା ପ୍ରଯୁକ୍ତିକୁ ପୃଷ୍ଠପୋଷକତା ଯୋଗାଇଦେବା ଏବଂ ଏକ ଉଜ୍ଜ୍ୱଳ ଓ ନବୋନ୍ମେଷୀ ଭବିଷ୍ୟତ ନିର୍ମାଣ କରିବାରେ ବିପିୟୁଟିର ଉତ୍ସର୍ଗୀକୃତ ଭାବକୁ ପ୍ରଦର୍ଶିତ କରୁଛି।

## ସର୍ବ ଭାରତୀୟ ଟାଙ୍ଗୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ : ରାଞ୍ଚି ବିଜୟୀ

ଟାଙ୍ଗୀ (ଭାସ୍କର ନ୍ୟୁଜ) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ମ୍ୟାଚରେ ଆକ୍ୟୁଆ ଫୁଟବଲ୍ ଏକାଡେମୀ (ରାଞ୍ଚି ) ସହିତ ହାଓଡ଼ା ସ୍ପୋଟିଙ୍ଗ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ବିଜୟୀ ଚୟନ ହୋଇ ନପାରିବାରୁ ଟାଇବ୍ରେକର ମାଧ୍ୟମରେ ଆକ୍ୟୁଆ ଫୁଟବଲ୍ କ୍ଲବ୍ ୭-୬ ଗୋଲରେ ହାଓଡ଼ା ସ୍ପୋଟିଙ୍ଗ କ୍ଲବ୍ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଚଣ୍ଡୀହର ଦେବ ରାଇସ୍ ମିଲରର ପ୍ରୋପ୍ରାଇଟର ପ୍ରିୟ ରଂଜନ ପାତ୍ର, ଶ୍ରୀଜଗନ୍ନାଥ ରାଇସ୍ ମିଲ୍‌ର ପ୍ରୋପ୍ରାଇଟର ଅଶ୍ୱିନୀ କୁମାର ପାତ୍ର, ଏମ୍ ଜିଏମ କମ୍ପାନୀ ମ୍ୟାନେଜର ଗୋବର୍ଦ୍ଧନ ସ୍ୱାଇଁ, ଆୟୋଜକ କମିଟିର ସଭାପତି ତଥା ସରପଞ୍ଚ କିଶୋର କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ସୁଦୀପ ଦାସ, ପ୍ରିୟବ୍ରତ ବାହିନୀପତି, ଜିତେନ୍ଦ୍ର ପାତ୍ର ଓ ନନ୍ଦ କିଶୋର ସ୍ୱାଇଁ। ଆକ୍ୟୁଆ ଦଳର ଶ୍ରେଷ୍ଠ ଖେଳାଳିଙ୍କୁ ସ୍ୱର୍ଗତ ସର୍ବେଶ୍ୱର ସୁନ୍ଦରାୟ ସ୍ମାରକୀ ଟ୍ରଫି ଓ ହାଓଡ଼ା ଦଳର ଶ୍ରେଷ୍ଠ ଖେଳାଳିଙ୍କୁ ସ୍ୱର୍ଗତ ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା।



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com
A-851
e-PROCUREMENT NOTICE No. RLBCD-P1-12/2024-25

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | **04 (Four) Nos of work.** |
| 3 | Estimated Cost | **Varies from Rs. 16.18 Lakhs to Rs.5.73 Lakhs** |
| 4 | Period of Completion | **30 Days** |
| 5 | Class of Contractor | " "D" & "C" or equivalent grade/class |
| 6 | Cost of Bid Document / Mode of Payment | Varies from **Rs. 6,000/ to Rs.4000/-** (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies from **Rs. 16,180 /- to Rs.5,730/-** / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | **09.01.2025 from 10.00 Hours to 18.01.2025 up to 17.00 Hours.** |
| | (iii) Date, time & venue of Bid Opening (Online) | **On 20.01.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | **On 29.01.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Sd/-Superintending Engineer
R.L.B. Canal Division
Kamakhyanagar
OIPR 32298/11/0018/2425

GOVERNMENT OF ODISHA, DEPARTMENTOF WATER RESOURCES
Office of the Addl. Chief Engineer, Mechanical Circle, Bhubaneswar
A-834
Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDL-31/2024-25

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDL-31/2024-25 |
| 5. | Estimated Cost | : Rs. 12,02,987/- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.07.01.2025 (10.00 AM) to dt.20.01.2025(5.30 PM) |
| 8. | Last date/ time for receipt of bid In the Portal | : dt.20.01.2025 (up to 5.30 PM) |
| 9. | Date and Place of opening of Bid | : dt.21.01.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl.Chief Engineer(M)
Mechanical Circle, Bhubaneswar
OIPR 32405/11/0030/2425

OFFICE OF THE SUPERINTENDENT,
MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,
BRAHMAPUR-760004, GANJAM, ODISHA
E-655
Tel.0680-2292624,FAX.:0680-2292752//E.mail:supdtmkcg@gmail.com,mkcgmchberhampur@gmail.com
Website:www.mkcgmch.org
No.258 MCH/ SK/ XXVII/ 2025 Dt/ Brahmapur the 06.01.2025

1st CORRIGENDUM TO THIS OFFICE TENDER CALL NOTICE NO. 17187 DATED 09.12.2024

The last date of receipt of tender for Supply of "Bedding and Clothing items" of this hospital is extended up to 10.01.2025 at 5:00 P.M. and will be opened on 15.01.2025 at 12:30 P.M.

The other terms and conditions remain unchanged.

The tender call notice No. 17187 dated 09.12.2024 and term & conditions, Technical Specifications can available in web site- www.ganjam.odisha.gov.in.

Sd/-Superintendent,
MKCG Medical College Hospital,
Berhampur
OIPR 10028/11/0037/2425



ନିୟମିତ ରୂପରେ ଫଳ ସେବନ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଡାକ୍ତର ମଧ୍ୟ ନିୟମିତ ଫଳ ଖାଇବା ପାଇଁ ପରାମର୍ଶ ଦିଅନ୍ତି । ଏଭଳି କି ପ୍ରତିଦିନ ସେଓ ଖାଇବା ପାଇଁ ମଧ୍ୟ କୁହାଯାଏ । ମାତ୍ର ହୁଏତ ସଭିଏଁ ଜାଣିନଥିବେ ଏପରି ଏକ ଫଳ ରହିଛି, ଯାହା ଶୀତ ଦିନେ ସେଓରୁ ମଧ୍ୟ ଅଧିକ ଶରୀର ପାଇଁ ଲାଭଦାୟକ । ଫଳଟି ହେଉଛି ପିଜୁଳି । ଜାଣନ୍ତୁ ଶୀତଦିନେ ନିୟମିତ ପିଜୁଳି ଖାଇବା ଦ୍ୱାରା ଶରୀରକୁ କି କି ଲାଭ ମିଳିବ..

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଶୀତଦିନେ ପିଜୁଳି ଖାଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ଓ ମଜଭୁତ ରହିଥାଏ । ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଶରୀରରେ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି ଓ ମଜଭୁତ କରିବାରେ ସହାୟକ ହୋଇଥାଏ ।ଶୀତଦିନେ ପିଜୁଳି ଖାଇବା ଦ୍ୱାରା କୋଲେଷ୍ଟେରୋଲ୍ ନିୟନ୍ତ୍ରଣ ହୋଇ ରହିଥାଏ । ଏଥିରେ ଥିବା ଫାଇବର ଖରାପ କୋଲେଷ୍ଟେରୋଲ୍‌କୁ ଶରୀରରୁ ବାହାର କରିବାରେ ସହାୟକ ହୋଇଥାଏ । ରକ୍ତରେ ଏହାର ସ୍ତରକୁ କମ୍ କରିଥାଏ । ଏହାସହ ପିଜୁଳିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଏଚଡିଏଲ୍ କୋଲେଷ୍ଟେରୋଲ୍‌ର ସ୍ତରକୁ ସଠିକ୍ ରଖିବାରେ ସହାୟକ ହୋଇଥାଏ।



# ବୋର୍ଡ ପରୀକ୍ଷା ପ୍ରସ୍ତୁତି

*ବୋର୍ଡ ପରୀକ୍ଷା ହେଉଛି ପାଠପଢ଼ାର ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ପରୀକ୍ଷାରେ ଭଲ ପ୍ରଦର୍ଶନ ପାଇଁ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରିବାକୁ ପଡିଥାଏ। କାରଣ ଏହି ପରୀକ୍ଷା ଫଳ ସେମାନଙ୍କ କ୍ୟାରିୟର ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ତେବେ ଏ ଲାଗି ପରୀକ୍ଷା ପ୍ରସ୍ତୁତି କିଭଳି କରିବେ, ଜାଣିବା ସେ ସଂପର୍କରେ।*



- ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ବିଷୟ ପାଇଁ ଠିକ୍ ଭାବେ ସମୟ ଧାର୍ଯ୍ୟ କରନ୍ତୁ। ଏହା ଦ୍ୱାରା ପଢ଼ା ସମୟରେ ଅସୁବିଧା ହୋଇନଥାଏ।
- ବୋର୍ଡ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମକୁ ଧ୍ୟାନରେ ପଢ଼ନ୍ତୁ। ଯେଉଁ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଅଛି, ତାହାକୁ ପ୍ରଥମେ ପ୍ରାଧାନ୍ୟ ଦିଅନ୍ତୁ।
- ପରୀକ୍ଷା ପ୍ୟାଟର୍ଣ୍ଣ ଏବଂ ପ୍ରଶ୍ନକୁ ବୁଝନ୍ତୁ। ପୂର୍ବ ବର୍ଷର ପରୀକ୍ଷା ପ୍ରଶ୍ନାବଳୀ ସଂଗ୍ରହ କରି ତା'କୁ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ଲିଖନ ଶୈଳୀ ଉନ୍ନତ ହୋଇଥାଏ ଏବଂ ବିଷୟ ଭଲ ମନ ରହେ।
- ପରୀକ୍ଷାର କିଛିଦିନ ପୂର୍ବରୁ ରିଭିଜନ ଆରମ୍ଭ କରିଦିଅନ୍ତୁ।
- ପଢ଼ା ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଜରୁରି। ବ୍ରେକ୍‌ରୁ ପୂର୍ଣ୍ଣ ଲାଗେ ଓ ବିଷୟ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପ୍ରସ୍ତୁତି ସମୟରେ ସକରାତ୍ମକ ଚିନ୍ତାଧାରା ରଖିବା ଜରୁରୀ।
- ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହିତ ଉପଯୁକ୍ତ ନିଦ୍ରା ଯିବା ଜରୁରି। ଏଭଳି କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ପଢ଼ା ଲାଗି ଅଧିକ ଶକ୍ତି ମିଳେ।



# ଓଜନ କମାଇବାରେ ସାହାଯ୍ୟ କରେ କରମଙ୍ଗା

*ଶୀତ ଦିନେ ବଜାରରେ କରମଙ୍ଗା ବହୁତ ସହଜରେ ମିଳିଯାଇଥାଏ । ଏହା ପ୍ରାୟ ସମସ୍ତଙ୍କ ବାଡିରେ ମିଳିଥାଏ । ଏହା ଖାଇବାକୁ ବହୁତ ସୁଆଦିଆ ଲାଗେ । ଗାଁ ଗହଳିରେ କରମଙ୍ଗା ଗଛ ଅନେକ ମାତ୍ରାରେ ଦେଖାଯାଏ । ଲୋକେ ଏହାକୁ ଏକ ସାଧାରଣ ଫଳ ଭାବି ଖାଉଥିଲେ ମଧ୍ୟ ଏହାର ପ୍ରକୃତ ଗୁଣ ବାବଦରେ ହୁଏତ ଅଜଣା ଥାନ୍ତି । ଏହା ଏକ ସାଇଟ୍ରିକ ଏସିଡ ଯୁକ୍ତ ଫଳ ହୋଇଥିବା ବେଳେ ଏଥିରେ ପ୍ରଚୁର ପରିମାଣରେ ଭିଟାମିନ-ସି ଥାଏ । ଏହା ବ୍ୟତୀତ ଏହି ଫଳ ଅନେକ ସ୍ୱାସ୍ଥ୍ୟ ଉପଯୋଗୀ ହୋଇଥାଏ । କରମଙ୍ଗାକୁ ଭିଟାମିନ୍ ଏବଂ ପୋଷକ ତତ୍ତ୍ୱର ଖଣି କୁହାଯାଏ । ତାହେଲେ ଆସନ୍ତୁ ଜାଣିବା କରମଙ୍ଗା ଖାଇବାର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ।*

## କରମଙ୍ଗା ଖାଇବାର ଉପକାର

କରମଙ୍ଗା ଏକ କମ୍ କ୍ୟାଲୋରୀ ଫଳ ଯେଉଁଥିରେ ଅଧିକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଥାଏ । କରମଙ୍ଗାରେ ଫାଇବର, ପ୍ରୋଟିନ୍, ଭିଟାମିନ୍ ଉ, ଭିଟାମିନ୍ ବି-୫, କ୍ୟାଲସିୟମ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ସୋଡିୟମ୍ ପରି ଉପାଦାନଗୁଡିକ ମିଳିଥାଏ ।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ

କରମଙ୍ଗା ଖାଇବା ଦ୍ୱାରା ଶରୀରକୁ ଭିଟାମିନ୍ ସି ମିଳିଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହିତ ଧଳା ରକ୍ତ କଣିକାର ଉପଯୁକ୍ତ ଉତ୍ପାଦନକୁ ତିଆରି କରିଥାଏ । ତେବେ କରମଙ୍ଗାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଧିକ ରହିଥାଏ। ସେଥିପାଇଁ କରମଙ୍ଗା ଖାଇବା ଦ୍ୱାରା ଫାଇଦା ମିଳିଥାଏ।

## ହାର୍ଟ ପାଇଁ ଲାଭଦାୟକ

କରମଙ୍ଗାରେ ଭଲ ପରିମାଣର ସୋଡିୟମ୍ ଏବଂ ପୋଟାସିୟମ୍ ଥାଏ ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଯାହା ଶରୀରରେ ଇଲେକ୍ଟ୍ରୋଲାଇଟ୍ ଭଳି କାମ କରେ । ଏହା ରକ୍ତ ସଞ୍ଚାଳନ ଭଲ କରେ ଏବଂ ହାର୍ଟକୁ ସୁସ୍ଥ ରଖେ ।

## ଓଜନ କମ୍ କରେ

କରମଙ୍ଗା ଫାଇବରରେ ଭରପୂର । ଏହି ଫଳରେ ବହୁତ କମ୍ କ୍ୟାଲୋରୀ ଥାଏ । ଏହାକୁ ଖାଇବା ଦ୍ୱାରା ମେଟାବୋଲିଜିମ୍ ଭଲ ହୁଏ, ଓଜନ କମ ହୁଏ । କୋଷ୍ଠକାଠିନ୍ୟ ଏବଂ ପେଟ ଜନିତ ସମସ୍ୟା ମଧ୍ୟ ଏହା ଦ୍ୱାରା ଭଲ ହୋଇପାରିବ ।

ତେବେ କରମଙ୍ଗା ଖାଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଏ । ଏହା ରକ୍ତକୁ ସଫା କରିବାରେ ଏବଂ ଶରୀରକୁ ଡିଟକ୍ସ କରିବାରେ ସାହାଯ୍ୟ କରିଥାଏ । କରମଙ୍ଗାରେ ଅଧିକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଥିବାରୁ, ଏହା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ । ସେଥିପାଇଁ ଯଦି ଆପଣ ଫିଟ ରହିବାକୁ ଚାହୁଁଛନ୍ତି, ତାହେଲେ ନିଜ ଡାଏଟ କରମଙ୍ଗାକୁ ସାମିଲ କରିପାରିବେ ।

# ସଲମାନଙ୍କ ବାଲ୍‌କୋନିରେ ବୁଲେଟ୍ ପ୍ରୁଫ ଗ୍ଲାସ୍



ବର୍ତ୍ତମାନ ବଲିଉଡର ଭାଇଜାନ ସଲମାନ ଖାଁ ସୁରକ୍ଷାକୁ ପ୍ରାଥମିକତା ଦେଉଛନ୍ତି। ସଲମାନ ଖାନଙ୍କ ଘରର ବାଲ୍‌କୋନୀରେ ସୁରକ୍ଷା ବୃଦ୍ଧି କରାଯାଉଛି। ଏହାର ଏକ ଫଟୋ ଭାଇରାଲ ହୋଇଛି। ତାଙ୍କ ବାଲକୋନିରେ ବୁଲେଟ ପ୍ରୁଫ ଗ୍ଲାସ ଲଗାଯାଇଥିବା ଦେଖାଯାଉଛି। କେତେଜଣ କର୍ମଚାରୀ ସଲମାନ ଖାନଙ୍କ ମୁମ୍ବାଇ ଘର ଗାଲାକ୍ସି ଆପାର୍ଟମେଣ୍ଟରେ କାମ କରୁଥିବା ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି। ସମସ୍ତେ କିପରି ସଲମାନଙ୍କ ସୁରକ୍ଷା ପାଇଁ ଘରର ବାଲକୋନୀରେ ବୁଲେଟ ପ୍ରୁଫ ଗ୍ଲାସ ଲଗାଉଛନ୍ତି ତାହା ଦେଖାଯାଇଛି। ବାଲକୋନି ସବୁ ପାର୍ଶ୍ୱରେ ନୀଳ ବୁଲେଟପ୍ରୁଫ ଗ୍ଲାସରେ ଆଚ୍ଛାଦିତ ହୋଇଛି। ସୁରକ୍ଷା ଚିନ୍ତାଧାରା ମଧ୍ୟରେ ସଲମାନ ଖାନ ଜନସାଧାରଣଙ୍କ ନିକଟରେ ଭାରି ସୁରକ୍ଷା କଭରରେ ନଜର ଆସିଛନ୍ତି। ନିକଟରେ ଏହି ସୁପରଷ୍ଟାର ଗୁଜୁରାଟର ଜାମନଗରରେ ଥିଲେ, ଯେଉଁଠାରେ ସେ ଅମ୍ବାନୀ ପରିବାର ଘରେ ବନ୍ଧୁ ଏବଂ ପରିବାରଙ୍କ ସହ ୫୯ ତମ ଜନ୍ମଦିନ ପାଳନ କରିଥିଲେ। ତାଙ୍କ କାର୍ଯ୍ୟ ପ୍ରଭାବିତ ନହେବାକୁ ସଲମାନ ମଧ୍ୟ ସୁନିଶ୍ଚିତ କରୁଛନ୍ତି। ଆଗାମୀ ଚଳଚ୍ଚିତ୍ର ସିକନ୍ଦର ରଶ୍ମିକା ମନ୍ଦନାଙ୍କ ସହ ଶେଷ ସୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି। ଶେଷ କାର୍ଯ୍ୟସୂଚୀ ଜାନୁଆରୀ ୧୦ରେ ଏହା ମୁମ୍ବାଇରେ ଆରମ୍ଭ ହେବ ବୋଲି ଜଣାଯାଇଛି। ସିକନ୍ଦର ଇଦ ୨୦୨୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।

# ପୁଣି ମାଆ ହେଲେ ସନା ଖାନ

ଜଣାଶୁଣା ସେଲିବ୍ରିଟି ଏବଂ ବିଗ୍ ବସ୍ -୬ ପ୍ରତିଯୋଗୀ ସନା ଖାନ୍। ସେ ତାଙ୍କ ଧର୍ମ ପାଇଁ ଇଣ୍ଡଷ୍ଟ୍ରିରୁ ସନ୍ୟାସ ନେଇଥିଲେ। ଏବେ ଅଭିନେତ୍ରୀ ଦ୍ୱିତୀୟ ଥର ପାଇଁ ମାଆ ହୋଇଛନ୍ତି । ସନା ସୋସିଆଲ ମିଡିଆରେ ପୁଅର ଆଗମନକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ସନା ତାଙ୍କ ଇନଷ୍ଟାଗ୍ରାମ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ସୂଚନା ଦେଇଛନ୍ତି। କହିବାକୁ ଗଲେ ସନା ଏବଂ ଅନାସ ପୂର୍ବରୁ ପୁତ୍ର ସନ୍ତାନର ପିତାମାତା ଅଟନ୍ତି । ପୂର୍ବତନ ଅଭିନେତ୍ରୀ ସୋସିଆଲ ମିଡିଆରେ ତାଙ୍କ ପୁଅର ଜନ୍ମ ଘୋଷଣା କରି ଏକ ହୃଦୟସ୍ପର୍ଶୀ ଭିଡିଓ ସେୟାର କରିଥିଲେ। ସୋମବାର ଦିନ ସନା ଖାନ ତାଙ୍କ ଦ୍ୱିତୀୟ ପୁଅର ଜନ୍ମର ଖୁସି ଖବର ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଛନ୍ତି। ସନା ଏବଂ ଅନାସ ସୟଦଙ୍କ ଦ୍ୱିତୀୟ ପୁଅ ୫ ଜାନୁୟାରୀ ୨୦୨୫ରେ ଜନ୍ମଗ୍ରହଣ କରିଥିଲେ। କହିବାକୁ ଗଲେ ଜୁଲାଇ ୨୦୨୩ରେ ଏହି ଦମ୍ପତି ସେମାନଙ୍କର ପ୍ରଥମ ସନ୍ତାନଙ୍କୁ ସ୍ୱାଗତ କରିଥିଲେ। ଏହା ବ୍ୟତୀତ ସନା ତାଙ୍କ ୟୁଟ୍ୟୁବ୍ ଭ୍ଲଗ୍ ରେ ଗର୍ଭଧାରଣ ବିଷୟରେ ମଧ୍ୟ କହିଥିଲେ। ସାରାର ଏହି ପୋଷ୍ଟରେ ଅରବାଜ ଖାନଙ୍କ ପତ୍ନୀ ଶୁରା ଖାନ ପ୍ରତିକ୍ରିୟା ଦେଇଛନ୍ତି। ସନା ଖାନ ୨୦୨୦ରେ ଫିଲ୍ମ ଇଣ୍ଡଷ୍ଟ୍ରିରୁ ଅବସର ନେଇଥିଲେ। ଏହା ପୂର୍ବରୁ ସେ ଅନେକ ଚଳଚ୍ଚିତ୍ର ଏବଂ ଶୋ'ରେ ଅଭିନୟ କରିଥିଲେ। ସନା ଖାନ ଏବଂ ମୁଫତି ଅନାସ ସୟଦ ୨୧ ନଭେମ୍ବର ୨୦୨୦ରେ ସୁରଟରେ ବିବାହ କରିଥିଲେ। କହିବାକୁ ଗଲେ ସନା ଖାନ୍ ବିଗ୍ ବସ୍ ୬ କୁ ଆସିଥିଲେ ଏବଂ ସୋ'ରେ ଦ୍ୱିତୀୟ ରନର୍ ଅପ୍ ହୋଇଥିଲେ । ଏହା ବ୍ୟତୀତ ସେ ଅନେକ ଚଳଚ୍ଚିତ୍ରରେ ମଧ୍ୟ କାମ କରିଛନ୍ତି।



# 'ଏମର୍ଜେନ୍ସି'ର ନୂଆ ଟ୍ରେଲର ରିଲିଜ

ଦ 1 ର୍ଘ ଦିନର ଅପେକ୍ଷା ପରେ ଆସନ୍ତା ୧୭ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି କଙ୍ଗନା ରଣାଓ୍ୱତଙ୍କ ନିର୍ଦ୍ଦେଶିତ-ଅଭିନୀତ ଫିଲ୍ମ 'ଏମର୍ଜେନ୍ସି' । ୧୯୭୫ ମସିହାରେ ଭାରତରେ ଘୋଷିତ ଆପାତକାର ୫୦ତମ ବର୍ଷ ପୂରଣ ହୋଇଛି । ଏହି ଘଟଣା ଉପରେ ଆଧାରିତ ଫିଲ୍ମ 'ଏମର୍ଜେନ୍ସି' ଗତ ସେପ୍ଟେମ୍ବରରେ ମୁକ୍ତିଲାଭ ପାଇଁ ସ୍ଥିର ହୋଇଥିଲା । କିନ୍ତୁ ଫିଲ୍ମରେ ଅନେକ ବିବାଦୀୟ ସିନ୍ ଉପରେ ଆପତ୍ତି ଉଠାଇ ସେନ୍ସର ବୋର୍ଡ ସେଗୁଡ଼ିକୁ କାଟିବାକୁ ପ୍ରସ୍ତାବ ଦେଇଥିଲା । କଙ୍ଗନା ଏହା ବିରୋଧରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ତେଣୁ ଫିଲ୍ମ ରିଲିଜ୍‌ରେ ବିଳମ୍ବ ହେଲା । ଏବେ ଫିଲ୍ମର ୨ୟ ଟ୍ରେଲର ରିଲିଜ୍ ହୋଇଛି । ସୋସିଆଲ ମିଡିଆ ୟୁଜର ଟ୍ରେଲରକୁ ନେଇ ସକାରାତ୍ମକ ପ୍ରତିକ୍ରିୟା ଦେଉଛନ୍ତି । ଅନେକ ଫିଲ୍ମର ଆବେଗପୂର୍ଣ୍ଣ ଗଭୀରତା ଓ କାହାଣୀର ଗାମ୍ଭୀର୍ଯ୍ୟକୁ ପ୍ରଶଂସା କରିଛନ୍ତି । ମୋଟାମୋଟି ୟୁଜର ଏହାକୁ 'ପାୱାରଫୁଲ୍' ଭାବେ ବର୍ଣ୍ଣନା କରିଛନ୍ତି ଏବଂ ଏହାର ପ୍ରଭାବଶାଳୀ ଡାଇଲଗ୍ ଓ କଳାକାରଙ୍କ ଦମ୍‌ଦାର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି । ଟ୍ରେଲର ଦେଖି କଙ୍ଗନାଙ୍କ ନିଖୁଣ ଅଭିନୟକୁ ଫ୍ୟାନ୍ ପ୍ରଶଂସା କରୁଛନ୍ତି । ସେହିପରି ଶ୍ରେୟସ ତଲପଡ଼େ ଓ ଅନୁପମ ଖେରଙ୍କ ଅଭିନୟକୁ ମଧ୍ୟ ଖୁବ୍ ପସନ୍ଦ କରିଛନ୍ତି । ଟ୍ରେଲରକୁ ଚମତ୍କାର କହିବା ସହିତ ଫିଲ୍ମ ବ୍ଲକ୍‌ବଷ୍ଟର ହେଉ ବୋଲି କାମନା କରିଛନ୍ତି । ଅନେକ ୟୁଜର ଟ୍ରେଲରକୁ ନିଜ ନିଜ ଇନ୍‌ଷ୍ଟା ହ୍ୟାଣ୍ଡେଲ୍‌ରେ ପୋଷ୍ଟ୍ କରି ଫିଲ୍ମଟି ପରବର୍ତ୍ତୀ ଜାତୀୟ ପୁରସ୍କାର ଦାବିଦାର ହେବ ବୋଲି ଉଲ୍ଲେଖ କରିଛନ୍ତି । କଙ୍ଗନା ଦିବଂଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ନିର୍ବାହ କରିଛନ୍ତି । ଜୟପ୍ରକାଶ ନାରାୟଣ ଭୂମିକାରେ ଅଭିନୟ କରିଚନ୍ତି ଅନୁପମ ଖେର । ଶ୍ରେୟସ ତଲପଡ଼େ ଅଟଳ ବିହାରୀ ବାଜପେୟ ଏବଂ ସାମ୍ ମାନେକଶ ଭୂମିକାରେ ଅଛନ୍ତି ମିଳିନ୍ଦ ସୋମନ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କଣାସ (ଭାସ୍କର ନ୍ୟୁଜ): କଣାସ ଅଞ୍ଚଳର ପ୍ରତ୍ୟେକ୍ଷ ଠାକୁର ବଡାସ ଗ୍ରାମପଞ୍ଚାୟତର ଆରାଧ୍ୟ ଦେବତା ବାବା ବୈଦ୍ୟନାଥଙ୍କ ପୀଠରେ ପ୍ରତିବର୍ଷ ହେଉଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ଚଳିତ ବର୍ଷ ସରସ୍ୱତୀ ପୂଜା ଠାରୁ ୪ଦିନ ଧରି କିପରି ଅନୁଷ୍ଠିତ ହେବ । ଏନେଇ ଯଜ୍ଞ କମିଟିର ସଭାପତି ହାଡିବନ୍ଧୁ ପାଢୀଙ୍କ ଅଧ୍ୟକ୍ଷତାରେ ବୈଦ୍ୟନାଥ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମିଟିର ସଭ୍ୟ ସର୍ବେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ବଳରାମ ପଲାଇ, ସୁବଧ କୁମାର ଦାଶ, ସନ୍ତୋଷ କୁମାର ପଟ୍ଟନାୟକ, ଭରତ ପ୍ରଧାନ, ବୈଦ୍ୟନାଥ ମହାପାତ୍ର, ଟୁକୁନା ସାମନ୍ତରାୟ, ବାପି ପରିଡା, ବିଭୂତି ପଟ୍ଟନାୟକ, ଶ୍ରୀନିବାସ ପରିଡା, ଅଭିମନ୍ୟୁ ଦାଶ ପ୍ରମୁଖ ୨୫ଜଣ କର୍ମକର୍ତ୍ତା ଯୋଗଦେଇ କିପରି ଶାନ୍ତିଶୃଙ୍ଖଳାର ସହିତ ବିଶ୍ୱ ଶାନ୍ତି ମହାଯଜ୍ଞ ପରିଚ୍ଳନା କରାଯିବ ବିଶେଷ ଭାବେ ଆଲୋଚନା ହୋଇଥିଲା ।

# ପ୍ରବାସୀ ଭାରତୀୟ ଦିବସ ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଜିଲ୍ଲା ବିଜେପି ପକ୍ଷରୁ ରାଜ୍ୟରେ ପ୍ରବାସୀ ଭାରତୀୟ ଦିବସ ପାଳନ ନେଇ ଏକ ପତ୍ରକାର ସମ୍ମିଳନୀ ସ୍ଥାନୀୟ ମୀରପାଟଣା ଲକ୍‌ରୋଡ୍‌ସ୍ଥିତ ସ୍ୱୟଂ ସେଲିବ୍ରେସନ୍ ମଣ୍ଡପରେ ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ କହିଲେ ଯେ, କେନ୍ଦ୍ର ସରକାରଙ୍କ ଫୋକସ୍‌ରେ ଆମ ରାଜ୍ୟ ଓଡିଶା ରହିଛି । ଓଡିଶାର ସାମଗ୍ରିକ ବିକାଶ, ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ହେଉଛି ଏହାର ମୂଳ ଲକ୍ଷ୍ୟ । କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ଓଡିଶାକୁ ସବୁବେଳେ ଗୁରୁତ୍ୱ ଦିଆଯାଉଛି । ଭିତ୍ତିଭୂମି, ସଡକ, ରେଳ, ବିମାନ ସେବାର ମାନ ବୃଦ୍ଧି କରାଯାଇ ୨୦୩୬ ସୁଦ୍ଧା ଓଡିଶାକୁ ବିକଶିତ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ବିଜେପି ସରକାର ବଦ୍ଧ ପରିକର । ଗତ ମାସରେ ଓଡିଶାରେ ପ୍ରଥମଥର ପାଇଁ ଭୁବନେଶ୍ୱରରେ ପୋଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଯୋଗଦେଇ ତିନିଦିନ ଓଡିଶାରେ ରହିଥିଲେ । ସେହିପରି ନୌସେନା ଦିବସ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ । ଆସନ୍ତା ୮,୯ ଓ ୧୦ ତାରିଖ ତିନିଦିନ ଧରି ଭୁବନେଶ୍ୱରରେ ପ୍ରଥମଥର ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି । ଏହା ହେଉଛି ୧୮ତମ ପ୍ରବାସୀ ଭାରତୀୟ ଦିବସ । ପାଖାପାଖି ପ୍ରାୟ ୬୦ଟି ଦେଶରୁ ପ୍ରବାସୀ ଭାରତୀୟମାନେ ଏଥିରେ ଅତିଥି ଭାବେ ଯୋଗ ଦେବେ । ବସୁଧୈବ କୁଟୁମ୍ବକମ୍: "ସମଗ୍ର ବିଶ୍ୱ ହେଉଛି ମୋ ପରିବାର" ଏହି ବାର୍ତ୍ତାର ମହତ୍ୱ ଓ ଗୁରୁତ୍ୱକୁ ପ୍ରବାସୀଙ୍କ ଜରିଆରେ ସାରା ବିଶ୍ୱରେ ପହଞ୍ଚାଇବାର ଅବସର ଆସିଛି । ଏଥିସହ ଓଡିଶାର ଐତିହ୍ୟ, ସଂସ୍କୃତି, କଳା, ଖାଦ୍ୟ ଓ ପରମ୍ପରାକୁ ବ୍ୟାପକ କରିବାର ଅବସର ଆସିଛି । ଏହି ତିନି ଦିନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀଙ୍କ ସମେତ ଦେଶ ଓ ବିଦେଶରୁ ଅନେକ ମାନ୍ୟଗଣ ଅତିଥି ଆସିବେ । ରାଜଧାନୀ ସମେତ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀକୁ ସଫାସୁତୁରା ରଖାଯିବ । ତେଣୁ ଆଜି ଓ ଆସନ୍ତାକାଲି ଦୁଇଦିନ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମା, ବିଶେଷ ଭାବେ ଡାକ୍ତରଖାନା, ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ, କୋର୍ଟ ପରିସର ଓ ସାଧାରଣ ସ୍ଥାନ ଗୁଡିକରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପାର୍ଟି ପକ୍ଷରୁ ବରିଷ୍ଠ ନେତୃବୃନ୍ଦଙ୍କୁ ଦାୟୀତ୍ୱ ବଣ୍ଟନ କରାଯାଇଛି ବୋଲି ବିଧାୟକ ଡ. ନାୟକ କହିଥିଲେ । ଏଥିସହିତ କେନ୍ଦ୍ରାପଡା ଜିଲ୍ଲାରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ, ହୁକିଟୋଲା ଦୀପ, ବତୀଘରରେ ଥିବା ଲାଇଟ୍ ହାଉସ,ତୁଳସୀକ୍ଷେତ୍ରର ଶ୍ରୀବଳଦେବଜୀଉଙ୍କ ମନ୍ଦିର, ଆଳିର ବରାହଜୀଉ ମନ୍ଦିର, ଗୁପ୍ତକ୍ଷେତ୍ର ସଖୀବଟ ଆଦି ପର୍ଯ୍ୟଟନସ୍ଥଳ ସହିତ କବାଟ ନଥିବା ଗାଁ ଶିଆଳି, କନିକା ରାଜପ୍ରସାଦ ପ୍ରଭୃତି ସ୍ଥାନ ପ୍ରବାସୀ ଭାରତୀୟମାନେ ବୁଲି ଦେଖିବାର ସମ୍ଭାବନା ରହିଛି ବୋଲି ବିଧାୟକ ଡ. ନାୟକ କହିଥିଲେ । ଏହି ପତ୍ରକାର ସମ୍ମିଳନୀରେ ବିଜେପିର ରାଷ୍ଟ୍ରୀୟ ସଦସ୍ୟ ବୈଦ୍ୟନାଥ ଚାଟାର୍ଜୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ମିଡିଆ ସେଲ ଅଧ୍ୟକ୍ଷ ନେହେରୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରଜ ବିଜୟ ମହୋତ୍ସବ ଅନୁଷ୍ଠିତ

ଧାମନଗର (ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ଅନ୍ତର୍ଗତ କଣ୍ଠାପାଡି ସ୍ଥିତ ଶ୍ରୀ ରାଧାମୋହନ ଗୌଡିୟ ମଠରେ ୧୦୮ ଶ୍ରୀ ଭକ୍ତି ବିକାଶ ମହାଯୋଗୀ ମହାରାଜଙ୍କ ଦ୍ୱାବିଂଶ ତମ ବାର୍ଷିକ ବ୍ରଜ ବିଜୟ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଠ ପରିସରରେ ମଙ୍ଗଳ ଆରତୀ, ଗୁରୁପୂଜା, ଗୁରୁମହିମା କୀର୍ତ୍ତନ, ଭୋଗ ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ମଠାଧିଶ ଭକ୍ତି ରକ୍ଷକ ତ୍ରିବୀକ୍ରମ ମହାରାଜଙ୍କ ସଂଯୋଜନାରେ ନଦିଆ ନବଦିପରୁ ଭକ୍ତି ରକ୍ଷକ ନାରାୟଣ ମହାରାଜ, ବୃନ୍ଦାବନରୁ ଭକ୍ତି ରକ୍ଷକ ସୁମନ ଗୋବିନ୍ଦ ମହାରାଜ, ପୁରୀରୁ ଭକ୍ତି ବାମନ ମହାରାଜ, ଭକ୍ତି ସୁରଙ୍ଗ ଶାନ୍ତ ମହାରାଜ, ଭଦ୍ରକ ମଠରୁ ଭକ୍ତି ପୀୟୂଷ ଅବଧୂତ ମହାରାଜ, ନୀଳଗିରିରୁ ଭକ୍ତି ବୈଭବ ମହାରାଜ, ଉଦଳାରୁ ଭକ୍ତି ପ୍ରକାଶ ମହାରାଜ, ଭଦ୍ରକ ଶ୍ରୀ ଚଇତନ ଆଶ୍ରମର ଭକ୍ତି ବଲ୍ଲଭ ମହାରାଜ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଆଠଗଡ଼ରୁ ଯୋଗାଦାନନ୍ଦ ମହାରାଜ, ରାଧାକାନ୍ତ ଦୀକ୍ଷିତ ପ୍ରମୁଖ ଯୋଗ ଦେଇ ଧର୍ମୀୟ ଆଲୋଚନା କରିଥିଲେ ।

# କାଳିଚରଣ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷାବ୍ଲକ ଅନ୍ତର୍ଗତ ବାଙ୍କେଇ ସ୍ଥିତ କାଳିଚରଣ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଓ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ଆର୍ଥିକ ସହାୟତାରେ ବାଳିକା ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ ଯୋଗ ଦେଇ ଏହାକୁ ଶୁଭ ଉଦଘାଟନ କରିବା ସଙ୍ଗେସଙ୍ଗେ ଅଧ୍ୟୟନରତ ଛାତ୍ରୀମାନଙ୍କର ଜୀବନ ସୁରକ୍ଷା ପାଇଁ ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ନିତ୍ୟାନ୍ତ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟାପିକା ହରପ୍ରିୟା ଦାସ ଓ କ୍ରୀଡା ଶିକ୍ଷକ ପ୍ରସାଦ ସାମନ୍ତ ପ୍ରମୁଖଙ୍କ ମିଳିତ ଆବାହକତ୍ୱରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରୀମାନେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିକା ଭାବେ ବୈଶାଖି ସାହୁ ଓ ସୋନାଲି ସାମନ୍ତସିଂହାର ଛାତ୍ରୀମାନଙ୍କୁ ବାଳିକା ଆତ୍ମ ରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶେଖ୍ ଆକବର ଅଲ୍ଲୀ ଓ ଶିବବ୍ରତ ଦାସ ପ୍ରମୁଖ ଯୋଗ ଦେଇ ବାଳିକା ପ୍ରଶିକ୍ଷଣ ଶିବିରର ଆବଶ୍ୟକତା, ଉପଯୋଗିତା ଓ ଛାତ୍ରୀମାନଙ୍କର ଏଥି ପ୍ରତି ଥିବା ଆବଶ୍ୟକ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଆଲୋଚନା କରିଥିଲେ ।

# ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା




ଆସିକା (ଭାସ୍କର ନ୍ୟୁଜ): ଆସିକା କଲେଜ ଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲ ଠାରେ ଆସିକା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂନନ୍ଦନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ଅତିଥିଭାବେ ଯୁବ ବିଜେପି ନେତା ସଂନ୍ଦୀପ କୁମାର ପାଢ଼ୀ, ସଂଗୀତ କୁମାର ପାଢ଼ୀ, ଟେକ୍ନିକାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭଞ୍ଜ ବେହେରା, ଶିବରାମ ବେହେରାଙ୍କ ସମେତ ସମସ୍ତ ସିଆରସିସି ଉପସ୍ଥିତ ଥିଲେ । ଜାତୀୟ ପିତା ମହାତ୍ମାଗାନ୍ଧୀ ଗତ ୦୯/୦୧/୧୯୧୫ ମସିହାରେ ଦକ୍ଷିଣ ଆଫ୍ରିକାରୁ ସ୍ୱଦେଶ ଫେରିଥିଲେ । ଏହି ଦିବସକୁ ମନେରଖିବା ସହ ଭାରତୀୟ ମାନେ ବାହାରଦେଶରେ ରହି ମଧ୍ୟ ଦେଶ ମାତୃକାକୁ ନଭୂଲି ଦେଶ ସେବା ରେ ନିୟୋଜିତ କରିବା, ପ୍ରବାସୀମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଓଡିଶା ମାଟିର ସାମଗ୍ରୀକ ବିକାଶରେ ସାରଥୀ ହୋଇ ସାହାଯ୍ୟ ସହଯୋଗ ହୋଇ କରିବା ଯେପରି ଭାରତର ନାମ ସୁନାମ ଅର୍ଜନ କରିବା ଉପରେ ଅତିଥି ମାନେ ମତ ରଖିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରବନ୍ଧ, ସାଇକେଲ ରେସ, କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଟେକ୍ନିକାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କୈଳାସ ଗୌଡ଼, ସିଆରସିସି ଶିଶିରକାନ୍ତ ବେହେରା, ସୀମା ବେହେରା, ରାଧାମୋହନ ଡାକୁଆ, ଅର୍ଚ୍ଚନା ବେହେରା, ସୌଦାମିନୀ ହୋତା, ରଂଜିତା ପାତ୍ର, ଟୁଲୁ ସେଠୀ, ଚିତ୍ର ସେଠୀ, ସରୋଜ ପ୍ରଧାନ, ହରିବନ୍ଧୁ ବେହେରା, ନାରାୟଣ ସାହୁ, ସମୀର ନାୟକ, ଚନ୍ଦ୍ର ଶେଖର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ଆଇଇଡି ବୋମା ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ମାଓ ଯୋଜନାକୁ ପଣ୍ଡ କରିଛନ୍ତି ସିଆରପିଏଫ ଯବାନ । ତଲାସୀ ଅଭିଯାନ ବେଳେ ସଡ଼କରେ ଖଞ୍ଜା ଯାଇଥିବା ୧୦ କିଲୋ ଆଇଇଡି ବୋମାକୁ ଜବତ କରି ନିଷ୍କ୍ରିୟ କରିଛନ୍ତି ସୁରକ୍ଷାକର୍ମୀ । ସୂଚନା ଅନୁଯାୟୀ ମଙ୍ଗଳବାର ଦିନ ସିଆରପିଏଫ ୨୨୮ ବାହିନୀ ଏବଂ ଯବାନମାନେ ଛତିଶଗଡ ସୁକମା ଜିଲ୍ଲାର କୋଣ୍ଟା ବ୍ଲକ ଅନ୍ତର୍ଗତ ଗୋଲ୍ଲାପାଲି ଏବଂ ବେଲପୋଚା ମୁଖ୍ୟ ସଡ଼କ ଦେଇ ମାଓ ଦମନ ଅଭିଯାନରେ ତଲାସୀ କରିବା ସମୟରେ ଏକ ଆଇଇଡି ବୋମାର ସନ୍ଧାନ ପାଇଥିଲେ । ପରେ ଏହି ବୋମାକୁ ସାବଧାନ ସହ ଘଟଣାସ୍ଥଳରେ ହିଁ ବିସ୍ଫୋରଣ କରି ନିଷ୍କ୍ରିୟ କରିଥିଲେ । ମାଓ ସଂଗଠନ ଦ୍ୱାରା ଏହି ଆଇଇଡି ବୋମାକୁ ତଲାସୀ ଅଭିଯାନରେ ବାହାରିଥିବା ସିଆରପିଏଫ ୨୨୮ ବାହିନୀ ଯବାନମାନଂକୁ କ୍ଷତି ପହଞ୍ଚାଇବା ଉଦେଶ୍ୟରେ ଖଞ୍ଜିଥିବା କୁହାଯାଉଛି । ଯବାନମାନଙ୍କ ସାବଧାନ ହେତୁ ଏକ ବଡ଼ ଅଘଟଣ ହେବାରୁ ବର୍ତ୍ତୀ ଯାଇଛନ୍ତି ।

# ଟ୍ରକ୍ ଡ୍ରାଇଭରଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର



ଅନୁଗୋଳ (ଭାସ୍କର ନ୍ୟୁଜ): ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ରାଜ୍ୟ ସରକାରଙ୍କ ସହଭାଗିତାରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ପକ୍ଷରୁ ଏକ ମେଗା ଚକ୍ଷୁ ପରୀକ୍ଷା ଏବଂ ପ୍ରାଥମିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଜେଏସପିର ଫେଜ୍-ଟୁ ଅଞ୍ଚଳରେ ଥିବା ଟ୍ରାନ୍ସପୋର୍ଟ ନଗରରେ ଏହି ଦୁଇ ଦୁନିଆ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ଅନୁଗୁଳ ଜିଲ୍ଲାର ସଡକ ପରିବହନ ଅଧିକାରୀ ଶ୍ରୀ ନିଖିଲ ପଟ୍ଟନାୟକ ଉଦଘାଟନ କରିଥିଲେ । ଏଥିରେ ଜେଏସପିର ଲଜିଷ୍ଟିକ୍ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଶିବିରରେ ପ୍ରାୟ ୫୦୦ରୁ ଅଧିକ ଟ୍ରାଇଭରଙ୍କ ଆଖି ପରୀକ୍ଷା କରାଯିବା ସହ ଆବଶ୍ୟକତା ଅନୁସାରେ ଚଷମା ପ୍ରଦାନ କରାଯାଇଥିଲା । ସେହିପରି ଜରୁରୀକାଳିନ ସମୟରେ ଜୀବନ ରକ୍ଷା ପାଇଁ ପ୍ରତିକ୍ରିୟାଶୀଳ ହେବା ସହ ସ୍ଥିତିର ମୁକାବିଲା ପାଇଁ ଡ୍ରାଇଭରମାନଙ୍କୁ ପ୍ରାଥମିକ ଚିକିତ୍ସାର ତାଲିମ ପ୍ରଦାନ କରାଯାଇଥିଲା । ଡ୍ରାଇଭରମାନଙ୍କ ଦୃଷ୍ଟିଶକ୍ତିରେ ସୁଧାର ଏବଂ ଜରୁରୀ ସ୍ଥିତିର ମୁକାବିଲା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଯାହାଫଳରେ ସଡକ ସୁରକ୍ଷା ସପ୍ତାହର ଲକ୍ଷ୍ୟ ସାଧିତ ହୋଇପାରିବ । ଏହି ଶିବିରରେ ପ୍ରାୟ ୧୦୦୦ ଡ୍ରାଇଭର ଏବଂ ପରିବହନ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଏହି ଆୟୋଜନ, ସମାଜ କଲ୍ୟାଣ ଏବଂ ନିରାପଦ ପରିବହନ ପାଇଁ ଜେଏସପିର ପ୍ରତିବଦ୍ଧତାକୁ ସୂଚିତ କରୁଛି ।

# ସତ୍ୟସାଇ ମହିଳା ମହାବିଦ୍ୟାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ ପରିସରରେ ସତ୍ୟସାଇ ମହିଳା ମହାବିଦ୍ୟାଳୟ ଓ ଶ୍ରୀ ସତ୍ୟସାଇ ସେବା ସଂଗଠନ ମିଳିତ ଆନୁକୂଲ୍ୟରେ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ସମସ୍ତ ସ୍ୱେଚ୍ଛାସେବୀଗଣ ସହଯୋଗ କରିଥିଲେ । ଶିବିରରେ 'କେୟାର ନେତ୍ରମ' ସଂଗଠନର ରାଜ୍ୟସ୍ତରୀୟ ସଂଯୋଜକ ଶିଶିର କୁମାର ଦାସ, ବିଭାଗୀୟ ଡ଼ାକ୍ତର ଡ଼ଃ ପ୍ରିୟବ୍ରତ ଛଆଳସିଂହ, ଡ଼ଃ ଶିବାନୀ ସାହୁ, ଜିଭିଟିର ସଦସ୍ୟ ମିତାଲୀ ରାଉତ, ସୁପ୍ରୀୟା ସ୍ୱାଇଁ, ଶୁଭସ୍ମିତା ବେହେରା, ମାନସୀ ଜେନା ଯୋଗଦାନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ଦେବଜାନୀ ସିଂ, ପରିଚାଳନା ପରିଷଦର ପୂର୍ବତନ ସଭାପତି ସୁନୀଲ କୁମାର ରଥ, ସତ୍ୟସାଇ ସେବା ସଂଗଠନର ପ୍ରତିନିଧି ଶ୍ରୀ ଜଗଦୀଶ ଅଂଶଗଅହଣ କରି ଶିବିରକୁ ଆଗେଇ ନେଇଥିଲେ । ଶିବିରରେ ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ୫ରୁ ୧୫ ବର୍ଷ ମାଗଣାରେ ଚଷମା ପ୍ରଦାନ ଓ ୧୫ ବର୍ଷରୁ ଉର୍ଦ୍ଧଙ୍କ ପାଇଁ ୩୫ ଶତକଡା ରିହାତିରେ ଚଷମା ପ୍ରଦାନ କରାଯାଇଥିଲା । ଶେଷରେ ଦର୍ଶନ ଶାସ୍ତ୍ର ବିଭାଗୀୟ ମୁଖ୍ୟ ଡ଼ଃ ମୃଣ୍ମୟୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଯୁବ ରେଡକ୍ରସର କାଉନସିଲର ଅପର୍ଣ୍ଣା ପାତ୍ର, ଜାତୀୟ ସେବା ଯୋଜନାର ସଂଯୋଜିକା ବିଦ୍ୟୁଲତା ପଣ୍ଡା ଓ ସମସ୍ତ ଛାତ୍ରୀଙ୍କ ସହଯୋଗରେ ଶିବିର ସଫଳ ହୋଇଥିଲା ।

# ବିଷ୍ଣୁପ୍ରିୟାଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଓ କବୟତ୍ରୀ ସମ୍ମାନ

କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ଶିକ୍ଷା ମଣ୍ଡଳର ଶିକ୍ଷୟତ୍ରୀ ତଥା ବିଶିଷ୍ଟ କବୟତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର ଶ୍ରେଷ୍ଠ ଶିକ୍ଷୟତ୍ରୀ ଓ ଶ୍ରେଷ୍ଠ କବୟତ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ପୁରୀ ଟାଉନ୍ ହଲ୍ ଠାରେ ୱାର୍ଲ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ଭବ୍ୟ ସମାରୋହର ଆୟୋଜିତ ଉତ୍ସବରେ ବିଶିଷ୍ଟ ସମାଜସେବୀ, ସାମ୍ବାଦିକ, କଳାକାର,କବି ଏବଂ କୃତିଶିକ୍ଷକ ମାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି ଅବସରରେ କାକଟପୁର ଶିକ୍ଷା ମଣ୍ଡଳର ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମହାପାତ୍ରଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଓ ଶ୍ରେଷ୍ଠ କବୟିତ୍ରୀର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଟ୍ରଷ୍ଟର ସମ୍ପାଦକ ଶଶଧର ପଣ୍ଡା, ଆଇନଜୀବୀ ଦୁର୍ଗାପ୍ରସାଦ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ରଚନାଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ସେମିଳିଗୁଡା ଥାନା ଅନ୍ତର୍ଗତ ବେହେରା ଗୁଡା ଗ୍ରାମରେ ଜଣେ ଗର୍ଭବତୀ ମହିଳା ରଚନା ସାହୁଙ୍କଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଏବେ ତାଙ୍କ ସମ୍ପର୍କୀୟଙ୍କ ସମେତ ଲୋକେ ପଦାକୁ ବାହାରିଛନ୍ତି । ରଚନାଙ୍କ ପ୍ରତି ନ୍ୟାୟ ଦାବି କରି ଦୋଷୀଙ୍କୁ ନ୍ୟାୟିକ ପ୍ରକ୍ରିୟାରେ ଉଚିତ ଶାସ୍ତି ଦିଆଯାଉ । ଏହି ଲକ୍ଷରେ ସମୂହ ରଚନାଙ୍କ ଫୋଟ ଥିବା ଏକ ବ୍ୟାନେର ଧାରି କ୍ୟାଣ୍ଡେଲ ରାଲିରେ ବାହାରିଥିଲେ । ଏହି ର୍‍ୟାଲିରେ ରଚନାଙ୍କ ସମ୍ପର୍କୀୟ ମାନଙ୍କ ସହ ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣ ସଗରିଆ, ବ୍ଲକ ଉପାଧ୍ୟକ୍ଷା ଆରତୀ କୁଲଦୀପ, ବଣିକ ସଙ୍ଘ ସଭାପତି ମନୋଜ ସାହୁ ଓ ବହୁ ମାନ୍ୟ ଗନ୍ୟ ବ୍ୟକ୍ତି ସାମିଲ ଥିଲେ । ଏହି ଶୋଭାଯାତ୍ରା ଲକ୍ଷ୍ମୀପୁର ଆମ୍ବେଦକର ଛକ ଠାରୁ ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ସେହିପରି ଲକ୍ଷ୍ମୀପୁର ବ୍ଲକ କାକାକିରିଗୁମା ପଞ୍ଚାୟତ ସଦରରେ ମଧ୍ୟ ରଚନାଙ୍କ ପରିବାରକୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ରାଲି କରାଯାଇଥିଲା ।

# ତୃତୀୟ ଲିଙ୍ଗଙ୍କ ନିମନ୍ତେ ଆଇନ ସଚେତନତା କାର୍ଯ୍ୟକ୍ରମ




ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲା ଆଇନସେବା ଜିଲ୍ଲା ତଥା ଦୌରା ଜଜ ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଆଇଟିଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ତୃତୀୟ ଲୀଙ୍ଗଙ୍କ ଅଧିକାର ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ତଥା ଆଇନସେବା ପ୍ରାଧିକରଣର ବିଚାରପତି ସୁଶ୍ରୀସଂଗୀତା ପାତ୍ର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣର ପ୍ରମୁଖ ଆଇନ୍ ସେବା ପ୍ରତିରକ୍ଷା ଓକିଲ ଅଶୋକ କୁମାର ପଟ୍ଟନାୟକ, ଉପ ମୁଖ୍ୟ ଆଇନିସେବା ପ୍ରତିରକ୍ଷା ଓକିଲ ରାଜେଶ ପଟ୍ଟନାୟକ, ସହାୟକ ଅଇନସେବା ପ୍ରତିରକ୍ଷା ଓକିଲ ସାଗର ପାଣିଗ୍ରାହୀ ଓ ସଂଯୁକ୍ତା ଦତ୍ତ ପ୍ରମୁଖ ଯୋଗଦେଇଥିଲେ । ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ଓ ପ୍ରତିରକ୍ଷା ଓକିଲ ଗଣ ତୃତୀୟ ଲିଙ୍ଗଙ୍କ ଅଧିକାର ସମ୍ପର୍କରେ ବୁଝାଇବା ସହ ଆଇନସେବା ପ୍ରାଧିକରଣ ବିଷୟରେ ଓ ଅନ୍ୟାନ୍ୟ ଆଇନ ସଂପର୍କରେ ଉପସ୍ଥିତ ବ୍ୟକ୍ତି ବିଶେଷ ତଥା ତୃତୀୟ ଲିଙ୍ଗ ମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ ।

# ରେନ୍‌ବୋ ଚିଲ୍‌ଡ୍ରେନ୍‌ସ ହାର୍ଟ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ବିଶ୍ୱର ପ୍ରଥମ ଫେଟାଲ୍ ଆଓର୍ଟିକ୍ ଭାଲ୍‌ଭୁପ୍ଲାଷ୍ଟି ସମ୍ପନ୍ନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏକ ବଡ଼ ଧରଣର ମେଡିକାଲ୍ ସଫଳତା ସ୍ୱରୂପ ରେନ୍‌ବୋ ଚିଲ୍‌ଡ୍ରେନ୍‌ସ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ବିବିଧ ଡାକ୍ତରଙ୍କ ଏକ ଟିମ୍ ପକ୍ଷରୁ ସଫଳତାର ସହ ଏକ ୨୭ ସପ୍ତାହର ଭ୍ରୁଣରେ ଫେଟାଲ୍ ବେଲୁନ୍ ଆଓର୍ଟିକ ଭାଲ୍‌ଭୁପ୍ଲାଷ୍ଟି ସମ୍ପନ୍ନ କରାଯାଇଛି । ଜଟିଳ ଆଓର୍ଟିକ ଷ୍ଟେନୋସିସ୍‌ରେ ପୀଡ଼ିତ ଥିବା ଭ୍ରୁଣରେ ଏହା ଥିଲା ଏକ ଜୀବନରକ୍ଷାକାରୀ ହସ୍ତକ୍ଷେପ । ଏକ ଡିଭାଇସ୍ ଜରିଆରେ ଛିଦ୍ର କରାଯାଇଥିବା ଅଞ୍ଚଳକୁ ବନ୍ଦ କରାଯାଇଥିଲା ଯାହା ବିଶ୍ୱରେ ପ୍ରଥମ ବୋଲି ବିଚାର କରାଯାଉଛି । ହସ୍ପିଟାଲ୍‌ର ପେଡିଆଟ୍ରିକ୍ କାର୍ଡିଓଲୋଜିଷ୍ଟ ମୁଖ୍ୟ ଡକ୍ଟର କୋନେଟି ନାଗେଶ୍ୱର ରାଓ, ପେଡିଆଟ୍ରିକ୍ କାର୍ଡିଓଲୋଜିଷ୍ଟ ଡକ୍ଟର ଶ୍ୱେତା ବଖରୁ, ପେଡିଆଟ୍ରିକ୍ କାର୍ଡିଓଲୋଜିଷ୍ଟ ଡକ୍ଟର ଶ୍ରୀ ଫନି ଭାର୍ଗବି ଧୁଲିପୁଡି ଏହାର ନେତୃତ୍ୱ ନେଇଥିଲେ ଯେଉଁ ଦଳରେ ଫେଟାଲ୍ ମେଡିସିନ୍ ସ୍ପେସିଆଲିଷ୍ଟ, ଇଣ୍ଟରଭେସନାଲ୍ କାର୍ଡିଓଲୋଜିଷ୍ଟ ଓ ଅବଷ୍ଟେଟ୍ରିସିଆନ୍ ମଧ୍ୟ ଥିଲେ । ଉନ୍ନତ ଇମେଜିଂ ବେଳେ ଭ୍ରୁଣରେ ଆଓର୍ଟିକ ଭାଲ୍‌ଭ ଅତ୍ୟନ୍ତ ଅଣଓସାରିଆ ଥିବା ଜଣାପଡ଼ିବା ପରେ ଅତି ଯତ୍ନର ସହ ଏହି କାର୍ଯ୍ୟ କରାଯାଇଥିଲା । ଛିଦ୍ର ଅଞ୍ଚଳକୁ ଏକ ଡିଭାଇସ୍ ଜରିଆରେ ବନ୍ଦ କରିବା ଏକ ଅଭିନବ ପଦକ୍ଷେପ ଥିଲା । ଫେଟାଲ୍ ବେଲୁନ୍ ଆଓର୍ଟିକ ଭାଲ୍‌ଭୁପ୍ଲାଷ୍ଟିରେ ସଫଳତା ହାର ସାଧାରଣତଃ ୭୦ ପ୍ରତିଶତ, ଯେଉଁଥିରେ ଛୋଟ ଛୁଂଚି ଓ ମଧ୍ୟମ ବେଲୁନ୍ ବ୍ୟବହାର ହୋଇଥାଏ । ମାତ୍ର ଏହି ମାମଲାରେ ହୃତପିଣ୍ଡରୁ ରକ୍ତ ସ୍ରାବ ହେବା ପରେ ଏକ ବଡ଼ ଛୁଂଚି ଓ ବଡ଼ ବେଲୁନ ଜରିଆରେ କାର୍ଯ୍ୟ କରାଯାଇଥିଲା । ମା'ର ପେଟ ଓ ଗର୍ଭଶାୟ ଦେଇ ଛୁଂଚିକୁ ଭ୍ରୁଣର ହାର୍ଟ ପର୍ଯ୍ୟନ୍ତ ନିଆଯାଇଥିଲା ଓ ଅଲଟ୍ରାସାଉଣ୍ଡ ଜରିଆରେ ସ୍ଥିତି ଉପରେ ନଜର ରଖାଯାଇଥିଲା । ଅବରୋଧକୁ ଏଡ଼ାଇବା ଓ ରକ୍ତ ପ୍ରବାହକୁ ସ୍ୱାଭାବିକ କରିବା ଲାଗି ଏହା ପରେ ଆଓର୍ଟିକ ଭାଲ୍‌ଭ ଜରିଆରେ ଏକ ବେଲୁନ୍ କ୍ୟାଥେଟର ବ୍ୟବହାର କରାଯାଇଥିଲା । ଏହି ପ୍ରକ୍ରିୟା ପରେ ଭ୍ରୁଣର ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିଲା । ପ୍ରସବ ସମୟରେ ଏକ ଉତମ ଶିଶୁ ଜନ୍ମ ହେବା ସହ ତାହାର ସମସ୍ତ ସ୍ୱାସ୍ଥ୍ୟଗତ ମାନଦଣ୍ଡ ଠିକ୍ ରହିଥିଲା ଯାହା ଏହି ପ୍ରକ୍ରିୟାକୁ ଫେଟାଲ୍ କାର୍ଡିଓଲୋଜି ଓ ଇଂଟରଭେନ୍‌ସନାଲ୍ ମେଡିସିନ୍‌ରେ ଏକ ମାଇଲଖୁଂଟରେ ପରିଣତ କରିପାରିଛି । ଏହି ସଫଳତା ସମ୍ପର୍କରେ ରେନବୋ ଚିଲଡ୍ରେନ୍‌ସ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ପେଡିଆଟ୍ରିକ୍ କାର୍ଡିଓଲୋଜିଷ୍ଟ ମୁଖ୍ୟ ଡକ୍ଟର କୋନେଟି ନାଗେଶ୍ୱର ରାଓ କହିଛନ୍ତି ଯେ, ନ୍ତଫେଟାଲ ଚିକିତ୍ସାର ପରିସରକୁ ବ୍ୟାପକ କରିବରେ ଆମ ପ୍ରତିବଦ୍ଧତାର ପ୍ରମାଣ ହେଉଛି ଏହି ସଫଳତା । ଏଭଳି ଏକ ଗମ୍ଭୀର ଓ ବିପଦପୂର୍ଣ୍ଣ ମାମଲାରେ ଏକ କ୍ଲୋଜର ଡିଭାଇସ୍‌କୁ ସଫଳତାର ସହ ବ୍ୟବହାର କରିବା ନବସୃଜନର ଶକ୍ତି ଓ ପ୍ରସବ ପୂର୍ବରୁ ଜୀବନ ରକ୍ଷାକାରୀ ଦଳଗତ କାର୍ଯ୍ୟକୁ ଦର୍ଶାଉଛି । 'ରେନ୍‌ବୋ ଚିଲ୍‌ଡ୍ରେନ୍‌ସ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ରମେଶ କଂଚର୍ଲା ଏହି ଐତିହାସିକ ସଫଳତା ପାଇଁ ହସ୍ପିଟାଲ୍‌ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି । ଉତ୍କର୍ଷ ପ୍ରତି ସେମାନଙ୍କ ସମର୍ପଣ, ବିଶେଷତା ଓ ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିବା ସହ ଏଭଳି ଆଭିମୁଖ୍ୟ ଭବିଷ୍ୟତରେ ଶିଶୁ ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିବ ବୋଲି ବିଶ୍ୱାସ ପ୍ରକଟ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ




ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ କେନ୍ଦ୍ର ଯୁବ ବ୍ୟାପାର ଅଧିନସ୍ଥ ନେହେରୁ ଯବକେନ୍ଦ୍ର ଓ ମୋ ଯୁବ ଭାରତ ଆନୁକୁଲ୍ୟରେ ନ୍ତଜିଲ୍ଲା ସ୍ତରୀୟ ଯୁବ ଉତ୍ସବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ମାଜିଷ୍ଟ୍ରେଟ ବେଦବର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଖଇରପୁଟ ବ୍ଲକ ବିଡ଼ିଓ ଉମାଶଙ୍କର କୋୟା , ଅତିରିକ୍ତ ଜିଲ୍ଲାପାଳ ଅଜୟ କୁମାର ମାଣ୍ଡାଙ୍ଗୀ, ଅତିରିକ୍ତ ଶ୍ରମ ଅଧିକାରୀ ପୁର୍ଣିମା ଡୁରୁକା, ଜିଲ୍ଲା ନିଯୁକ୍ତି ପଞ୍ଜିକରଣ ଅଧିକାରୀ ମନଶ୍ୱନ ସେଠୀ, ଜିଲ୍ଲା ଏନଏସଏସ୍ ଅଧିକାରୀ ସରୋଜ କୁମର ମହାପାତ୍ର, ଓଡ଼ିଆ ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିବା ବେଳେ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଅଧିକାରୀ ହରିଶ୍ କୁମାର ରୁପାଲା ସଭାପତିତ୍ୱ କରିଥିଲେ । ଅତିଥି ମାନେ ୧୫ ରୁ ୨୩ ବର୍ଷ ମଧ୍ୟରେ ପାଠ ପଢୁଥିବା ଯୁବବର୍ଗଙ୍କ ଉତ୍ସାହ/ପ୍ରେରଣା ଉଦ୍ଦେଶ୍ୟରେ ସରକାରଙ୍କ ବିଭିନ୍ନ ଯୋଜନା ଓ ଏହାର ମହାବିଦ୍ୟାଳୟ ସ୍ତରରେ ସଠିକ କାର୍ଯ୍ୟକାରୀତା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଯୁବବର୍ଗଙ୍କ ମଧ୍ୟରେ ନ୍ତପଞ୍ଚ ପ୍ରାଣ' ବିଷୟ ବସ୍ତୁ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ଯଥା ଯୁବକଙ୍କ ମଧ୍ୟରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ବିଜ୍ଞାନ ପ୍ରଦର୍ଶନୀ ରେ ଯୋଗଦେବା, ଯୁବ ବକ୍ତୃତା, ଯୁବ ଚିତ୍ରକାରୀତା, ଯୁବ କବିତାଉତ୍ସବ, ଫଟୋଗ୍ରାଫି ଓ ଗୋଷ୍ଠୀଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି ୬ ଗୋଟି ଇଭେଣ୍ଟରେ ଜିଲ୍ଲାର ୮ ଟି ଯୁକ୍ତଦୁଇ ଓ ଯୁକ୍ତତିନି ର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ପୁନମ୍ ପ୍ରିୟଦର୍ଶିନୀ ଦାସ୍ ମଞ୍ଚ ପରିଚାଳନା କରିବା ସହ ଶେଷରେ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତକୁଞ୍ଜ ପକ୍ଷରୁ ପରମ ବନ୍ଦନୀୟା ମାତାଜୀଙ୍କର ଜନ୍ମ ଶତବାର୍ଷିକ, ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନର ଶତବାର୍ଷିକୀ ଓ ପରମପୂଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଆଧ୍ୟାତ୍ମିକ ଜନ୍ମ ଶତବାର୍ଷିକ ପାଳନ ନିମନ୍ତେ ସମଗ୍ର ଭାରତ ବର୍ଷରେ ପରିକ୍ରମା କରୁଥିବା ପାବନ ଜ୍ୟୋତି କଳସ ଯାତ୍ରା କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବ୍ଲକ ରେ ୩୧ ତାରିଖ ଠାରୁ ଜାନୁଆରୀ ୯ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରୁଅଛି । ଏହି ଯାତ୍ରାର ଦ୍ୱିତୀୟ ଦିନ ଭରତପୁର ପଞ୍ଚାୟତର ଭରତପୁର ଗ୍ରାମର ଦଧିବାବନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଦୀପଯଜ୍ଞ କରିବା ସହିତ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ମିଶନର ବିଚାର ଓ ଗୁରୁବରଙ୍କ ସାହିତ୍ୟ ପଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସତ୍ ସାହିତ୍ୟ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଗାୟତ୍ରୀ ପରିବାରର ଭାଇଭଉଣୀ ତଥା ଶାନ୍ତିକୁଞ୍ଜର ପରିବ୍ରାଜକମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ ।

### ////////////////////// ବେଳାଭୂମି ମହୋତ୍ସବ ଉଦଘାଟିତ //////////////////////

## ପ୍ରବାସୀ ଭାରତୀୟଙ୍କ ଆକର୍ଷଣର କେନ୍ଦ୍ର ସାଜିଛି ପୁରୀ

ପୁରୀ (ଭାସ୍କର ନ୍ୟୁଜ): ପୁରୀ ବେଳାଭୂମି ମହୋତ୍ସବ ଆଜି ସଂଧ୍ୟାରେ ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଉଦଘାଟିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟନ କରିବା ସହ ମହୋଦଧି କୂଳରେ ମହାପ୍ରଭୁଙ୍କ ମାଟିରେ ଏହି ଭବ୍ୟ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ନିଜ ବକ୍ତବ୍ୟରେ ସେ କହିଲେ ଯେ, ୧୮ ତମ ପ୍ରବାସୀ ଭାରତୀୟ ଦିବସ ଓଡିଶାର ଭୁବନେଶ୍ୱରରେ ଆୟୋଜିତ ହେଉଥିଲେ ମଧ୍ୟ ପୁରୀ ସମସ୍ତ ପ୍ରବାସୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ସାଜିଛି । ମହାପ୍ରଭୁଙ୍କ ଦର୍ଶନ ସହ ସ୍ୱର୍ଣ୍ଣିମ ବେଳାଭୂମିର ବ୍ଲୁ ଫ୍ଲାଗ ବିଚ, କଳାଗ୍ରାମ ରଘୁରାଜପୁର, ଅପରୂପା ଚିଲିକା ସାତପଡ଼ା, ସୂର୍ଯ୍ୟ ମନ୍ଦିର କୋଣାର୍କ, ରାମଚଣ୍ଡୀ, ପିପିଲିର ପ୍ରସିଦ୍ଧ ଚାନ୍ଦୁଆ ସେମାନଙ୍କ ପାଇଁ ଉତ୍ସାହ ଆଣିବା ସହ ଏଗୁଡିକୁ ଦେଖିବାର ସ୍ୱପ୍ନକୁ ସାକାର କରୁଛି । ନିଜ ପୂର୍ବ ପୁରୁଷଙ୍କ ଅଞ୍ଚଳର ବିକାଶ ଓ ଉନ୍ନତି ସେମାନଙ୍କୁ ଆହ୍ଲାଦିତ କରିବ ନିଶ୍ଚୟ । ପୁରୀ ସୁନ୍ଦର ଭାବେ ସଜେଇ ହୋଇଛି । ଏହା କେବଳ ପ୍ରବାସୀ ନୁହେଁ ଆମ ନିଜ ଦେଶର ଲୋକ ମାନଙ୍କୁ ମଧ୍ୟ ଆକୃଷ୍ଟ କରିଛି । ଆମର ଆତିଥ୍ୟ ଓ ସେମାନଙ୍କ ପ୍ରତି ଭଲ ପାଇବା ସେମାନଙ୍କୁ ଉଦବୁଦ୍ଧ କରିବ । ଏହା ଆମ ପର୍ଯ୍ୟଟନ ଶିଳ୍ପକୁ ଆଗକୁ ନେବା ସହ ବିଶ୍ୱରେ ଆମ ମହାନ ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନକୁ ପ୍ରଚାର ପ୍ରସାର କରିବା ଦିଗରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡା ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରବାସୀ ଭାରତୀୟ ମାନଙ୍କ ସମ୍ମାନାର୍ଥେ ଆୟୋଜିତ ଏହି ସମାରୋହ ଆମ ସଂସ୍କୃତି, ଐତିହ୍ୟ ଓ ଗୌରବକୁ ପୁନର୍ଜିବିତ କରିଛି । ଆମ ଅତିଥି ମାନଙ୍କୁ ଆମେ ଏଭଳି ସମ୍ମାନ ଓ ଆଦର ଦେବା ଯେ ସେମାନେ ନିଜ ସ୍ଥାନ କୁ ଫେରି ଗଲେ ମଧ୍ୟ ଏହି ଦିନକୁ ମନେ ରଖିବେ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏସ ପି ବିନୀତ ଅଗ୍ରୱାଲ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆକର୍ଷଣୀୟ ଡ୍ରୋନ ସୋ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପଲ୍ଲିଶ୍ରୀ ମେଳା, ଫୁଡ ଫେଷ୍ଟିଭାଲକୁ ଉଦଘାଟନ କରିଥିଲେ । ବେଳାଭୂମି ମହୋତ୍ସବ ଅବସରରେ ଏମ୍ପାୟର ହୋଟେଲ ସମ୍ମୁଖରେ ଗୁଡ଼ି ଉଡା ଫେଷ୍ଟିଭାଲ ଓ ଗାନ୍ଧୀ ପାର୍କ ଠାରେ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବ ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

କେନ୍ଦୁଝର (ଭାସ୍କର ନ୍ୟୁଜ): ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟୀସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରମାକାନ୍ତ ସ୍ୱାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିବା ସହିତ ଛାତ୍ରୀମାନଙ୍କୁ ନିଜେ ନିଜର ଆତ୍ମ ସୁରକ୍ଷା କିପରି କରିପାରିବେ ସେ ବାବଦରେ ସମ୍ୟକ୍ ବାର୍ତ୍ତା ପ୍ରଦାନ କରିଥିଲେ । ସଂଯୋଜିକା ଅଧାପିକା ସୁଜାତା ଗିରି, ଗୀତାଞ୍ଜଳୀ ମହାନ୍ତ ଏବଂ ପ୍ରଶିକ୍ଷିକା ଶୁଭଶ୍ରୀ ସାହୁ, ଅଭିଷ୍ମିତା ପଟ୍ଟନାୟକ, ଆଲଫା ବେତାଳ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର କଳା ଓ କୌଶଳ ଶିକ୍ଷା ପ୍ରଦାନ କରିଥିଲେ ।

## ଚୋରି ସ୍କ୍ରାପ ବୋଝେଇ ପିକଅପ୍ ଜବତ, ୧ ଗିରଫ



ବେଲପାହାଡ଼ (ଭାସ୍କର ନ୍ୟୁଜ): ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କୁହାକୁଣ୍ଡା ଗ୍ରାମ ଛକରେ ଗୋଟିଏ ଚୋରି ସ୍କ୍ରାପ ବୋଝେଇ ପିକ୍ଅପ ଗାଡିକୁ ରେଙ୍ଗାଲି ପୋଲିସ ଜବତ କରିଥିବା ବେଳେ ସମ୍ପୃକ୍ତ ଜଣେ ଆସାମୀକୁ ମଧ୍ୟ ଗିରଫ କରିଛି । ମଙ୍ଗଳବାର ଦିନ ଝାରୁପଡା ଗ୍ରାମରୁ ଛତିଶଗଡ଼ ରାୟଗଡ଼ ପଟକୁ ସିଜି୧୩ଏଆର ୫୭୮୩ ନମ୍ବର ବିଶିଷ୍ଟ ଏକ ପିକ୍ଅପ ଗାଡିରେ ଅନ୍ୟୁନ୍ୟ ୧୩୧୦ କିଲୋ ଚୋରା ସ୍କ୍ରାପ ଚାଲାଣ କରାଯାଉଥିଲା । ତେବେ ରେଙ୍ଗାଲି ପୋଲିସ ହାବୁଡରେ ଗାଡିଟି ପଡିଯିବାରୁ ପୋଲିସ ଯାଞ୍ଚ କରି ଏହା ଚୋରା ସ୍କ୍ରାପ ବୋଲି ଜାଣିବାକୁ ପାଇଥିଲା । ତଦନ୍ତ କରି ପୋଲିସ୍ ଗାଡିଟିକୁ ଜବତ କରିବା ସହ ଏହି ଚୋରା କାରବାରରେ ସମ୍ପୃକ୍ତ ଝାରୁପଡାର ବାସୁଦେବ ସତନାମୀଙ୍କ ପୁଅ ବିଶିକେଶନ ସତନାମୀ (୫୦)କୁ ଗିରଫ କରି କୋର୍ଟଚାଲାଣ କରିଛି । ରେଙ୍ଗାଲି ଥାନା କେଶ ନଂ ୬ / ୨୫ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଜଣାପଡିଛି ।

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା



ଯାଜପୁର (ଭାସ୍କର ନ୍ୟୁଜ): ବରୀ ବ୍ଲକ ଅଧିନସ୍ଥ ଅନ୍ୟାସପୁର ଗ୍ରାମର ମା'ମଙ୍ଗଳା ସ୍ୱୟଂ ସହାକ ଗୋଷ୍ଠୀର ସମସ୍ତ ସଦସ୍ୟା ମାନେ ଆଜି ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ଼ିଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁଯାୟୀ ଗତ ୨୦୨୪ ମସିହାରେ ବ୍ଲରୀ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ୧୩ ଗୋଟି ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ପାଇଁ ପୋଷକ ବିତରଣ ଦାୟିତ୍ୱ ମା'ମଙ୍ଗଳା ସ୍ୱୟଂସହାୟକ ଗୋଷ୍ଠୀ ଅନୁମତି ମିଳିଥିଲା । ଅନୁମତି ଆଧାରରେ ଉକ୍ତ ସହାୟକ ଗୋଷ୍ଠୀ ସୁରରୁ ରୂପେ ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବିତରଣ କରିଆସୁଥିଲା । ହେଲେ ଚଳିତ ବର୍ଷ ମା'ମଙ୍ଗଳା ସହାୟକ ଗୋଷ୍ଠୀଙ୍କୁ କୌଣସି ସୂଚନା ଦିଆନଯାଇ ରାଜନୈତିକ ଋପରେ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କୁ ପୋଷାକ ବିତରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉକ୍ତ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଭିଯୋଗ କରିଛନ୍ତି ।। ଏହି ଘଟଣାକୁ ନେଇ ସଂଘର ସମସ୍ତ ସଦସ୍ୟାମାନେ ଜିଲ୍ଲାପାଳ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ପୁନର୍ବାର ପୋଷାକ ବିତରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ନିବେଦନ କରିଛନ୍ତି । ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏହି ବିଷୟରେ ଅବଗତ କରାଇବା ସହିତ ତୁରନ୍ତ ଏହାର ତଦନ୍ତ କରାଯାଇ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଭିଯୋଗ ସମୟରେ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିମା ଗିରି, କବିତା ବରାଳ, ହେମଲତା ଦଳାଇ, ସସ୍ମିତା ବରାଳ, କମଳା ଦଳାଇ, ଶାନ୍ତିଲତା ଦଳାଇ, ତିଲୋ□ମା କୁଣ୍ଡୁ, ମମତା ପରମାଣିକ, ବେବିରାଣୀ ବରାଳ, ମିନତୀ ବରାଳ ପ୍ରଭୃତିମା'ମଙ୍ଗଳା ସହାୟକ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ନିଯୁକ୍ତି ମେଳା ଓ ପରାମର୍ଶ ଶିବିର ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ପରାମର୍ଶ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା । ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ଏହି ଅବସରରେ କହିଥିଲେ ଜିଲ୍ଲାପାଳ ଶ୍ରୀ ପ୍ରଧାନ । ଚଳିତ ଜାନୁଆରୀ ମାସ ୨୮ ତାରିଖରୁ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ପରାମର୍ଶ ଶିବିର ଆରମ୍ଭ ହୋଇ ଫେବୃୟାରୀ ମାସ ୧୩ ତାରିଖରେ ଏହାର ସମାପ୍ତ କରିବାକୁ ସ୍ଥିର କରାଯାଇଛି । ଅଧିକରୁ ଅଧିକ ଯୁବକ ଯୁବତୀ ଏହି ଶିବିରରେ ଅଂଶଗ୍ରହଣ କରି କିପରି ଜୀବନ ଧାରଣ ମାନରେ ଉନ୍ନତି ଆଣି ପାରିବେ ସେ ଦିଗରେ ନିଷ୍ଠାପର ଉଦ୍ୟମ କରିବାକୁ ସମସ୍ତ ବ୍ଲକ୍‌ର ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଫେବୃୟାରୀ ୧୯ ଓ ୨୦ ତାରିଖରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ । ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ଅଧିକରୁ ଅଧିକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେବେ ବୋଲି କହିଛନ୍ତି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୟାସିନ୍ଧୁ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ, ସରକାରୀ ପଲିଟେକ୍ନିକର୍ ଅଧକ୍ଷ ଡକ୍ଟର ଗୁଣନିଧି ପ୍ରଧାନ, ଜିଲ୍ଲା କଲ୍ୟାଣ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରଶିଙ୍ଘ, ଜିଲ୍ଲା ସୂଚନା ଅଧିକାରୀ (ଏନଆଇସି) ଶୁଭେନ୍ଦୁ ଶେଖର ସାହୁ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପାଢି ଏବଂ ସମସ୍ତ ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଓ ବ୍ଲକ୍ ସ୍ତରୀୟ ପରାମର୍ଶ ଶିବିରକୁ ସଫଳ ରୂପେ ଆୟୋଜନ କରିବା ନିମନ୍ତେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା ।

## ଭୟଙ୍କର ଥିଲା ଆଇଡି ବିସ୍ଫୋରଣ: ଏସପି

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଶୋମବାର ଦିନ ମାଓବାଦୀଙ୍କ ଲ୍ୟାଣ୍ଡମାଇନରେ ୮ ଜଣ ଯବାନ ସହିଦ ହୋଇଛନ୍ତି । ପୂର୍ବରୁ ଯୋଜନାବଦ୍ଧ ଭାବେ ମାଓବାଦୀ ମାନେ ଏହି ଲ୍ୟାଣ୍ଡମାଇନ ଖଞ୍ଜି ଥିଲେ । ତେବେ ଏହି ବିସ୍ଫୋରଣ ଅତି ଭୟାବହ ଥିଲା ବୋଲି ବିଜାପୁର ଏସପି କହିଛନ୍ତି । ସୁରକ୍ଷାକର୍ମୀ ଅବୁଝାମାଡ଼ ଜଙ୍ଗଲରୁ ଅପରେସନ ସାରି ଫେରୁଥିବା ସମୟରେ ବିଜାପୁର ଜିଲ୍ଲା କୋଟରୁ ଥାନା ଅଧିନସ୍ଥ ଆମ୍ବେଲା ଗାଁ ନିକଟରେ ମାଓବାଦୀ ମାନେ ଘଟାଇଛନ୍ତି ଏହି ବିସ୍ଫୋରଣ । ଏହି ବିସ୍ଫୋରଣ ରେ ୮ ଯବାନ୍ ସହୀଦ ହୋଇଥିବା ବେଳେ ଜଣେ ଡ୍ରାଇଭରଙ୍କ ଏପର୍ଯ୍ୟନ୍ତ ପତ୍ତା ମିଳି ପାରିନାହିଁ । ପୋଲିସ ପକ୍ଷରୁ ଅଗ୍ନିଶମ ବିଭାଗକୁ ଲଗାଇ ମୃତ ଶରୀରକୁ ଖୋଜୁଥିବା ଦେଖିବାକୁ ମିଳିଛି । ଦିର୍ଘ ଦିନର ବ୍ୟବଧାନ ପରେ ମାଓବାଦୀ ମାନେ ଏକ ବଡ଼ ଧରଣର କ୍ଷତି ଘଟାଇବାରେ ସଫଳ ହୋଇଛନ୍ତି । ସହିଦ ସମସ୍ତ ଯବାନ ଡିଆରଜିର ରହିଛନ୍ତି । ଘଟଣା ସ୍ଥଳରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୨୦ ଫୁଟ୍ ବିଶିଷ୍ଟ ବିଶାଳ ଗାତ ସୃଷ୍ଟି ହୋଇଥିବା ବେଳେ ସ୍କର୍ପିଓ ଗାଡ଼ିର ବିଭିନ୍ନ ଅଂଶ ଶହ ଶହ ମିଟର ଦୁରରେ ପଡ଼ିଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ଛତିଶଗଡ଼ ଡିଜିପି ଅଶୋକ ଜୁନେଯାଙ୍କ ସମେତ ବସ୍ତର ଆଇଜି ସୁନ୍ଦର ରାଜ ପି. ଏବଂ ପୋଲିସ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ପ୍ରବାସୀ ଭାରତୀୟଙ୍କ ପାଇଁ ପୁଷ୍ପ ପ୍ରଦର୍ଶନୀ



ପୁରୀ (ଭାସ୍କର ନ୍ୟୁଜ): ପୁରୀରେ ପ୍ରଦର୍ଶିତ ହୋଇଛି ପୁଷ୍ପ ପ୍ରଦର୍ଶନୀ । ଏହି ପୁଷ୍ପ ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗାନ୍ଧୀ ପାର୍କରେ ପ୍ରବାସୀ ଭାରତୀୟ, ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏହା ପ୍ରଦର୍ଶିତ କରାଯିବ । ପ୍ରବାସୀ ଭାରତୀୟଙ୍କୁ ଆକୃଷ୍ଟ କରିବା ପାଇଁ ଜିଲ୍ଲା ପ୍ରଶାସନର ଏହା ଏକ ଅଭିନବ ପ୍ରୟାସ । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏହି ପୁଷ୍ପ ପ୍ରଦର୍ଶନୀ ଉଦଘାଟନ କରିଥିଲେ । ପରେ ଫୁଲରେ ନିର୍ମିତ ବିଭିନ୍ନ କାରୁକାର୍ଯ୍ୟକୁ ବୁଲି ଦେଖିବା ସହ ଖୁବ ପ୍ରଶଂସା ମଧ କରିଥିଲେ ଅତିଥି ମାନେ । ଏଥିସହ ଏଭଳି ପଦକ୍ଷେପକୁ ପ୍ରଶଂସା କରି ଶ୍ରୀମତୀ ମହାପାତ୍ର କହିଥିଲେ ଯେ, ଏହା ଅତି ସୁନ୍ଦର ଓ ମନମୁଗ୍ଧକର ହୋଇଛି । ତଥା ଏହି କାମରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସାଧୁବାଦ ଜଣାଇଥିଲେ ।

## ସଡ଼କ ସୁରକ୍ଷା ଉପଲକ୍ଷେ ପୋଲିସର ଯାନବାହନ ଯାଞ୍ଚ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଏମଭି -୭୯ ପୁଲିସ ପକ୍ଷରୁ ସଡକ ସୁରକ୍ଷା ପାଇଁ ଯାନବାହାନ ଯାଞ୍ଚ ସହ ଚାଳକ ମାନଙ୍କୁ ସଚେତନ ବାର୍ତ୍ତା ଦିଆଯାଉଛି । ଆଜି ଥାନା ଅଧିକାରୀ ସୁବାସ ଚନ୍ଦ୍ର କର୍କରାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଗିରିଶ ଚନ୍ଦ୍ର ସାରକା, ଏସ୍ଆଇ ବୁଲୁ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ଏମଭି ୭୯ ଥାନା ସମ୍ମୁଖରେ ୩୨୬ ତମ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଗାଡିମୋଟର ଗୁଡିକୁ ଅଟକାଇ ଯାଞ୍ଚ କରିଥିଲେ । ଏହି ସମୟରେ ଦୁଇ ଚକିଆ ଯାନରେ ହେଲମେଟ ଓ ଚାରିଚକିଆ ଯାନରେ ସିଟ ବେଲ୍ ପିନ୍ଧିନଥି ବା ଗାଡି ଚାଳକ ମାନଙ୍କ ଠାରୁ ଜରିମାନା ଆଦାୟ କରିବା ସହ ଗାଡିର ସମସ୍ତ କାଗଜପତ୍ର ଠିକ କରିବାକୁ ଲୋକଙ୍କୁ ସଚେତନ କରୁଥିବାର ଦେଖିବାକୁ ମିଳିଛି । ଥାନା ଅଧିକାରୀଙ୍କ କହିବା ଅନୁଯାୟୀ ସଡକ ଦୁର୍ଘଟଣାରୁ ବଞ୍ଚିବା ପାଇଁ ଅଞ୍ଚଳରେ ବସବାସ କରୁଥିବା ଜନ ସାଧାରଣଙ୍କୁ ସଚେତନ କରିବା ସହ ପୋଲିସ ପକ୍ଷରୁ ଦିନ ରାତି ପାଟ୍ରୋଲିଂ କରାଯାଉଛି । ଏବଂ ଛୋଟ ପିଲା ତଥା ଡ୍ରାଇଭିଂ ଲାଇସେନ୍ସ ନଥିବା ଗାଡିଚାଳକଙ୍କ ଉପରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି କହିଛନ୍ତି ।

## ଜିଲ୍ଲାସ୍ତରୀୟ ଦିଆଲି ପରବ 'ଭେଟ୍ ଘାଟ୍'

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସହିଦ ନରସିଂ ଡ଼ମ ସମାଜ ତରଫରୁ ସହିଦ ନରସିଂ ଡମ୍ ସମାଜ ଜିଲ୍ଲା ସଭାପତି ବଳରାମ ଅନଗୁଳିଆଙ୍କ ନେତୃତ୍ୱରେ ଆଜି ଜିଲ୍ଲା ସ୍ତରୀୟ ଦିଆଲି ପରବ ଭେଟ୍ ଘାଟ୍ କାର୍ଯ୍ୟକ୍ରମ ବହୁ ଆଡମ୍ବର ସହିତ ପାଳନ କରାଯାଇଛି । ପ୍ରକୃତିକୁ ଉପାସନା କରିବା ଉଦ୍ଦେଶ୍ୟରେ ଡମ୍ ସମାଜ ଧରମଦିଆଲି ପର୍ବପାଳନ କରିଆସୁଛି । ଏଥି ନିମନ୍ତେ ସହିଦ ନରସିଂ ଡମ୍ ସମାଜ ତରଫରୁ ସର୍ବସହମତି କ୍ରମେ ଦିଆଲି ପରବ ଭେଟ୍ ପାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡମ୍ ଜାତିର ସାମ୍ବିଧାନିକ ହକ୍ ଅଧୀକାର ସାବ୍ୟସ୍ତ କରିବା ନିମନ୍ତେ ୫ଦଫା ଦାବି ଗଣତାନ୍ତ୍ରିକ ପଦ୍ଧତିରେ ଉପସ୍ଥାପନ କରିବା ନିମନ୍ତେ ସମସ୍ତ ଡମ୍ ଭାଇ ଓ ଭଉଣୀମାନଙ୍କୁ ପାରମ୍ପାରିକ ବେଶ ପୋଷାକରେ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ରହି ମାଲକାନଗିରି ସହର ବସ ଷ୍ଟାଣ୍ଡ ଠାରୁ ଏକ ବିରାଟ୍ ରାଲିରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ରେ ପହଞ୍ଚି ମାଲକାନଗିରି ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ର ପ୍ରଦାନ କରାଗଲା ।

## ବିଜେପି ନୂତନ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଜେପି ଦଳୀୟ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି । ରାଜ୍ୟ ବିଜେପି ସଭାପତିଙ୍କ ଅନୁମୋଦନ କ୍ରମେ ଢେଙ୍କାନାଳ ଠାରେ ବିଜେପି ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଓ ଦଳୀୟ ନିର୍ବାଚନ ଅଧିକାରିଣୀ ସ୍ମୃତିରେଖା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ମଣ୍ଡଳୀର ୭ଗୋଟି ମଣ୍ଡଳ ସଭାପତିଙ୍କ ନାମ ଘୋଷଣା ହୋଇଥିବା ବେଳେ ସେଥିମଧ୍ୟରୁ ପରଜଙ୍ଗ ବ୍ଲକର ତିନିଗୋଟି ଜୋନରେ ୧ନଂ ଜୋନର ବୈଷ୍ଣବ ଚରଣ ନାଥ, ୨ନଂ ଜୋନର ବିବସ୍ୱ କୁମାର ସାହୁ, ୩ନଂ ଜୋନର ସୁଧୀର କୁମାର ବିଶ୍ୱାଳଙ୍କ ନାମ ଘୋଷଣା ହୋଇଅଛି । ଏହି ଘୋଷଣା ପ୍ରକ୍ରିୟାରେ ଢେଙ୍କାନାଳ ବିଧାୟକ ତଥା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବାବେଳେ ବିଜେପି ଦଳୀୟ ଶତାଧିକ ଆଗଧାଡିର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

## ଅଗ୍ନିବିପନ୍ନ ପରିବାରକୁ ବିଜେପି ନେତାଙ୍କ ସହାୟତା

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ମାଧବ ପଂଚାୟତ ପ୍ରଧାନ ସାହିରେ ଗତ ୧ ତାରିଖ ଦିନ ଭୟା ବହ ଅଗ୍ନିକାଣ୍ଡ ଘଟି ୮ ଟି ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି । ଏହି ଅଗ୍ନି କାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଜିଲ୍ଲା ବିଜେପି ସଂଯୋଜକ ଭକ୍ତ ବତ୍ସଳ ବସ୍ତିଆ ପହଁଚି ରାସନ, ଆସବାବ ପତ୍ର ଓ ପିନ୍ଧା ବସ୍ତ୍ର ଯୋଗାଇ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ମନୋଜ ସିଂ,ବିଭୁତି ନାୟକ,ମୋହନ ଦାଶ, ସୁଶୀଲ ମଲିକ, ପପୁ ଦାଶ, ଅଶୋକ ଖୁଣ୍ଟିଆ, ସୂର୍ଯ୍ୟକାନ୍ତ ଖୁଣ୍ଟିଆ, ସୁଜାତା ମହାନ୍ତି, ଲିପୁ ଦାଶ ଉପସ୍ଥିତ ରହିଥିଲେ ।

## ଖୋଲିଲା ମା' ଭଗବତୀଙ୍କ ଭିତରହୁଣ୍ଡି

ବାଣପୁର (ଭାସ୍କର ନ୍ୟୁଜ): ତିନିମାସ ପରେ ଆଜି ମା'ଭଗବତୀଙ୍କ ଭିତର ହୁଣ୍ଡି ଖୋଲାଯାଇ ହୁଣ୍ଡିରୁ ଆଦାୟ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ସହିତ ସୁନାରୂପାର କିଛି ଦ୍ରବ୍ୟ ସ୍ଥାନୀୟ ୟୁ.କୋ ବ୍ୟାଙ୍କରେ ଥିବା ମନ୍ଦିର ଜମା ଖାତାରେ ଜମା କରାଯାଇଛି । ମନ୍ଦିର ପରିଚାଳନା କମିଟିର ସଭାପତି, ସ୍ଥାନୀୟ ତହସିଲ୍‌ଦାର ଟି ପଦ୍ମନାଭ ଦୋରା, କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ମନ୍ଦିର କର୍ମଚାରୀ, ସେବାୟତ ଓ ସ୍ଥାନୀୟ ପୋଲିସ୍‌ଙ୍କ ଉପସ୍ଥିତିରେ ମା'ଭଗବତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଭିତର ହୁଣ୍ଡି ଖୋଲିଥିଲେ । ଟଙ୍କା ଓ ସୁନା ଗହଣା ସଂଗ୍ରହ କରାଯାଇ ମନ୍ଦିର ନାମରେ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ଜମାଖାତାରେ ଜମା କରାଯାଇଛି । କାର୍ଯ୍ୟାଳୟର କର୍ମଚାରୀ ସୁରେନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ଅଶ୍ୱିନୀ ମିଶ୍ର, କମଳମିଶ୍ର, ପରିଚ୍ଛା ପ୍ରକାଶ ମହାପାତ୍ର, ପାଳିଆମାଳି ସଂଜୟ ମହାପାତ୍ର, ବସନ୍ତ ନାୟକ, କ୍ୟାମେରାମ୍ୟାନ ବ୍ରଜକିଶୋର ଜେନା, ଓସ୍ଥାନୀୟ ପୋଲିସ୍ ଏହି କାର୍ଯ୍ୟରେ ସହଯୋଗ କରିଥିଲେ ।

## ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ୩ ବିଦ୍ୟାଳୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସେଥିମଧ୍ୟରୁ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୪ ପରୀକ୍ଷାର୍ଥୀ, ଉତ୍ତରବାଡ ସ୍କୁଲରେ ୧୭୦ ପରୀକ୍ଷାର୍ଥୀ ଓ ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟରେ ୧୯୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।

## ଜୀବନ ହାରିଥିବା ଚାଷୀଙ୍କ ପରିବାରକୁ ପିସିସି ପକ୍ଷରୁ ସହାୟତା



ଜଗତସିଂହପୁର( ଭାସ୍କର ନ୍ୟୁଜ ): ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତ ସାରଣା ଗ୍ରାମର ଯୁବ ଚାଷୀ କୃତିବାସ ସ୍ୱାଇଁଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି ରାଜ୍ୟ ପିସିସି କମିଟି । ଶନିବାର ଅପରାହ୍ନରେ ମୃତ ଚାଷୀଙ୍କ ପରିବାର ନିକଟରେ ପହଞ୍ଚି ଥିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପିସିସି ଷ୍ଟିୟରିଙ୍ଗ କମିଟି ସଂଯୋଜକ ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ, କଂଗ୍ରେସ କୃଷକ ସେଲ ଅଧକ୍ଷ ଅମୀୟ ପଟ୍ଟନାୟକ । ପରିବାର ବର୍ଗଙ୍କ ସହ ସମସ୍ତ ସମସ୍ୟା ଓ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ । ମୃତ କୃତିବାସ ଙ୍କ ପରିବାରରେ ଦିବ୍ୟାଙ୍ଗ ପିତାଙ୍କ ସମେତ ବୃଦ୍ଧା ମା, ବିଧବା ପତ୍ନୀ ଓ ୨ ଶିଶୁ କନ୍ୟା ଙ୍କ ଭରଣ ପୋଷଣ କରୁଥିବା ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ଭାଙ୍ଗି ପଡିଛି ସମ୍ପୂର୍ଣ୍ଣ ପରିବାର । ଏଣୁ ପରିବାରକୁ ୩୦ ଲକ୍ଷ ଅର୍ଥ ରାଶି କ୍ଷତିପୂରଣ ପ୍ରଦାନ ସମେତ ପରିବାରର ବିଧବା ପତ୍ନୀକୁ ଯୋଗ୍ୟତା ଅନୁଯାୟୀ ସରକାରୀ ଚାକିରୀ ସହ ୨ ଝିଅକୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ମାଗଣା ଶିକ୍ଷା ଯୋଗାଇ ଦେବା ପ୍ରସଙ୍ଗରେ କଂଗ୍ରେସ ବିଧାନସଭାରେ ଜୋରଦାର ଦାବି ଉପସ୍ଥାପନା କରିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ପ୍ରତିଶୃତି ଦେଇଥିଲେ । ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀ ସେମାନଙ୍କ ଉଜୁଡା କ୍ଷେତରୁ ଗଜା ହୋଇ ଯାଇଥିବା ଧାନ ଆଣି କଂଗ୍ରେସ ନେତା ମାନଙ୍କୁ ଦେଖାଇବା ସହ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ସହାୟତା ପାଇଁ ନିବେଦନ କରିଥିଲେ ।ଏଣୁ କଂଗ୍ରେସ ନେତା ମାନେ ମଧ ବିଧାନସଭା ସମେତ ବାହାରେ ମଧ ଚାଷୀ ମାନଙ୍କୁ ଆସନ୍ତା ୭ ଦିନ ମଧ୍ୟରେ କ୍ଷୟକ୍ଷତି ର ଆକଳନ କରି ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି କହିଥିଲେ । ପିସିସି କମିଟିର ଏହି ଗ୍ରସ୍ତ କାଳରେ ବାଲିକୁଦାର ପୂର୍ବତନ ବିଧାୟକ, ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, କଂଗ୍ରେସ ନେତା ନଳିନୀ ସ୍ୱାଇଁ, ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହନି ଚରଣ ରାଉତ, ସରପଞ୍ଚ ରାଜକିଶୋର ସାହୁଙ୍କ ସମେତ ଅନେକ ସରପଞ୍ଚ ଓ ଅନେକ କଂଗ୍ରେସ ଦଳର ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ସ୍କୁଲ୍ ଓ ଘର ଭାଙ୍ଗିଲେ ହାତୀ ପଲ



ଭଞ୍ଜନଗର (ଭାସ୍କର ନ୍ୟୁଜ): ଏବେ ଘରକୁ ଘର ବୁଲି ଟାର୍ଗେଟ୍ କରୁଛନ୍ତି ହାତୀ ପଲ । ପ୍ରାୟତଃ ଅଧିକାଂଶ କ୍ଷେତରୁ ଧାନକଟା ସରିଛି । ଅଧିକାଂଶ ଲୋକ, ଅମଳ ଧାନକୁ ଘରେ ସାଇତି ରଖିଛନ୍ତି । ଧାନ - ଚାଉଳ ଓ ବସ୍ତାରେ , ଜଙ୍ଗଲ ଛାଡ଼ି ଗାଁ ମୁହାଁ ହେଉଛନ୍ତି ବଣୁଆ ହାତୀପଲ । ଭଞ୍ଜନଗର ମୁଜାଗଡ ବନାଞ୍ଚଳର ବିରିକୋଟ, ନିଧିଆଲ୍ଲୀ ଏବଂ ଗୁଣ୍ଡରିବାଡି ପ୍ରଭୃତି ଅଞ୍ଚଳରେ ବ୍ୟାପକ କ୍ଷତି କରିବାର ଲାଗିଛନ୍ତି ୨୫ ଟିକିଆ ବଣୁଆ ହାତୀପଲ । କେଉଁଠି କବାଟ ଝରକା ଭାଙ୍ଗୁଛନ୍ତି ତ' ଆଉ କେଉଠି ଘରଭିତରୁ ଧାନ, ଚାଉଳ ଟାଣି ନେଉଛନ୍ତି । ଅଧିକାଂଶ ପରିବା କ୍ଷେତର ପଶି ବ୍ୟାପକ ଫସଲ ଖାଉଛନ୍ତି । ଯେତିକି ଖାଉଛନ୍ତି, ତାଠୁ ଅଧିକ ଦଳି ମକଚି ନଷ୍ଟ କରୁଛନ୍ତି । ଘଟଣାରୁ ପ୍ରକାଶ ଯେ, ଗତ ପ୍ରାୟ ଏକ ସପ୍ତାହ ଧରି ମୁଜାଗଡ ବନାଞ୍ଚଳର ଚିଟିପଲ୍ଲୀ, ବିରିକୋଟ, ଗୁଣ୍ଡୁରିବାଡି ଏବଂ ନିଧିଆପଲ୍ଲୀ ଗାଁ ସମେତ ଆଖପାଖ ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି ହାତୀପଲ । ୩ ଟି ଦଳରେ ଭାଗ ହୋଇ ବୁଲୁଥିବା ହାତୀପଲ ମଧ୍ୟରୁ ଏହି ଦଳରେ ରହିଥିବା ୨୫ ଟି ହାତୀ, ଏବେ ହିଂସ୍ର ହୋଇ ଉଠିଛନ୍ତି । ଚିଟିପଲ୍ଲୀ ଗାଁ ରେ ବ୍ୟାପକ ଭଙ୍ଗାରୁଜା ଓ ଫସଲ କ୍ଷତି କରିଥିଲେ । ସେହିଭଳି ବିରିକୋଟ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ ଟି ଝରକା ଓ ରୋଷେଇ ଘରୁ ଭାଙ୍ଗିଦେଇଛନ୍ତି । ଗୁଣ୍ଡୁରିବାଡି ଗାଁର ଚାଷୀ ଯତୀନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟଙ୍କ ଘର ଭାଙ୍ଗିବା ସହ ପରିବା କ୍ଷେତର ବ୍ୟାପକ ନଷ୍ଟ କରିଛନ୍ତି । ଏନେଇ ବନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ତଦନ୍ତ କରି କ୍ଷତିପୂରଣ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ୍ ଅନ୍ତର୍ଗତ ଦଳାଇସାହି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ବୈକୁଣ୍ଠ ଚରଣ ପୁଷ୍ଟିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତିସଭାକୁ ଖୋର୍ଦ୍ଧା ଜିଲ୍ଲା ବିଜେପି ସମ୍ପାଦକ ଇଂ.କର୍ପୁର ସାହୁ ପରିଚାଳନା କରି ଗଭୀର ଶୋକପ୍ରକାଶ କରିଥିଲେ। ସଭାପତି ପ୍ରବଚକ ବିପିନ ବିହାରୀ ସୁବୁଦ୍ଧି ସ୍ୱାଗତ ଅଭିଭାଷଣ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ମଞ୍ଚାସୀନ ମୁଖ୍ୟ ଅତିଥି ଭାବେ 'ଦିବ୍ୟ ଜୀବନ' ସଂଘ ସଭାପତି ରାଧାଚରଣ ପୃଷ୍ଟି ଓ ସମ୍ମାନିତ ଅତିଥିଭାବେ କବୟତ୍ରୀ ସେବତୀ ପରିଡା, ଡ଼ଃ ମଧୁସ୍ମିତା ଷଡ଼ଙ୍ଗୀ, ପୂର୍ବତନ ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀ ଲଛମନ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବୁଦ୍ଧିଜୀବୀ ବିଜୟ କୁମାର ସାହୁ, ମାଣିକାଗୋଡ଼ା ମିନି ବ୍ୟାଙ୍କ ସମ୍ପାଦକ ବିରଞ୍ଚି କୁମାର ପ୍ରଧାନ, ସରପଞ୍ଚ ପ୍ରତିନିଧି ତ୍ରିନାଥସ୍ୱାଇଁ, ସମିତିସଭ୍ୟା ପ୍ରତିନିଧି ଶରତ କୁମାର ଦଳାଇ, ଶ୍ରୀରାମ ଚରିତ ମାନସ କମିଟି ଉପସଭାପତି ଫକୀର ମୋହନ ସୁବୁଦ୍ଧି ଓ ମହମ୍ମଦ ଆଜାଦ ପ୍ରଭୃତି ସ୍ମୃତିଚାରଣ କରିଥିଲେ। ପାଟଚଣ୍ଡୀ ପ୍ରସାଦ ସ୍କୁଲ ଶିକ୍ଷକ କୁବେର ସାହୁ ଗୀତା ପାଠ କରିବା ସହିତ, ସମାଜରେ ପିତାମାତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପୁତ୍ରବଧୂ ଜ୍ୟୋସ୍ନାମୟୀ ପୃଷ୍ଟି ଆତ୍ମାର ଗତି ଓ ପୁନର୍ଜନ୍ମ ବିଷୟରେ ବ୍ୟାଖ୍ୟା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଶେଷରେ ତାଙ୍କର ସାନ ପୁତ୍ର ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ମୁଖ୍ୟ ପ୍ରଧାପକ ଦେବାଶିଷ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ତିନିଭଉଣୀ ଗୁରୁତର

ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ସଲାରୋ ମଠ ନିକଟରେ ସୋମବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ତିନିଭଉଣୀ ଗୁରୁତର ହୋଇ କଟକର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ, ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ହରିଅଙ୍କ ଗ୍ରାମର ମାନସ ଖଣ୍ଡୁଆଳଙ୍କ ଦୁଇ ଝିଅ ଶୁଭଶ୍ରୀ ଓ ଇତିଶ୍ରୀ ତାଙ୍କ ମାଉସୀ ଝିଅ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ା ଗ୍ରାମର ବିରକିଶୋର ଭଦ୍ରଙ୍କ ଝିଅ ଜ୍ୟୋତିର୍ମୟୀ ଏକ ସ୍କୁଟିରେ ଚାନ୍ଦୋଳରୁ ଅନୁଆପଡ଼ା ଯାଉଥିବା ସମୟରେ ପଛପଟୁ ଏକ କାର ଧକ୍କା ଦେଇ ଦ୍ରୁତିଗତିରେ ପଳାଇ ଯାଇଥିଲା। ଘଟଣା ସ୍ଥଳରେ ସ୍କୁଟିରେ ଥିବା ତିନି ଭଉଣୀ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ତେବେ ଧକ୍କାଟି ଖୁବ୍ ଜୋରରେ ହୋଇଥିବାରୁ ସେମାନେ କିଛିସମୟ ପାଇଁ ଅଚେତ ହୋଇପଡ଼ି ଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ହସ୍ପିଟାଲକୁ ଓ ପରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଏକ୍ସରେ ହେବାପରେ ତିନିଜଣଙ୍କ ଗୋଡ଼ ଭାଙ୍ଗିଥିବା ଜଣାପଡ଼ିଛି।

# ବ୍ଲକ ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଯୁଗଜ୍ୟୋତି ୟୁପି ସ୍କୁଲ ପରିସରରେ ଆଜି ବ୍ଲକସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ପ୍ରବାସୀ ଭାରତୀୟ ମାନଙ୍କୁ ଭାରତର କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନକୁ ଭାରତ ବାହାରେ ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ଠାରେ ଚଳିତ ମାସ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆୟୋଜିତ କ୍ୱିଜ୍, ପୋଷ୍ଟର ମେକିଙ୍ଗ, ପ୍ରବନ୍ଧ ଓ ସ୍ଲୋସାଇକେଲ୍ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଯୁଗଜ୍ୟୋତି ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥିଭାବେ ଏବିଇଓ ଖଗେଶ୍ୱର ନାୟକ ଓ ସଚିକାନ୍ତ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସିଆରସିସି ସୁଜାତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବେ ନଟବର ସାମଲ, ଅଶୋକ ମହାପାତ୍ର, ଅଲେଖ ପ୍ରସାଦ ରାଉତ, ପ୍ରଦୀପ ନାୟକ କାର୍ଯ୍ୟ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲଲାଟ କେଶରୀ ଭୂୟାଁ, ପ୍ରଶାନ୍ତ ଶତପଥି, ପ୍ରମୋଦ ମଲ୍ଲ, ରମେଶ ପତି ଓ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଆଜିର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# କଳିଙ୍ଗ ନଗର ପୁସ୍ତକ ମେଳା ଉଦ୍‌ଯାପିତ




ବ୍ୟାସନଗର, (ଭାସ୍କର ନ୍ୟୁଜ): ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଯାଜପୁର ଓ କଳିଙ୍ଗନଗର ପୁସ୍ତକ ମେଳା କମିଟି ପକ୍ଷରୁ ଗତ ଡିସେମ୍ବର ୩୧ରିଖ ଠାରୁ ଦୀର୍ଘ ୬ଦିନ ଧରି ଚୋରଦା କାଳୀ ମେଲଣ ପଡ଼ିଆ ଠାରେ ହୋଇଆସୁଥିବା ପୁସ୍ତକ ମେଳା ଉଦଯାପିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ କମିଟିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ତଥା ସାଧାରଣ ପ୍ରଶାସନ ନବକୃଷ୍ଣ ଜେନା ମୁଖ୍ୟ ଅତିଥି, ଅଧ୍ୟାପକ ତଥା ସ୍ତମ୍ଭକାର ବିରଞ୍ଚି ନାରାୟଣ ଦାସ ଓ ପ୍ରଜାପିତା ବ୍ରହ୍ମା କୁମାରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ବି.କେ ତିଲୋତ୍ତମା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବହି ଏକ କଳ୍ପନା ନୁହେଁ ଏହା ଜୀବନର ଏକ ବାସ୍ତବ ଘଟଣା ଯାହା ଅନୁଭବ ଆଧାରରେ ରଚିତ ଏବେ ଡିଜିଟାଲ ପଦ୍ଧତିରୁ ଦୂରେଇ ପୁସ୍ତକକୁ ଆଦରି ନେବା ପରିଲକ୍ଷିତ ହେଉଛି ଯାହା ଓଡ଼ିଆ ଭାଷା ସାହିତ୍ୟକୁ ଆଦରି ନେବା ଏକ ଶୁଭଙ୍କର ବୋଲି ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥଲେ। ସଭା ପ୍ରାରମ୍ଭରେ କମିଟିର ସମ୍ପାଦକ ଡ. କୁଶ ଚନ୍ଦ୍ର ପ୍ରଧାନ ପୁସ୍ତକମେଳାର ତାତ୍ପର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବିତା ରାଉତ, ବିବେକାନନ୍ଦ ମହାନ୍ତି, ଚନ୍ଦ୍ରମଣି ସାମଲ ଅଭିମନ୍ୟୁ ମିଶ୍ର, ହୃଷିକେଶ ସାହୁ, ଅଶ୍ୱିନୀ କୁମାର ଦାସ ନିଜନିଜର ଅଭିଭାଷଣ ରଖିଥିଲେ। ଏହା ପରେ କଳିଙ୍ଗନଗର ପୁସ୍ତକ ମେଳାର ସ୍ମରଣିକା 'କଳିଙ୍ଗ ଦର୍ପଣ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହାକୁ ସମ୍ପାଦକ ଭାବେ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ଦ୍ୱାରା ପରିଚାଳନା କରାଯାଇ ଥିଲା। ଏହି ସନ୍ଧ୍ୟାରେ ଜି.ସ୍କୁଲର ପିକେ ଡାନ୍ସ ଏକାଡେମୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ କମିଟିର ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ଧନ୍ୟବାଦ ଦେବା ସହିତ ବୁକ୍ ଷ୍ଟଲ୍ ମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼




ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧୀନସ୍ଥ ବିଶ୍ୱପ୍ରସିଦ୍ଧ ଜାତୀୟ ଉଦ୍ୟାନ ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ବଉଳାକୁମ୍ଭୀରଙ୍କ ଭୂସ୍ୱର୍ଗ ଭାବେ ପରିଚିତ ଏହି ଉଦ୍ୟାନକୁ ଉପଭୋଗ କରନ୍ତି ପର୍ଯ୍ୟଟକ। ହେଲେ ପ୍ରତିବର୍ଷ ଠାରୁ ଚଳିତବର୍ଷ ଅଧିକ ପର୍ଯ୍ୟଟକଙ୍କ ଭିଡ଼ ଲାଗୁଥିବା ବେଳେ ୧୪ରୁ ୨୨ପର୍ଯ୍ୟନ୍ତ କୁମ୍ଭୀର ଗଣନା ପାଇଁ ଭିତରକନିକା ବନ୍ଦ ରହିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ଓ ବଉଳା କୁମ୍ଭୀର ବିଶାରଦ ଡଃ ସୁଧାକର କରଙ୍କ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ରହିଥିବା ଆର୍ଦ୍ରଭୂମି ଓ ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦଦେଶରୁ ଆସିଥିବା ଅସଂଖ୍ୟ ବିଦେଶୀ ପକ୍ଷୀମାନଙ୍କର ଆସ୍ଥାନ ଜମିଛି। ଏହା ଭିତରେ ପକ୍ଷୀମାନଙ୍କର ଗଣନା କାର୍ଯ୍ୟ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ଚୂଡ଼ାନ୍ତ ଭୋଟର ତାଲିକା ୨୦୨୫ ପ୍ରକାଶିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ଉପଖଣ୍ଡରେ ୧୧୫୫ ବୁଥ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକା ୨୦୨୫ ପ୍ରକାଶିତ ହୋଇଛି। ଉପଖଣ୍ଡ ସ୍ତରରେ ଉପଜିଲ୍ଲାପାଳ ଦୀନା ଦସ୍ତଗୀର ଏହି ଭୋଟର ତାଲିକାକୁ ସର୍ବସାଧାରଣଙ୍କ ନିମନ୍ତେ ପ୍ରକାଶିତ କରିଥିଲେ। ଏହି ଭୋଟର ତାଲିକାର ମୋଟ ୮୯ ହଜାର ୮୮୪ ଜଣ ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଛି। ଏହି ଭୋଟର ତାଲିକାରୁ ୫୧୯୯ ଜଣଙ୍କ ବାଦ ଦିଆଯାଇଛି। ଏହା କାର୍ଯ୍ୟକ୍ରମ ଜାନୁୟାରୀ ୦୬ ରୁ ଆରମ୍ଭ ହୋଇ ଡିସେମ୍ବର ୧୮ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା ଓ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସୁବ୍ରତ ରାମଭିରାମ ଶତପଥି ଏବଂ ନିର୍ବାଚନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ପୂର୍ଣ୍ଣ ଚନ୍ଦ୍ର ବେହେରା ଓ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଫେବ୍ରୁଆରୀ ୧ରୁ ବ୍ରହ୍ମପୁର ମହୋତ୍ସବ-୨୫

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ବହୁ ପ୍ରତିକ୍ଷିତ ରାଜ୍ୟର ଅନ୍ୟତମ ଆକର୍ଷଣୀୟ ସାଂସ୍କୃତିକ ମହୋତ୍ସବ ଜନସାଧାରଣଙ୍କ ଅନୁରୋଧ କ୍ରମେ ଜାନୁୟାରୀ ପରିବର୍ତ୍ତେ ଆସନ୍ତା ଫେବୃୟାରୀ ୧ରୁ ୬ପର୍ଯ୍ୟନ୍ତ ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ମହା ସମାହାରରେ ଆୟୋଜନ କରାଯିବ। ପ୍ରତ୍ୟେକ ଦିନ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ସମ୍ବଲପୁରୀ, ଧେମସା, ଗୋଟିପୁଅ, ଛଉ ନୃତ୍ୟ ସହ ଆଞ୍ଚଳିକ ଲୋକନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦକ୍ଷିଣ ଓଡ଼ିଶାର ସାମୂହିକ ବିକାଶ ତଥା ପର୍ଯ୍ୟଟନ ସାଂସ୍କୃତିକ ସ୍ୱାସ୍ଥ୍ୟ ଶିକ୍ଷା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ସାଂସଦ, ବିଧାୟକ, ବରିଷ୍ଠ ଗଣମାଧ୍ୟମ, ସାହିତ୍ୟିକ, ଅଭିନେତାମାନଙ୍କୁ ବିଭିନ୍ନ ଦିନରେ ଅତିଥି ଭାବେ ନିମନ୍ତ୍ରଣ କରାଯିବା ସହ ମହୋତ୍ସବକୁ ପ୍ରଶାସନିକ, ପୋଲିସ, ମହାନଗର ନିଗମ ଓ ସମସ୍ତଙ୍କ ସହଯୋଗରେ ଜାତୀୟସ୍ତରରେ ପରିଚିତ କରାଯିବ ବୋଲି ଆୟୋଜକ ତଥା ଜାତୀୟ ସ୍ତରର ବିଶିଷ୍ଟ ସଂଗଠକ ମହାନ ସଂଘ ସଭାପତି ସୁଶାନ୍ତ କୁମାର ସାବତ ପ୍ରକାଶ କରିଛନ୍ତି। ବିଭିନ୍ନ କିସମର ଷ୍ଟଲ ଖୋଲାଯିବା ସହ ଓଲିଉଡ଼ ଏବଂ ବଲିଉଡ଼ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବୋଲି ରେଷ୍ଟନ୍ସ ଇଭେଣ୍ଟର ପରିଚାଳନା ନିର୍ଦ୍ଦେଶକ ରବିଶଙ୍କର ସୂଚନା ଦେଇଛନ୍ତି । ବ୍ରହ୍ମପୁର ମହୋତ୍ସବ ସହର ତଥା ଦକ୍ଷିଣ ଓଡ଼ିଶାର ସ୍ୱାଭିମାନ ଓ ଏହାର ଆୟୋଜନରେ ଅଞ୍ଚଳର ଅର୍ଥନୀତିର ବିକାଶ ସହ ସଂସ୍କୃତି, ପର୍ଯ୍ୟଟନ ଓ କଳାର ବିକାଶ ଜଡ଼ିତ। ଏଣୁ ଏହାକୁ ସବୁସ୍ତରରେ ସମସ୍ତଙ୍କ ଦ୍ୱାରା ସହଯୋଗ କରାଯିବ ବୋଲି ସୋମବାର ମହାନ୍ ସଂଘ ପ୍ରକୋଷ୍ଟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରତିଶ୍ରୁତି ଦେଇଥିଲେ। ମହାନ୍ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାତ୍ର, ମହୋତ୍ସବ ସମ୍ପାଦକ ଗୋପାଳ ପଟ୍ଟନାୟକ, ପ୍ରକାଶ ଭାୟାନି, ବଳରାମ ପଣ୍ଡା, ସୁଚେତା ପାଣିଗ୍ରାହୀ, ତପନ ପଣ୍ଡା, ହରିକୃଷ୍ଣ ମିଶ୍ର, ଆଦିତ୍ୟ ନାରାୟଣ ରଥ, ସାଧନା ପାଢ଼ୀ, ପୁଷ୍ପଲତା ପାଣିଗ୍ରାହୀ, ସାବନା ଦାଶ, ନିବେଦିତା ପାଢ଼ୀ, ଲୋପା ସାମଲ, ବନ୍ଦିତା ତ୍ରିପାଠୀ, ନାରାୟଣ ମହାକୁଡ଼, ଅନିଲ ପାତ୍ର, ତପନ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଶରେ ସୂଦୀପ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରୁ ବାଇକ୍ ଚୋରି

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଗତ ଚାରି ତାରିଖରେ ଏକ ବାଇକ ଚୋରି ହୋଇଥିବା ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଏବିଇଓ ସଚିକାନ୍ତ ମିଶ୍ର ୪ ତାରିଖ ଦିନ ୧୦ଟା ବେଳେ କାର୍ଯ୍ୟାଳୟକୁ ଆସି କାର୍ଯ୍ୟାଳୟ ସମ୍ମୁଖରେ ରଖିଥିଲେ। ପରେ ସେ ଅପରାହ୍ନ ୫ଟା ବେଳେ ତାଙ୍କର କାମ ସାରି ବାହାରକୁ ଆସି ଦେଖନ୍ତିତ ତାଙ୍କର ହୋଣ୍ଡା ଯୁଗା ଡ୍ରିମ ବାଇକଟି ସେଠାରେ ନାହିଁ। ସେ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାକୁ ନପାଇ ବାଧ୍ୟହୋଇ ଥାନାରେ ଅଭିଯୋଗ କରିଛନ୍ତି।

# ଗୋଚର ଜମିରେ ରାସ୍ତା ନିର୍ମାଣ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ତହସିଲ ଶିରିଶପାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେଲଦା ଗ୍ରାମର ବେଲଦା ଗୋଷ୍ଠିକେନ୍ଦ୍ର ନିକଟରେ ଗୋଚର ଜମିରେ ରାସ୍ତା ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସରାସ-ବେଲଦା ରାସ୍ତା ପାର୍ଶ୍ୱରେ କେତେକ ଲୋକ ବେଲଦା ଗ୍ରାମର ଖାତା ନମ୍ବର ୭୨ ପ୍ଲଟ୍ ନମ୍ବର ୩୨୭ରେ ଜେସିବି ଲଗାଇ ଗୋଚର ଜମିରେ ରାସ୍ତା ନିର୍ମାଣ କରୁଛନ୍ତି। ଉକ୍ତ ସ୍ଥାନରେ ବହୁ ପରିମାଣ ଗୋଚର ଜମି ରହିଛି। ତେବେ ଗୋଚର ଜମିରେ ବେଆଇନ ଭାବେ ରାସ୍ତା ନିର୍ମାଣ ହେଉଥିବାରୁ ଘାସ ପଡ଼ିଆ କ୍ଷତିଗ୍ରସ୍ତ ହୋଇଛି। କେନ୍ଦୁଝର ସଦର ତହସିଲର ବିଭିନ୍ନ ମୌଜାରେ ଗୋଚର ଜମିର ସୁରକ୍ଷା କରାଯାଉ ନଥିବାରୁ ଦିନକୁଦିନ ଗୋଚର ଜମି ଜବରଦଖଲ ବଢ଼ୁଛି। ଅନେକ ସ୍ଥାନରେ ଲୋକ ଗୋଚର ଜମିରେ ବେଆଇନ ନିର୍ମାଣ କରୁଥିଲେ ମଧ୍ୟ ଉଚ୍ଛେଦ କରାଯାଉ ନାହିଁ। କାଗଜପତ୍ରରେ ଗୋଚର ଜମି ଥିଲେ ହେଁ ବାସ୍ତବରେ ଉକ୍ତ ଜମିରେ ବେଆଇନ ଦଖଲ ହେଉଛି। ଅନାବାଦି ଓ ଗୋଚର ଜମି ପ୍ରାଣୀମାନଙ୍କର ଚରିବା ପାଇଁ ଥିଲା। ସହର ଏବଂ ଗ୍ରାମାଞ୍ଚଳରେ ଏହି ଜମି ଜବରଦଖଲ ହୋଇ ଘର ନିର୍ମାଣ ହେଉଛି। କେତେକ ସ୍ଥାନରେ ଗୋଚର ଜମି ବେଆଇନ ଭାବେ କିସମ ପରିବର୍ତ୍ତନ ହେଉଛି। ରାଜସ୍ୱ ବିଭାଗର ଉଦାସୀନତା ଯୋଗୁଁ ଏହି ଗୋଚର ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ବଗିଚା, କୋଠାବାଡ଼ି ଏବଂ ପୋଖରୀ ନିର୍ମାଣ କରୁଛନ୍ତି। ଗୋଚର ଜମି ଅଭାବରୁ ଅନେକ ଚାଷୀ ଗୋ-ପାଳନ କରିବା ପାଇଁ ଆଗଭର ହେଉନାହାଁନ୍ତି। ସେଥିଯୋଗୁଁ ଗୋରୁ ଘାସ ଖାଇବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ପ୍ରାଣୀ ସମ୍ପଦର ସୁରକ୍ଷା ଓ ଜନସାଧାରଣଙ୍କର ଅର୍ଥନୈତିକ ବିକାଶ ପାଇଁ ପ୍ରଶାସନ ଜବରଦଖଲ ଉଚ୍ଛେଦ କରୁ ନଥିବାରୁ ଚାଷୀ ଗୋପାଳନ କରିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଦ୍ରୁତ ସହରୀକରଣ ଓ ଶିଳ୍ପର ଦ୍ରୁତ ବିକାଶ ସାଙ୍ଗକୁ ସରକାରୀ ଜାଗାଗୁଡ଼ିକର ଆବଶ୍ୟକୀୟ ସୁରକ୍ଷା ଅଭାବରୁ ରାଜ୍ୟର ପଶୁ ସମ୍ପଦର ଚାରଣ ଭୂଇଁର ଘୋର ଅଭାବ ପଶୁ ସମ୍ପଦର ବିକାଶରେ ବାଧକ ସୃଷ୍ଟି କରିଥିବାର ଜଣାପଡ଼ିଛି। ଯାହାଫଳରେ ଜିଲ୍ଲା ହେଉ କି ରାଜ୍ୟରେ ଗୃହପାଳିତ ପଶୁମାନଙ୍କ ସଂଖ୍ୟା ଦ୍ରୁତ ଭାବରେ ହ୍ରାସ ପାଇବାରେ ଲାଗିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଗତ ୧୦ ବର୍ଷ ମଧ୍ୟରେ ୩୦ ପ୍ରତିଶତକୁ ଗୃହପାଳିତ ପଶୁ କମିଯାଇଛି। ଗୋଚର ଏବଂ ଅନାବାଦି ଜମିରେ ଗାଈଗୋରୁ, ଛେଳି, ମେଣ୍ଢା, ମଇଁଷି ଚରିବାର ପୂର୍ବରୁ ସୁବିଧା ଥିଲା। ରାଜସ୍ୱ ବିଭାଗର ଉଦାସିନତା ଯୋଗୁଁ ଏହି ଜମି ଜବରଦଖଲ ହୋଇ ବେଆଇନ ନିର୍ମାଣ ହେଉଛି। ଗୋଚର ଜମି ଅଭାବରୁ ଅନେକ ଗାଈଗୋରୁ ଆଦି ଗୃହପାଳିତ ପଶୁ ପାଳନକୁ ଚାଷୀମାନେ ଗୁରୁତ୍ୱ ଦେଉ ନଥିବା ବେଳେ ଗାଈଗୋରୁ ଘାସ କେରାଏ ପାଇବା କଷ୍ଟକର ହୋଇପଡ଼ିଛି। ଏ ନେଇ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁଙ୍କ ସହ ଯୋଗଯୋଗ କରିବାରୁ ଘଟଣାର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଗୋଚର ଜମିର ପୁନଃରୁଦ୍ଧାର ସହ ଜବରଦଖଲକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟଲୋକ ଦାବୀ କରିଛନ୍ତି।

## ଟ୍ରକ ଧକ୍କାରେ ବାପା-ପୁଅ ମୃତ, ମାଆ ଗୁରୁତର

ଛତ୍ରପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅଧୀନ ଅରୁଣପୁର ଛକରେ ମଙ୍ଗଳବାର ଏକ ବାଇକକୁ ସିମେଣ୍ଟ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଫଳରେ ବାପା ଓ ତାଙ୍କ ୮ ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ହୋଇଯାଇଛି। ଘଟଣା ସ୍ଥଳରେ ପୁତ୍ରର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମା ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅଧୀନ ତିଛଣ ଗାଁ'ର ମୋହନ ରାୟଗୁରୁ ଏବଂ ତାଙ୍କ ୮ ବର୍ଷର ପୁଅ ତ୍ରୟୋମ୍ବକ। ସୂଚାଯୋଗ୍ୟ ମଙ୍ଗଳବାର ମୋହନ, ଗାୟତ୍ରୀ ଓ ତ୍ରୟୋମ୍ବକ, ଏକ ବାଇକ ଯୋଗେ ତିଛଣ ଗାଁ'ରୁ ଗଞ୍ଜାମ ବ୍ଲକ ୟୁଡ଼ିଏସପୁର ଗାଁ'କୁ ଯାଉଥିବାବେଳେ ରମ୍ଭା ଥାନା ଅଧୀନ ଅରୁଣପୁର ଛକଠାରେ ରମ୍ଭାରୁ ପୁରୀ ଜିଲ୍ଲା ମାଲୁଦକୁ ଯାଉଥିବା ଏକ ସିମେଣ୍ଟ ବୋଝେଇ



ଟ୍ରକ (ଓଆର ୦୭ଜେ ୬୪୬୦) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାପା, ମା' ଙ୍କ ସମ୍ମୁଖରେ ପୁଅ ତ୍ରୟୋମ୍ବକଙ୍କ ଜୀବନ ଚାଲିଯାଇଥିଲା। ଆହତ ମୋହନ ଏବଂ ଗାୟତ୍ରୀଙ୍କୁ ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଖବର ପାଇ ହସ୍ପିଟାଲରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ପରେ ମୋହନ ଏବଂ ଗାୟତ୍ରୀଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୋହନଙ୍କ ମୃତ୍ୟୁ ହୋଇଛି। ଗାୟତ୍ରୀଙ୍କ ସ୍ୱାସ୍ଥ୍ୟ ଏବେ ମଧ୍ୟ ଗୁରୁତର ଅଛି।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ମଙ୍ଗଳବାର ଏକ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ସମାଜରେ ଛାତ୍ରୀମାନେ ନିଜେ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନପ୍ରକାର ରଣକୌଶଳ ଉପରେ ଗୁରୁତ୍ୱ ଦେଲେ ସମାଜରେ ସୁରକ୍ଷିତ ହୋଇ ଜଣେ ନାରୀ ଏକାକୀ ଚଳପ୍ରଚଳ କରିବାରେ ସହାୟକ ହୋଇପାରିବ ଏବଂ ନିଜେ ସୁରକ୍ଷିତ ରହିପାରିବ। କାରଣ ପାଠପଢ଼ା ସାଙ୍ଗକୁ ବାହ୍ୟ ଜଗତରେ ସୁସ୍ଥ ବାତାବରଣ ପାଇଁ ରଣକୌଶଳର ଆବଶ୍ୟକତା ରହିଛି ବୋଲି ଅଧ୍ୟକ୍ଷ ପଣ୍ଡା ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପିକା ମିନର୍ଭା ସାହୁ, ଅଧ୍ୟାପକ ଶାରଦା ପ୍ରସନ କବି, ରବୀନ୍ଦ୍ର କୁମାର ସାହୁ, ଅଧ୍ୟାପିକା ଡଲିମା ଭୁକ୍ତା, ଖେଳ ଶିକ୍ଷକ କବିବର ସାହୁ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ବିଦ୍ୟାଳୟର ୫୬ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଜାନୁଆରୀ ୬ ତାରିଖରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ଜାରି ରହିବ। କାର୍ଯ୍ୟକ୍ରମକୁ ଟ୍ରେନର ଲକ୍ଷ୍ମୀ ସାହୁ ରଣକୌଶଳ ଦିଗରେ ତାଲିମ ଦେଉଥିବା ବେଳେ, ପ୍ରୋଗ୍ରାମ ସଂଯୋଜିକା ମିନର୍ଭା ସାହୁଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ଶିବିର ପରିଚାଳିତ ହେଉଛି। ଆତ୍ମରକ୍ଷାକୁ ନେଇ ଦିନକୁ ଦିନ ମହିଳାମାନଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଛି।

# ବ୍ରାହ୍ମଣୀ ଦେବୀ ପାଣିପଞ୍ଚାୟତକୁ ଶ୍ରେଷ୍ଠ ପାଣିପଞ୍ଚାୟତ ପୁରସ୍କାର




ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବନ୍ତଳା ପଞ୍ଚାୟତର ବ୍ରାହ୍ମଣୀ ଦେବୀ ପାଣିପଞ୍ଚାୟତକୁ ରାଜ୍ୟର ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ରାଜ୍ୟ ସରକାର ପୁରସ୍କୃତ କରିଛନ୍ତି। ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ପଡ଼ିଆରେ କୃଷି ଓ କୃଷକ ଶସକ୍ତି କରଣ ଓ ଜଳ ସେଚନ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷର ଉଜ୍ଜାପନ ଉତ୍ସବରେ ବାନ୍ତଳା ସ୍ଥିତ ବ୍ରାହ୍ମଣୀ ଦେବୀ ପାଣିପଞ୍ଚାୟତ ସଭାପତି ନଳିନୀ କାନ୍ତ ପୃଷ୍ଟିଙ୍କୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଅର୍ଥ ରାଶି ପ୍ରଦନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ସଚିବ ଡ. ଅରବିନ୍ଦ ପାଢ଼ୀ, ଜନସେଚନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। କୃଷି, କୃଷକ ଓ କୃଷିକ୍ଷେତ୍ରର ଉନ୍ନତି, ବନ୍ତଳା ମୌଜାରେ ଜଳସେଚନର ସୁବିଧା ଓ କୃଷକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶେଷ ଅବଦାନ ପାଇଁ ପୃଷ୍ଟିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥି ପୂର୍ବରୁ ପୃଷ୍ଟିଙ୍କୁ କୃଷକ ରତ୍ନ, କୃଷକ ଗୌରବ, ପ୍ରକୃତି ମିତ୍ର ସମେତ ବହୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ପୁରସ୍କାର ମିଳିଛି। ଏଥିପାଇଁ ପୃଷ୍ଟିଙ୍କୁ ବଡ଼ଚଣା ବିଧାୟକ ଆମର ନାୟକ, ପୂର୍ବତନ କୃଷି ମନ୍ତ୍ରୀ ଆମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ସାଂସଦ ଡ . ରବୀନ୍ଦ୍ର ନାରାୟଣ ବେହେରା, ଖୋଶାଳିପୁର ଜଳସେଚନ ଉପଖଣ୍ଡ ଏସଡ଼ିଓ ଭାଗବତ ବେହେରା, ସମିତି ସଭ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ରମେଶ ଚନ୍ଦ୍ର ଦାସ ସମେତ ବହୁ କୃଷକ ନେତା ପୃଷ୍ଟିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଦୁଷ୍କର୍ମ ପୀଡ଼ିତାଙ୍କ ଅଭିଯୋଗର ତଦନ୍ତ କଲେ କେନ୍ଦ୍ରାପଡ଼ା ଡିଏସ୍‌ପି

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ଥାନା ଖମୋଳ ପଞ୍ଚାୟତ ଅନ୍ତର୍ଗତ ଦୁଇଜଣ ଦୁଷ୍କର୍ମ ପୀଡ଼ିତାଙ୍କ ଡାକ୍ତରୀ ମାଇନା ନକରାଇ ପୋଲିସ୍ ପ୍ରମାଣ ନଷ୍ଟ କରିବାକୁ ଷଡ଼ଯନ୍ତ୍ରୀ କରୁଥିବା ନେଇ ଜନୈକ ପୀଡ଼ିତା କେନ୍ଦ୍ରାପଡ଼ା ଏସ୍‌ଡିପିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ଗତ ୩ ତାରିଖରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ପୀଡ଼ିତାଙ୍କ ସହିତ କେନ୍ଦ୍ରାପଡ଼ା ଡିଏସ୍‌ପି ସରିତା ମହାପାତ୍ର ଫୋନ ଯୋଗେ ଘଟଣା ସମ୍ପର୍କରେ ବୁଝିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ ଗତ ମାସ ୨୬ ତାରିଖରେ ଖମୋଳ ପଞ୍ଚାୟତ ଅଞ୍ଚଳର ଜନୈକ ଯୁବତୀ ଓ ତାଙ୍କ ନାବାଳିକା ଝିଆରିଙ୍କୁ ସେହି ଅଞ୍ଚଳର ଦୁଇ ଭାଇ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଥାନାରେ କେଶ ନଂ୧୭୯/୨୪ ରୁଜୁ କରାଯାଇ ସମ୍ପୃକ୍ତ ଦୁଇଭାଇଙ୍କୁ ପୋଲିସ୍ ଗିରଫ କରିଥିଲା। ପୀଡ଼ିତା ଦୁଇଜଣଙ୍କୁ ଡାକ୍ତରୀମାଇନା କରିବା ପାଇଁ ଡେରାବିଶ ଥାନାର ଜଣେ ମହିଳା ପୋଲିସ୍ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସମ୍ପୃକ୍ତ ମହିଳା ପୋଲିସ କର୍ମଚାରୀ ଜଣକ ଘଟଣାକୁ ଚପାଇବା ଉଦ୍ଦେଶ୍ୟରେ ଉଭୟ ପୀଡ଼ିତାଙ୍କୁ ଡାକ୍ତରୀମାଇନା ନକରିବାକୁ ପ୍ରବର୍ତ୍ତାଇଥିଲେ ଓ ଏକ ସାଧା କାଗଜରେ ଦସ୍ତଖତ କରାଇ ଚିକିତ୍ସାଳୟରୁ ଫେରାଇ ଆଣିଥିଲେ ବୋଲି ପୀଡ଼ିତା ଜଣକ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ପରେ ପୁନର୍ବାର ପୀଡ଼ିତା ଦୁଇଜଣ ଥାନାରେ ପୋଲିସ୍ କର୍ମଚାରୀଙ୍କୁ ମେଡ଼ିକାଲ୍ ଟେଷ୍ଟ କରିବା ପାଇଁ କାକୁତିମିନତୀ ହୋଇଥିଲେ । ବାଧ୍ୟ ହୋଇ ସମ୍ପୃକ୍ତ ମହିଳା ପୋଲିସ ଜଣକ ପୁନର୍ବାର ପୀଡ଼ିତା ଦୁଇଜଣଙ୍କର ତରବରିଆ ଭାବେ ଡାକ୍ତରୀମାଇନା କରାଇଥିବା ଜଣାପଡ଼ିଛି। ଘଟଣାର ଗୁରୁତ୍ୱକୁ ଲାଘବ କରିବା ପାଇଁ ଏହା ଷଡ଼ଯନ୍ତ୍ର ବୋଲି ପୀଡ଼ିତା ଜଣକ ପୋଲିସର ମୋ ପ୍ରତି ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗରେ ଦର୍ଶାଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।



ଡେରାବିଶ, (ଭାସ୍କର ନ୍ୟୁଜ୍): ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଆଜି ଅପରାହ୍ନରେ ଡେରାବିଶ ବ୍ଲକ ଅଞ୍ଚଳର ୨୬ ଟି ପଞ୍ଚାୟତର ଶୁଭେଚ୍ଛୁ ଓ ଜନପ୍ରତିନିଧିମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଆୟୋଜନ କରିଥିଲେ। ଏହି ଉପଲକ୍ଷେ ତାଙ୍କର ଦୁହୁରିଆ ସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମାବେଶରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ଏକ ପରିବାର ହୋଇ ପରସ୍ପରର ସୁଖଦୁଃଖରେ ଭାଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ଡେରାବିଶ ବ୍ଲକ୍ ଅଞ୍ଚଳବାସୀଙ୍କ ସମସ୍ତ ସମସ୍ୟା ସେ ବିଧାନସଭାରେ ଉପସ୍ଥାପନ କରି ଅଞ୍ଚଳର ସମସ୍ୟା ଦୂର କରିବାକୁ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡ଼ି ନେତା ସରୋଜ ନାୟକ, ମହେନ୍ଦ୍ର ସିଂ, ଭବାନୀ ଓଝା, ହଳଧର ଦାଶ, ସୁଧିର ଖଟୁଆ, ଯୋଗାନନ୍ଦ ମହାନ୍ତି, ମିତାରାଣୀ ମଳିକ, ଶଙ୍କର୍ଷଣ ପରିଡ଼ା, ସରଳରେଖା ସାହୁ, ସୁନିତା ବଳ, ପ୍ରଶାନ୍ତ ସାମନ୍ତରାୟ, ମନୋରଞ୍ଜନ ଉପାଧ୍ୟାୟ, ଅମ୍ବିକା ରଥ, ବୈରାଗୀ ପଣ୍ଡା, ଜୟନ୍ତ ଶତପଥି ପ୍ରମୁଖ ଉପସ୍ଥିତ ରହିଥିଲେ।



# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ




ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଚେୟାରମେନ ପ୍ରଫେସର ହେମନ୍ତ କୁମାର ସାହୁ, ଏବଂ ରେଜିଷ୍ଟ୍ରେର ସୁମିତା ସିଂ ଙ୍କ ମାର୍ଗଦର୍ଶନରେ ଜାତୀୟ ସେବା ଯୋଜନାର ବ୍ୟୁରୋ ଆନୁକୁଲ୍ୟରେ ମଙ୍ଗଳବାର ସଡ଼କ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ବାସିନ୍ଦାଙ୍କୁ ସୁବିଧାରେ ଭାଷା ବୁଝାଇବା ନିମନ୍ତେ ଓଡ଼ିଆ, ଇଂରାଜୀ, ହିନ୍ଦୀ ଏବଂ ସାନ୍ତାଳୀ ଭାଷାରେ ଫ୍ଲାଗ୍ କାର୍ଡ଼ କରାଯାଇଥିଲା। ଏହି ର୍‌ୟାଲିଟି ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ତକତପୁର ଛକ ନିକଟରେ ଶେଷ ହୋଇଥିଲା। ସ୍ୱେଚ୍ଛାସେବୀମାନେ ସଡ଼କ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ ସହିତ ଏହି ର୍‌ୟାଲିଟିକୁ ଆଗେଇ ନେଇଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଏମସିଏମ କଲେଜ, ଶ୍ରୀମା ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟରୁ ଆସିଥିବା କାର୍ଯ୍ୟକ୍ରମ ଅଧିକାରୀଙ୍କ ସମେତ ସ୍ୱେଚ୍ଛାସେବୀ ମାନେ ତକତପୁର ଛକ ନିକଟରେ ହେଲମେଟ ପିନ୍ଧିଥିବା ଗାଡ଼ିଚାଳକ ମାନଙ୍କୁ ତଥା ସିଟ୍‌ବେଲ୍ଟ ବ୍ୟବହାର କରୁଥିବା ଗାଡ଼ି ଚାଳକମାନଙ୍କୁ ଚକୋଲେଟ୍ ବିତରଣ କରିବା ସହ ଯେଉଁ ଚାଳକମାନେ ହେଲମେଟ ପିନ୍ଧି ନଥିଲେ କିମ୍ବା ସିଟ୍‌ବେଲ୍ଟ ବ୍ୟବହାର କରି ନଥିଲେ ସେମାନଙ୍କୁ ଅଟକାଇ ସଡ଼କ ଦୁର୍ଘଟଣା ଜନିତ କ୍ଷତି ସମ୍ପର୍କରେ ବୁଝାଇଥିଲେ ଏବଂ ପରବର୍ତ୍ତୀ ସମୟରେ ହେଲମେଟ୍ ଏବଂ ସିଟ୍‌ବେଲ୍ଟ ଲଗାଇ ଯାନବାହାନ ଚଳାଇବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ମୋଟର ଯାନ ଯାଞ୍ଚ ନିରୀକ୍ଷକ (ଏମ.ଭି.ଆଇ) ଶାଲଖୁ ମୁର୍ମୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମସ୍ତଙ୍କୁ ଟ୍ରାଫିକ ନିୟମ, ସଙ୍କେତ ଓ ସଡ଼କ ସୁରକ୍ଷା ବିଷୟରେ ସଚେତନ କରିଥିଲେ। ଏଥିରେ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଯୋଗଦେଇ ସଡ଼କ ସୁରକ୍ଷା ବିଷୟରେ ସ୍ୱେଚ୍ଛାସେବୀ ମାନଙ୍କୁ ବୁଝାଇଥିଲେ ଏବଂ ପରିବାର ଲୋକ, ସାଙ୍ଗସାଥି ତଥା ସହପାଠୀଙ୍କୁ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖାର କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରିୟବ୍ରତ ବେହେରା, ଏମସିଏମ କଲେଜର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସହଯୋଗୀ ସହାୟକ ଅଧିକାରୀ ଅଜୟକୁମାର ବଳ, ଦେବେନ୍ଦ୍ର କୁମାର ପତି, ରାମଚନ୍ଦ୍ର ବାସ୍କେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ବିଷ୍ଣୁପ୍ରିୟା ହାଁସଦା ପରିଚାଳନା କରିଥିଲେ ଏବଂ ଶେଷରେ ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଯମୁନା ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବମ୍ଭ ସ୍ଥିତ ଡେଲଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଡଃ ବିବେକାନନ୍ଦ ମିଶ୍ର ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅଶୋକ ଦାସ ମଞ୍ଚ ସଂଯୋଜନା କରିଥିଲେ। ଅଧ୍ୟାପକ ସୁବ୍ରତ ଦାସ, ବିକ୍ରମ ବିଶ୍ୱାଳ, ବିଭୂତି ଦାସ, ଡଃ ପବିତ୍ର ନନ୍ଦ, ମହେଶ ଶତପଥି ଓ ବିକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ବାଳିକାମାନେ କୌଣସି ପରିସ୍ଥିତିରେ ଅସାମାଜିକଙ୍କ ଠାରୁ ନିଜକୁ ସୁରକ୍ଷା କରିବା ପାଇଁ ଆବଶ୍ୟକ କୌଶଳ ଆପଣାଇବା ପାଇଁ ପ୍ରଶିକ୍ଷିତ ହେବା ଜରୁରୀ ବୋଲି କହିଥିଲେ। ଦୀର୍ଘ ଆଠଦିନ ଧରି ଅନୁଷ୍ଠିତ ଏହି ତାଲିମ ଶିବିରରେ ପ୍ରଶିକ୍ଷିକା ଭାବେ ରୋଜାଲିନ୍ ସ୍ୱାଇଁ ଯୋଗଦେଇ କଲେଜର ଛାତ୍ରୀ ମାନଙ୍କୁ ପ୍ରଶିକ୍ଷିତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନା କରିଥିଲେ। ଶେଷରେ ପ୍ରଭାତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୌରାଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମଙ୍କ ବିରୁଦ୍ଧରେ ହଠାତ୍ ୨୨ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣିବା ଓ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ୨୨ ଜଣ କାଉନସିଲର ଦସ୍ତଖତ କରି ଲିଖିତ ଆକାରରେ ଅନାସ୍ଥା ପ୍ରସ୍ତାବ ଦେଇଛନ୍ତି। ଯାହା ଆଜି ବ୍ରଜରାଜନଗର ରାଜନୀତିରେ ହଟଚମଟ ହୋଇଛି। ଗତ ୨୦୨୨ ମସିହା ମାର୍ଚ୍ଚ ୧୭ ତାରିଖ ଦିନ ଏକା ସାଙ୍ଗରେ ହୋଇଥିବା କାଉନସିଲର ଓ ଅଧ୍ୟକ୍ଷା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ବିଜେଡ଼ି କାଉନସିଲର ନିର୍ବାଚନରେ ନିର୍ବାଚିତ ହୋଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୌରାଧ୍ୟକ୍ଷା ବିଜେଡ଼ି ଦଳର ଅଛନ୍ତି। ହେଲେ ୨୦ ଜଣ ବିଜେଡ଼ି କାଉନସିଲର ଥିଲେ ମଧ୍ୟ ଜଣେ ହେଲେ କାଉନସିଲର ଅଧ୍ୟକ୍ଷାଙ୍କୁ ସମର୍ଥନ କରୁ ନଥିବା ଦଳ ପାଇଁ ବହୁତ କ୍ଷତିକାରକ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଆଜି ଜିଲ୍ଲାପାଳ ଆବୋଲି ସୁନିଲ୍ ନରୱଣେଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣିରେ ଅନାସ୍ଥା ପ୍ରସ୍ତାବ ଦେବା ସମୟରେ ୨୦ ଜଣ ସମସ୍ତ ବିଜେଡ଼ି କାଉନସିଲର ଜଣେ ବିଜେପି କାଉନସିଲର ଓ ଆଉ ଜଣେ ବିଏସପି କାଉନସିଲର ଉପସ୍ଥିତ ଥିବା ବେଳେ



ଟିକେଟରେ ନିର୍ବାଚନ ଲଢ଼ି ପୌରାଧ୍ୟକ୍ଷା ଭାବରେ ଯାଜ୍ଞସେନୀ ଓରାମ ବିଜୟୀ ହେବା ଓ ବିଜେଡ଼ି ଟିକେଟରେ ସମସ୍ତ ୨୩ ଟି ୱାର୍ଡ଼ ମଧ୍ୟରୁ ୨୦ ଜଣ କାଉନସିଲର ବିଜୟୀ ହୋଇଥିବା ବେଳେ ବିଜେପି ଟିକେଟରୁ ୨ ଜଣ ଓ ବିଏସପି ଟିକେଟରୁ ଜଣେ ଜଣେ ବିଜେପି କାଉନସିଲର ଉଷାରାଣୀ ଚାନ୍ଦ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ବିଜେଡ଼ି ଦଳର ୨୦ ରୁ ୨୦ ଜଣ କାଉନସିଲର ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବରେ ସାମିଲ୍ ହେବା ଦଳ ଓ ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କୁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି।

# ତବ୍‌ଲକ୍ ପାଇଁ ପ୍ରସ୍ତୁତି



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ବିକ୍ରମତିରଣ ପଞ୍ଚାୟତ ଅନ୍ତର୍ଗତ କଟିକଟା ଠାରେ ଆସନ୍ତା ଜାନୁଆରୀ ୧୮, ୧୯, ୨୦ରିଖ ତିନି ଦିନ ବ୍ୟାପି ହେବାକୁ ଯାଉଥିବା ତବ୍‌ଲିକ୍ ଇଜତମା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି, ବିଧାୟକଙ୍କ ପ୍ରତିନିଧି, ସରପଞ୍ଚ, ବ୍ଲକ୍ ଚେୟାରମ୍ୟାନ ଓ ଜିଲ୍ଲା ପରିଷଦଙ୍କ ପ୍ରତିନିଧ, ପୂର୍ବତନ ସରପଞ୍ଚ ସମିତି ସଭ୍ୟ, ବିଦ୍ୟାନ ବ୍ୟକ୍ତି, ଭଦ୍ରବ୍ୟକ୍ତି ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ପ୍ରତିନିଧିମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ଆୟୋଜକ କମିଟି ସଭ୍ୟ/ ସଭ୍ୟା ତଥା ଦଳଗତ ଜାତୀୟ ନିର୍ବିଶେଷରେ ସମସ୍ତେ ଉପସ୍ଥିତ ଥିଲେ। ଆୟୋଜକ କମିଟିର ମୁଖ୍ୟ ମହମ୍ମଦ ଅଫସର ଅଲ୍ଲି, ଲାଇକ୍ ମହମ୍ମଦ, ଲ୍ୟାକତ୍ ଅଲ୍ଲି ପ୍ରମୁଖ ଉପସ୍ଥିତ ରହି ଇଜତମାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ସମସ୍ତ ଉପସ୍ଥିତ ଭଦ୍ରବ୍ୟକ୍ତି ମାନେ ନିଜ ନିଜ ପରାମର୍ଶ ନେବା ସହ ପରସ୍ପର ମଧ୍ୟରେ ସହଯୋଗ ପୂର୍ବକ ଶାନ୍ତି ଶୃଙ୍ଖଳାରେ ଇଜତମାର ସମାପ୍ତ କରିବା ପାଇଁ ପରାମର୍ଶ ଦେଇ ସର୍ବସମ୍ମତି କ୍ରମେ ବିଭିନ୍ନପ୍ରକାର ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେକ୍ ଜିଆଉଲ୍ଲ, ରଞ୍ଜନ କୁମାର ବଳ, ମନ୍ମଥ କେଶରୀ ସାହେବରାୟ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ଉମେଶ ଚନ୍ଦ୍ର ସାମଲ, ବସନ୍ତରାଜ ସାମଲ, ରାଜେନ୍ଦ୍ର ପ୍ରସାଦ ସାମଲ, ଅକ୍ଷୟ କୁମାର ବଳ, ମନୋରଞ୍ଜନ ମଳିକ, ଯଦୁନାଥ ସାମଲ, ପ୍ରଫୁଲ୍ଲ କୁମାର ଦାସ, ପ୍ରତାପ ଚନ୍ଦ୍ର ନାୟକ, ସେକ୍ ଇକ୍‌ବାଲ ହୁସେନ୍, ସୁଲତାନ ସଇଫୁଲ୍ଲା ଖାଁ, ସେକ୍ ଇଦ୍ରିସ, ନିଆୟୁଦ୍ଦିନ୍ ଖାଁ, ମାସଲେଉଦ୍ଦିନ୍ ଖାଁ, ଫିରୋଜ ଅକତାର ଖାଁ, ସାଦ ରସିଦ ଖାଁ, ବିକାଶ ରଞ୍ଜନ ବଳ, ଗଣେଶ୍ୱର ପଣ୍ଡା, ସତ୍ୟଜିତ୍ କାନୁନଗୋ, ନିରଞ୍ଜନ ନାୟକ, ମନୋଜ କୁମାର ବଳ ପ୍ରମୁଖ ଯୋଗଦେଇଥିଲେ।

# ଶିକ୍ଷୟିତ୍ରୀ ମମିତା ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ବିଲଣା ପଞ୍ଚାୟତ ଅଧୀନ ଲଞ୍ଜାତାରା ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ତଥା ଅଧ୍ୟାପକ ଡ. ଅରବିନ୍ଦ ଦାସଙ୍କ ପତ୍ନୀ ମମିତା ମଲ୍ଲିକଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ସମାଜସେବୀ ରଘୁନାଥ ମଲିକଙ୍କ ସଞ୍ଚାଳନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ବିଜୟ ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀ, ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ଡ. ଅଭୟ କୁମାର ଦାସ, ସାମ୍ବାଦିକ ରାମନାରାୟଣ ନାୟକ, ପ୍ରଭାତ କୁମାର ରାଉଳ, ରାଜେଶ କୁମାର ସେଠୀ, ସମିତି ସଭ୍ୟ ଭାଗିରଥି ମଳିକ, ପୂର୍ବତନ ସମିତିସଭ୍ୟ ବିନୋଦ ବିହାରୀ ସେଠୀ, ପୂର୍ବତନ ସରପଞ୍ଚ ଶରତ ମଳିକ, ଶଶଧର ସାମଲ, ସହକାରୀ ପ୍ରାଧ୍ୟାପକ ଡ. ତ୍ରିନାଥ ମଲ୍ଲିକ, କରୁଣାକର ପାଟଶାଣୀ, ଡ. ଭାରତ ଭୂଷଣ, ଡ. ଚକ୍ରଧର ଦାସ, ବିକାଶ ମହାପାତ୍ର, ଚୈତନ୍ୟ ତରିଆ, ପବିତ୍ର ଦାସ, ପ୍ରଦୀପ ବେହେରା, ସତ୍ୟବ୍ରତ ଦେ, ବିପ୍ଳବ ଜେନା, ଲକ୍ଷ୍ମୀଧର ଦାସ, ରାଜେଶ ପାହାଡ଼ି, ଡ. ସନ୍ତୋଷ ନାୟକ, ଗୋକୁଳାନନ୍ଦ ଦାସ, ମଙ୍ଗରାଜ ମଳିକ, କମ୍ପୁନାଥ ମଳିକ, ରମାକାନ୍ତ ଦାସ, ସତ୍ୟାନନ୍ଦ ଦାସ, ସିଦ୍ଧାନ୍ତ ମଳିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମମିତା ଜଣେ ଆଦର୍ଶ, ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି କହିଥିଲେ। ଶିକ୍ଷୟିତ୍ରୀଙ୍କ କନ୍ୟା ସମ୍ଭାବନା ଦାସ ମା'ଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଂଗୀତ ଗାନ କରିଥିଲେ। ଶେଷରେ ବିବେକାନନ୍ଦ ଦାସ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ନିମାପଡ଼ା ମହାବିଦ୍ୟାଳୟର ୧୯୮୧ ବ୍ୟାଚ୍‌ର ବନ୍ଧୁମିଳନ

କୋଣାର୍କ, (ଭାସ୍କର ନ୍ୟୁଜ୍): କୋଣାର୍କ-ପୁରୀ ବେଳାମାର୍ଗର ଜୋସେଫ ଗାର୍ଡେନ ଠାରେ ନିମାପଡ଼ା ମହାବିଦ୍ୟାଳୟରୁ ୧୯୮୧ ମସିହାରେ ସ୍ନାତକ ଡିଗ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ସହପାଠୀମାନଙ୍କର ଏକ ବନ୍ଧୁମିଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୧୯୮୧ ମସିହାରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ସମ୍ପ୍ରତି ବରିଷ୍ଠ ନାଗରିକ। ଜୀବନ ସଂଘର୍ଷରେ ବହୁ ଘାତପ୍ରତିଘାତ ଦେଇ ଗତି କରିଥିବା ଏହି ବରିଷ୍ଠ ନାଗରିକମାନେ ସପରିବାର ଏକତ୍ରିତ ହୋଇ ନିଜ ନିଜର ଜୀବନାନୁଭୂତି ବଖାଣିଥିଲେ। ନିଜ ପରିବାର ବ୍ୟତିରେକ ସମାଜ କଲ୍ୟାଣ ପାଇଁ କିଏ କିପରି ଅବଦାନ ଦେଇ ପାରିଛନ୍ତି, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ନିଜର ପରିବାରକୁ ସଂସ୍କାରିତ ତଥା ସଂସ୍କୃତି ନିଷ୍ଠ କରିବା ସହିତ ପାରିପାର୍ଶ୍ୱିକ ସାମାଜିକ ପରିବେଶକୁ ପରିପୁଷ୍ଟ କରିବା ଦିଗରେ ସମସ୍ତେ ଯତ୍ନବାନ ହେବା ପାଇଁ ସାମୁହିକ ସଂକଳ୍ପ ନେଇଥିଲେ। ନିମାପଡ଼ା କଲେଜର ପୁରାତନ ଛାତ୍ର ସୁଧୀର ରଞ୍ଜନ, ଗୋପିନାଥ ଜେନା, ବନରଞ୍ଜନ, ଲକ୍ଷ୍ମୀଧର ବେହେରା, ବିନୋଦିନୀ, ମମତା ଓ ପବିତ୍ର ଏହି ସମାବେଶକୁ ପରିଚାଳନା କରିଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପାଞ୍ଚପିଢ ଉପଖଣ୍ଡର ସଦରମୋହକୁମା କରଞ୍ଜିଆରେ ୭୭ ତମ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ମଙ୍ଗଳବାର ଏକ ପ୍ରସ୍ତୁତ ବୈଠକ ଆୟୋଜିତ କରାଯାଇଥିଲା। ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସେ ପ୍ରଥମେ ଉପସ୍ଥିତ ଥିବା ସମସ୍ତ ସଭ୍ୟସଭ୍ୟା ଓ ପଦାଧିକାରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇ ପୂର୍ବ ବର୍ଷ ବିବରଣି ପାଠ କରିବାକୁ ଗ୍ରନ୍ଥାଗରିକ ଅରୁଣ ପାଣିଗ୍ରାହୀଙ୍କୁ ଅନୁରୋଧ କରିଥିଲେ। ଜାତୀୟ ଦିବସକୁ ଯାକଜମକରେ ପାଳନ କରିବାକୁ ସ୍ଥିର ହୋଇଥିଲା। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ ସଂଗୀତ, ସାଧାରଣ ଜ୍ଞାନ, ଶୁଦ୍ଧ ଓଡ଼ିଆ ଲିଖନ, ନାଚ ଓ ପ୍ୟାରେଡ଼ ପ୍ରତିଯୋଗିତା କରିବାର ନିଷ୍ପତ୍ତି ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳଙ୍କ ସହିତ ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଦାସ, କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ତହସିଲଦାର ବିଦ୍ୟାଧର ପତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଭାରପ୍ରାପ୍ତ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠି, ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ବାରିକ, ଓକିଲ ସଂଘ ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀ, ଗଣମାଧ୍ୟମର ପ୍ରତିନିଧି, ଜାତୀୟ ଦିବସ ପାଳନ କମିଟିର ସଭ୍ୟସଭ୍ୟା ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅରୁଣ କୁମାର ପାଣିଗ୍ରାହୀ, ଶ୍ରୀହରି ଦାସ ସହଯୋଗ କରିଥିଲେ।

# ଅଚିହ୍ନା ଯୁବକଙ୍କ ମୃତଦେହ ଠାବ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମୁହାଁଣମୁହଁ ଦେବୀ ନାସି ଡାହାଣ ପାର୍ଶ୍ୱ ବାଲିରେ ଏକ ଅଚିହ୍ନା ଯୁବକଙ୍କ ମୃତଦେହ ଠାବ କରାଯାଇଛି। ମୃତ ଯୁବକ ଜଣକର ଏକ ନୀଳ ରଙ୍ଗର ହ୍ୟାଫ ପ୍ୟାଣ୍ଟ, ସବୁଜ ରଙ୍ଗର ଗଞ୍ଜି ସହ ହାତରେ ଗାମୁଛା ରହିଛି। ଯାହା ଜଣାପଡୁଛି ଯୁବକଙ୍କ ମୃତ୍ୟୁ ଦୀର୍ଘଦିନ ହେଲାଣି। କିଛି ଲୋକ ମଙ୍ଗଳବାର ଅପରାହ୍ନ ଦେଖିଥିବା ବେଳେ ଫଟୋଟି ଭାଇରାଲ ହେବାରେ ଲାଗିଛି। ଅଜଣା ଯୁବକଙ୍କ ମୃତ୍ୟୁ କିପରି ହେଲା, ଯୁବକଜଣକ କିଏ ସ୍ପଷ୍ଟ ପରିଚୟ ମିଳିପାରି ନାହିଁ। ଯାହାକି ଅସ୍ତରଙ୍ଗ ଥାନାରେ ଏନେଇ କିଛି ଅଭିଯୋଗ ହୋଇନାହିଁ କି ଅଜଣା ଯୁବକ ମୃତ ଦେହ ନିକଟରେ ପୁଲିସ ପହଞ୍ଚି ନାହିଁ ବୋଲି ଯାହା ସୂଚନା ମିଳିଛି। ଏଠାରେ ପ୍ରଶ୍ନ ଉଠୁଛି ଅଜଣା ମୃତ ଯୁବକ କିଏ ଏବଂ ତାଙ୍କର କିପରି ମୃତ୍ୟୁ ହେଲା।

# ଭାଲୁ କାମୁଡ଼ାରେ ଯୁବକ ଆହତ

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ଗ୍ରାମ ପଞ୍ଚାୟତ ରଙ୍ଗାମଗୁଡ଼ା ଗ୍ରାମର ଗୁରୁ ଆଲାଙ୍ଗଙ୍କୁ ମଙ୍ଗଳବାର ଏକ ଭାଲୁ କାମୁଡ଼ିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଚିକିତ୍ସା କରାଯାଇଥିଲା। ସୂଚନା ଅନୁସାରେ, ପରିବାର ଲୋକଙ୍କ କହିବା ଅନୁଯାଇ ମଙ୍ଗଳବାର ଭୋର ସମୟରେ ଗୁରୁ କୌଣସି କାର୍ଯ୍ୟରେ ନିଜ ଗ୍ରାମ ପାଖରେ ଥିବା ଜଙ୍ଗଲ ନିକଟକୁ ଯାଇଥିଲେ। ସେହି ସମୟରେ ନିକଟ ବୁଦା ମୂଳରୁ ଭାଲୁ ବାହାରି ଗୁରୁଙ୍କୁ ଆକ୍ରମଣ କରିବା ଫଳରେ ସେ ଚିତ୍କାର କରିଥିଲେ। ଗୁରୁଙ୍କ ଚିତ୍କାର ଶୁଣି ନିକଟରେ ଥିବା ଗ୍ରାମ ବାସୀ ଘଟନା ସ୍ଥଳକୁ ଯାଇ ଗୁରୁତର ଆହତ ହୋଇଥିବା ଗୁରୁଙ୍କୁ ଭାଲୁ କବଳରୁ ଉଧାର କରି ତୁରନ୍ତ କୁଡୁମୂଲୁ ଗୁମା ସ୍ୟାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଅଧିକ ଚିକିତ୍ସା ନିମନ୍ତେ ପଠାଇଥିବା ପରିବାର କହିଛନ୍ତି।



# ସଡ଼କ ସୁରକ୍ଷା ସପ୍ତାହ ୨୦୨୫ କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ୭ ତାରିଖରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ ଉପଦେଷ୍ଟା ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନନ୍ଦ, ଶୁଭେନ୍ଦୁ କୁମାର ସାହୁ, ପ୍ରଶାନ୍ତ କୁମାର ରଥ, ପ୍ରଶାନ୍ତ ଦାସ, ବିଶ୍ୱଜିତ ବାରିକ, ଅମରେଶ ଚନ୍ଦ୍ର ନାୟକ, ପ୍ରିୟବ୍ରତ ସାହୁ, ଅଧ୍ୟାପିକା ଅନୁପମା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତ, ମାମାଶ୍ରୀ ଦେହୁରୀ, ସ୍ୱାଗତିକା ରାଉତ, ସ୍ୱେତେଲିନା ମହାନ୍ତି, ବନସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାର ଶୁଭାରମ୍ଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଶୁଆକାଟୀ ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ପାତ୍ର, ଓଏମ୍ପି ସ୍ୱାସ୍ଥ୍ୟ ଅଧିକାରୀ ସୁରକ୍ଷା ବାବଦରେ ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟ ପ୍ରେକ୍ଷାଳୟରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ସଡ଼କ ସୁରକ୍ଷା ସପ୍ତାହ ବିଷୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କୁ ଖାଦ୍ୟ ପରିବେଷଣ କରାଯାଇଥିଲା।



# ମାନସିକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ଲୋଧଣୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଠାରେ ମଙ୍ଗଳବାର ମାନସିକ ରୋଗୀ ଚିହ୍ନଟ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁ ହୋଇଥିବା ବେଳେ, ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶାନ୍ତା ନିବେଦିତା (ମାନସିକ ରୋଗ ବିଶେଷଜ୍ଞ) ଏବଂ ଜିଲ୍ଲା ଟିମ୍ ଆସି ରୋଗୀ ନିରୂପଣ କରିଥିଲେ। ଏହି ଚିହ୍ନଟ ଶିବିରରେ ମୋଟ ୩୮ଜଣ ରୋଗୀ ଆସିଥିବା ବେଳେ, ୩୦ଜଣ ମାନସିକ ରୋଗୀ ଏବଂ ୩ଜଣ ନୂତନ ରୋଗୀ ଚିହ୍ନଟ ହୋଇ ଚିକିତ୍ସା କରାଯାଇଥିଲା। ଶିବିରକୁ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ କବିତା ସ୍ୱାଇଁ ପରିଚାଳନା କରିଥିବା ବେଳେ, ଲୋଧଣୀ ମେଡ଼ିକାଲ ଅଫିସର ସିଦ୍ଧାର୍ଥ ଶଙ୍କର ବେହେରା, ଫାର୍ମାସିଷ୍ଟ ରମେଶ ଚନ୍ଦ୍ର ଦଳେଇ, ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ ଓ ଆଶାକର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୟୁକୋ ବ୍ୟାଙ୍କ ତିହିଡ଼ି ଶାଖାରେ ପ୍ରତିଷ୍ଠା ଦିବସ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ୟୁକୋ ବ୍ୟାଙ୍କର ୮୩ତମ ପ୍ରତିଷ୍ଠା ଦିବସ ପାଳିତ ହେଉଛି। ଏହି ପରିପ୍ରେକ୍ଷିରେ ୟୁକୋ ବ୍ୟାଙ୍କ ତିହିଡ଼ି ଶାଖା ପକ୍ଷରୁ ବ୍ୟାଙ୍କ ପରିସରରେ ପ୍ରତିଷ୍ଠା ଦିବସ ସୋମବାର ଅପରାହ୍ନରେ ପାଳିତ ହୋଇଯାଇଛି। ଏହି ଅବସରରେ ଶାଖା ପରିଚାଳ ପୂର୍ଣ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏଲଡିଏମ ଏନ. ନାଗେଶ୍ୱର ରାୟ, ମୁଖ୍ୟବକ୍ତା ନାବାର୍ଡ଼ର ଡିଜିଏମ ପ୍ରତାପ ସାହୁ ପ୍ରମୁଖ ଯୋଗ ଦେଇ ୟୁକୋ ବ୍ୟାଙ୍କ ଦୀର୍ଘ ୮୩ବର୍ଷ ଧରି ଲୋକମାନଙ୍କୁ ସେବା ଦେଇ ଆସୁଛି ବୋଲି କହିଥିଲେ। ଏବେ ସୁଦ୍ଧା ସର୍ବଭାରତୀୟ ସ୍ତର ବ୍ୟାଙ୍କ ମାନଙ୍କରେ ୪ଶହ କୋଟି ଟଙ୍କାର ନେଣଦେନ ଚାଲୁଥିବା ବେଳେ ତିହିଡ଼ି ଶାଖାରେ ୪୨ହଜାର ଗ୍ରାହକ ଅଛନ୍ତି। ବ୍ୟାଙ୍କରେ ୧୫୩କୋଟି ଟଙ୍କା ନେଣଦେଣ ହେଉଛି। ଏହି ବ୍ୟାଙ୍କ ତିହିଡ଼ିରେ ୧୯୭୩ ମସିହାରୁ ପ୍ରତିଷ୍ଠା ହୋଇ ଏବେ ସୁଦ୍ଧା ଶୃଙ୍ଖଳିତ ଭାବେ ଲୋକମାନଙ୍କୁ ସେବା ଯୋଗାଇ ଆସୁଛି। ଏହି ତିହିଡ଼ିର ସର୍ବପୁରାତନ ବ୍ୟାଙ୍କ ଭାବେ ମଧ୍ୟ ପରିଗଣିତ ହୋଇଛି ବୋଲି ଶାଖା ପରିଚାଳକ ପୂର୍ଣ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ଏହି ସଭାରେ ବରିଷ୍ଠ ଗ୍ରାହକ ପାର୍ଥସାରଥି ନାୟକ, କାଳନ୍ଦୀ ମଲ୍ଲିକ, ସାମ୍ବାଦିକ ପ୍ରଭାତ ରାଉଳ, ସମାଜସେବୀ ଗଣେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବ୍ୟାଙ୍କରେ କର୍ମଚାରୀ ଅଭାବକୁ ପୂରଣ କରିବା ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସୂଚାରୁ ରୂପେ ବ୍ୟାଙ୍କ ଚଳାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ବିହାରୀ ସାହୁ, ବାସୁଦେବ ବେହେରା, ସଦାନନ୍ଦ ସାହୁ, କ୍ଷୀରୋଦ ଦାସ, କାଳନ୍ଦୀ ଚରଣ ପାଣିଗ୍ରାହୀ, ବିଷ୍ଣୁମୋହନ ନାୟକ, ବାସନ୍ତୀଲତା ଗ୍ରହାଚାର୍ଯ୍ୟ, ଭାଗ୍ୟବତୀ ଦାସ, ରୁବିଲତା ଦାସ, ରମାମଣି ନାୟକ ପ୍ରମୁଖ ବହୁ ମହିଳା ଓ ପୁରୁଷ ଗ୍ରାହକ ଉପସ୍ଥିତ ଥିଲେ। ସହକାରୀ ଶାଖା ପରିଚାଳକ ଜ୍ଞାନରଞ୍ଜନ ବେହେରା, ଯଶୋବନ୍ତ ପାଣିଗ୍ରାହୀ, ସ୍ପନ୍ଦନ କୁମାର ସାହୁ, ଦୌଲତ ସୁବୁଦ୍ଧି, ହିମାଦ୍ରି ନାୟକ, ଆଲୋକ ନାୟକ, ତପନ ହାତୀ, ପ୍ରଶାନ୍ତ ସେଠୀ ପ୍ରମୁଖ ବ୍ୟାଙ୍କ ଅଫିସର ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭଦ୍ରକ(ଭାସ୍କର ନ୍ୟୁଜ୍): ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜାନୁୟାରୀ ୬ ତାରିଖ ଭଦ୍ରକ ଜିଲ୍ଲାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା-୨୦୨୫ ପ୍ରକାଶିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ତାଲିକା ପ୍ରକାଶ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଓ ସହକାରୀ ଜିଲ୍ଲାପାଳ, ନିର୍ବାଚନ ସାଗରିକା ସାହୁ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ସୂଚନା ପ୍ରଦାନ ପୂର୍ବକ ଚୂଡ଼ାନ୍ତ ତାଲିକାନୁଯାୟୀ ବିଭିନ୍ନ ବର୍ଗର ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଭୋଟର ସଂଖ୍ୟା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ପ୍ରଦତ୍ତ ସୂଚନା ଅନୁଯାୟୀ ୨୯-୧୦-୨୦୨୪ସୁଦ୍ଧା ଜିଲ୍ଲାରେ ଥିବା ସମୁଦାୟ ଭୋଟର ସଂଖ୍ୟା ୧୨୯୪୦୬୨ ବୃଦ୍ଧି ପାଇ ୧.୬.୨୫ସୁଦ୍ଧା ୧୩୦୪୦୮୯ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରେ ସମୁଦାୟ ପୁରୁଷ ଭୋଟର ସଂଖ୍ୟା ୬୬୯୭୨୮, ସମୁଦାୟ ମହିଳା ଭୋଟର ସଂଖ୍ୟା ୬୩୪୨୦୧ ଏବଂ ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ୧୬୦ । ସେହିପରି ୬.୧.୨୫ସୁଦ୍ଧା ୧୮-୧୯ବର୍ଷ ବୟସ ବର୍ଗର ଯୁବ ଭୋଟର ସଂଖ୍ୟା ସମୁଦାୟ୨୧୮୯୬ ଯାହା ୧.୬୮% ଅଟେ । ସେହିପରି ଲିଙ୍ଗଗତ ଅନୁପାତରେ ଭଦ୍ରକ ଜିଲ୍ଲାରେ ପ୍ରତି ୧୦୦୦ ପୁରୁଷରେ ୯୪୬.୯୫ଜଣ ମହିଳା ଭୋଟର ଅଛନ୍ତି ।

# ଖଡ଼ିଆଳ ମହୋତ୍ସବ ଦାନ ଅର୍ଥକୁ ନେଇ ଚର୍ଚ୍ଚା




ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଅଂଚଳର ବିଲୁପ୍ତ କଳାକୁ ପୁନଃଧାର କରିବା ସକାଶେ ଖଡ଼ିଆଳ ମହୋତ୍ସବ ୨୦୦୫ ମସିହାରେ ଆରମ୍ଭ ହୋଇଥିଲା । ଏହି ମହୋତ୍ସବ ଖଡ଼ିଆଳ ଅଂଚଳର ଲୋକ ମହୋତ୍ସବ ।ଏହି ଖଡ଼ିଆଳ ସହରରେ ଯେତବି ଠେଲା, ଫୁଟ ପାଟ ଦୁକାନ ବଜାର ଓ ଗ୍ରାମାଞ୍ଚଳରୁ କିଛି ଅର୍ଥ ରେ ଏହି ଖଡ଼ିଆଳ ମହୋତ୍ସବ ଆରମ୍ଭ ହୋଇଥିଲା । ୨୦୦୫ ମସିହାରେ ଖଡ଼ିଆଳ ମହୋତ୍ସବ ର ଜନ୍ମ ହୋଇଥିଲା ।ପ୍ରଥମେ ୩୫ ହଜାର ଟଙ୍କା ରେ ଆରମ୍ଭ ହୋଇଥିଲା ଏହି ଖଡ଼ିଆଳ ମହୋତ୍ସବ ବୋଲି ସାଧାରଣ ରେ ଚର୍ଚ୍ଚା । ହେଲେ ବର୍ତ୍ତମାନ ୮୦ ରୁ ୯୦ ଲକ୍ଷ ଛୁଇଲାଣି ।ଏହି ମହୋତ୍ସବ ହେଉଛି ନିଜସ୍ୱ ମହୋତ୍ସବ। ଅର୍ଥାତ୍ ଏଥିରେ ଏକମାତ୍ର ଟଙ୍କା ବି ଲାଗେ ନାହିଁ ସରକାରୀ ସହାୟତା । କିନ୍ତୁ ଅତି ଦୁଃଖର କଥା ଯେ ଯେଉଁମାନେ ଲୋକଙ୍କ ପାଖକୁ ମହୋତ୍ସବର ସହାୟତା ଅର୍ଥ ରାଶି ପାଇଁ ଯାଇଥାନ୍ତି ସେମାନେ ନିଜର ସ୍ୱାର୍ଥ ପାଇଁ ଅର୍ଥ ହଡପ କରୁଥିବା ଲୋକଲୋଚନରେ ଚର୍ଚ୍ଚା ହେଉଛି । କିଛି ଖଡ଼ିଆଳ ମହୋତ୍ସବ କୁ ଅର୍ଥ ଦାନକର୍ତ୍ତା ଲୋକେ ଏକୋଇସି ହଜାର ଟଙ୍କାର ଅର୍ଥ ରାଶି ସାହାର୍ଯ୍ୟ କଲେ ତାକୁ ଗୋପନ ରଖି ଏଗାର ହଜାର, ଏଗାର ହଜାରକୁ ପାଞ୍ଚ ହଜାର ଅର୍ଥ ରାଶି କମିଟି ପାଖରେ ଦେଖାଯାଉଥିବା ବର୍ତ୍ତମାନ ଚର୍ଚ୍ଚା ହେଉଛି । ଅନ୍ୟପଟେ ଷ୍ଟଲ ଦାୟିତ୍ୱରେ ଥିବା କମିଟିର ସଦସ୍ୟ ମାନେ ଗୋଟିଏ ଷ୍ଟଲ କୁ କମିଟି ପାଞ୍ଚ ହଜାର ଟଙ୍କା ନିର୍ଦ୍ଧାରିତ କରଥିବା ବେଳେ ଦାୟିତ୍ୱରେ ଥିବା ବ୍ୟକ୍ତି ମାନେ ନିର୍ଦ୍ଧାରିତ ଦର ଠାରୁ ଅଧିକ ଟଙ୍କା ନେଉଥିବା ସାଧାରଣ ରେ ଚର୍ଚ୍ଚା ହେଉଛି ।ଏମିତି ଅନେକ ସହୃଦୟ ଲୋକଙ୍କ ଠାରୁ ବ୍ୟକ୍ତିଗତ ଅର୍ଥ ସଂଗ୍ରହ ହେଉଥିବା ଅର୍ଥ ନିଜସ୍ୱ ପକେଟ କୁ ଯାଉଥିବା କମିଟି ଲୋକେ ଦୋକାନ ବଜାର ଚା ଖଟି ରେ ଚର୍ଚ୍ଚା କରୁଥିବା,ଓ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି ।ଏମିତି ଅନେକ ଅର୍ଥ ଲୋକଙ୍କ ଠାରୁ ସଂଗ୍ରହ କରି ହେରଫେର ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି ।ହେଲେ ସାଧାରଣରେ ଲୋକେ ଜାଣୁଛନ୍ତି କିନ୍ତୁ ନିଜର ନାମ ପ୍ରକାଶ କରିବାକୁ ଭୟ କରୁଛନ୍ତି ଓ ଗୋପନ ରଖି ସର୍ବସାଧାରଣ ସ୍ଥାନରେ ଅର୍ଥାତ ଚାଁ ଦୋକାନ,ବଜାରରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି ।ଅନ୍ୟ ପକ୍ଷରେ ଚର୍ଚ୍ଚା ହେଉଛି ଯେ ଯେଉଁ ମାନେ ମହୋତ୍ସବ ପାଇଁ କିଛି ଆର୍ଥିକ ସହାୟତା କରୁଛନ୍ତି ସେମାନଙ୍କୁ ଷ୍ଟାର ନାଇଟରେ ବସିବା ପାଇଁ ଚୌକିଟିଏ ମଧ୍ୟ ମିଳୁନଥିବା ସେମାନେ ଦୁଃଖ ପ୍ରକାଶ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏଥିପ୍ରତି ଖଡ଼ିଆଳ ମହୋତ୍ସବ କମିଟି ଧ୍ୟାନ ଦେବାକୁ ସାଧାରଣ ଲୋକେ ଆଲୋଚନା କରୁଛନ୍ତି । ମହୋତ୍ସବ କମିଟିର ସଦସ୍ୟମାନେ ନିଜ ବିଭାଗ ର ଖର୍ଚ୍ଚ ହେଉଥିବା ବାବଦକୁ ସନ୍ତୋଷଜନକ ହିସାବ ଦେଇପାରୁ ନଥିବା ଚର୍ଚ୍ଚା ହେଉଛି । ଏନେଇ ଖଡ଼ିଆଳ ମହୋତ୍ସବ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇ ଥିବାରୁ ଫୋନ୍ ଉଠାଇ ନଥିଲେ ।

# ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ

## ଯୋଗଦେଲେ ମନ୍ତ୍ରୀ



କୋରେଇ(ଭାସ୍କର ନ୍ୟୁଜ୍): ଆଜି କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପ୍ୟାକ୍ସ ର ଓ ଚିନ୍ଦା ପଡ଼ିଆ ରେ ପାକ୍ସ ର ସଭାପତି ସନ୍ତୋଷ ବେହେରା ଓ ପଥର ପଦା ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ବାରିକ ଙ୍କ ତତ୍ତ୍ୱାବଧାନ ରେ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସମବାୟ ଓ ହସ୍ତ ତନ୍ତ ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିବା ବେଳେ କୋରେଇର ପ୍ରିୟ ବିଧାୟକ ଆକାଶ ଦାସ ନାୟକ ଓ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡି ଯୋଗ ଦେଇ ଜିଲ୍ଲା ସ୍ତରୀୟ ଧାନ ମଣ୍ଡି କୁ ଉଦଘାଟନ କରିଥିଲେ । ଏହି ଅବସର ରେ ମନ୍ତ୍ରୀ କିପରି ଚାଷୀମାନେ ସରକାରଙ୍କ ଧାର୍ଯ୍ୟ ଦର ରେ ଧାନ ଦେବେ ଓ କୌଣସି ଚାଷୀ ମାନଙ୍କର ଯେପରି କିଛି ଅସୁବିଧା ହେବ ନାହିଁ ସେଥିପ୍ରତି ଯତ୍ନ ବାନ ହେବାକୁ ପ୍ରକରମେଣ୍ଟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବିଧାୟକ ଆକାଶ ଚାଷୀ ମାନେ ଦେଶର ମେରୁଦଣ୍ଡ, ଚାଷୀମାନେ ହସିଲେ ଏ ଦେଶ ହସିବ ବୋଲି କହି ଯେପରି ସେମାନଙ୍କର ଶସ୍ୟ ବିକ୍ରୟ ରେ କଟନୀ ଛଟନୀ ନହେବ ଏବଂ ଚାଷୀମାନେ ମଣ୍ଡିରେ କେମିତି ହଇରାଣ ନହେବେ, ସେଥିପ୍ରତି ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ମହୋଦୟା କହିଥିଲେ କି ଚାଷୀମାନଙ୍କ ପାଇଁ ମଣ୍ଡି ରେ ସମସ୍ତ ବ୍ୟବସ୍ଥା ସହିତ ଚାଷୀମାନେ କିପରି ଉପକୃତ ହେବେ ସେଥିପ୍ରତି ପ୍ରଶାସନ ସଜାଗ ଥିବା କଥା କହିଲେ । ପରେ ପରେ ଚାଷୀ ନେତା ବଳରାମ ସାହୁ ଅଦିନିଆ ବର୍ଷା ଓ ବାତ୍ୟା ରେ ଚାଷୀ ମାନଙ୍କର ଧାନ ନଷ୍ଟ ହେବା ସହିତ ବେରଙ୍ଗ ହୋଇଯାଇଛି । ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଯତ୍ନବାନ ହୋଇ ଧାନର ମାନ କିଣିଲା ବେଳେ କୋହଳ କରିବା ସହିତ ଚାଷୀ ମାନଙ୍କୁ ଇନପୁଟ ସବସିଡି ଦେବା, ବୀମା କମ୍ପାନୀ ମାନେ ସର୍ଭେ କରି ଚାଷୀ ମାନଙ୍କୁ ତୁରନ୍ତ ବୀମା ପ୍ରଦାନ କରିବା ପାଇଁ ବିଧାୟକଙ୍କ ଜରିଆରେ ମନ୍ତ୍ରୀଙ୍କୁ ଦାବୀ ପତ୍ର ଦେଇଥିଲେ । ସବୁଠାରୁ ବଡ଼ କଥା ସେଠାରେ ଉପସ୍ଥିତ ଥିବା କୋରେଇ ସମବାୟ ଉର୍ନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର କର ଯେକି ଦୀର୍ଘ ବର୍ଷ ହେବ ଏଠାରେ ରହି ବିଭିନ୍ନ ପ୍ରକାର ଦୁର୍ନୀତି ରେ ଲିପ୍ତ ରହିବାର ଅଭିଯୋଗ ପରେ ତାଙ୍କୁ ବଦଳି ହୋଇଥିଲା । କିନ୍ତୁ ଦୁଃଖ ର ବିଷୟ ପୁଣି କେମିତି କେଉଁ ଉପାୟରେ ସେ ସେହି ଜାଗାରେ ରହିଲେ,ଏହାକୁ ସେଠାରେ ଉପସ୍ଥିତ ଥିବା ଚାଷୀ ମାନେ ଘୋର ବିରୋଧ କରିବା ଦେଖାଯାଇଥିଲା । ଚାଷୀ ମାନଙ୍କର ଏହି ବିରୋଧକୁ ସାମ୍ନା ନକରି ପାରି ଶ୍ରୀ କର ସେଠାରୁ ପଳାଇବାର ଦେଖିବାକୁ ମିଳିଥିଲା । ଆଜିର କାର୍ଯ୍ୟକ୍ରମରେ କୋରେଇରୁ ପ୍ରକାଶ ଧଳ,ଅଦ୍ୱୈତ ଦାସ, ପିନାକୀ ରଞ୍ଜନ ଦାସ, ରଘୁ ମାଝୀ, କାର୍ତ୍ତିକ ସାହୁ, ରଞ୍ଜନ ପ୍ରତିହାରୀ, ଗଣେଶ ମଲ୍ଲିକ,ବିଷ୍ଣୁ ରଥ, ଉଦୟ ପରିଡା ପ୍ରମୁଖ ଶହ ଶହ କର୍ମକର୍ତ୍ତାଙ୍କ ସହିତ ଚାଷୀ ମାନେ ଉପସ୍ଥିତ ଥିଲେ ।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ



ଗୁଣୁପୁର(ଭାସ୍କର ନ୍ୟୁଜ୍): ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ମିଡିଆ କ୍ଲବ ଗୁଣୁପୁର ଏବଂ ଆଦର୍ଶ ଥାନା ଗୁଣୁପୁର ଆନୁକୁଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ମିଡିଆ କ୍ଲବ ଗୁଣୁପୁରର ସଭାପତି ଅନୀଲ ସାହୁକାର, ଆବାହକ ଜିତେନ୍ଦ୍ର ଶତପଥୀ ଏବଂ ଆଦର୍ଶ ଥାନା ଗୁଣୁପୁରର ଏସ୍ ଡି ପିଓ ବାବୁଲି ନାୟକ, ଥାନା ଅଧିକାରୀ ଉତ୍ତମ୍ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜନ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାର ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା । ତତ୍‌ପରେ ଏକ ଶୋଭାଯାତ୍ରାରେ ବାହାରି ସଡକ ସୁରକ୍ଷା, ଜୀବନରକ୍ଷାର ସ୍ଲୋଗାନ ଦେଇ ସହର ପରିକ୍ରମା କରି ନୂତନ ବସଷ୍ଟାଣ୍ଡ ଦେଇ ବାଇପାସ୍ ଛକ ନିକଟରେ କାର୍ଯ୍ୟକ୍ରମକୁ ସମ୍ପନ୍ନ କରାଯାଇଥିଲା । ଏହି ଶୋଭାଯାତ୍ରା ସମୟରେ ମିଡିଆ କ୍ଲବର ସମସ୍ତ ସଦସ୍ୟ ଏବଂ ଗୁଣୁପୁର ଥାନାର କର୍ମଚାରୀ ମାନେ ମିଶି, ସ୍ଥାନୀୟ କିଡସ୍-ଗୀ ପବ୍ଲିକ ସ୍କୁଲ ଗୁଣୁପୁର ଓ ବଂଶଧାରା ହାଏର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନଙ୍କ ସହଯୋଗ ସହ ରାସ୍ତାରେ ଯାଉଥିବା ଗାଡି ଚାଳକ ମାନଙ୍କୁ ସଚେତନର ବାର୍ତ୍ତା ଦେଇଥିଲେ । ଏହି ସମୟରେ ହେଲିମେଟ ପିନ୍ଧି ଥିବା ମଟର ସାଇକେଲ ଚାଳକ ଏବଂ ସିଟ୍ ବେଲ୍ଟ ଲଗାଇ କାର ଚଳାଉ ଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ଧନ୍ୟବାଦ୍ ଜଣାଇଥିଲେ । ଏବଂ ଗାଡ଼ି ଚଳାଇବା ସମୟରେ ବିଭିନ୍ନ ସତର୍କତା ଅବଲମ୍ବନ କରିବା ପାଇଁ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ସଚେତନତା କରାଯାଇଥିଲା । ମିଡିଆ କ୍ଲବର ସମ୍ପାଦକ ଜଗନ୍ନାଥ ମହାନ୍ତି, ଉପଦେଷ୍ଟା ରମେଶ ଲିମ୍ମା, ବିଭୁ ପ୍ରସାଦ ଶତପଥୀ, ଲକ୍ଷ୍ମି ମହାଙ୍କୁଡ, ସୁନୀଲ ସାବତ, କୃଷ୍ଣ ଚନ୍ଦ୍ର ରାଜଗୁରୁ, ଶୀଳା ଗମାଙ୍ଗ, ମହେଶ ପାଟ ଖଣ୍ଡାଲ ପ୍ରମୁଖ ଉପସ୍ଥିତ ଥିଲେ । ଏବଂ ଗୁଣୁପୁର ଥାନା ଏସ୍ଆଇ ଅଶୋକ ପାଢି ଏବଂ ପୁଲିସ କର୍ମଚାରୀ ମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ କିଡ୍ସ - ଗୀ ଇଂରାଜୀ ମାଧ୍ୟମ ପବ୍ଲିକ ସ୍କୁଲ ଏବଂ ବଂଶଧାରା ହାୟର ସେକେଣ୍ଡାରି ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗ ଦେଇ ସହୋଯାଗ କରିଥିଲେ ।ମିଡିଆ କ୍ଲବ ଗୁଣୁପୁର ଏବଂ ଆଦର୍ଶ ଥାନା ଗୁଣୁପୁର ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରସଂଶା କରାଯାଇଛି ।

# ଚମ୍ପୁଆରେ ପୋଲିସ ଆଉଟ୍‌ପୋଷ୍ଟ ସ୍ଥାପିତ



ଚମ୍ପୁଆ (ଭାସ୍କର ନ୍ୟୁଜ୍): ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ବଜାରର ମହାବୀର ଛକରେ ଏକ ଅସ୍ଥାୟୀ ପୋଲିସ ଆଉଟ୍‌ପୋଷ୍ଟ ସ୍ଥାପିତ ହୋଇଛି । ସମ୍ବଲପୁର ଓ ପାଣିକୋଇଲି ରେ ଘଟିଥିବା ଡକାୟତି ଘଟଣା ପରେ ସାରା ରାଜ୍ୟ ରେ ବଜାର ଛକ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ୍ ସକ୍ରିୟତା ବଢ଼ାଇବା ସହ ୨୪ ଘଣ୍ଟା ଧରି ପୋଲିସ ମୁତୟନ ରହିବା ନେଇ ରାଜ୍ୟ ପୋଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଚମ୍ପୁଆ ବଜାରରେ ଏହି ଅସ୍ଥାୟୀ ଆଉଟ୍ ପୋଷ୍ଟ ସ୍ଥାପିତ ହୋଇଛି । ଏଥିସହିତ ସରକାରଙ୍କ ତରଫ ରୁ ଚମ୍ପୁଆ ଥାନାକୁ ପାଞ୍ଚଟି ପେଟ୍ରୋଲିଂ ବାଇକ୍ ଯୋଗାଇ ଦିଆଯାଇଛି । ପୋଲିସ ଗାଡି ପହଞ୍ଚି ପାରୁ ନ ଥିବା ସ୍ଥାନ ବିଶେଷ କରି ଗଳି କନ୍ଦି ମାନଙ୍କରେ ପେଟ୍ରୋଲିଂ ସହ ଆଇନ୍ ଶୃଙ୍ଖଳା ପରିସ୍ଥିତି କୁ ଆହୁରି ସୁଦୃଢ଼ କରିବାରେ ଏହି ବାଇକ୍ ଗୁଡ଼ିକ ସହାୟକ ହେବ ବୋଲି ଚମ୍ପୁଆ ଥାନାଧିକାରୀ ଦେବକୀ ନାଏକ ସୂଚନା ଦେଇଛନ୍ତି ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ



ରାୟଗଡ଼ (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମଙ୍ଗଳବାର ଦିନ ୮୦ତମ ସଂଘ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ବିଦ୍ୟୁତ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସକାଳ ନଅ ଘଟିକା ସମୟରେ ସଂଘୀୟ ପତାକା ଉତ୍ତୋଳନ କରାଯାଇଥିଲା । ଜିଲ୍ଲାର ଉପ ସଭାନେତ୍ରୀ ବି ସୁଜାତା ପତାକା ଉତ୍ତୋଳନ କରିଥିଲେ । ରାଜ୍ୟ ଆଞ୍ଚଳିକ ସଂପାଦକ ଦିପକ କୁମାର ରାଉତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହା ଡ: ହରେକୃଷ୍ଣ ମହତାବଙ୍କ ଦ୍ୱାରା ସ୍ଥାପିତ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସର୍ବ ପୁରାତନ ଶିକ୍ଷକ ସଂଘ, ଏହା ସର୍ବଦା ସବୁ ବର୍ଗର ଶିକ୍ଷକଙ୍କ ସ୍ୱାର୍ଥ ନିମିତ୍ତ ଦାବି ଉପସ୍ଥାପନ କରିଥାଏ ବୋଲି ପ୍ରକାଶ କରିଥିଲେ । ସାଧାରଣ ସମ୍ପାଦକ ନୀଳାଞ୍ଚଳ ମିଶ୍ର ସଂଘର ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହ ଶିକ୍ଷକସଂଘକୁ ସୁଦୃଢ଼ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଅନ୍ୟତମ ସଂଘ କର୍ମକର୍ତ୍ତା ଯଥା ଜିଲ୍ଲା କାର୍ଯ୍ୟକାରୀ ସଂପାଦକ ମହେନ୍ଦ୍ର ବାଗ, ଜିଲ୍ଲା ସଂଯୋଜକ ସାନନ୍ଦ ବେନିଆ, ରାୟଗଡ଼ ବ୍ଲକ ସଭାପତି ସଦାନନ୍ଦ ନାୟକ, ପ୍ରଦୀପ କୁମାର ତ୍ରିପାଠୀ, ପୁରନ୍ଦର ପାଣି, ବନୋଜ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ଉତ୍ତମ କୁମାର ଜେନା, ଶଙ୍କର ନାରାୟଣ ବେହେରା ସମେତ ଅନେକ ସଂଘପ୍ରେମୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଓଡିଶାରେ ନୂତନ ଶିକ୍ଷାନୀତି ପ୍ରଣୟନ ପରିପେକ୍ଷୀରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ବିକାଶ ଓ ଗୁଣାତ୍ମକ ଶିକ୍ଷା ହାସଲ ନିମନ୍ତେ ଶିକ୍ଷକଙ୍କ ନିୟମିତ ପଦୋନ୍ନତି, ଶିକ୍ଷକ ପଦବୀ ପୂରଣ, ଠିକା ଶିକ୍ଷକ ନିଯୁକ୍ତିର ଉଚ୍ଛେଦ, ପୁରୁଣା ପେନସନ ଲାଗୁ କରିବା, ଶିକ୍ଷକଙ୍କ ପ୍ରାରମ୍ଭିକ ଦରମାହାରରେ ସଂଶୋଧନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ସମସ୍ତ ଶିକ୍ଷକଙ୍କୁ ଏକକ ବର୍ଗରେ ଅନ୍ତର୍ଭୁକ୍ତ କରିବା, ବିଦ୍ୟାଳୟ ଗୁଡିକରେ ଆବଶ୍ୟକ ଶ୍ରେଣୀଗୃହ, ସୁରକ୍ଷିତ ଭିତ୍ତିଭୂମିର ବିକାଶ, ନିୟମିତ ବଦଳି ନୀତି ସହ ଶିକ୍ଷକଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ ନକରିବା ଆଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ରାଜ୍ୟ ସଂଘକୁ ଦାବି ଗୁଡିକ ବିଷୟରେ ଅବଗତ କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସାଧାରଣ ସମ୍ପାଦକ ନୀଳାଞ୍ଚଳ ମିଶ୍ର ପ୍ରକାଶ କରିଛନ୍ତି ।

# ଫାଇନାନ୍ସ କର୍ମଚାରୀଙ୍କ ଠାରୁ ବନ୍ଧୁକ ମୁନରେ ଲୁଟ୍

କନ୍ଧମାଳ(ଭାସ୍କର ନ୍ୟୁଜ୍): ଫାଇନାନ୍ସ କର୍ମଚାରୀଙ୍କ ଠାରୁ ବନ୍ଧୁକ ମୁନରେ ଲୁଟ । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳର କୁମ୍ଭାରମଣ୍ଡା ଗାଁ ନିକଟ ପଥର କୁଏରୀ ପାଖରୁ ହୋଇଛି ଏହି ଲୁଟ୍ । ମିଳିଥିବା ସୂଚନା ମୁତାବକ ଦାରିଙ୍ଗବାଡ଼ିରେ ଥିବା ଏଲ୍ ଆଣ୍ଡ ଟି ଫାଇନାନ୍ସ କମ୍ପାନୀର କର୍ମଚାରୀ ମିତେଲ ଦିଗାଲ ସୁଜାମାଜୁ ଗ୍ରାମ ଅଞ୍ଚଳରୁ ମାସିକ କିସ୍ତି ଟଙ୍କା ଆଦାୟ କରିବାକୁ ଯାଇ ଫେରିବା ବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କୁ କୁମ୍ଭାରମଣ୍ଡା ଗାଁ ନିକଟ ପଥର କୁଏରୀ ପାଖରେ ବନ୍ଧୁକ ଦେଖାଇ ଅଟକାଇଥିଲେ । ବନ୍ଧୁକ ଦେଖି ଭୟରେ ଅଟକିବା ପରେ ଦୃର୍ବୃତ୍ତ ମାନେ ଫାଇନାନ୍ସ କର୍ମଚାରୀ ଜଣକ ଧରିଥିବା ଟଙ୍କା ବ୍ୟାଗ, ମୋବାଇଲକୁ ଲୁଟି ନେବା ସହିତ ତାଙ୍କୁ ମଧ ସେମାନେ ବାଇକରେ ଜୋର ଜବରଦସ୍ତ ବସାଇ ନେବାକୁ ଉଦ୍ୟମ କରିଥିଲେ । ହେଲେ ବାଇକରେ ବସାଇ ନେଉଥିବା ବେଳେ ହଟାତ କିଛି ସ୍ଥାନୀୟ ଲୋକଙ୍କୁ ଦେଖିବାକୁ ପାଇଁ ଦୃର୍ବୃତ୍ତ ମାନେ ବନ୍ଧୁକରେ ଫାଇନାନ୍ସ କର୍ମଚାରୀଙ୍କ ମୁଣ୍ଡକୁ ମାଡ଼ କରି ଫାଇନାନ୍ସ କର୍ମଚାରୀଙ୍କ ବାଇକକୁ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି । ତେବେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିବା ବେଳେ ଦାରିଙ୍ଗବାଡ଼ି ପୋଲିସ ଖବର ପାଇ ତଦନ୍ତ ଚଳାଇବା ସହ କିଭଳି କେଉଁ ପରିସ୍ଥିତିରେ ଏଭଳି ଘଟଣା କିଏ ଘଟାଇଛି ସେ ନେଇ ଧରପଗଡ଼ ପୋଲିସ ଆରମ୍ଭ କରିଛି । ଫାଇନାନ୍ସ କର୍ମଚାରୀଙ୍କ କହିବା ମୁତାବକ ପାଖାପାଖି ୪୦ ରୁ ୪୫ ହଜାର ଟଙ୍କା ବ୍ୟାଗରେ ରହିଥିଲା । ଆଉ ଦୃର୍ବୃତ୍ତମାନେ ମୁଖା ପିନ୍ଧିଥିବା ବେଳେ ଗୋଟିଏ ବାଇକରେ ଆସିଥିବା ଜଣାପଡିଛି ।

## ■ ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚର ଶୀତସଞ୍ଜ

# ‘ଉଷୁମ ତାତି ଓ କଥା-କବିତାର କକଟେଲ୍’



ତିହିଡି (ଭାସ୍କର ନ୍ୟୁଜ୍): ଶୀତସଂଜରେ ସମଭାବାପନ୍ନ ଲୋକେ ସମୂହ ଭାବେ ନିଆଁ-ପୁଇଁବାରେ ଭାରତୀୟ ଆଧାତ୍ମିକ ଦର୍ଶନ ନିହିତ । ଅଗ୍ନି ସମ୍ମୁଖରେ ଉପବେଶନ କରି ଓଁକାର ଉଚ୍ଚାରଣ କଲେ ଆମର ସୃଜନଶକ୍ତିକୁ ଉଜ୍ଜୀବିତ ହୁଏ । ଏଣୁ, ନିଆଁର ବିକିରଣ ପ୍ରକ୍ରିୟାରେ ଆମ ଜୀବନଚର୍ଯ୍ୟା ଓ ସୃଜନଧାରା ଉଦ୍‌ଭାସିତ ହୋଇଥାଏ ବୋଲି ଭଦ୍ରକ ଜିଲ୍ଲା ‘ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ’ ପକ୍ଷରୁ ସ୍ଥାନୀୟ କାଳୀପଡିଆଠାରେ ଶୀତ ସନ୍ଧ୍ୟାରେ ଅନୁଷ୍ଠିତ ‘ଶୀତସଂଜ, ଉଷୁମ ତାତି ଓ କଥା-କବିତାର କକଟେଲ୍’ ଶୀର୍ଷକ ସୃଜନପର୍ବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ତିହିଡି ବ୍ଲକର ଅଗ୍ରଣୀ ସାହିତ୍ୟ ସଂଗଠନ ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚର ଉପଦେଷ୍ଟା ବିଶିଷ୍ଟ ସାହିତ୍ୟିକ ତଥା ଅଧ୍ୟାପକ ଡକ୍ଟର ବିଶ୍ୱରଂଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମୁକ୍ତାକାଶ ଶୀତ ସୃଜନ ସମାବେଶରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ସମ୍ମାନିତ ବକ୍ତା ଭାବେ କବି ପି. ହୃଷୀକେଶ ଯୋଗଦେଇ ପୃଥିବୀରେ ସର୍ବତ୍ର ନିଆଁର ଲୀଳା ଚାଲିଛି ଏବଂ ଶୀତ ରାତିରେ ନିଆଁର ଆବାହନ କଲେ ସୃଷ୍ଟି-ସୃଜନର ମାନ୍ତ୍ରିକଶକ୍ତି ଅଭିବୃଦ୍ଧି ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ମଞ୍ଚର ଆବାହକ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ନିରଞ୍ଜନ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ । ତିହିଡି ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ନାୟକ ସଂଗୀତ ପରିବେଷଣ କରିଥିଲେ ଗାଳ୍ପିକ ମନୋଜ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସଞ୍ଜିତ ବଳ, ବିଭୂତି ଭୂଷଣ ଗୃହାଚାର୍ଯ୍ୟ , କବୟିତ୍ରୀ ବିଶ୍ୱମୈତ୍ରୀ ନାୟକ, କବି ରଘୁନାଥ ପାତ୍ର, ରୁବିଲତା ଦାସ, ରୀନାରାଣୀ ପାତ୍ର, ମୌସୁମୀ ଗୋଚ୍ଛାୟତ, ପୁଷ୍ପାଞ୍ଜଳି ତ୍ରିପାଠୀ, ଦେବେନ୍ଦ୍ର ନାଥ ମହାଳିକ, ସାମ୍ବାଦିକ ପ୍ରଭାତ ରାଉଳ,ବୈକୁଣ୍ଠନାଥ ଓଝା, ସେକ ଅବଦୁଲ ଦୟାନ, ମୁସ୍ତାକ ଗହ୍ୱର, ସରୋଜ ଓଝା,ସୁବ୍ରତ ମିଶ୍ର, ମାନସ ପଣ୍ଡା, ଅଭୟ ଦାସ, ବସନ୍ତ ଦାସ, ହରିହର ମଳିକ, ପିତାମ୍ବର ସେଠି, ନୀଳମାଧବ ସେନାପତି, ରତିକାନ୍ତ ଦାସ, ଯଯାତି କେଶରୀ ଦାସ, ଡଃ ଅମୂଲ୍ୟ ସେନାପତି, ମୁକୁନ୍ଦଦେବ ନାୟକ,ନକୁଳ ସେନାପତି, ମନୋରଞ୍ଜନ ମୁଦୁଲି, ଶଶାଙ୍କ ଶେଖର ପଣ୍ଡା, ରତିକାନ୍ତ ଦାସ,ଆଲୋକ ବାରିକ ପ୍ରମୁଖ କବିତା ପାଠ କରିଥିଲେ । ତପନ ହାତୀ, ପ୍ରଶାନ୍ତ ମହାପାତ୍ର, କେଶବ ବେହେରା,ସତ୍ୟ ସୁନ୍ଦର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଯୋଜକ ଯୁବକବି ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଶେଷରେ ସମୂହ ଭାବେ ଓଁକାର ଧ୍ୱନି ଉଚ୍ଚାରଣ ପୂର୍ବକ ଅଗ୍ନି ନିର୍ବାପନ କରାଯାଇଥିଲା ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

ରଘୁନାଥପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟ ପରିଷରରେ ମଙ୍ଗଳବାର ଜିଲ୍ଲା ଦକ୍ଷାତା ମିଶନ ତଥା କର୍ମନିୟୋଜିତ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱଳ୍ପକାଳୀନ ଓ ଦିର୍ଘମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା କର୍ମନିୟୋଜିତ ଅଧିକାର ଧର୍ମାନନ୍ଦ ବେହେରା, ଅତିରିକ୍ତ କର୍ମନିୟୋଜିତ ଅଧିକାରୀ ଅଶୋକ ମାଦୁଲା, ଯୁବ କାର୍ଯ୍ୟକର୍ତ୍ତା ଦିବ୍ୟଜ୍ୟୋତି ମହାପାତ୍ର, ବ୍ଲକ ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ, ମିଶନଶକ୍ତି ସଂଯୋଜକ ଶଶାଙ୍କ ଶେଖର ସ୍ୱାଇଁ, ବିପିଏମ ଲିପିକା ଷଡଙ୍ଗୀ ଓ ଓ୍ୱାଇଏଲଏମ୍ ବିଶ୍ୱଜିତା ଦାସ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ବେକାରୀ ଯୁବକ ଯୁବତୀମାନଙ୍କୁ ଦକ୍ଷତା ଓ ନିଯୁକ୍ତି ସମ୍ପର୍କୀୟ ବହୁ ମହତ୍ୱ ଉପାଦେୟମାନ ବକ୍ତବ୍ୟ ମାଧ୍ୟମରେ ରଖିଥିଲେ । ଏଥିରେ ମୋଟ ୧୨ ଗୋଟି କମ୍ପାନୀ ଯୋଗଦେଇଥିବାବେଳେ ୩୩ ଜଣ ମହିଳା ଓ ୧୮ ଜଣ ପୁରୁଷ ପଞ୍ଜିକରଣ କରିଥିଲେ ।ତେବେ ପଞ୍ଜିକରଣ କରିଥିବା ଯୁବକ ଯୁବତୀ ମାନଙ୍କୁ ଚୟନ କରାଯାଇ ମାଗଣାରେ ପ୍ରଶିକ୍ଷଣ ଦିଆଯିବାସହ ରହିବା ଖାଇବା ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଆସିଥିବା କମ୍ପାନୀ ଅଧିକାରୀମାନେ ପ୍ରକାଶ କରିଛନ୍ତି ।ବ୍ଲକ କ୍ୟାସିୟର ଭବେଶ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିଶିବର ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ କର୍ମଚାରୀ ଓ ଏମ୍‌ବିକେ, ସିଆରପି ମାନେ ସହଯୋଗ ପ୍ରଦାନ କରିଥିଲେ ।




# ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ଇଫ୍‌କୋ ପକ୍ଷରୁ ୪ରଥ ଉଦ୍‌ଘାଟିତ



ପାରାଦୀପ (ଭାସ୍କର ନ୍ୟୁଜ୍):ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ଚଳିତ ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି । ଇଫକୋ ଅନ୍ତେବାସୀ ଓ ସାଧାରଣରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ଜଗତସିଂହପୁର ଓ କଟକ ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ ମିଳିତ ସହଯୋଗରେ ଇଫକୋ ୪ ଗୋଟି ସଚେତନତା ରଥ ପ୍ରସ୍ତୁତ କରିଛି । ଏହି ରଥ ଜଗତସିଂହପୁର ଓ କଟକ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲା ଭ୍ରମଣ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରିବ । ଏହି ରଥ ଗୁଡିକୁ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ସି.ଏସ,ବେହେରା ସୋମବାର ଦିନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ଇଫକୋ ପରିସରରେ ଏକ ପଥପ୍ରାନ୍ତ ନାଟକ ‘ଅମାନିଆ ଓ ସଡ଼କ କାନ୍ଦୁଛି’ ପରିବେଷଣ କରାଯାଇଥିଲା । ସେହିପରି ଇଫକୋ କମ୍ୟୁନିଟି ସେଣ୍ଟର ରେ ଆୟୋଜିତ ଏକ ସଚେତନତା ସଭାରେ ସଡ଼କ ସୁରକ୍ଷା ଓ ଏହାର ନିୟମ ପାଳନ ସହ ଦୁର୍ଘଟଣାଗ୍ରସ୍ତ ଙ୍କୁ ସାହାଯ୍ୟ କରିବା ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇଫକୋ ନାନୋର ସାଧାରଣ ପରିଚାଳକ ଏସ.ପି.ରଥ, ଉତ୍ପାଦନ ସାଧାରଣ ପରିଚାଳକ କେ.ଆର.ଏନ ମୂର୍ତ୍ତି ଏବଂ ଓ.ପି.ଯାଦବ, ରକ୍ଷଣାବେକ୍ଷଣ ସାଧାରଣ ପରିଚାଳକ ଏ.ଏନ. ଓଝା, ଯୁଗ୍ମ ସାଧାରଣ ପରିଚାଳକ କେ.ମୋହନ ରାଓ ଏବଂ ଆର.କେ.ସ୍ୱାଇଁ, ଏଚଆର ମୁଖ୍ୟ ପରିଚାଳକ ବି.କେ.ପରିଡାଙ୍କ ସମେତ ଇଫକୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ଡିଏଭି ସ୍କୁଲର ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଫିସର୍ସ ଆସୋସିଏସନ ର ପ୍ରତିନିଧି ପ୍ରମୁଖ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ କୁ ଇଫକୋ ପାରାଦୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପରିଚାଳନା କରିଥିଲେ ।

# ନୂତନ କୋର୍ଟ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ



ଚନ୍ଦାହାଣ୍ଡି(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକସ୍ଥିତ ସେମଲାଗୁଡା ଛକ ଠାରେ ନିର୍ମାଣ ହେବାକୁ ଥିବା ଜେଏମଏଫସି କୋର୍ଟର ନୂତନ କୋଠା ନିର୍ମାଣ ନିମନ୍ତେ ଆଜି ଶିଳାନ୍ୟାସ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ, ଜଷ୍ଟିସ ଏସ କେ ସାହୁ, ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଆଭାସି ମାଧ୍ୟମରେ ନୂତନ କୋଠା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସରେ ଯୋଗ ଦେଇଥିବା ବେଳେ ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସମ୍ମାନିତ ଅତିଥିଭାବେ ଚନ୍ଦାହାଣ୍ଡି ବିଡ଼ିଓ ରାମକୃଷ୍ଣ ନାୟକ, ତହସିଲଦାର ସହଦେବ କୁଟ୍ରୁକା ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ୨୦୧୯ ମସିହା ଜାନୁୟାରୀ ୫ ତାରିଖରେ ଚନ୍ଦାହାଣ୍ଡି ଠାରେ ଜେଏମଏଫସି କୋର୍ଟର ଶୁଭାରମ୍ଭ ଚନ୍ଦାହାଣ୍ଡି ବ୍ଲକ ମହକୁମାସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଅସ୍ଥାୟୀ ଭାବେ ଆରମ୍ଭ ହୋଇ ବର୍ତମାନ ପର୍ଯ୍ୟନ୍ତ ଏଠାରେ କୋର୍ଟ କାର୍ଯ୍ୟ ଚାଲୁରହିଛି । ନୂତନ କୋର୍ଟ କୋଠା ନିର୍ମାଣ ହେଲେ ଓକିଲ ଓ ମହକିଲ ସମସ୍ତଙ୍କ ନିମନ୍ତେ ସୁବିଧା ହେବ ବୋଲି ଅତିଥି ମାନେ କହିଥିଲେ । ଏହି କୋଠା ନିର୍ମାଣ କାର୍ଯ୍ୟ ୩ କୋଟି ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ହେଉଛି । ଏହି କାର୍ଯ୍ୟକ୍ରମରେ ଓକିଲ ମହମ୍ମଦ ହୁସେନ,ଜୟଦେବ ଖମାରୀ, ହୁମେଶ୍ୱର ହଂସ, କ୍ଷେମରାଜ ବାଘ,ଭୀଷ୍ମ ସୁନାନୀ, ହିରାଧର ମାଳି, ଶ୍ୟାମ ସୁନ୍ଦର ହରିଜନ ,କୋର୍ଟ କର୍ମଚାରୀ କେଦାର ଗୌରୀ ପାଂଜିଆ, କେଶରୀ ପ୍ରସାଦ ମନହିରା ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମରେ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଆସିବେ । ଏଥିପାଇଁ ରାଜଧାନୀ ବାସୀଙ୍କୁ ନିଜ ଘର ସାମ୍ନାକୁ ସଜେଇବା ପାଇଁ ନିବେଦନ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ପ୍ରବାସୀମାନେ ବୁଲିବେ ରାଜଧାନୀର ମନ୍ଦିର ଓ ପାର୍କ । ପ୍ରବାସୀଙ୍କ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରାଜ୍ୟ ସରକାର । ସବୁ ବିଭାଗର ମନ୍ତ୍ରୀ ଓ ଅଫିସର ମାନେ ପ୍ରସ୍ତୁତି ନେଇ ଲଗାତାର ସମୀକ୍ଷା କରୁଛନ୍ତି । ପ୍ରବାସୀମାନେ ମନ୍ଦିର ମାଳିନୀ ଭୁବନେଶ୍ୱରର ସବୁ ମନ୍ଦିର ବୁଲିବେ ଏନେଇ ମନ୍ଦିର ଗୁଡ଼ିକ ସଫାସୁତୁରା କରିବା ସହିତ ସାଜସଜ୍ଜା କରାଯାଉଛି । ସେହିପରି ବିଭିନ୍ନ ପାର୍କରେ ମଧ୍ୟ ସ୍ୱତନ୍ତ୍ର ସାଜସଜ୍ଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଅନେକ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଗଣ ମଧ୍ୟ ଉପସ୍ଥିତ ରହିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ସେହିପରି ରାଜଧାନୀର ସମସ୍ତ ଘର ମାଲିକ ମାନଙ୍କୁ ମନ୍ତ୍ରୀ ନିବେଦନ କରିଛନ୍ତି ଗୃହ ସମ୍ମୁଖରେ ସାଜସଜ୍ଜା କରିବା ପାଇଁ । ଗୃହ ସମ୍ମୁଖରେ ପରିଷ୍କାର ରଖିବା ସହିତ ଝୁଟି ଚିତା ପକାଇ ଅତିଥି ମାନଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ କହିଛନ୍ତି, ଏଥି ସହିତ ବଡ଼ ବଡ଼ ମଲ, ପେଟ୍ରୋଲ ପମ୍ପ ଆଦି ମାଲିକ ମାନେ ମଧ୍ୟ ଆଲୋକ ମାଳାରେ ନିଜ ପ୍ରତିଷ୍ଠାନ ଆଲୋକିତ କରି ସଜେଇବାକୁ ମନ୍ତ୍ରୀ ନିବେଦନ କରିଛନ୍ତି । ସେହିପରି ଭୁବନେଶ୍ୱରକୁ ମଧ୍ୟ ଆହୁରି ସାଜସଜ୍ଜା କରାଯିବ ବିଭିନ୍ନ ସ୍ଥାନରେ ଆହୁରି ସୁନ୍ଦର ସୁନ୍ଦର ଫୁଲକୁଣ୍ଡ ଆଜି ରାତିସୁଧା ବସିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।



# ରାଜ୍ୟ ସଂଗ୍ରହାଳୟର ୯ ଗ୍ୟାଲେରୀ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ଦିବସ ପରିପ୍ରେକ୍ଷୀରେ ଆଜି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଉଦଘାଟିତ ହୋଇଯାଇଛି ନୂତନ ଗ୍ୟାଲେରୀ । ନିର୍ମିତ ହୋଇଥିବା ଏହି ୯ଟି ଗ୍ୟାଲେରୀ ସାଙ୍ଗକୁ ତାଳପତ୍ର ପୋଥିରେ ଲିଖିତ ରାମାୟଣ ଦେଖିବେ ପ୍ରବାସୀ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଛନ୍ତି । ତାଙ୍କ ସହ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ତେବେ ପ୍ରଥମଥର ପାଇଁ ରାଜ୍ୟରେ



ହେବାକୁ ଯାଉଛି ପ୍ରବାସୀ ଭାରତୀୟ ସମ୍ମିଳନୀ । ଏହି ଅବସରରେ ବିଦେଶରୁ ଆସୁଥିବା ପ୍ରବାସୀ ଭାରତୀୟ ମାନେ କିଭଳି ସୁବିଧାରେ ମ୍ୟୁଜିୟମ ଆସି ଐତିହ୍ୟ ସଂସ୍କୃତି ଜାଣି ପାରିବେ ସେନେଇ ପ୍ରଚେଷ୍ଟା ହୋଇଛି । ପ୍ରଥମ ଏଣ୍ଟ୍ରାନ୍ସ ଗ୍ୟାଲେରୀରେ ପୁରାତନ ସାମଗ୍ରୀକୁ ତଳେ କାଚ ଆବଦ୍ଧ ଫ୍ଲୋରରେ ସଜେଇ ରଖାଯାଇଛି । ଏହା ସହିତ ବିକ୍ରମ ବେତାଳ ଗପରେ ବିଭିନ୍ନ ଐତିହାସିକ ଜାଗା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାତି ୯ଟା ଯାଏଁ ଖୋଲା ରହିବ ରାଜ୍ୟ ସଂଗ୍ରହାଳୟ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ । ମ୍ୟୁଜିୟମରେ ମିଠା ଓ ପିଠାର ମଜା ମଧ୍ୟ ନେଇ ପାରିବେ ପ୍ରବାସୀ ଏଥିପାଇଁ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପାରମ୍ପରିକ ଖାଦ୍ୟ ପରଷା ଯାଉଛି । ତେବେ ଆମ ଓଡ଼ିଶାର ଇତିହାସ, ଅସ୍ମିତା ବିଷୟରେ ଜାଣି ଯେବେ ପ୍ରବାସୀ ମୁଗ୍ଧ ଚକିତ ହେବେ ତାହା ହିଁ ଆମ ପାଇଁ କୃତଜ୍ଞତା ରହିବ । ପ୍ରବାସୀ ଭାରତୀୟ ଆସୁଥିବାରୁ ଆଜି ଅନେକ କାର୍ଯ୍ୟକ୍ରମ ହେଉଛି । ଆଗକୁ ଏହା ଏକ ବିଶ୍ୱ ସ୍ତରର କାର୍ଯ୍ୟକ୍ରମ ମାନ୍ୟତା ପାଇବା ପାଇଁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମଧ୍ୟ କହିଛନ୍ତି ।

## ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କୁ ରାଜ୍ୟସ୍ତରୀୟ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟସ୍ତରୀ ଡଃ ମନମୋହନ ସିଂହ ସ୍ମୃତି କମିଟି ପକ୍ଷରୁ ଆବାହକ ମାନସ ଚୌଧୁରୀଙ୍କ ପୌରହିତ୍ୟରେ ମଙ୍ଗଳବାର ଜୟଦେବ ଭବନ (ଭୁବନେଶ୍ୱରଠାରେ) ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନଙ୍କ ପାଇଁ ରାଜ୍ୟସ୍ତରୀୟ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥିମାନେ ସ୍ୱର୍ଗତ ମନମୋହନ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା । ଏହି ଅବସରରେ କେ. ୱାନ ଏଣ୍ଟରଟେନମେଣ୍ଟ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ଭୁବନେଶ୍ୱର ଗୁରୁଦ୍ୱାର ସିଂ ସଭାର ପ୍ରତିନିଧି ସତପାଲ ସିଂହ ଓ ଏମ୍‌ଏସ୍ କାଲ୍‌ସି ଏଠାରେ ଉପସ୍ଥିତ ରହି ସ୍ୱର୍ଗତ ସିଂହଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଭାରେ ଉପସ୍ଥିତ ଅତିଥିବୃନ୍ଦ ସ୍ୱର୍ଗତ ମନମୋହନ ସିଂହଙ୍କ କୀର୍ତିକ ଓ କୃତି ଉପରେ ବିଶଦ ଆଲୋକପାତ କରିଥିଲେ । ସ୍ୱର୍ଗତ ସିଂହଙ୍କ ବ୍ୟକ୍ତିତ୍ୱ, ୧୦ବର୍ଷର ପ୍ରଧାନମନ୍ତ୍ରୀତ୍ୱ କାଳ ଅର୍ଥମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟଦକ୍ଷତା, ଜୀବନ ସଂଘର୍ଷ ଓ ସଫଳତା ଉପରେ ସମ୍ମାନିତ ବକ୍ତାମାନେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡ଼ିର ଅମର ପଟ୍ଟନାୟକ ଓ ଲେନିନ୍ ମହାନ୍ତି, ସିପିଏମ୍‌ର ଦୁଷ୍ମନ୍ତ ଦାସ, ସିପିଆଇର ରାମକୃଷ୍ଣ ପଣ୍ଡା ଓ ଆଶିଷ କାନୁନଗୋ, ସିପିଆଇ (ଏମ୍-ଏଲ) ଲିବରେସନର ଯୁଧିଷ୍ଠିର ମହାପାତ୍ର, ଆମ୍ ଆଦମୀ ପାର୍ଟିର ସଞ୍ଜୀବ ଦାସ, ଫରୱାର୍ଡ଼ ବ୍ଲକର ଜ୍ୟୋତିରଞ୍ଜନ ମହାପାତ୍ର, ଅର୍ଥନୀତି ବିଶାରଦ ଦିଲ୍ଲୀପ ବିଶୋୟୀ, ରାଜୀବ ସାହୁ, ଅମର ପ୍ରଧାନ, ଶରତ ରାଉତ, ୱାସିର ନୱାଜ, ସିପ୍ରା ମଲ୍ଲିକ, ଅଖିଳେଶ ଯାଦବ, ସତ୍ୟପ୍ରକାଶ ନାୟକ ପ୍ରମୁଖ ସ୍ୱର୍ଗତ ସିଂହଙ୍କର ସ୍ମୃତିଚାରଣ କରିଥିଲେ । ଅମିୟ ପାଣ୍ଡବ ପ୍ରାରମ୍ଭିକ ଭାଷଣ ଦେବା ସହ ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ସରକାର ଏଚ୍‌ଏମ୍‌ପିଭି ଭାଇରସ ଉପରେ ନିଜସ୍ୱ ନିର୍ଦ୍ଦେଶାବଳୀ ଜାରି କରନ୍ତୁ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ତିନି ଦିନିଆ ପ୍ରବାସୀ ଭାରତୀୟ ଦିବସ ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି । ନିଶ୍ଚିତ ଭାବେ ଆମ ରାଜ୍ୟ ପାଇଁ ଏହା ଏକ ଗୌରବର କଥା । ସେ ପ୍ରବାସୀ ଭାରତୀୟ ଦିବସ ହେଉ କି ଡିଜି ସମ୍ମିଳନୀ ହେଉ, ବିଗତ କିଛି ବର୍ଷରେ ଓଡିଶା ଭିତିଭୂମି ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଯେଉଁଥିପାଇଁ ଆଜି ଏଭଳି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କାର୍ଯ୍ୟକ୍ରମ ଓଡ଼ିଶାରେ ଆୟୋଜିତ ହୋଇପାରୁଛି । ଏହି ଭିତିଭୂମିର ବିକାଶ ଓ ଓଡିଶାକୁ ଆକର୍ଷଣର କେନ୍ଦ୍ରବିନ୍ଦୁ କରିବାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବରିଷ୍ଠ ମିଡ଼ିଆ ସଂଯୋଜକ ପ୍ରତାପ ଜେନା କହିଛନ୍ତି । ଦେଶରେ ସମ୍ପ୍ରତି ଏଚଏମପିଭି ଭାଇରସ ଚାରି ରାଜ୍ୟରେ ଚିହ୍ନଟ ହୋଇସାରିବା ପରେ ଏହାର ପ୍ରଭାବକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଲୋକ ମାନଙ୍କୁ ଆତଙ୍କିତ ନହେବାକୁ ଅନୁରୋଧ କରିଛନ୍ତି । କିନ୍ତୁ କେବଳ କେନ୍ଦ୍ରର ନିର୍ଦ୍ଦେଶାବଳୀକୁ ଅପେକ୍ଷା ନକରି ବିଶେଷଜ୍ଞ ମାନଙ୍କ ମତ ନେଇ ଆବଶ୍ୟକ ସତର୍କମୂଳକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଆମେ ଦାବି ଜଣାଉଛୁ । କର୍ଣ୍ଣାଟକ ରାଜ୍ୟ ଆଜି ତାଙ୍କ ରାଜ୍ୟ ପାଇଁ ଏକ ନିଦ୍ରେଦଶାବଳୀ ଜାରି କରିଛନ୍ତି । ତେଣୁ ରାଜ୍ୟ ସରକାରଙ୍କୁ ଅନୁରୋଧ, ତୁରନ୍ତ ନିଜସ୍ୱ ନିର୍ଦ୍ଦେଶାବଳୀ ଜାରି କରନ୍ତୁ ବୋଲି ଶ୍ରୀ ଜେନା କହିଥିଲେ ।

## ପାର୍ଟ ପ୍ଲଟ ବିକ୍ରି ପାଇଁ ମୋଡାଲିଟି ପ୍ରସ୍ତୁତ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପାର୍ଟ ପ୍ଲଟ ବିକ୍ରି ନେଇ ବଢ଼ିଲା ଆଶା । ୫୦୦୦ ସ୍କୋୟାର ଫୁଟ ପ୍ଲଟ ବିକ୍ରି ପାଇଁ ମୋଡାଲିଟି ପ୍ରସ୍ତୁତ କରିବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବାଧକ ସାଜିଥିବା ଆଇନରେ ସଂଶୋଧନ ପାଇଁ ଡ୍ରାଫ୍ଟ ପ୍ରପୋଜାଲ ତିଆରି ପାଇଁ ନଗର ଉନ୍ନୟନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପାର୍ଟ ପ୍ଲଟ ବିକ୍ରି ନେଇ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବସିଥିଲା ବୈଠକ । ଯେଉଁଥିରେ ନଗର ଉନ୍ନୟନ ମନ୍ତ୍ରୀ, ରାଜସ୍ୱ ଏବଂ ନଗର ଉନ୍ନୟନ ସଚିବଙ୍କ ଉଭୟ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକ ପରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ,ସମସ୍ୟାର ସମାଧାନ ଦୁଇ ପାଦ ଆଗକୁ ଯାଇଛି । ୪ ଟି ପର୍ଯ୍ୟାୟରେ ଏହାର ସମାଧାନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ସରକାର । ଓଡିଶା ଡେଭେଲପମେଂଟ ଅଥୋରିଟିର ଧାରା ୧୫, ୧୬ ସଂଶୋଧନ ଆବଶ୍ୟକତା ଅଛି । ଗୁଡ଼ିଏ ଆଇନର ପରସ୍ପର ବିରୋଧୀ ଧାରାକୁ ନେଇ ସମସ୍ୟା ରହିଛି । ଯେଉଁ ଆଇନର ଆବଶ୍ୟକତା ନେଇ ସମାଧାନ କରିବୁ । ଏହା ସହ ରାଜ୍ୟ ଆଇନକୁ କେନ୍ଦ୍ର ଆଇନ ରେଳରେ ପଡିବ । ୫୦୦୦ ସ୍କୋୟାର ଫୁଟ ଯାଏଁ ଜମି ବିକ୍ରିରେ ଥିବା ବାଧକକୁ ଶେଷ କରିବାକୁ ଯାଉଛୁ । ଆଇନ ସଂଶୋଧନ ସହ ଡ୍ରାଫ୍ଟ ପ୍ରସ୍ତାବ ପାଇଁ ନଗର ଉନ୍ନୟନ ବିଭଗକୁ ଦାୟିତ୍ୱ ଦିଆଯାଇଛି । ରେରା ସହ ଆଲୋଚନା କରି ସେମାନେ ପ୍ରସ୍ତୁତ କରିବେ । ଡ୍ରାଫ୍ଟ ପ୍ରସ୍ତାବ ଆସିବା ପାରେ ଆବଶ୍ୟକୀୟ ସଂଶୋଧନ ହେବ । ଏହା ସହ ବିଗତ ସମୟରେ ହୋଇଥିବା ପାର୍ଟ ପ୍ଲଟ ରେଜିଷ୍ଟ୍ରେସନର ବି ଯାଞ୍ଚ କରିବେ ସରକାର । ଭୁବନେଶ୍ୱର ଆଖପାଖ ଅଂଚଳରେ ପାର୍ଟ ପ୍ଲଟ ରେଜିଷ୍ଟ୍ରି ଅଧିକାରୀ ଅଛନ୍ତି ସେମାନଙ୍କ ତଥ୍ୟ ରାଜସ୍ୱ ବିଭାଗ ପାଖରେ ପହଂଚିଛି । ୩୧ ଜଣ ଅଧିକାରୀଙ୍କ ବିରୋଧରେ ତଥ୍ୟ ହସ୍ତଗତ ହୋଇଛି । ତାର ଯାଂଚ କରି ବେଆଇନ ଭାବେ କରିଥିଲେ କାର୍ଯ୍ୟାନୁଷ୍ଠାନ ହେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

## ବିକଶିତ ଭାରତ ଗଠନରେ ଯୁବ ସମୁଦାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ଜାନୁଆରୀ ମାସରେ ନୂଆ ଦିଲ୍ଲୀ ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଯୁବ ଉତ୍ସବରେ ଅଂଶ ଗ୍ରହଣ କରୁଥିବା ୭୫ ଜଣିଆ ଓଡ଼ିଶା ଯୁବ ପ୍ରତିନିଧି ଦଳର ସଫଳତା କାମନା କରିଛନ୍ତି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍ପାଟି । ଜାନୁଆରୀ ୭ ତାରିଖ ମଙ୍ଗଳବାର ଦିନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଯୁବ ପ୍ରତିନିଧି ଦଳକୁ ସମ୍ବୋଧିତ କରି ସେମାନେ ଗର୍ବ ସହକାରେ ଦୃଢ଼ ମନୋବଳ ନେଇ ଜାତୀୟ ଯୁବ ଉତ୍ସବରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବାକୁ ରାଜ୍ୟପାଳ ଅନୁପ୍ରେରିତ କରିଥିଲେ । ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିକଶିତ ଭାରତ ଏକ ପରିକଳ୍ପନା ନୁହେଁ ବଂର ଏହା ଏକ ସାମୁହିକ ଅଭିଯାନ । ଭାରତ ସ୍ୱାଧିନତାର ୧୦୦ ବର୍ଷ ପୂରଣ ପରିପ୍ରେକ୍ଷୀରେ ୨୦୪୭ ମସିହା ସୁଦ୍ଧା ଆମେ ବିକଶିତ ଭାରତ ଆଡ଼କୁ ଗତି କରୁଛୁ । ଏକ ବିକଶିତ ଭାରତ ପାଇଁ ଯୁବ ସମୁଦାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯୁବକମାନେ ହେଉଛନ୍ତି ଭବିଷ୍ୟତର ନିର୍ମାତା । ଏ କ୍ଷେତ୍ରରେ ଯୁବବର୍ଗର ଅଂଶ ଗ୍ରହଣ ଓଡ଼ିଶାକୁ ଗର୍ବିତ କରିବା ସହିତ ଜାତୀୟ ଅଭ୍ୟୁଦୟକୁ ସୁଦୃଢ଼ କରିବ ବୋଲି ରାଜ୍ୟପାଳ କହିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବକ୍ତବ୍ୟ ପ୍ରଦାନ କରି ଯୁବ ପ୍ରତିନିଧି ଦଳକୁ ଉତ୍ସାହିତ କରିଥିଲେ । କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଳପତ୍ର ପୋଥିରେ ଲିଖିତ ରାମାୟଣ ଦେଖିବେ ପ୍ରବାସୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସଂଗ୍ରହାଳୟରେ ପ୍ରବାସୀଙ୍କ ପାଇବେ ନିଆରା ଅନୁଭୂତି । ତାଳପତ୍ର ପୋଥିରେ ଲିଖିତ ରାମାୟଣ ଦେଖିବେ ପ୍ରବାସୀ । ସେଥିପାଇଁ ଓଡ଼ିଆ ମ୍ୟୁଜିୟମରେ ସ୍ୱତନ୍ତ୍ର ଗ୍ୟାଲେରୀ ନିର୍ମାଣ କରାଯାଇଛି ଯେଉଁଠାରେ ତାଳପତ୍ର ପୋଥିରେ ଚିତ୍ରିତ ହୋଇଛି ରାମାୟଣ ଘଟଣାବଳୀ । ଷ୍ଟେଟ ମ୍ୟୁଜିୟମରେ ମିଠା ଓ ପିଠାର ମଜା ନେଇପାରିବେ ପ୍ରବାସୀ ଭାରତୀୟ ସେଥିପାଇଁ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପାରମ୍ପରିକ ଖାଦ୍ୟ ପରଷା ଯାଉଛି ।

## ଲିଙ୍ଗରାଜ ମନ୍ଦିରରେ ପ୍ରବାସୀଙ୍କୁ ସ୍ୱାଗତ କରିବେ ସେବା ପ୍ରତିନିଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟଙ୍କୁ ଲିଙ୍ଗରାଜ ମନ୍ଦିରରେ ସ୍ୱାଗତ କରିବେ ସେବା ପ୍ରତିନିଧି । ୧୮ ତମ ପ୍ରବାସୀ ଭାରତୀୟ ଦିବସ ଅବସରରେ ବିଦେଶରୁ ଆସୁଥିବା ଅତିଥିଙ୍କୁ ସ୍ୱାଗତ କରିବାକୁ ସେବା ପ୍ରତିନିଧି ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି ।

## ୫ଦିନ ମଧ୍ୟରେ କ୍ଷତିପୂରଣ ବଣ୍ଟା ସରିବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପାଞ୍ଚ ଦିନ ଭିତରେ ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତିର ଆର୍ଥିକ ସହାୟତା ଚାଷୀଙ୍କ ପାଖେ ପହଂଚିଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଗତ ଡିସେମ୍ବର ୩୦ ତାରିଖରେ ୨୯୨ କୋଟି କ୍ଷତିପୂରଣ ହୋଇଥିବା ରିପୋର୍ଟ ଜିଲ୍ଲାପାଳମାନଙ୍କ ପାଖରୁ ଆସିଥିଲା । ଏହି ଅର୍ଥ ଅନଲାଇନରେ ଜିଲ୍ଲାପାଳମାନଙ୍କୁ ଦିଆସାରିଲାଣି । ଅର୍ଥ ଚାଷୀଙ୍କୁ ଆବଂଟନ ଆରମ୍ଭ ହେଲାଣି । ପାଞ୍ଚ ଦିନ ଭିତରେ ରାଜସ୍ୱ ବିଭାଗର ଅର୍ଥ ରାଶି କ୍ଷତିପୂରଣ ଭାବେ ପହଂଚିଯିବ । ଦୁଇ ଦିନ ହେଲା ସହାୟତା ରାଶି ପ୍ରଦାନ ଆରମ୍ଭ ହୋଇଛି, ପାଞ୍ଚ ଦିନ ଭିତରେ ଶେଷ ହେବ । ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୫ ହଜାର ଓ ଅଣ ଜଳସେଚିତ ଜମି ପାଇଁ ୭୫୦୦ ଟଙ୍କା ରହିଛି । ୧୪ ଜିଲ୍ଲାରେ ଅଦିନିଆ ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଛି । ଆଉ ଦୁଇ ଜିଲ୍ଲାରେ ବି ଆଂଶିକ କ୍ଷତି ହୋଇଛି । ପୁରୀରେ ସର୍ବାଧିକ କ୍ଷତି ହୋଇଥିଲା, ତା ପଛକୁ ଗଞ୍ଜାମ ଜିଲ୍ଲା ରହିଛି । ଧାନ, ପନିପରିବା, ଚିନା ବାଦାମ ଓ କପା ବି ନଷ୍ଟ ହୋଇଛି । କ୍ଷତି ସହିଛନ୍ତି ପାଖାପାଖି ୬ ଲକ୍ଷ ୬୬ ହାଜର ୭୨୦ ଚାଷୀ । ଚାଷ ଜମି କ୍ଷତି ୨ ଲକ୍ଷ ୨୬ ହଜାର ୭୯୧.୨୭ ହେକ୍ଟର ହୋଇଛି ।

## ଅଚ୍ୟୁତ ସାମନ୍ତଙ୍କୁ ପ୍ରଥମ ପିଆଇଓ ଏକ୍‌ସଲେନ୍ସ ସମ୍ମାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ୮ତାରିଖରୁ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ଗ୍ଲୋବାଲ୍ ଅର୍ଗାନାଇଜେସନ୍ ଅଫ୍ ପିପୁଲ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଗୋପିଓ)ର ସଦସ୍ୟମାନେ ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । ଏହି ଅବସରରେ କିସ୍ ପରିଦର୍ଶନ କରି କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସେମାନେ ସମ୍ବୋଧିତ କରିବା ପରେ କିଟ୍ ପରିସରରେ ଆୟୋଜିତ 'ଭାରତ ୨୦୨୫ ଏବଂ ଭାରତୀୟ ବଂଶୋଦ୍ଭବ- ଏକ ଭାବ ବିନିମୟ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱର ୩୦ଟି ଦେଶର ୧୪୦ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଏହି ଅବସରରେ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଥମ ପିଆଇଓ ଏକ୍‌ସଲେନ୍‌ସ ସମ୍ମାନ ପ୍ରଦାନ କରାଯାଇଥିଲା । ଶିକ୍ଷା ଓ ଜନଜାତି ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ଓଏସ୍‌ଡି ସନ୍‌ମୁଗନ୍ ମୁକ୍କାନ ଓ ଜେଏନ୍‌ୟୁର ଇଣ୍ଟରନ୍ୟାସ୍‌ନାଲ୍ ଷ୍ଟଡିଜ୍ ବିଭାଗ ମୁଖ୍ୟ ପ୍ରଫେସର ଅଜୟ କୁମାର ଦୁବେଙ୍କୁ ମଧ୍ୟ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍‌ର ସଭାପତି ଡ. ପୋନୁସାମି ମୁଥେୟା, ଉପସଭାପତି ବିନୟ ଦୁସୋୟେ ଓ ମହାସଚିବ ଏ ରବୀନ୍ଦ୍ରନ୍ ଅର୍ଜୁନନ୍ ପ୍ରମୁଖ ଯୋଗ ଦେଇ ଏହି ସମ୍ମିଳନୀ ଭାରତୀୟ ବଂଶୋଦ୍ଭବ ଓ ଭାରତୀୟଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଦୃଢ଼ କରିବ ବୋଲି ମତ ପୋଷଣ କରିଥିଲେ । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟରେ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍ ଚେୟାର ପ୍ରତିଷ୍ଠା ନେଇ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍ ଓ କିଟ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣାପତ୍ରରେ କିଟ୍ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଓ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍ ଫକ୍ଷରୁ ଏହାର ମହାସଚିବ ଏ ରବୀନ୍ଦ୍ରନ୍ ଅର୍ଜୁନନ୍ ସ୍ୱାକ୍ଷର କରିଥିଲେ । ଗୋପିଓ ସଦସ୍ୟମାନେ ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଅଭିଭୂତ ହୋଇ ଶ୍ରୀ ସାମନ୍ତଙ୍କ ଏଭଳି ଉତ୍ସର୍ଗୀକୃତ ଓ ମାନବୀୟ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସଭାପତିତ୍ୱ କରିଥିଲେ ଓ ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ ଧନ୍ୟବାଦ ପ୍ରଦାନ କରିଥିଲେ ।

## ମାର୍ଚ୍ଚ ୨୯ରେ ବାର୍ ଆସୋସିଏସନ୍ ନିର୍ବାଚନ

କଟକ(ଭାସ୍କର ନ୍ୟୁଜ): ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ସମସ୍ତ ବାର୍ ଆସୋସିଏସନ୍‌ର ନିର୍ବାଚନ ଅନୁଷ୍ଠିତ ହେବ । ରାଜ୍ୟ ଆଇନଜୀବୀ ପରିଷଦ ସହ ଅନୁବନ୍ଧିତ ରାଜ୍ୟର ସମସ୍ତ ବାର୍ ଆସୋସିଏସନ୍‌ର ଏହି ଦିନ ନିର୍ବାଚନ ଅନୁଷ୍ଠିତ ହେବ । ୱାନ୍ ବାର୍ ୱାନ୍ ଭୋଟ ନିୟମ ଲାଗୁ କରାଯିବା ପରେ ରାଜ୍ୟର ସମସ୍ତ ବାର୍ ଆସୋସିଏସନ୍‌ରେ ଗୋଟିଏ ଦିନ ନିର୍ବାଚନ କରାଯାଉଛଇ ବୋଲି ଏ ସମ୍ପର୍କରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କୁହାଯାଇଛି ।

## ହଂସିତାଙ୍କ ଘରେ ଆୟକର ରେଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରୁ ହାଇପ୍ରୋଫାଇଲ ଠକ ଦମ୍ପତି ଗିରଫ ଘଟଣା । ଅଭିଯୁକ୍ତ ଅନିଲ ମହାନ୍ତିଙ୍କ କମ୍ପାନୀ ଉପରେ ଆୟକର ବିଭାଗ ଚଢ଼ାଉ କରିଛି । ଅଫିସ ସମେତ ଘରେ ମଧ୍ୟ ଚଢ଼ାଉ ହୋଇଛି । ଅନିଲଙ୍କ ସ୍ତ୍ରୀ କୁହାଯାଉ ଥିବା ହଂସିତାଙ୍କ ଘରେ ମଧ୍ୟ ଆୟକର ବିଭାଗ ରେଡ କରିଛି । ରେଡ ବେଳେ ଅନିଲଙ୍କ ଦୁଇ କମ୍ପାନୀର କାଗଜ ପତ୍ର ଯାଂଚ କରାଯାଇଛି । ଅନିଲ ଓ ହଂସିତାଙ୍କୁ ଠକେଇ ଅଭିଯୋଗରେ ଗିରଫ କରି ଜେଲ ପଠାଇଛି କମିଶନରେଟ ପୋଲିସ ।

## ରେଭେନ୍ସାରେ ଭାରତୀୟ ପାରମ୍ପରିକ ଜ୍ଞାନ ବିଜ୍ଞାନ ଯୁଥ୍ କନ୍‌କ୍ଲେଭ୍

କଟକ(ଭାସ୍କର ନ୍ୟୁଜ): ପାଶ୍ଚାତ୍ୟର ସାମଗ୍ରିକ ଅନୁକରଣ ନକରି ଆତ୍ମନିର୍ଭର ନୀତି ଅବଲମ୍ବନ କରିବାକୁ ପଡିବ । ଭାରତୀୟ ପାରମ୍ପରିକ ଜ୍ଞାନ ବିଜ୍ଞାନକୁ ଅଂଗୀକାର କରି ଜୀବନ ଜୀବିକା ସହ ଯୋଡ଼ି ପୁନଃ ପ୍ରତିଷ୍ଠିତ କଲେ ସ୍ଥାୟୀ ବିକାଶ ସମ୍ଭବ ହେବ ବୋଲି ଆଇଆଇଟି କାନପୁରର ଏଇରୋସ୍ପେସ ଇଂଜିନିୟରିଂର ବରିଷ୍ଠ ପ୍ରଫେସର ତଥା କୋଲକାତା ସ୍ଥିତ ଏନଆଇଟିଟିଟିଆର୍‌ର ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସାଦ ମିଶ୍ର ମତବ୍ୟକ୍ତ କରିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ତଥା ଭାରତୀୟ ପାରଂପରିକ ଜ୍ଞାନ ବିଜ୍ଞାନ ସମାଜ ଦ୍ୱାରା ମିଳିତ ଭାବେ ଆୟୋଜିତ ଯୁଥ୍ କନକ୍ଲେଭରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର ମିଶ୍ର କହିଲେ ଯେ ଭାରତ ଜ୍ଞାନ ବିଜ୍ଞାନର ଦେଶ । ଭାରତୀୟମାନେ ଜ୍ଞାନ ପିପାସୁ । ଭାରତୀୟ ଭାଷା ଓ ବ୍ୟବହାର ବିଜ୍ଞାନ ସମ୍ମତ । ଜ୍ଞାନ ଆହରଣ ପାଇଁ ଭାରତୀୟ ମାନଙ୍କର ସତତ ଇଚ୍ଛା ଥାଏ । ଭାରତୀୟ ମାନେ ଦେବଗୁଣର ଅଧିକାରୀ ହୋଇଥିବାରୁ ଏ ଦେଶକୁ ଦେବଭୂମି ଭାରତ କୁହାଯାଏ । ଭାରତୀୟ ମାନଙ୍କ ଦୃଷ୍ଟିରେ ଜ୍ଞାନ ହେଉଛି ପରମ ଅବସ୍ଥା ଯେଉଁଥିରେ ମାନବ ଭବ୍ୟତା ଓ ଦିବ୍ୟତା ଅନୁଭବ କରେ । ଭାରତୀୟ ପାରମ୍ପରିକ ଜ୍ଞାନ ବିଜ୍ଞାନ ସମାଜର ସାଧାରଣ ସମ୍ପାଦକ ଡକ୍ଟର ରାଜୀବ ଲୋଚନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷା ସଂକାୟର ଡିନ ପ୍ରଫେସର ସୁଦର୍ଶନ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସଂଯୋଜକ ଡକ୍ଟର ବିକଳି ଚରଣ ଦାସ ଯୁଥ କନକ୍ଲେଭର ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ଏହି ଯୁଥ କନକ୍ଲେଭରେ କଟକ ମହାନଗରର ବୋର୍ଡ ହାଇସ୍କୁଲ ସମେତ ୧୦ଟି ଚୟନିତ ମାଧ୍ୟମିକ ବିଦ୍ୟାଳୟ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ର ଛାତ୍ରୀ ଗବେଷକମାନଙ୍କ ଦ୍ୱାରା ଭାରତୀୟ ପାରମ୍ପରିକ ଜ୍ଞାନ ବିଜ୍ଞାନ ଆଧାରିତ ୮୫ଟି ପ୍ରୋଜେକ୍ଟ ପ୍ରଦର୍ଶିତ ହୋଇଥିଲା । ଡକ୍ଟର ଅଜୟ ମିଶ୍ରଙ୍କ ପ୍ରାୟୋଜିତ ମିଶ୍ର ଶାଳ ପ୍ରଦର୍ଶନୀରେ ଓଡ଼ିଶାର ଲୁପ୍ତପ୍ରାୟ ପାରମ୍ପରିକ ଉପକରଣଗୁଡ଼ିକ ସ୍ଥାନ ପାଇଥିଲା । ଏହି ଅବସରରେ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସଭାପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଭାରତୀୟ ପାରମ୍ପରିକ ଜ୍ଞାନ ବିଜ୍ଞାନ ସମାଜର ରେଭେନ୍ସା ଚାପ୍ଟର ଘୋଷଣା କରିଥିଲେ । ଏହି ଅବସରରେ ଭାରତୀୟ ପାରଂପରିକ ଜ୍ଞାନ ବିଜ୍ଞାନ ସମାଜ ର ମୁଖପତ୍ର ଉନ୍ମୋଚିତ ହୋଇଥିଲା । ଡକ୍ଟର ଶରତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

### ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୫ତମ ପ୍ରତିଷ୍ଠା ଦିବସ ପାଳିତ

## ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ ପାଇଁ ସଙ୍କଳ୍ପବଦ୍ଧ ଉଦ୍ୟମ ଜାରି ରହୁ: ଜଙ୍ଗଲମନ୍ତ୍ରୀ



ବାରଙ୍ଗ/ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୫ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ ଯେ, ୬୫ ବର୍ଷ ତଳେ ୧୯୬୦ ମସିହା ଡିସେମ୍ବର ମାସ ୨୯ ତାରିଖରେ 'ନନ୍ଦନକାନନ ପ୍ରାଣୀ ଉଦ୍ୟାନ' ପ୍ରତିଷ୍ଠିତ ହୋଇଥିଲା । ଧିରେ ଧିରେ ଏହା ବିକଶିତ ହୋଇ ଭାରତର ଏକ ସୁନାମଧନ୍ୟ ପ୍ରାଣୀ ଉଦ୍ୟାନ ଭାବରେ ପରିଗଣିତ ହେବା ସହିତ ଭାରତର ପ୍ରଥମ ପ୍ରାଣୀ ଉଦ୍ୟାନ ଭାବେ 'ବିଶ୍ୱ ପ୍ରାଣୀ ଉଦ୍ୟାନ ଓ ମତ୍ସ୍ୟାଗାର ସଂଘ'ର ସଦସ୍ୟ ହୋଇପାରିଛି । କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣର ସମସ୍ତ ନିୟମ ପାଳନ କରି ନନ୍ଦନକାନନ ଆଜି ବନ୍ୟଜନ୍ତୁ ସଂରକ୍ଷଣ, ଶିକ୍ଷା ସଚେତନତା ଓ ବନ୍ୟପ୍ରାଣୀ ଗବେଷଣାରେ ଦେଶର ପ୍ରାଣୀ ଉଦ୍ୟାନ ମାନଙ୍କ ମଧ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୨୦୧୯ ମସିହାରେ ଚନ୍ଦକା ଅଭୟାରଣ୍ୟ ଚୁଡଙ୍ଗ-କୃଷ୍ଣନଗରର ୬୦୬.୨୨ ହେକ୍ଟର ପରିମାଣର ଜାଗା ପ୍ରଶାସନିକ ଓ ପରିଚାଳନା ପାଇଁ ନନ୍ଦନକାନନ ଅଧୀନକୁ ହସ୍ତାନ୍ତର କରାଯାଇଛି । ଏଥିସହିତ ନନ୍ଦନକାନନ ପରିସର ୧୦୪୩.୩୨ ହେକ୍ଟରକୁ ବୃଦ୍ଧି ପାଇଛି । ବର୍ଷକ ମଧ୍ୟରେ ପ୍ରାଣୀ ଉଦ୍ୟାନକୁ ୩୬ ଲକ୍ଷରୁ ଉର୍ଦ୍ଧ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ନନ୍ଦନକାନନ ୨୧ କୋଟିର ରାଜସ୍ୱ ଆଦାୟ କରିଥିଲା ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ମନ୍ତ୍ରୀ ଚିଡିଆଖାନା ପାଠାଗାର ଓ ଡିଜିଟାଲ କେନ୍ଦ୍ର, ନବୀକୃତ ଭାଲୁ ଖୁଆଡ, ସଂରକ୍ଷଣ ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦଘାଟନ କରିଥିଲେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳଓ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ନନ୍ଦନକାନନ ସମ୍ବନ୍ଧୀୟ ବହୁ ତଥ୍ୟ ଉପସ୍ଥାପନ କରିଥିଲେ । ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି ନାୟାର ସ୍ୱାଗତ ଭାଷଣ ଦେଇଥିଲେ ଓ ଉପନିର୍ଦ୍ଦେଶକ ସନତ କୁମାର ଧନ୍ୟବାଦ ଦେଇଥିଲେ ।

## ପ୍ରବାସୀ ଭାରତୀୟ ଦିବସକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ଦିବସକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ଆସନ୍ତାକାଲିଠୁ ୧୦ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଶ୍ୱର କୋଣଅନୁକୋଣରେ ରହୁଥିବା ଭାରତୀୟ ଓଡ଼ିଶା ଆସୁଛନ୍ତି । ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର । ଏକ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ଟ୍ୱିନସିଟିକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ନିର୍ମଳ କରାଯିବା ସହ ଉତ୍ସବ ମୁଖର କରାଯାଇଛି । ମୁଁ ଆପଣମାନଙ୍କୁ ନିବେଦନ କରୁଛି ଯେ ଏହି ଅବସରରେ ଆପଣମାନେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରନ୍ତୁ ଏବଂ ଯଥୋଚିତ ସମ୍ମାନ ପ୍ରଦର୍ଶନ କରନ୍ତୁ । ଆସନ୍ତୁ, ଆମେ ସମସ୍ତେ ମିଶି ପ୍ରବାସୀ ଭାରତୀୟ ଦିବସକୁ ସଫଳ କରିବା ଏବଂ ପ୍ରବାସୀମାନେ ଯେପରି ଓଡ଼ିଶାରେ ହିଁ ତାଙ୍କ ଜୀବନର ସବୁଠାରୁ ଭଲ ଅନୁଭୂତି ପାଇବେ ସେ ଦିଗରେ ପ୍ରଚେଷ୍ଟା କରିବା ।

### ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଉଦ୍‌ଘାଟିତ

# କେଉଡ଼େ ଛନ୍ଦ ଜାଣେ ଲୋ ସହି...

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି । ଏହି ପାଞ୍ଚ ଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ବିଦେଶ, ଦେଶ ତଥା ରାଜ୍ୟର ପ୍ରାୟ ୩୫୦ରୁ ଅଧିକ କଳାକାର ଯୋଗଦାନ କରୁଅଛନ୍ତି । ଚଳିତ ବର୍ଷ ଏହି ଉତ୍ସବ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅବସରରେ ଆୟୋଜନ କରାଯାଉଛି । ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବା ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ପ୍ରବାସୀ ତଥା ପ୍ରତିନିଧିମାନଙ୍କ ଦ୍ୱାରା ଏହି ଉତ୍ସବକୁ ଦେଖିବାର ଲକ୍ଷ୍ୟ ରଖାଯାଇଛି । ଉଦ୍‌ଘାଟନୀ ସଂଧ୍ୟାର ଅତିଥିମାନେ ଥିଲେ ସୁବିଖ୍ୟାତ ସଙ୍ଗୀତ





ବିଶାରଦା ଶ୍ୟାମାମଣୀ ଦେବୀ, ବିଶିଷ୍ଟ ସଂସ୍କୃତ ବିଶାରଦ ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଦେବ ପ୍ରସାଦ ଦାଶ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର । ପ୍ରଥମେ ଏକକ ନୃତ୍ୟ ପର୍ଯ୍ୟାୟରେ ବିଶିଷ୍ଟ ନୃତ୍ୟଶିଳ୍ପୀ କୁମ୍‌କୁମ୍ ମହାନ୍ତିଙ୍କ ଦ୍ୱାରା ପ୍ରଥମେ ଶ୍ରୀରାମ ବନ୍ଦନା ପରେ ଗୀତଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀ ଯାମୀ ହେ ପରିବେଷିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ପବିତ୍ର କୁମାର ପ୍ରଧାନଙ୍କ ଦ୍ୱାରା ଅଭିନୟ ପ୍ରକୃତି ପୁରୁଷ ଏବଂ ଦ୍ୱୈତ୍ୟ ନୃତ୍ୟ ପର୍ଯ୍ୟାୟରେ ରାକ୍ଷୀ ଏସ୍.ଏସ୍ ଓ ଅର୍ଚ୍ଚନା ବାସୁଙ୍କ ଦ୍ୱାରା ମଧୁବନ୍ତି ପଲ୍ଲବୀ ପରିବେଷିତ ହୋଇଥିଲା । ପରବର୍ତ୍ତୀ ପରିବେଷଣରେ ଥିଲା ଏକକ ନୃତ୍ୟ ପର୍ଯ୍ୟାୟରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ସୁକନ୍ୟା ଗାୟତ୍ରୀ ରଣବୀରଙ୍କ ଦ୍ୱାରା ସାଭିନୟ ପଲ୍ଲବୀ ପରେ ପରେ ସୌମ୍ୟା ବୋଷଙ୍କ ଦ୍ୱାରା ଅଭିନୟ କେଉଡ଼େ ଛନ୍ଦ ଜାଣେ ଲୋ ସହି, ଶକ୍ତି ସମ୍ପର୍ଣ୍ଣ ପରିଡ଼ା ଓ ସୁଚିସ୍ମିତା ସାହୁଙ୍କ ଦ୍ୱାରା ନଦୀ ଓ ନାରୀ, ଦୁସାଶନ ସାହୁଙ୍କ ଦ୍ୱାରା ହଂସକଲ୍ୟାଣୀ ପଲ୍ଲବୀ ପରିବେଷିତ ହୋଇଥିଲା । ପରବର୍ତ୍ତୀ ନୃତ୍ୟଟି ଥିଲା ଏକକ ନୃତ୍ୟ ପର୍ଯ୍ୟାୟରେ ମିନାକ୍ଷୀ ରାଣୀ ଜେନାଙ୍କ ଦ୍ୱାରା ଶିବାଷ୍ଟକମ୍ ଓ ଶେଷରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ଦ୍ୱିଲୀରୁ ଆସିଥିବା ସାରନ୍ ଲୋରେନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ମାନସ - ଆର୍ଟ ଉଇଦାଉଟ୍ ଫ୍ରଣ୍ଟିୟର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ପ୍ରଥମେ ମଙ୍ଗଳା ଚରଣ ପରେ ପରେ ତରଙ୍ଗ ପଲ୍ଲବୀ ପରିବେଷିତ ହୋଇଥିଲା । ଏହି ଉତ୍ସବରେ କଳାପ୍ରେମୀ ପ୍ରବାସୀ ଭାରତୀୟଙ୍କ ସହିତ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼ଃ. ମୃତ୍ୟୁଞ୍ଜୟ ରଥ ।



# ଆମ କଳାହାଣ୍ଡି



ପୃଷ୍ଠା-୧୫
Page-15
ବୁଧବାର, ୦୮ ଜାନୁଆରୀ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ମଞ୍ଚରେ ସ୍ଥାନ ପାଇଲା ଦଣ୍ଡପାଟ ଅଞ୍ଚଳର ଐତିହ୍ୟ

ଧର୍ମଗଡ଼ (ଭାସ୍କର ନ୍ୟୁଜ): ଲୋକକଳା, ସଂସ୍କୃତି, ପରମ୍ପରାର ମହାନ ପର୍ବ ଧର୍ମଗଡ଼ ଉପଖଣ୍ଡସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା -୨୫କୁ ନେଇ ଚଳଚଂଚଳ ହୋଇ ଉଠିଛି ସହରରୁ ଗାଁ । ପ୍ରତିବର୍ଷ କଳାହାଣ୍ଡି ଉତ୍ସବ ଘୁମୁରା ମଞ୍ଚରେ ଜିଲ୍ଲାର କୌଣସି ଐତିହ୍ୟ, ଦର୍ଶନୀୟ ସ୍ଥାନ, ସଂସ୍କୃତିର ପ୍ରତିକୃତିକୁ ସ୍ଥାନ ଦିଆ ଯାଉଥିବାବେଳେ ଚଳିତବର୍ଷ ମଞ୍ଚରେ ଦଣ୍ଡପାଟ ଅଞ୍ଚଳର କିମ୍ବଦନ୍ତୀରୁ ଆନୀତ ଐତିହ୍ୟକୁ ସ୍ଥାପନ କରାଯାଇ ଏକ ଲୁକ୍କାୟିତ କାହାଣୀକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରାଯାଇଛି । ଯାହା ରାଜାରାଜୁଡ଼ା ଅମଳର ଏକ ସ୍ୱତନ୍ତ୍ର ଭୂଖଣ୍ଡ ଦଣ୍ଡପାଟ ଅଞ୍ଚଳର ପରିଚୟକୁ ଅଧିକ ଋଦ୍ଧିମନ୍ତ କରିଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ଭିତରେ ବେଶ ଉତ୍ସାହ ଦେଖାଦେଇଛି । ଦଣ୍ଡପାଟ ଅଞ୍ଚଳ ନାମକରଣ ପଛରେ ଏକ ଐତିହାସିକ ପୃଷ୍ଠଭୂମି ରହିଛି । ଏହାର କୌଣସି ପ୍ରାମାଣିକ ତଥ୍ୟ ନ ଥିଲେ ବି ଜନଶ୍ରୁତି ଅନୁଯାୟୀ ଏକ ବୀରତ୍ୱପୂର୍ଣ୍ଣ ଗାଥା ରହିଛି । ଦଣ୍ଡପାଟ ଅଞ୍ଚଳ କଥା ଉଠିଲେ ସାଧାରଣ ଭାବେ ଡହଗାଁ, ବାଙ୍କିମୁଣ୍ଡା, ଗୋଡୋମୁଣ୍ଡା ଓ ବେହେରାକୁ ବୁଝାଯାଏ । ବର୍ତ୍ତମାନ ବେହେରା ଦଣ୍ଡପାଟ ଅଞ୍ଚଳର କେନ୍ଦ୍ର ବିନ୍ଦୁ ପାଲଟିଛି । ବହୁ ପୂର୍ବେ ଏ ଅଞ୍ଚଳ ପୁରୁଣା ଗାଦି ଡହଗାଁ ଥିଲା । ଡହଗାଁ ଗୌନ୍ତିଆ ହାତରେ ଅଞ୍ଚଳର ଖଜଣା ସଂଗ୍ରହ ଓ ଶାସନ ଭାର ଥିଲା । କୁହାଯାଏ



ଡହଗାଁ ଗୌନ୍ତିଆ ଖଜଣା ବାକି ପଡ଼ିଥିଲା । କଳାହାଣ୍ଡି ମହାରାଜା ବକେୟା ଖଜଣା ପାଇଁ ତାଗିଦ କରିଥିଲେ । ଚିନ୍ତାରେ ପଡ଼ିଥିଲେ ଗୌନ୍ତିଆ । ଏହି ସମୟରେ ରାଜପ୍ରାସାଦ ନବୀକରଣ କାମ ଚାଲିଥିଲା । ରାଜ ମହଲରୁ ଡହଗାଁ ଗୌନ୍ତିଆଙ୍କୁ ସାହାଜଖୋଲ ଜଙ୍ଗଲରୁ ଆବଶ୍ୟକ ମୁତାବକ ସାହାଜ ଗଛର କାଠ ବଳା ପହଞ୍ଚାଇବାକୁ ନିର୍ଦ୍ଦେଶ ହୋଇଥିଲା । ଏଥିରେ ଖଜଣା ହ୍ରାସ ହେବ ବୋଲି କହିଥିଲେ ମହାରାଜା । କମ୍ ସମୟ ଭିତରେ କାଠ ନେଇ ରାଜମହଲ ପହଞ୍ଚିବା ସମ୍ଭବ ନ ଥିଲା । ଶେଷରେ ଦେବୀଙ୍କ ନିକଟରେ ଶରଣାପନ୍ନ ହୋଇଥିଲେ । ଦେବୀ ୨ ବାଘ ରୂପରେ ଅବତୀର୍ଣ୍ଣ ହୋଇଥିଲେ । ବାଘ ହଳରେ କାଠବଳା ନେଇ ଗୌନ୍ତିଆ ରାଜ ଦରବାର ଅଭିମୁଖେ ବାହାରି ପଡ଼ିଥିଲେ । ବାଘ ହଳରେ କାଠ ଆସୁଥିବା ଖବର ରାଜାଙ୍କ ପାଖରେ ପହଞ୍ଚିଥିଲା । ରାଜା ଭୟଭୀତ ହୋଇ ସାଂଗେ ସାଂଗେ ରାଜ ପ୍ରାସାଦକୁ ନ ଆସିବାକୁ ଖବର ଦେବା ସହ ଦଣ୍ଡମୁକ୍ତ କରିଥିଲେ । ସେହିଦିନ ଠାରୁ ଦଣ୍ଡମୁକ୍ତ ବା ଦଣ୍ଡପାଟ ଅଞ୍ଚଳ ରୂପେ ପରିଚୟ ପାଇଥିବା କୁହାଯାଏ । ଅନ୍ୟପଟେ ଦଣ୍ଡପାଟର ପ୍ରମୁଖ ଦେବୀଙ୍କ ମଧ୍ୟରେ ଗୋଡୋମୁଣ୍ଡାର ଘାଟି ମୁଡେନ, ବାଙ୍କିମୁଣ୍ଡା - ବେହେରା ଦନ୍ତେଶ୍ୱରୀ ଓ ଡହଗାଁର ଦଣ୍ଡପଟେନ ରହିଛନ୍ତି । କୁହାଯାଏ ଏହି ଦେବୀ ମାନେ ହେଲେ ୩ ଭଉଣୀ । ଦଶହରା ପର୍ବରେ ୩ଟି ଦେବୀଙ୍କ ପୀଠରୁ ପ୍ରତ୍ୟେକ ୯ବର୍ଷ ବ୍ୟବଧାନରେ ଗୋଟିଏ ଦେବୀଙ୍କ ଘଣ୍ଟ ବାହାରି ଥାଏ । ସାରା ଦଣ୍ଡପାଟ ଅଞ୍ଚଳ ପରିଭ୍ରମଣ ଦେବୀ ଶେଷ କଲା ପରେ ପୀଠରେ ଦଶହରା ପର୍ବ ପାଳନ ହୋଇଥାଏ । ଏହି କିମ୍ବଦନ୍ତୀକୁ ଲୋକଲୋଚନକୁ ଆଣିବାକୁ ଚଳିତ କଳାହାଣ୍ଡି ଉତ୍ସବ 'ଘୁମୁରା -୨୫' ମଞ୍ଚରେ ଦଣ୍ଡପାଟ ଅଞ୍ଚଳର ଏହି ଐତିହ୍ୟକୁ ରୂପ ଦେବାକୁ ପ୍ରଶାସନ ପ୍ରୟାସ କରିଛି । ଚିତ୍ରଶିଳ୍ପୀ ହଳଧର ନିଆଲଙ୍କ ନିଆରା ପ୍ରୟାସରେ ନିର୍ମାଣ ହେବାକୁ ଯାଇଛି ମଞ୍ଚ । ଯେଉଁଥିରେ ଗୋଡୋମୁଣ୍ଡା ଦେବୀଙ୍କ ମନ୍ଦିର ସମେତ ଘଣ୍ଟକଳସୀ ଯାତ୍ରା, ଦହଗାଁ ପୀଠ ପୁଜାରୀଙ୍କ ବାଘ ହଳରେ ରାଜପ୍ରାସାଦ ଅଭିମୁଖେ ଯାତ୍ରା, ବାଙ୍କିମୁଣ୍ଡା ପୀଠଘଣ୍ଟ ଯାତ୍ରା ସମେତ ବେହେରା ଦନ୍ତେଶ୍ୱରୀ ମନ୍ଦିର ଓ ଘଣ୍ଟକଳସ ଯାତ୍ରାକୁ ରୂପାୟନ ଦେଉଛନ୍ତି ଚିତ୍ରଶିଳ୍ପୀ ହଳଧର । ଚଳିତବର୍ଷ ମଞ୍ଚ ଜନସାଧାରଣଙ୍କୁ ବେଶ ଆକୃଷ୍ଟ କରି ରଖିବ ବୋଲି ଶ୍ରୀ ନିଆଲ ଆଶା ପ୍ରକଟ କରିଛନ୍ତି । ଏନେଇ ଏକ ଚିତ୍ରଣ ଜାରି କରିଛନ୍ତି । ଯେଉଁଥିରେ ଦଣ୍ଡପାଟ ଅଞ୍ଚଳର ଐତିହ କିମ୍ବଦନ୍ତୀକୁ ଜୀବନ୍ତ କରିଛନ୍ତି ।

## ପ୍ରକାଶିତ ହେଲା ଚୁଡାନ୍ତ ଭୋଟର ତାଲିକା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାରେ ଥିବା ଭୋଟରଙ୍କ ଚୁଡାନ୍ତ ତାଲିକାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, କଳାହାଣ୍ଡି ପାଓ୍ୱାର ସଚିନ ପ୍ରକାଶ ପ୍ରକାଶ କରିଛନ୍ତି । ଏଥିରେ ଜିଲ୍ଲାର ୭୭- ଲାଞ୍ଜିଗଡ଼, ୭୮- ଜୁନାଗଡ, ୭୯- ଧର୍ମଗଡ଼, ୮୦- ଭବାନୀପାଟଣା, ୮୧- ନର୍ଲା ନିର୍ବାଚନ ମଣ୍ଡଳୀରେ ଥିବା ଭୋଟରଙ୍କ ସଂଖ୍ୟା ପ୍ରକାଶିତ ହୋଇଛି । ଚଳିତବର୍ଷ ଜାନୁଆରୀ ୫ ତାରିଖ ସୁଦ୍ଧା ଜିଲ୍ଲାରେ ସର୍ବମୋଟ ୧୨୨୦୩୦୪ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରେ ରହିଛି । ଏହି କ୍ରମରେ କଳାହାଣ୍ଡି ଜିଲ୍ଲାରେ ୬ ଲକ୍ଷ ୧୦ ହଜାର ୫୦୧ ଜଣ ପୁରୁଷ ଭୋଟର ରହିଥିବା ବେଳେ ୬ ଲକ୍ଷ ୯ ହଜାର ୭୩୭ ଜଣ ମହିଳା ଭୋଟରଙ୍କ ସମେତ ୬୬ ଜଣ କିନ୍ନର ଭୋଟରଙ୍କୁ ମିଶାଇ ମୋଟ ୧୨ ଲକ୍ଷ ୨୦ ହଜାର ୩୦୪ ଜଣ ଭୋଟର ରହିଛନ୍ତି । ୨୦୨୪ ବର୍ଷରେ ୯ ହଜାର ୧୧ ଜଣ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଛି । ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳିରେ ୨ ଲକ୍ଷ ୩୪ ହଜାର ୧୭୩ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୩ ହଜାର ୯୩୯ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୨୦ ହଜାର ୨୧୪ ଜଣ ମହିଳା ଓ ୨୦ ଜଣ କିନ୍ନର ଭୋଟର ରହିଛନ୍ତି । ସେହିପରି ଜୁନାଗଡ଼ ନିର୍ବାଚନ ମଣ୍ଡଳିରେ ମୋଟ ଭୋଟର ୨ ଲକ୍ଷ ୪୮ ହଜାର ୮୨୧ ଜଣଙ୍କ ନାମ ଭୋଟର




ତାଲିକାରେ ପ୍ରକାଶିତ ହୋଇଥିବା ବେଳେ ଏଥିରେ ୧ ଲକ୍ଷ ୨୫ ହଜାର ୬୯୨ ଜଣ ପୁରୁଷ ଓ ୧ ଲକ୍ଷ ୨୩ ହଜାର ୧୨୬ ଜଣ ମହିଳା ଭୋଟରଙ୍କ ସମେତ ୩ ଜଣ କିନ୍ନର ଭୋଟର ରହିଥିବା ବେଳେ ଧର୍ମଗଡ଼ ନିର୍ବାଚନ ମଣ୍ଡଳିରେ ମୋଟ ୨ ଲକ୍ଷ ୬୪ ହଜାର ୩୪୨ ଜଣ ଭୋଟର ରହିଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୩୨ ହଜାର ୯୯୫ ପୁରୁଷ ରହିଥିବା ବେଳେ ୧ ଲକ୍ଷ ୩୧ ହଜାର ୩୪୧ ଜଣ ମହିଳା ଭୋଟର ଏବଂ ୬ ଜଣ କିନ୍ନର ଭୋଟର ରହିଛନ୍ତି ସେହିପରି ଭବାନିପାଟଣା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୮ ହଜାର ୫୩୩ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୯ ହଜାର ୫୯୬ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୧୮ ହଜାର ୯୧୮ ଜଣ ମହିଳା ଓ ୧୯ ଜଣ କିନ୍ନର ଭୋଟର ରହିଛନ୍ତି । ନର୍ଲା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୪ ହଜାର ୪୩୫ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୮ ହଜାର ୨୭୯ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୧୬ ହଜାର ୧୩୮ ଜଣ ମହିଳା ଓ ୧୮ ଜଣ କିନ୍ନର ଭୋଟର ରହିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅସ୍ୱାନ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଉପସ୍ଥିତିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଜିଲ୍ଲା ଇ.ଆର.ଓ.ଙ୍କ ଠାରୁ ଏହି ଚୁଡାନ୍ତ ଭୋଟର ତାଲିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ( ସାଧାରଣ) ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପ-ଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚାକମ, ଉପ-ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ନିର୍ବାଚନ ଶାଖାର ଅଧିକାରୀ ଏବଂ ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନାରାୟଣ ଧଳଙ୍କ ଉଦ୍ଦେଶ୍ୟରେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଜମୁନା ନାଏକ, ବିରଞ୍ଚିନାରାୟଣ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ପ୍ରମୋଦ ବଳ, ସ୍କୁଲ ପରିଚାଳନା କମିଟିର ସଭାପତି ନରେଶ ନାଏକ, କୃଷ୍ଣଚନ୍ଦ୍ର ନାଏକ, ଭଜମନ ନାଏକ, ଶିକ୍ଷକ ପ୍ରଦୀପ ଦାସ, ସଞ୍ଜିବ ପାଢ଼ୀ, ଶୁଭ୍ରାଂଶୁ ବେହେରା, ମଳୟ ବାଗ, ନିଳାମ୍ବର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଦାୟ ଶିକ୍ଷକ ଶ୍ରୀଧଳଙ୍କ ସହିତ ସ୍କୁଲରେ ବିତେଇ ଥିବା ସମୟ ଓ ଶିକ୍ଷାଦାନର ଅତୁଳନୀୟ କଥାକୁ ବଖାଣିଥିଲେ । ସେହିପରି ଅତିଥି ମାନେ ମଧ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧଳଙ୍କ ଏହି ବିଦ୍ୟାଳୟରେ ରହିଥିବା ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ, ଏବଂ ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରି ଏହି ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଶିକ୍ଷକ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଚାକିରୀ କ୍ଷେତ୍ରରେ ଉଚ୍ଚ ସ୍ଥାନ ଅଧିକାର କରି ପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏବଂ ତାଙ୍କର ଅବସର ଜୀବନ ସୁଖ ଓ ସୁସ୍ଥ ଜୀବନ ହେଉ ବୋଲି କାମନା କରିଥିଲେ । ମଞ୍ଚକୁ ଶିକ୍ଷକ ଲକ୍ଷ୍ମୀଧର ସେନାପତି ପରିଚାଳନା କରିଥିଲେ । ଶିକ୍ଷକ କପିଳେନ୍ଦ୍ର ସିଂ, ଶୋଳପାଣି ଦାସ, ଉପେନ୍ଦ୍ର ରାଉତ, ଉଦୟ ପଣ୍ଡା, କର୍ମଚାରୀ ଭରତ ବେମାଲ, ନିଳାମ୍ବର ପୁଝାରୀ, ଶତ୍ରୁଘନ ପୁଝାରୀ, ନିଳାମ୍ବର ଶବର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା, ପୂରାତନ ଛାତ୍ରଛାତୀ ମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୩୦ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୧୧୨ ଗୋଟି ଓ ସାମୂହିକ ୧୫ ଗୋଟି ରହିଥିବା ବେଳେ ୧୦ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ



କରାଯାଇଥିଲା । ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମି ବିବାଦ, ମଣ୍ଡିରେ ଧାନ ବିକ୍ରି, ରାଶନ କାର୍ଡ, ସୁଭଦ୍ରା ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ଉପଜିଲ୍ଲାପାଳ ଧର୍ମଗଡ଼, ଧୀମାନ ଚାକମା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲ୍ଲା ଶ୍ରମ ଅଧିକାରୀ ସୁବାଷ ମଣ୍ଡଳଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ ପୌରପାଳିକା, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ସନୋଜ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ସ୍ଥିତ ଖେଳ ପଡିଆଠାରେ ସ୍ପୋର୍ଟସ୍ କ୍ଲବ ଆନୁକୂଲ୍ୟରେ ସନୋଜ କୁମାର ନାଏକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ସମାରୋହରେ କୋକସରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିତା ଅଗ୍ରଓ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରଓ୍ୱାଲ, ଗୋଷ୍ଠୀ ଉନ୍ନୟନ ଅଧିକାରି ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ଡାକ୍ତର ମାନବେଶ ମହାପାତ୍ର, ପୂର୍ବତନ ଖେଳାଳୀ ତ୍ରିଭୁବନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳର ଶୁଭ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ବାନେର ଓ ନବରଙ୍ଗପୁର ଜିଲ୍ଲା ଚିତ୍ରକୋଟ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ବାନେର ଦଳ ଫ୍ରିକିକ୍‌ରେ ୪/୧ ଗୋଲ ସ୍କୋର କରି ବିଜୟୀ ହୋଇଛି । ଖେଳକୁ ପିଇଟି ଛବି କୁମାର ନାଏକ ପରିଚାଳନା କରିଥିବାବେଳେ ଫୋର୍ଥରେ ପିଇଟି ଅମିତ୍ ମହାନ୍ତି, ଲାଇନ୍ସରେ ଶଙ୍କର ପୋଡ଼ ଓ ବିଶେଶ୍ୱର ପ୍ରଧାନ ସହଯୋଗ କରିଥିଲେ । ସ୍କୋର ବୋର୍ଡରେ ପିଇଟି ନିର୍ମଳ ଦଣ୍ଡସେନା ଓ ରାଧାକାନ୍ତ ପଟ୍ଟନାୟକ ସହଯୋଗ କରିଥିଲେ । ମହନ ବାଗ ଓ ରାଜେନ୍ଦ୍ର ନାଏକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ଅନୁଷ୍ଠାନର ସଭାପତି ତ୍ରିମୋହନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନେଗୀ, ଉପ ସଭାପତି କାମାକ୍ଷ ନାଏକ, ସହ ସମ୍ପାଦକ ସୁରେନ୍ଦ୍ର ମାଝୀ, ଜୟନ୍ତ ରାଉତ, ସଚିନ ଗୁପ୍ତା, କିଶନ ନାଏକ, ସୁରଜ ନାଏକ, ଜିତା ମିତ୍ର ପ୍ରଧାନୀ ସମେତ ସ୍ପୋର୍ଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଘୁମୁରା-୨୦୨୫ର ପ୍ରସ୍ତୁତି ବୈଠକ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଉତ୍ସବ ହେବାକୁ ଥିବାବେଳେ ଗୋଲାମୁଣ୍ଡା ବ୍ଲକର ଶିବାଜୀ ଷ୍ଟାଡିୟମ ଚୁରାପାହାଡ଼ ମଞ୍ଚରେ ଆୟୋଜିତ ହେବ । ଉକ୍ତ ଉତ୍ସବଟି କେମିତି ପରିଚାଳିତ ହେବ ଏ ନେଇ ବ୍ଲକ ସଭା ଗୃହରେ ଏକ ବୈଠକ ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ, ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ କୁମାର ନାଏକ, ସିଡିପିଓ ଉଷାଲକ୍ଷ୍ମୀ, ବିଇଓ



ଭବାନୀ ଶଙ୍କର ଯୋଶୀ, ଆଇଆଇସି ଶ୍ୱେତାପଦ୍ମା ସେଠ୍, ଏଇ ଚିତ୍ତରଞ୍ଜନ ଜେନା, ଜିପିଓ ରୋମିତ ପ୍ରଧାନ ଦଶପୁର ସମିତି ଦୁର୍ଗେ ସା, ଖଲିପାଲି ସରପଞ୍ଚ ଜିମୂତ ବାହାନ, ସମାଜସେବୀ ଶ୍ୟାମ ସୁନ୍ଦର ଆଗ୍ରଓ୍ୱାଲ, ସାମ୍ବାଦିକ ସୁଧୀର ସାହୁ, ଆଶୁତୋଷ ରାଉତ, ଈଶ୍ୱର ପୁଟେଲ, କ୍ଷୀରସିନ୍ଧୁ ପୁଟେଲ, ବଟକୃଷ୍ଣ ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ ।

## ଫେବୃଆରୀ ୧୪ରୁ ଜୁନାଗଡ଼ ମହୋତ୍ସବ

ଜୁନାଗଡ଼, (ଭାସ୍କର ନ୍ୟୁଜ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ମା ଲଙ୍କେଶ୍ୱରୀ ମଞ୍ଚରେ ଗତ ୫ତାରିଖ ଜୁନାଗଡ଼ ବାସୀ ଏକତ୍ରିତ ହୋଇ ଜୁନାଗଡ଼ ମହୋତ୍ସବ କରିବା ପାଇଁ ଅଣ୍ଟା ଭିଡି ଥିଲେ । ଏହି ମର୍ମରେ ୬ ତାରିଖ ଦିନ ଜୁନାଗଡ଼ ମହୋତ୍ସବ କୋର କମିଟି ସଦସ୍ୟ କଳାହାଣ୍ଡି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅନୁରୋଧ ଜଣାଇଥିଲେ । ଜିଲ୍ଲାପାଳ ଜୁନାଗଡ଼ ମହୋତ୍ସବ ପାଇଁ ଫେବୃଆରୀ ୧୪/୧୫/୧୬ ତାରିଖ ପାଇଁ ସହମତି ଜଣାଇଥିବା କମିଟି ସଦସ୍ୟଙ୍କ ଠାରୁ ପ୍ରକାଶ । ଜୁନାଗଡ଼ ବ୍ଲକ ଓ ଏନ୍‌ଏସି ସ୍ତରୀୟ ଉତ୍ସବ ଘୁମୁରା ୩ ଦିନ ବ୍ୟାପି



ଜୁନାଗଡ଼ଠାରେ ଆମୋଦ ପ୍ରମୋଦ ସହ ପାଳନ ହେଇ ଆସୁଥିଲା । କୌଣସି କାରଣ ବଶତଃ ଏ ବର୍ଷ ହେଉ ନ ଥିବାରୁ ଜନସାଧାରଣ ମନରେ ନିରାଶା ଛାଇ ଯାଇଥିଲା । ଏ ସବୁକୁ ଦୃଷ୍ଟିରେ ରଖି ଏକ ଭିନ୍ନ ଢଙ୍ଗରେ ଜୁନାଗଡ଼ ମହୋତ୍ସବ ପାଳନ କରିବା ପାଇଁ ନିଷ୍ପତି ହୋଇଥିଲା । ଏହାକୁ ନେଇ ଏହି କମିଟିର ସଦସ୍ୟ ଏନ୍‌ଏସି ଅଧକ୍ଷା ହିମାଦ୍ରୀ ନାଏକ, ପାରିଷଦ ହିମାଦ୍ରୀ ସିନ୍ଦୁର, ବରିଷ୍ଠ ସଦସ୍ୟ ଦୁର୍ଗା ପ୍ରସାଦ ନାଏକ, ଶିବପ୍ରସାଦ ମହାନ୍ତି, ଅଶୋକ ପଟ୍ଟନାୟକ, ରଞ୍ଜନ କୁମାର ଜାଲ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ । ଏହି ଖବର ପ୍ରଚାରିତ ହେବାପରେ ଜୁନାଗଡ଼ ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି ।

## କଳାହାଣ୍ଡି ଗସ୍ତରେ ଖଣି ମନ୍ତ୍ରୀ ଖଣି ଅଧିକାରୀଙ୍କୁ ସତର୍କ ରହିବାକୁ ପରାମର୍ଶ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ବାଣିଜ୍ୟ ପରିବହନ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କଳାହାଣ୍ଡି ଜିଲ୍ଲାକୁ ତୋଫାନୀ ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରି ଫେରି ଯାଇଛନ୍ତି । ତେବେ ସମୀକ୍ଷା ବୈଠକରେ ଜିଲ୍ଲାରେ ଖଣି ବିଭାଗର କାର୍ଯ୍ୟ କଳାପ ଓ ବିଭାଗୀୟ ଅଧିକାରୀ ମାନଙ୍କ ଉଦାସୀନତାରେ ବେଶ୍ ଅସନ୍ତୋଷ ପ୍ରକାଶ କରିଥିଲେ ମନ୍ତ୍ରୀ ମହୋଦୟ । କଳାହାଣ୍ଡି ଜିଲ୍ଲାରେ ବେଆଇନ ଖଣି ଖନନ ହେଉଥିବା ଓ ଏଥିରେ ଖଣି ଅଧିକାରୀମାନଙ୍କ ବେପରୁଆ ଓ ବେଖାତିର ମନୋଭାବ ମୁଖ୍ୟ ଭୂମିକା ନେଉଛନ୍ତି ବୋଲି ମନ୍ତ୍ରୀ ନିଜେ ହୃଦୟଙ୍ଗମ କରିଛନ୍ତି ବୋଲି ଅଧିକାରୀ ମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ । ଚୋରା ଚାଲାଣକାରୀ ଓ ଚୋରା ଖଣି ବେପାରୀ ମାନଙ୍କୁ ପରୋକ୍ଷରେ ଅଧିକାରୀ ମାନେ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ଶୁଣି ମନ୍ତ୍ରୀ ଶ୍ରୀ ଜେନା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ଓ ବିନା ଟ୍ରାଞ୍ଜିଟ୍ ପରମିଟରେ ଯେମିତି କୌଣସି କାମ ନ ହୁଏ ବୋଲି ଅଧିକାରୀ ମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ଜିଲ୍ଲା ଏସ୍‌ପି. ଅଭିଳାଷ ଜୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଆଞ୍ଚଳିକ ପରିବହନ ଅଧିକାରୀ, ଗତିକୃଷ୍ଣ ସାମନ୍ତରାୟ, ଓଏସ୍‌ଆର୍ ଟିସି ଜିଲ୍ଲା ପରିଚାଳକ ସ୍ୱଦେଶ ପାତ୍ର, ଖଣି ଉପ ନିର୍ଦ୍ଦେଶକ ବିଶ୍ୱନାଥ ସୋରେନ୍ ଓ ଜିଲ୍ଲା ଖଣି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଶିଫଳ

ବୁଧବାର, ୦୮ ଜାନୁଆରୀ ୨୦୨୫



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ । ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ । ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ । ଆପଣ ବନ୍ଧୁ ଏବଂ ପରିବାରର ଆବଶ୍ୟକତାରେ ଅଟକି ଯାଇପାରନ୍ତି । ପେଟ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ଅଛି ।



**ବୃଷ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ । ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ । ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ । ଆର୍ଥିକ ଦିଗ ଦୃଢ ହେବ । ଘରର ଉପଯୋଗୀ ଜିନିଷଗୁଡ଼ିକ ବୃଦ୍ଧି ପାଇବ ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବ । ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ । ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ । ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି । ସମୟ ଭଲ ଅଟେ । ଭ୍ରମଣ ଯୋଗ ମଧ୍ୟ ଅଛି ।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡ଼ିକ କିଛି ବିପଦ ବହନ କରିପାରେ । ଚାକିରିରେ ସମସ୍ୟା ହୋଇପାରେ । ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିପାରେ । ନିଦ୍ରା ଅଭାବ ହେବ । ମୁଣ୍ଡବିନ୍ଧା ଏବଂ ଆଖିରେ ଉତ୍ତେଜନା ଦେଖାଦେଇପାରେ ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଆପଣଙ୍କ ଜୀବନସାଥୀ ଆପଣଙ୍କର ଅନୁଭବ ବୁଝିବେ । ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ । ଆପଣ ଧୈର୍ଯ୍ୟବାନ ହେବା ଉଚିତ୍ ।



**ତୁଳା:** ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ । ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ । ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ । ସନ୍ଧ୍ୟାରେ ଅତିଥିମାନଙ୍କ ଆଗମନ ସହିତ ଘରର ପରିବେଶ ମଧ୍ୟ ସୁଖଦ ରହିବ । ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ । ମନ୍ଦିରରେ ଘିଅ ଦୀପ ଜାଳନ୍ତୁ, ପତି-ପତ୍ନୀଙ୍କ ସମ୍ପର୍କ ମଜବୁତ ହେବ ।



**ଧନୁ:** ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ । ଆପଣ ବ୍ୟବସାୟରେ ନୂତନ ଯୋଜନା କରିପାରିବେ । ଯାହା ଭବିଷ୍ୟତରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ ।



**ମକର:** ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ । ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଚିନ୍ତା ସମାପ୍ତ ହୋଇପାରିବ । କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ । ବିବାହିତ ଲୋକମାନେ ସୁଖ ପାଇପାରିବେ । ପ୍ରେମ ବଢିବ ।



**କୁମ୍ଭ:** କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍ ।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ । ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ । ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ ।



ଅଶ୍ୱିନ ସିଂହ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯